# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୩୦/୨୦୨୨ (୨୦ ପୃଷ୍ଠା) | Bhubaneswar, Friday, December 30/2022 | Page 20 | ₹ 7.00

୪୯ଶ ଭାଗ ୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 37 | ମୂଲ୍ୟ ₹୭/-




## ନୂଆ କାମ ସୁଯୋଗରେ ଦୁବାଇରେ ଏରିକା

ଟେଲି ଅଭିନେତ୍ରୀ ଏରିକା ଫର୍ନାଣ୍ଡିସ୍ ନୂଆ କାମ ସୁଯୋଗରେ ଦୁବାଇରେ ଥିବା ନେଇ ଏକ ଭିଡିଓ ମାଧ୍ୟମରେ ଜଣାଇଛନ୍ତି।

୧୮

୨୦

## କାର୍ତ୍ତିକଙ୍କ ପ୍ରଥମ ରଣଜୀ ଶତକ

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ହରିୟାଣା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି ଓଡ଼ିଶାର କାର୍ତ୍ତିକ ବିଶ୍ୱାଳ।





ଅନୁଗୋଳ ରେଳଷ୍ଟେଶନଠାରେ ଗୁରୁବାର ଶାଳିମାର-ସମ୍ବଲପୁର ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଯାଇ ଶୁଭାରମ୍ଭ କରାଯାଉଛି। ବାମରୁ ବିଧାୟକ ବ୍ରଜକିଶୋର ପ୍ରଧାନ, ସୁଶାନ୍ତ ବେହେରା, ଉପବାଚସ୍ପତି ରଜନୀକାନ୍ତ ସିଂ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ଜୋଷୀ, ଏମ୍‌ପି ମହେଶ ସାହୁ ଉପସ୍ଥିତ।

# ଫେବୃୟାରୀ ୧୫ରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

**ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)**

### ଜାନୁୟାରୀ ୨ରୁ ପ୍ରାକ୍ଟିକାଲ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ପରୀକ୍ଷା ଫେବୃୟାରୀ ୧୫ରୁ ଆରମ୍ଭ ହେବ। ଏ ନେଇ ଗୁରୁବାର ସିବିଏସ୍‌ଇ ପକ୍ଷରୁ ସର୍କୁଲାର ଜାରି ହେବା ସହିତ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଦଶମ ପରୀକ୍ଷା ମାର୍ଚ୍ଚ ୨୧ରେ ଓ ଦ୍ୱାଦଶ ପରୀକ୍ଷା ଏପ୍ରିଲ ୫ରେ ଶେଷ ହେବ। ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଜାନୁୟାରୀରେ ଉପଲବ୍ଧ ହେବ। ଉଭୟ ଶ୍ରେଣୀର ପରୀକ୍ଷା ସକାଳ ସାଢ଼େ ୧୦ଟାରେ ଆରମ୍ଭ ହେବ। ତେବେ କେତେକ ବିଷୟର ପରୀକ୍ଷା ଅପରାହ୍ନ ସାଢ଼େ ୧୨ଟାରେ ସରିବାକୁ ଥିବାବେଳେ ଆଉ କିଛି ପରୀକ୍ଷା ଅପରାହ୍ନ ସାଢ଼େ ୧ଟାରେ ଶେଷ ହେବ। ପ୍ରଶ୍ନପତ୍ର ପଢ଼ିବା ପାଇଁ ଉଭୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ୧୫ ମିନିଟ୍ ସମୟ ଦିଆଯିବ। ଏହାପରେ ସେମାନେ ଉତ୍ତର ଲେଖିବା ଆରମ୍ଭ କରିବେ। ତେବେ ଏହା ପୂର୍ବରୁ ଅର୍ଥାତ୍ ଜାନୁୟାରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ଫେବୃୟାରୀ ୧୪ ପର୍ଯ୍ୟନ୍ତ ଚାଲିବ। ଏହାର ପରଦିନ ଅର୍ଥାତ୍ ୧୫ ତାରିଖରୁ ଥିଓରି ପରୀକ୍ଷା ଆରମ୍ଭ ହେବ। ସବିଶେଷ ପରୀକ୍ଷାସୂଚୀ ବୋର୍ଡର ୱେବ୍‌ସାଇଟ୍ cbse.nic.inରେ ଉପଲବ୍ଧ ରହିଛି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ସମୟ ବିଶେଷକରି ଜେଇଇ ମେନ୍‌କୁ ଦୃଷ୍ଟିରେ ରଖି ଏହି ପରୀକ୍ଷାସୂଚୀ ପ୍ରସ୍ତୁତ କରାଯାଇଥିବା ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

ଟିକା ଯୋଗାଇବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବ ପୃଷ୍ଠା-୧୭

**ଆଜିର ସମ୍ପାଦକୀୟ**

## ସହନୀୟ ଓ ସମାବେଶୀ ଅଭିବୃଦ୍ଧି









# ଚାଇନା ଫେରନ୍ତାଙ୍କ ଆର୍‌ଟିପିସିଆର୍ ଜରୁରୀ

**ନୂଆଦିଲ୍ଲୀ, ୨୯।୧୨**

- **ଜାପାନ, ଦକ୍ଷିଣ କୋରିଆ, ଥାଇଲାଣ୍ଡ, ହଂକଂ ଓ ସିଙ୍ଗାପୁର ବିମାନ ଯାତ୍ରୀ ବି ଦେବେ ନେଗେଟିଭ୍ ରିପୋର୍ଟ**
- **ନୂଆବର୍ଷରୁ ଲାଗୁହେବ**

ଚାଇନା ସମେତ କେତେକ ପୂର୍ବ ଏସୀୟ ରାଷ୍ଟ୍ରରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଦେଶଗୁଡ଼ିକରୁ ଭାରତକୁ ଫେରୁଥିବା ବିମାନଯାତ୍ରୀମାନଙ୍କ ଆର୍‌ଟିପିସିଆର୍ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି। ଆସନ୍ତା ଜାନୁୟାରୀ ୧ରୁ ଏହି ନିୟମ କଡ଼ାକଡ଼ି ପାଳନ କରାଯିବ। ସ୍କାନରରେ ଥିବା ଅନ୍ୟ ଦେଶଗୁଡ଼ିକ ହେଲା ଜାପାନ, ଦକ୍ଷିଣ କୋରିଆ, ଥାଇଲାଣ୍ଡ, ହଂକଂ ଓ ସିଙ୍ଗାପୁର। ଏହି ଦେଶଗୁଡ଼ିକରୁ ଭାରତକୁ ଫେରୁଥିବା ବିମାନଯାତ୍ରୀମାନଙ୍କୁ ଯାତ୍ରା ପୂର୍ବରୁ ଏୟାର ସୁବିଧା ପୋର୍ଟାଲରେ ସେମାନଙ୍କ ଆର୍‌ଟିପିସିଆର୍ ନେଗେଟିଭ୍ ରିପୋର୍ଟ ଅପ୍‌ଲୋଡ୍ କରିବାକୁ ପଡ଼ିବ ବୋଲି ଗୁରୁବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟ ଟୁଇଟ୍ କରିଛନ୍ତି। ଅନ୍ତର୍ଜାତୀୟ ବିମାନରେ ଭାରତକୁ ଆସିବାକୁ ଚାହୁଁଥିବା ଯାତ୍ରୀ ନିଜ ଯାତ୍ରାର ୭୨ ଘଣ୍ଟା ପୂର୍ବରୁ ଆର୍‌ଟିପିସିଆର୍ ପରୀକ୍ଷା କରାଇବେ ବୋଲି ସେ କହିଛନ୍ତି। ବିଦେଶ ଯାତ୍ରୀ ଭାରତରେ ପହଞ୍ଚିବା ମାତ୍ରେ ସେମାନଙ୍କ ମଧ୍ୟରୁ ୨ ପ୍ରତିଶତଙ୍କ ର୍ୟାଣ୍ଡମ୍ ଟେଷ୍ଟ କରାଯାଉଥିବାବେଳେ ଅତିରିକ୍ତ ସ୍ୱାସ୍ଥ୍ୟଗତ ସୁରକ୍ଷା ଦୃଷ୍ଟିରୁ ଆର୍‌ଟିପିସିଆର୍ ପରୀକ୍ଷାକୁ ବାଧ୍ୟତାମୂଳକ କରାଯିବ।

କେତେକ ଦେଶରେ କରୋନା ଭୂତାଣୁ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତ ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସତର୍କ କରାଇଛନ୍ତି। କୋଭିଡ୍ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି କରିବା ସହ ସବୁ ପ୍ରକାର ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ଭାରତରେ ୨୬୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ୩,୫୫୨କୁ ବୃଦ୍ଧି ପାଇଛି। ଦେଶରେ ଦୈନିକ ପଜିଟିଭିଟି ରେଟ୍ ୦.୧୧% ରହିଥିବାବେଳେ ସାପ୍ତାହିକ ପଜିଟିଭିଟି ହାର ୦.୧୭ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି।

# ଜାନୁୟାରୀ ୨୬ ପୂର୍ବରୁ ଓଡ଼ିଶାରେ ୫-ଜି ସେବା

**ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)**

ଓଡ଼ିଶାରେ ୫-ଜି ସେବା ଜାନୁୟାରୀ ୨୬ ପୂର୍ବରୁ ଆରମ୍ଭ ହେବ। ରେଳ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ଏନେଇ ଘୋଷଣା କରିଛନ୍ତି। ସେ ଭୁବନେଶ୍ୱର ରେଳ ଷ୍ଟେଶନ ପୁନଃ ବିକାଶ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ ଲାଗି ଆସିଥିବା ଅବସରରେ କହିଛନ୍ତି, ଓଡ଼ିଶାକୁ ପ୍ରଥମ ପର୍ଯ୍ୟାୟରେ ୫-ଜି ସେବା ମିଳିବ ବୋଲି କହିଥିଲି। ତେଣୁ ଆସନ୍ତା ମାସକ ମଧ୍ୟରେ ଓଡ଼ିଶାକୁ ୫-ଜି ମିଳିବ। ଏହା ଖୁବ୍‌ଶୀଘ୍ର ପୂରଣ ହେବାକୁ ଯାଉଛି। ବାକି ସବୁ ଗାଁରେ ୪-ଜି ସେବା ପହଞ୍ଚିବ।

ଭୁବନେଶ୍ୱର ଷ୍ଟେଶନ ବିଶ୍ୱସ୍ତରୀୟ ହେବ। ଜର୍ମାନୀ, ଜାପାନ ଭଳି ଝଲକ ଦେଖିବାକୁ ମିଳିବ। ଏନେଇ ଟେଣ୍ଡର ହୋଇଛି ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ରେଳର ବିକାଶ ପାଇଁ ☞ପୃଷ୍ଠା-୪






# ଜାତୀୟ ନେତା ମୁହଁ ଖୋଲିଲେଣି, ଏଠି ଚୁପ୍

**୨ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା**

**ଭୁବନେଶ୍ୱର(ବ୍ୟୁରୋ)/ରାୟଗଡ଼ା(ସ୍ୱ.ପ୍ର.), ୨୯।୧୨**

### ପୋଲିସ ଭୂମିକା ସନ୍ଦେହ ବଢ଼ାଉଛି

ଓଡ଼ିଶା ବୁଲିବାକୁ ଆସିଥିବା ରୁଷୀୟ ନାଗରିକ ଆଣ୍ଟୋଭ ପାଭେଲ(୬୫) ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର୍ ବିଦାନୋଭ(୬୧)ଙ୍କ ରାୟଗଡ଼ାଠାରେ ଘଟିଥିବା ରହସ୍ୟଜନକ ମୃତ୍ୟୁ ଘଟଣାକୁ ନେଇ ଜାତୀୟ ନେତାମାନେ ଏବେ ପ୍ରଶ୍ନ ଉଠାଇଲେଣି। ଏପରିସ୍ଥିତିରେ ଏପର୍ଯ୍ୟନ୍ତ ରାଜ୍ୟ ବିରୋଧୀ ଦଳର ନେତାମାନଙ୍କ ନୀରବତା ଭିନ୍ନ ଇଙ୍ଗିତ ଦେଉଛି ବୋଲି ରାଜନୈତିକ ମହଲରେ ଆଲୋଚନା ଆରମ୍ଭ ହୋଇଯାଇଛି। ସେପଟେ ଓଡ଼ିଶା ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠିଲାଣି। କାହିଁକି ଓ କେଉଁ ☞ପୃଷ୍ଠା-୪

## ଦଗ୍ଧ ମୃତଦେହ କାହାଣୀ କୁହେନି

**ନୂଆଦିଲ୍ଲୀ, ୨୯।୧୨**

### ସତ୍କାର ନେଇ ପ୍ରଶ୍ନ ଉଠାଇଲେ ମନୀଷ ତିୱାରୀ

ରାୟଗଡ଼ାର ଏକ ହୋଟେଲରେ ରୁଷୀୟ ପର୍ଯ୍ୟଟକ ତଥା ଆଇନପ୍ରଣେତା ପାଭେଲ ଆଣ୍ଟୋଭ ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭଙ୍କ ରହସ୍ୟଜନକ ମୃତ୍ୟୁ ପରେ ତରବରିଆ ଭାବେ ଉଭୟଙ୍କ ସତ୍କାର କରାଯିବା ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ବରିଷ୍ଠ କଂଗ୍ରେସ ନେତା ତଥା ଆନନ୍ଦପୁର ସାହିବ ଏମ୍‌ପି ମନୀଷ ତିୱାରୀ ଗୁରୁବାର ଟୁଇଟ୍ କରି କହିଛନ୍ତି, ଦୁଇଜଣ ଖ୍ରିଷ୍ଟିଆନ୍‌ଙ୍କ ☞ପୃଷ୍ଠା-୪

## ରାୟଗଡ଼ା ଗଲା କ୍ରାଇମବ୍ରାଞ୍ଚର ଆଉ ଏକ ୪ଜଣିଆ ଟିମ୍

### ପରିବାର ସଦସ୍ୟଙ୍କୁ ଯୋଗାଯୋଗ କରାଯାଉଛି

**କଟକ ଅଫିସ, ୨୯।୧୨**

୨ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ମାମଲାର ତଦନ୍ତ ପାଇଁ କ୍ରାଇମ୍‌ବ୍ରାଞ୍ଚର ଆଉ ଏକ ଦଳ ରାୟଗଡ଼ା ଅଭିମୁଖେ ଗୁରୁବାର ସନ୍ଧ୍ୟାରେ ଯାତ୍ରା କରିଛନ୍ତି। ଡିଏସ୍‌ପି ସରୋଜକାନ୍ତ ମହାନ୍ତୋଙ୍କ ନେତୃତ୍ୱରେ ଗଠିତ ଏହି ୪ ଜଣିଆ ତଦନ୍ତକାରୀ ଟିମ୍‌ରେ ଜଣେ ଇନ୍ସପେକ୍ଟର, ଜଣେ ସବ୍‌ଇନ୍ସପେକ୍ଟର, ଜଣେ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଅଛନ୍ତି। ଏହାବାଦ୍ କ୍ରାଇମବ୍ରାଞ୍ଚ ଦଳକୁ ସହାୟତା କରିବା ପାଇଁ ୨ ଜଣ ଫୋରେନ୍‌ସିକ ବିଶେଷଜ୍ଞ ଓ ଫଟୋଗ୍ରାଫର ମଧ୍ୟ ☞ପୃଷ୍ଠା-୪

# ୨ ପୋଷା କୁକୁର ଅପହରଣ, ଧାରଣାରେ ମାଲିକ

**ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)**

ଜମିଜମା ବିବାଦକୁ ନେଇ ୨ ପୋଷା କୁକୁରଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଏପରି ଅଭିଯୋଗ ନେଇ ବିଭିନ୍ନ ଥାନାର ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ଶେଷରେ ଏହାର ମାଲିକ ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି। ଉକ୍ତ ବ୍ୟକ୍ତିଜଣକ ହେଲେ ୟୁନିଟ୍-୬ ଭୀମପୁର ଅଞ୍ଚଳର ପ୍ରଦ୍ୟୁମ୍ନ ଚୌଧୁରୀ। ଅଭିଯୋଗ ଅନୁସାରେ, ନଭେମ୍ବର ୨୭ରେ ପ୍ରଦ୍ୟୁମ୍ନ ଘରେ ନ ଥିବାବେଳେ ତାଙ୍କର ୨ ପୋଷାକୁକୁର ଜେସି ଓ ବ୍ରୁନୋକୁ ଅପହରଣ କରାଯାଇଛି। ପ୍ରଦ୍ୟୁମ୍ନ ଓ କେୟାର ଟେକରଙ୍କ ସହ ଦୁଇ କୁକୁର ରହିଥାନ୍ତି। ତେବେ ନୟାପଲ୍ଲୀ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ଜମିଜମା ବିବାଦ ଲାଗିରହିଥିବାବେଳେ କ୍ରୋଧ ପରାୟଣ ହୋଇ ସେ ଏପରି କାଣ୍ଡ ଘଟାଇଥିବା ପ୍ରଦ୍ୟୁମ୍ନ କହିଛନ୍ତି। ବ୍ରୁନୋର ବୟସ ୭ବର୍ଷ ହୋଇଥିବାବେଳେ ଜେସିକୁ ମାତ୍ର ୩ମାସ। ☞ପୃଷ୍ଠା-୪



# ମା'ମାନଙ୍କୁ ଉଦ୍ୟୋଗୀ ଭାବେ ଦେଖିବାକୁ ଚାହେଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ବ୍ୟୁରୋ)/ ଅନୁଗୋଳ ଅଫିସ,୨୯।୧୨

ବିକାଶ ଅନୁଗୋଳର ସବୁଠାରୁ ବଡ଼ ପରିଚୟ। ଅନୁଗୋଳରେ ଶିଳ୍ପ ପ୍ରତିଷ୍ଠା ସହିତ ନିଯୁକ୍ତିର ସୁଯୋଗ ବଢୁଛି। ଚଳିତ ମେକ୍-ଇନ୍-ଓଡ଼ିଶାରେ ରାଜ୍ୟ ୧୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷଣ କରିବାରେ ସଫଳ ହୋଇଛି। ଅନୁଗୋଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଦ୍ୱାରା ଜିଲାର ବିକାଶଧାରା ଆହୁରି ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଗୁରୁବାର ଅନୁଗୋଳ ଜିଲା ଗସ୍ତ କରି ମୁଖ୍ୟମନ୍ତ୍ରୀ ୧୮୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୩୧୩ କୋଟି ଟଙ୍କାର ୭୪୬ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୧୪୯୨ କୋଟି ଟଙ୍କାର ୭୯୫ଟି ପ୍ରକଳ୍ପ ପାଇଁ ଭିତ୍ତି ରଖାଯାଇଛି। ଏଥିସହିତ ୩୫୦ କୋଟି ଟଙ୍କାରେ ୨ ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ଦୁଇଟିକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇସାରିଛି ବୋଲି ସେ କହିଥିଲେ।

ଅନୁଗୋଳ ଷ୍ଟାଡିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ ଓ ପବିତ୍ର ମୋହନ ପ୍ରଧାନଙ୍କ ପରି ସଂଗ୍ରାମୀ ନେତାମାନଙ୍କ ତ୍ୟାଗ ଓ ସେବାକୁ ସ୍ମରଣ କରିଥିଲେ। ଅନୁଗୋଳ ସେବା ଓ ସଂଗ୍ରାମର ଭୂମି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନୁଗୋଳର ମିଶନ ଶକ୍ତି ଗୋଷ୍ଠୀଙ୍କ ପାଇଁ ୨୪୨ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଜିଲାର ୭୩୭୨ ମିଶନ ଶକ୍ତି ଗୋଷ୍ଠୀର ୭୫ ହଜାର ମହିଳା ଏହାଦ୍ୱାରା ଉପକୃତ ହେବେ। ମିଶନ ଶକ୍ତି ତାଙ୍କର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ। ପ୍ରତିଦିନ ମିଶନ ଶକ୍ତିର ମା'ମାନେ ତାଙ୍କୁ ଭେଟୁଛନ୍ତି ଓ ତାଙ୍କ ସଫଳତାର କାହାଣୀ କହୁଛନ୍ତି। ଏହା ତାଙ୍କୁ ଖୁବ୍ ଆନନ୍ଦ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମା'ମାନଙ୍କୁ ଉଦ୍ୟୋଗୀ ଭାବରେ ଦେଖିବାକୁ ଚାହାନ୍ତି। ଏଥିପାଇଁ ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇ ଦେବେ।



ଅନୁଗୋଳରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ୫-ଟି ସଚିବ, ଏମ୍‌ପି ଓ ବିଧାୟକମାନେ ଉପସ୍ଥିତ ଅଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଅନୁଗୋଳ ଗସ୍ତ**

- **୧୮୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ**
- **ମିଶନ ଶକ୍ତି ଗୋଷ୍ଠୀଙ୍କୁ ୨୪୨ କୋଟି ସୁଧମୁକ୍ତ ଋଣ**

ଆଗାମୀ ୫ ବର୍ଷରେ ମିଶନ ଶକ୍ତି ମା'ମାନଙ୍କୁ ବିନା ସୁଧରେ ୫୦ ହଜାର କୋଟି ଟଙ୍କାର ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନୁଗୋଳ ଜିଲା ପର୍ଯ୍ୟବେକ୍ଷକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଜିଲା ପରିଷଦ ସଭାପତି ବବିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଏହାପରେ ମୁଖ୍ୟମନ୍ତ୍ରୀ ଅନୁଗୋଳ ରେଳ ଷ୍ଟେଶନ ଯାଇ ସେଠାରେ ସମ୍ବଲପୁର-ଶାଳିମାର ଏକ୍ସପ୍ରେସ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଅନୁଗୋଳ ଲୋକୋଶେଡ ସାଇଡିଂ ଯାଇ ସେଠାରେ ନୂଆ ଏମ୍‌ସିଆରଏଲ୍ ରେଲ ଲାଇନ ଉଦ୍‌ଘାଟନ କରିବା ସହିତ ଅନୁଗୋଳ-ବଳରାମ ଲିଙ୍କ୍ ଗୁଡ୍ସ ଟ୍ରେନର ଶୁଭାରମ୍ଭ କରିଥିଲେ।

# ରାଜ୍ୟ କ୍ଷମତା ହଡପ କରିବାକୁ କେନ୍ଦ୍ରର ଷଡଯନ୍ତ୍ର

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

କେନ୍ଦ୍ର ସରକାର ରାଜ୍ୟଠାରୁ ଗୋଟିଏ ପରେ ଗୋଟିଏ କ୍ଷମତା ହଡ଼ପ କରିବାକୁ ଷଡ଼ଯନ୍ତ୍ର ଚଳାଇଛନ୍ତି। ବିଦ୍ୟୁତ୍ ଆଇନ-୨୦୦୩କୁ କେନ୍ଦ୍ର ସରକାର ଏବେ ସଂଶୋଧନ କରି ପ୍ରସ୍ତାବିତ ବିଦ୍ୟୁତ୍ ଶକ୍ତି ବିଲ୍-୨୦୨୨ ଆଣିବାକୁ ଯାଉଛନ୍ତି। ଫଳରେ ବିଦ୍ୟୁତ୍ ସଂକ୍ରାନ୍ତୀୟ ନିଷ୍ପତ୍ତି ଏବେ କେନ୍ଦ୍ର ନିକଟରେ ରହିବ। ଏହାଦ୍ୱାରା ରାଜ୍ୟ ସରକାରଙ୍କ କ୍ଷମତା ସଙ୍କୁଚିତ ହୋଇଯିବ।

ସଂଶୋଧିତ ବିଲ୍ ବଳରେ କେନ୍ଦ୍ର ବିଦ୍ୟୁତ୍ ନିୟାମକ ଆୟୋଗ ଗୋଟିଏରୁ ଏକାଧିକ ରାଜ୍ୟ ପାଇଁ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକୁ ବଣ୍ଟନ ଲାଇସେନ୍ସ ପ୍ରଦାନ କରିବ। ଏହାଦ୍ୱାରା ନିଜ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନ କମ୍ପାନୀ ଲାଇସେନ୍ସ ପ୍ରଦାନ ଅଧିକାରକୁ ରାଜ୍ୟଗୁଡ଼ିକ ହରାଇ ବସିବେ। ଏପରି କି ୧ କିଲୋୱାଟ ବିଦ୍ୟୁତ୍ ଉପଭୋକ୍ତା ମଧ୍ୟ ଆନ୍ତଃରାଜ୍ୟ ବିଦ୍ୟୁତ୍ ପରିବହନ ବ୍ୟବସ୍ଥା ସହିତ ଯୋଡ଼ିହେବେ। କେବଳ ସେତିକି ନୁହେଁ, ଏହି ପ୍ରସ୍ତାବିତ ବିଲ୍ କେନ୍ଦ୍ର ସରକାରଙ୍କୁ ରାଜ୍ୟ ଭିତର ବିଦ୍ୟୁତ୍ କ୍ଷମତା ପରିସରକୁ ବୃଦ୍ଧି କରିବ। ଫଳରେ ରାଜ୍ୟଗୁଡ଼ିକ ସେମାନଙ୍କର କ୍ଷମତା ହରାଇ ବସିବେ। ଏହାଛଡ଼ା କେନ୍ଦ୍ର ସରକାରଙ୍କ ବିଦ୍ୟୁତ୍ କ୍ରୟ ଓ ବିକ୍ରୟ ଉପରେ ନିୟନ୍ତ୍ରଣ ବୃଦ୍ଧି ପାଇବା ସହ ନ୍ୟାଶନାଲ ଲୋଡ୍ ଡେସ୍‌ପାଚ ସେଣ୍ଟରର ଗୁରୁତ୍ୱ ମଧ୍ୟ ବହୁ ମାତ୍ରାରେ ବଢ଼ିଯିବ। ଏହି ପ୍ରସ୍ତାବିତ ବିଲ୍ ଉପଭୋକ୍ତାଙ୍କ ବଦଳରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀଙ୍କ ସ୍ୱାର୍ଥ ରକ୍ଷା କରିବ।

କେନ୍ଦ୍ର ସରକାରଙ୍କ ଯୁକ୍ତି ହେଲା ୟୁକ୍ରେନ ଯୁଦ୍ଧ ଯୋଗୁ ବିଶ୍ୱ ବିଦ୍ୟୁତ୍ ବଜାରରେ ସଙ୍କଟ ଦେଖାଦେଇଛି। ଏହାର ପ୍ରଭାବ ଘରୋଇ ଉପଭୋକ୍ତାଙ୍କ ଉପରେ ପଡ଼ିବା ଆରମ୍ଭ କରିଛି। ବିଶ୍ୱରେ ଇନ୍ଧନ ଯୋଗାଣ ବ୍ୟାହତ ହେବା ଯୋଗୁ ବିଦ୍ୟୁତ୍ ମୂଲ୍ୟ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧି କରିବା ସହ ନୂତନ ଜ୍ଞାନକୌଶଳର ଉପଯୋଗ କରାଯିବ। ପ୍ରସ୍ତାବିତ ସଂଶୋଧିତ ବିଲ୍ ଶକ୍ତି କ୍ଷେତ୍ରକୁ ବିଶ୍ୱସ୍ତରୀୟ ଅଂଶୀଦାର ପାଇଁ ସମ୍ପ୍ରସାରିତ କରିବାରେ ସହାୟକ ହେବ।

**ପ୍ରସ୍ତାବିତ ବିଦ୍ୟୁତ ଶକ୍ତି (ସଂଶୋଧନ) ବିଲ୍-୨୦୨୨**

ପୂର୍ବ ପ୍ରଚଳିତ ଆଇନରେ ଦେଶର ବିଦ୍ୟୁତ୍ ଚାହିଦା ମେଣ୍ଟାଇବାକୁ ଉପକୂଳ ରାଜ୍ୟର କେତେକ ଶକ୍ତି ଉତ୍ପାଦନ କେନ୍ଦ୍ର ଉପରେ ଚାପ ପଡୁଛି। ଏହାଦ୍ୱାରା ବିଦ୍ୟୁତ୍ ଅଦଳବଦଳ କ୍ଷେତ୍ରରେ ଦରବୃଦ୍ଧିକୁ ପ୍ରତିହତ କରୁଛି । ନିର୍ଦ୍ଧାରିତ ସମୟରେ ବିଦ୍ୟୁତ୍ ଦେୟ ମିଳୁ ନ ଥିବାରୁ ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନ କମ୍ପାନୀ ଉପରେ ବୋଝ ବଢ଼ି ବଢ଼ି ଚାଲିଛି। ୨୦୨୧ ଅଗଷ୍ଟରେ ନୀତି ଆୟୋଗ ଦ୍ୱାରା ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ଦେଶର ଅଧିକାଂଶ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ବର୍ଷ ବର୍ଷ ଧରି କ୍ଷତି ସହି ଚାଲିଛନ୍ତି। ୨୦୨୦-୨୧ରେ କମ୍ପାନୀଗୁଡ଼ିକ ପ୍ରାୟ ୯୦ ହଜାର କୋଟି କ୍ଷତି କରିଛନ୍ତି। ଏଥିଯୋଗୁ ବଣ୍ଟନ କମ୍ପାନୀଗୁଡ଼ିକ ଉତ୍ପାଦନ କମ୍ପାନୀକୁ ନିର୍ଦ୍ଧାରିତ ସମୟରେ ବକେୟା ପ୍ରଦାନ କରିପାରୁ ନାହାନ୍ତି। କେବଳ ସେତିକି ନୁହେଁ, ବଣ୍ଟନ କମ୍ପାନୀ ମଧ୍ୟ ଉତ୍ତମ ବିଦ୍ୟୁତ୍ ସେବା ପାଇଁ ପୁଞ୍ଜିନିବେଶ କରିପାରୁ ନାହାନ୍ତି। ବିଦ୍ୟୁତ୍ ଆଇନ -୨୦୦୩ ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଶକ୍ତି କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଅଧିକାର ଦେଇଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଦ୍ୟୁତ୍ ସଂସ୍କାର ବାବଦରେ ଅନେକ ଯୋଜନା ଆଣିଛନ୍ତି। ଏହା ସତ୍ତ୍ୱେ ଏହାର କୌଣସି ସୁଫଳ ମିଳିପାରୁ ନାହିଁ। ପ୍ରସ୍ତାବିତ ଆଇନକୁ ସଂଶୋଧନ କରି ରାଜ୍ୟ ସରକାର ବିଶ୍ୱ ଜଳବାୟୁ ପରିବର୍ତ୍ତନ ପାଇଁ ନିଜର ପ୍ରତିବଦ୍ଧତାକୁ ପୂରଣ କରିବା ସହ ଶକ୍ତି ସୁରକ୍ଷା ପାଇଁ ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ ଦେବେ। ତେବେ ପ୍ରସ୍ତାବିତ ବିଲ୍ ବଜାରଭିତ୍ତିକ ଶକ୍ତି ବଣ୍ଟନ ଯୁଗ ଆରମ୍ଭ କରିବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଉଛି।

## ୫ ଆଇପିଏସ୍ ଅଫିସରଙ୍କୁ ଏଡିଜି ପାହ୍ୟା

ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)

୧୯୮୮ ବ୍ୟାଚ୍‌ର ୫ଜଣ ଆଇପିଏସ୍ ଅଫିସରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡିଜି) ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେମାନେ ହେଲେ ଅମିତାଭ ଠାକୁର, ସୁରେଶ ଦେବଦତ୍ତା ସିଂ, ରାଜେଶ କୁମାର, ରବି କାନ୍ତ ଏବଂ ଦୟାଲ ଗଙ୍ଗୱାର। ଏ ସଂକ୍ରାନ୍ତରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଦୟାଲ ଗଙ୍ଗୱାର କେନ୍ଦ୍ରୀୟ ଡେପୁଟେଶନରେ ଥିବାରୁ ତାଙ୍କୁ ପ୍ରୋଫୋର୍ମା ପ୍ରୋମୋଶନ ଦିଆଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି।

## ଜୟନ୍ତ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ପୁରସ୍କାର ଲାଗି ମନୋନୀତ

ବ୍ରହ୍ମପୁର ଅଫିସ,୨୯।୧୨



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଚଳିତ ବର୍ଷ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ପୁରସ୍କାର ନିମନ୍ତେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ଜୟନ୍ତ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ଜାନୁୟାରୀ ୨ରେ ବିଶ୍ୱବିଦ୍ୟାଳୟର ୫୭ ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ତାଙ୍କୁ ମାନପତ୍ର, ଉପଢ଼ୌକନ ସହ ୧ ଲକ୍ଷ ଟଙ୍କା ଦିଆଯିବ। ଏହା ସହ ଦକ୍ଷିଣ ଓଡ଼ିଶା ଲୋକ ସଂସ୍କୃତି ସମ୍ମାନ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନି, ଅଙ୍ଗବସ୍ତ୍ର ସମ୍ମାନ ନିମନ୍ତେ ସଂସ୍କୃତି ପ୍ରେମୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ନାଟ୍ୟକାର ମେଜର ରମାରମଣ ପାଢ଼ୀ, ପ୍ରାକ୍ତନ ବିଦ୍ୱାନ ଛାତ୍ରୀଭାବେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତଙ୍କୁ ମନୋନୀତ କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଗୁରୁବାର ଏହା ଜଣାଇଛନ୍ତି। ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଦକ୍ଷତା ବିକାଶ ମିଶନ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ୨୦୧୫ରୁ ପ୍ରତିବର୍ଷ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସ୍ମୃତିରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଣେ ସାହିତ୍ୟିକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଉଛି।

# ବଦଳିବ ଭୁବନେଶ୍ୱର ରେଳଷ୍ଟେଶନ ରୂପ




ଭୁବନେଶ୍ୱର ରେଳଷ୍ଟେଶନର ପୁନର୍ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟନୀ ସମାରୋହରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରହ୍ଲାଦ ଜୋଷୀଙ୍କ ସମେତ ଅନ୍ୟ ନେତା ଓ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।।

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଭୁବନେଶ୍ୱର ରେଳ ଷ୍ଟେଶନ ବିଶ୍ୱସ୍ତରୀୟ ହେବ । ଏ ନେଇ ଟେଣ୍ଡର ହୋଇଛି। କାମ ଖୁବଶୀଘ୍ର ଆରମ୍ଭ ହେବ ଓ ୨୪ ମାସ ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ଏହି ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ଖର୍ଚ୍ଚ ହେବ ୩୦୮ କୋଟି ଟଙ୍କା। ଗୁରୁବାର ଭୁବନେଶ୍ୱର ରେଳ ଷ୍ଟେଶନର ନବକଳେବର ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି । ସେ କହିଛନ୍ତି ଯେ ଭୁବନେଶ୍ୱର ରେଳ ଷ୍ଟେଶନ ମାଷ୍ଟରକ୍ୟାଣ୍ଟିନ୍ ଓ ୬ ନମ୍ବର ଗେଟ୍‌କୁ ଅଧିକ ସୁଗମ ସହ ଯାତ୍ରୀଙ୍କ ପାଇଁ ଅତ୍ୟାଧୁନିକ କରାଯିବ। ପ୍ରତିଦିନ ଦେଢ଼ ଲକ୍ଷ ଯାତ୍ରୀଙ୍କ ଯିବା ଆସିବା ପାଇଁ ବ୍ୟବସ୍ଥା ହେବ। ମାଷ୍ଟରକ୍ୟାଣ୍ଟିନ୍ ପଟ ମୁଖ୍ୟ ପ୍ରବେଶ ପଥରେ ୬ ମହଲା ଓ ୪ ମହଲା ଦୁଇଟି କୋଠା ନିର୍ମାଣ ହେବ। ବିମାନ ବନ୍ଦରରେ ସୁବିଧା ଥିବା ଭଳି ଫୁଟ୍ ଓଭରବ୍ରିଜ୍, ଏସ୍କାଲେଟର, ଲମ୍ବା ଚଉଡ଼ା ପ୍ଲାଟଫର୍ମ ଇତ୍ୟାଦି ସବୁ ଭୁବନେଶ୍ୱର ରେଳ ଷ୍ଟେଶନରେ କରାଯିବ।କଂଗ୍ରେସ କାଳରେ ବର୍ଷକୁ ୨୦ରୁ ୩୦ କିମି ନୂଆ ଲାଇନ ହେଉଥିଲା। ବର୍ତ୍ତମାନ ବର୍ଷକୁ ୩ ଶହ କିମି ପର୍ଯ୍ୟନ୍ତ ନୂଆ ଲାଇନ ନିର୍ମାଣ ହେଉଛି। ପୂର୍ବରୁ ଓଡ଼ିଶାକୁ ରେଲୱେ ପାଇଁ ୮ ଶହ କୋଟି ମିଳୁଥିଲା, ଏବେ ୧୦ ହଜାର କୋଟି ମିଳୁଛି। ଓଡ଼ିଶାରେ ୩୬ଟି ଷ୍ଟେଶନର ନବୀକରଣ ପାଇଁ ବ୍ୟୟବରାଦ କରାଯାଇଛି। ଖୁବ୍ ଶୀଘ୍ର ଭଦ୍ରକକୁ ଏକ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯିବ। ଓଡ଼ିଶାରେ ଜଗନ୍ନାଥ ସର୍କିଟ ଟ୍ରେନ୍ ଚାଲିବ। ମୋଦିଙ୍କ ଫୋକସରେ ଓଡ଼ିଶା ରହିଛି । ଓଡ଼ିଶାରେ ଯାହା ଦରକାର ତାହା କର ବୋଲି ପ୍ରଧାନମନ୍ତ୍ରୀ ଅର୍ଥ ଦେଇଛନ୍ତି। ସେହିପରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ମୋଦି ସରକାର ଲାଇଟେନିଂ ସ୍ପିଡ୍‌ରେ କାମ କରୁଛନ୍ତି। ଭଦ୍ରକକୁ ଏକ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଉ ବୋଲି ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ ଦାବି କରିଥିଲେ। ସେ ପ୍ରସ୍ତାବ ଦେବାର ଦେଢ଼ ଘଣ୍ଟା ପରେ ଦାବି ପୂରଣ ହୋଇଛି। ଏଥିସହ ଭୁବନେଶ୍ୱରକୁ ସିଲଭର ସିଟି କରିବାକୁ ଲକ୍ଷ୍ୟ ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତ। ଅଶ୍ୱିନୀ ବୈଷ୍ଣବ ଭୁବନେଶ୍ୱର ରେଳ ଷ୍ଟେଶନରେ ଭିତ୍ତିପ୍ରସ୍ତର ସହିତ ପୁରୀ-ଜଳେଶ୍ୱର-ପୁରୀ ମେମୁ ଟ୍ରେନର ଶୁଭାରମ୍ଭ କରିଛନ୍ତି ।ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ସଂସଦୀୟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ସୁରେଶ ରାଉତରାୟ ଓ ବିଧାୟକ ଅନନ୍ତ ନାରାୟଣ ଜେନା ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଗୋଳ ଷ୍ଟେଶନଠାରେ ଆୟୋଜିତ ରେଳବାଇ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ଯୋଶୀ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ସମ୍ବଲପୁର ଏବଂ ଶାଳିମାର ମଧ୍ୟରେ ନୂତନ ଏକ୍ସପ୍ରେସ୍ ଟ୍ରେନର ଶୁଭାରମ୍ଭ କରିଛନ୍ତି। ଅନୁଗୋଳ-ଢେଙ୍କାନାଳ-ଭଦ୍ରକ ମାର୍ଗଦେଇ ସମ୍ବଲପୁର-ଶାଳିମାର-ସମ୍ବଲପୁର ଏକ୍ସପ୍ରେସ ଚଳାଚଳ କରିବ। ଏହା ଏହି ଅଞ୍ଚଳର ଲୋକଙ୍କ ଆକାଂକ୍ଷା ପୂରଣ କରିବ ଓ ଯାତ୍ରା ସୁବିଧା ଯୋଗାଇଦେବ। ପରେ ଅନୁଗୋଳ ଲୋକୋ ଶେଡ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୪ କିଲୋମିଟର ଦୈର୍ଘ୍ୟ ନୂତନ ରେଳ ଲାଇନକୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ଯୋଶୀ ଏବଂ ଅଶ୍ୱିନୀ ବୈଷ୍ଣବ ଉଦ୍‌ଘାଟନ କରିଛନ୍ତି । ଅନୁଗୋଳ-ବଳରାମ ନୂତନ ରେଳଲାଇନ ମାଲ ପରିବହନ ପାଇଁ ସୁବିଧା ଯୋଗାଇବ ।

- **୨୪ ମାସରେ ପ୍ରକଳ୍ପ ଶେଷ ହେବ: ରେଳମନ୍ତ୍ରୀ**
- **ପୁରୀ-ଜଳେଶ୍ୱର-ପୁରୀ ମେମୁ ଟ୍ରେନ୍ ଭୁବନେଶ୍ୱର ଷ୍ଟେଶନରୁ ଶୁଭାରମ୍ଭ**
- **ଅନୁଗୋଳ-ବଳରାମ ନୂତନ ରେଳଲାଇନ ଉଦ୍‌ଘାଟନ**
- **ସମ୍ବଲପୁର-ଶାଳିମାର-ସମ୍ବଲପୁର ଏକ୍ସପ୍ରେସ ଅନୁଗୋଳରୁ ଶୁଭାରମ୍ଭ**

ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀ କାନ୍ତ ସିଂ, ଏମ୍‌ପି ମହେଶ ସାହୁ, ବିଧାୟକ ବ୍ରଜ କିଶୋର ପ୍ରଧାନ, ସୁଶାନ୍ତ କୁମାର ବେହେରା ପ୍ରମୁଖ ଅନୁଗୋଳ ଠାରେ ଆୟୋଜିତ କାର୍ଯ୍ୟକ୍ରମମାନଙ୍କରେ ଯୋଗ ଦେଇଥିଲେ ।

ଏହାପୂର୍ବରୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପ ନାରାୟଣ ସୁନକର ଉଭୟ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ରେଳବାଇ କାର୍ଯ୍ୟଦକ୍ଷତା ସମ୍ବନ୍ଧରେ କହିଥିଲେ।





MARUTI SUZUKI
NEXA
THE ADVANCED
GRAND VITARA
RULE EVERY ROAD
INTELLIGENT ELECTRIC HYBRID
ALLGRIP
Scan the QR code to experience Grand Vitara at NEXAVerse.
NEXA Verse
CREATE. INSPIRE.
PANORAMIC SUNROOF
DIGITAL MULTI-INFORMATION DISPLAY
HEAD UP DISPLAY
IN-BUILT SUZUKI CONNECT
VENTILATED SEATS
EV MODE
DRIVE MODE SELECTOR
HILL DESCENT CONTROL
TYRE PRESSURE MONITORING SYSTEM
6 AIRBAGS
NEXA Safety Shield
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
COMPLIANT WITH -
FULL FRONTAL IMPACT
FRONTAL OFFSET IMPACT
SIDE IMPACT
Feature and accessories shown may not be part of standard fitment. Black glass shade on the vehicle is due to lighting effect. Images used are for illustration purposes only.
Contact us at
1800-200-6392
1800-102-NEXA
www.nexaexperience.com
NOW YOU CAN ALSO BOOK ONLINE
SAMBALPUR: NEXA SAMBALPUR HIGHWAY (ODYSSEY MOTORS PVT. LTD. PH: 7008987669, 8599039994).
SMART FINANCE
AN ONLINE END-TO-END CAR FINANCE SOLUTION
Multiple financiers
Digital Document Upload
Live Loan status
Complete transparency (associated fees & charges)
Scan to know more.
Creative visualization | Black glass on the vehicle is due to lighting effect | Features are variant specific | For details on functioning of safety features, including air bag, kindly refer to the Owner's Manual.

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକାଳ ପଖାଳ ଦହିକି**
**ଚିଙ୍ଗୁଡ଼ି ଶୁଖୁଆ ପୋଇକି**
**ଯାହାର ମନ ଯହିଁକି**
**ସାଗର ଲଙ୍ଘେ ତହିଁକି।**

ସାଧାରଣତଃ ପଖାଳ ଭାତ ସହିତ ଦହି ଓ ପୋଇ ସହ ଚିଙ୍ଗୁଡ଼ି ଶୁଖୁଆ ପାଟିକୁ ସୁଆଦିଆ ଲାଗିଥାଏ। ସେହିପରି ଯାହାର ମନ ଯାହାଠାରେ ଥାଏ, ସିଏ ତାକୁ ହିଁ ସର୍ବଦା ଝୁରି ହେଉଥାଏ। ଖାଦ୍ୟ ସହ ରୁଚିର ସମ୍ପର୍କ ତଥା ମନ ସହ ଭାବନାର ସମ୍ପର୍କ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସଇତା**
**ଦି' ମାଇପର ଘଇତା**
**ତବତ ଖାଇବୁ କି ପଖାଳ ଖାଇବୁ**
**ବେଳ ଥାଉ ଥାଉ କହିଥା।**

ଦୁଇଟା ସ୍ତ୍ରୀ ଥିଲେ କାହା ମନକୁ ନେଇ ଚଳିବ ସେନେଇ ମଣିଷ ହରଡ଼ଘଣାରେ ପଡିଯାଇଥାଏ। ଦୁଇଜଣଙ୍କ ମନ ଏକାଠି ମିଶି ନ ପାରିବା କାରଣରୁ କାହାକୁ ତୁଷ୍ଟ କରିହେବ ସେନେଇ ବ୍ୟସ୍ତତା ବଢ଼ିଯାଇଥାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ସ୍ଥଳ ବିଶେଷରେ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଜାତୀୟ ନେତା ମୁହଁ...

ପ୍ରଥମ ପୃଷ୍ଠାରୁ...

ପରିସ୍ଥିତିରେ ଏବଂ କେଉଁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଖ୍ରୀଷ୍ଟିଆନ ନାଗରିକଙ୍କ ମୃତଶରୀରକୁ ଜିଲା ପ୍ରଶାସନ କଫିନ୍ ଦେବା ପରିବର୍ତ୍ତେ ପୋଡ଼ିଦେଲେ ତାହା ଏବେ ସନ୍ଦେହ ବଢ଼ାଇଛି। କେବଳ ଏତିକି ନୁହେଁ, ପାଭେଲ ରୁଷ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନଙ୍କ ଦୃଢ଼ ସମାଲୋଚକ ତଥା ସେଠାକାର ଏମ୍‌ପି ଏବଂ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ବୋଲି ଜାଣିବା ସତ୍ତ୍ୱେ ତାଙ୍କ ମୃତ ଶରୀରକୁ ତରବରିଆ ଭାବେ ସଂସ୍କାର କରିବା, ବିଦାନୋଭଙ୍କ ମୃତ୍ୟୁର ଦୁଇ ଦିନ ପରେ ସମାନ ହୋଟେଲରେ ପାଭେଲଙ୍କ ମୃତ୍ୟୁହେବା ସତ୍ତ୍ୱେ ତାଙ୍କ ଭିସାରା ସଂଗ୍ରହ କରା ନ ଯିବା, ଯେଉଁ ହୋଟେଲ୍‌ରେ ଏସବୁ ଘଟଣା ଘଟିଲା, ତାକୁ ସିଲ୍ କରା ନ ଯିବା ଆଦି ବିଭିନ୍ନ ପ୍ରଶ୍ନ ଉଠିଲାଣି।

ଅନ୍ୟପଟେ ଗୁରୁବାର କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା(ସିଆଇବି) ପକ୍ଷରୁ ୩ ଜଣିଆ ଟିମ୍ ରାୟଗଡ଼ାରେ ପହଞ୍ଚି ତଦନ୍ତ କରିଛନ୍ତି। ପ୍ରଥମେ ଏହି ଟିମ୍ ସାଇ ଇଣ୍ଟରନ୍ୟାଶନାଲ ହୋଟେଲ ପରିସରରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ହେଲେ ତାହା କାମ କରୁ ନ ଥିବା ହୋଟେଲ କର୍ମଚାରୀ ଜଣାଇଥିବା କୁହାଯାଉଛି। ଏହାପରେ ହୋଟେଲ କର୍ମଚାରୀଙ୍କ ସହ ଏହି ଟିମ୍ କିଛି ସମୟ ଆଲୋଚନା କରି ସେଠାରୁ ଚାଲିଯାଇଥିଲେ। ପ୍ରାୟ ଦୁଇ ଘଣ୍ଟା ପରେ ସେମାନେ ରାୟଗଡ଼ା ଟାଉନ ଥାନାରେ ପହଞ୍ଚିଥିଲେ। ସେଠାରେ ଏସ୍‌ଡିପିଓ ଦେବଜ୍ୟୋତି ଦାସ ଏବଂ ଆଇଆଇସି ରଶ୍ମିରଞ୍ଜନ ପ୍ରଧାନଙ୍କ ସହ ଆଲୋଚନା କରି ସେମାନେ ବାହାରିଥିଲେ। ଥାନାରୁ ବାହାରି ଟିମ୍ ଦୁଇ ଭାଗରେ ବିଭକ୍ତ ହୋଇ ଭିନ୍ନ ଦିଗରେ ଯାଇଥିଲେ। ୨ ଜଣ ସ୍କୁଟିରେ ଏବଂ ଅନ୍ୟ ଜଣେ ଅଧିକାରୀ କାରରେ ଯାଇଥିଲେ। ହେଲେ ସେମାନେ ସେଠାରୁ କେଉଁଆଡ଼େ ଯାଇଥିଲେ ତାହା ଜଣାପଡ଼ିନି। ତେବେ ସେଣ୍ଟ୍ରାଲ ଗୋଇନ୍ଦା ବିଭାଗର ଆଉ ଏକ ଟିମ୍ ଦାରିଙ୍ଗବାଡ଼ି ଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ପାଭେଲ ଓ ତାଙ୍କ ଟିମ୍ ଭାରତରେ ପ୍ରବେଶ କରିବା ପରଠାରୁ ଯେଉଁସବୁ ଆଡ଼େ ଯାଇଥିଲେ, ସେସବୁ ସ୍ଥାନକୁ ଗୋଇନ୍ଦା ଅଧିକାରୀମାନେ ଯାଇ ତଦନ୍ତ ଚଳାଇଛନ୍ତି। ଅନ୍ୟପଟେ ରାୟଗଡ଼ା ପୋଲିସ ସାଇ ଇଣ୍ଟରନ୍ୟାଶନାଲ ହୋଟେଲ, ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରର ବିଭିନ୍ନ ସ୍ଥାନ ଏବଂ ଶବଗୃହ ଠାରେ ପଇଁତରା ମାରୁଥିବା ଦେଖିବାକୁ ମିଳିଛି। ଏପରିକି ହୋଟେଲରେ ମଧ୍ୟ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ହୋଟେଲ କର୍ମଚାରୀଙ୍କ ସହ କଥା ହେବାକୁ ଦିଆଯାଉନାହିଁ। ହେଲେ ଘଟଣା ଘଟିବାର ଏତେଦିନ ବିତିଯାଇଥିଲେ ମଧ୍ୟ ଉକ୍ତ ହୋଟେଲକୁ ସିଲ୍ କରା ନ ଯିବା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସାଇ ଇଣ୍ଟରନ୍ୟାଶନାଲ ହୋଟେଲର ଜଣେ କର୍ମଚାରୀଙ୍କ କହିବା କଥା ହେଲା, ପାଭେଲ ହୋଟେଲର ଗ୍ରାଉଣ୍ଡ ଫ୍ଲୋର ୨୦୩ ନଂ. ରୁମ୍‌ରେ ନିଜ ବନ୍ଧୁ ବିଦାନୋଭଙ୍କ ସହ ରହୁଥିଲେ। ୨୪ ତାରିଖରେ ବିଦାନୋଭଙ୍କ ଶେଷକୃତ୍ୟ ସମ୍ପନ୍ନ ପରେ ସନ୍ଧ୍ୟାରେ ପାଭେଲ କିଛି ଅଜବ ବ୍ୟବହାର କରୁଥିଲେ। ହୋଟେଲ କର୍ମଚାରୀ ଏନେଇ ଗାଇଡ୍ ଜିତେନ୍ଦ୍ରଙ୍କୁ ଅବଗତ କରାଇବା ପରେ ସେ ପୋଲିସକୁ ଫୋନ୍ କରି ସହାୟତା ମାଗିଥିଲେ। ପରବର୍ତ୍ତୀ ସମୟରେ ପାଭେଲ କେଉଁଆଡ଼େ ଚାଲିଯାଇଥିଲେ। ଏହାପରେ ଗାଇଡ୍ ଏବଂ ହୋଟେଲ କର୍ମଚାରୀ ବହୁ ଖୋଜାଖୋଜି କରିବା ପରେ ପାଭେଲ ନିର୍ମାଣାଧୀନ କୋଠା ଛାତରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏତେସବୁ ପରେ ପୋଲିସ ଘଟଣା ସମ୍ପର୍କରେ ସବୁକଥା ଜାଣି ଚୁପ୍ ରହିବା କଥାକୁ ସାଧାରଣରେ ଗ୍ରହଣ କରାଯାଇପାରୁ ନାହିଁ। ଅନ୍ୟପଟେ ଘଟଣା ଘଟିଥିବା ହୋଟେଲରେ ବୁଧବାର ଏବଂ ଗୁରବାର ସିସି କ୍ୟାମେରା ମରାମତି ଚାଲିଥିବା ନଜରକୁ ଆସିଛି। ଯଦି କ୍ୟାମେରା କାମ କରୁନାହିଁ,ତେବେ ପୋଲିସ ସିସିଟିଭି ରୁମରୁ ଡିଭିଆର କାହିଁକି ବାହାର କରି ନେଇଛି। ଡିଭିଆର ନେଇଥିବା ନେଇ ହୋଟେଲର ଜଣେ କର୍ମଚାରୀ ସୂଚନା ଦେଇଛନ୍ତି। ଅପରପକ୍ଷେ କ୍ରାଇମବ୍ରାଞ୍ଚ ଏପର୍ଯ୍ୟନ୍ତ ତଦନ୍ତ ପାଇଁ ରାୟଗଡ଼ାରେ ଆସି ନ ପହଞ୍ଚିବା କଥାକୁ ନେଇ ମଧ୍ୟ ଚର୍ଚ୍ଚା ବଢ଼ିବାରେ ଲାଗିଛି। ରାୟଗଡ଼ା ଟାଉନ ଥାନା ମାମଲାକୁ ଆଧାର କରି ସିଆଇଡି-ସିବି ମାମଲା ରୁଜୁକରି ତୁରଭ, ନତାଲିଆ ଏବଂ ଜିତେନ୍ଦ୍ରଙ୍କୁ ଜେରା କରୁଛି। ଏସବୁ ଭିତରେ ଆଉ ଏକ ନୂଆ ତଥ୍ୟ ଜାଣିବାକୁ ମିଳିଛି। ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତଙ୍କୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଏବେ ଛୁଟିରେ ପଠାଇ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଅତିରିକ୍ତ ଦାୟିତ୍ୱ ଦେବାକୁ ଚିନ୍ତା କରିଥିବା ଶୁଣିବାକୁ ମିଳୁଛି। ଏହାସହ ରାୟଗଡା ଏସ୍‌ପିଙ୍କୁ ମଧ୍ୟ ବଦଳି ହେବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏହି ବାହାନାରେ ଓଡ଼ିଶା ପୋଲିସର ଉପରିସ୍ଥ ଅଧିକାରୀମାନେ ନିଜ ଭୁଲ୍ ଘୋଡ଼ାଇବାକୁ ପ୍ରୟାସ ଆରମ୍ଭ କରିଥିବା ଶୁଣିବାକୁ ମିଳିଛି।

## ରାୟଗଡ଼ା ଗଲା...

ଅଧିକାରୀମାନଙ୍କ ସହ ରାୟଗଡ଼ା ଯାଇଥିବା ଜଣାଯାଇଛି। ସୂଚନା ମୁତାବକ, ରୁଷୀୟ ପର୍ଯ୍ୟଟକ ଭ୍ଲାଡିମିର ବିଦାନୋଭ ଓ ତାଙ୍କ ସାଥୀ ଆଣ୍ଟୋଭ ପାଭେଲଙ୍କ ମୃତ୍ୟୁ ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚ ହାତକୁ ନେବା ପରେ ୨ଟି ମାମଲା ରୁଜୁ କରିଛି। ମୃତ ପର୍ଯ୍ୟଟକଙ୍କୁ ଦେଶର ବିଭିନ୍ନ ସ୍ଥାନ ବୁଲାଉଥିବା ଗାଇଡ୍, ଇନୋଭା ଗାଡ଼ିର ଡ୍ରାଇଭରଙ୍କ ସମେତ ଅନ୍ୟ ଦୁଇ ରୁଷୀୟ ପର୍ଯ୍ୟଟକ ପାନାସେଙ୍କୋ ନାତାଲିଆ ଓ ତୁରୋଭ ମିଖାଇଲଙ୍କୁ ପଚରାଉଚୁରା କରିବା ପରେ କ୍ରାଇମ୍‌ବ୍ରାଞ୍ଚକୁ କିଛି ଠୋସ୍ ସୂଚନା ମିଳିଛି। ମୃତ ପର୍ଯ୍ୟଟକଙ୍କ ପରିବାର ସଦସ୍ୟଙ୍କ ସମ୍ପର୍କରେ ମିଳିଥିବା ସୂଚନା ଆଧାରରେ ସେମାନଙ୍କୁ ଯୋଗାଯୋଗ କରିବା ପ୍ରକ୍ରିୟା କ୍ରାଇମ୍‌ବ୍ରାଞ୍ଚ ଆରମ୍ଭ କରିଛି। ତେବେ ମୃତ ପର୍ଯ୍ୟଟକଙ୍କ ପରିବାର ସଦସ୍ୟଙ୍କ ସହ ଅନ୍ୟ ଦୁଇ ରୁଷୀୟ ପର୍ଯ୍ୟଟକ ପାନାସେଙ୍କୋ ଓ ତୁରୋଭଙ୍କଠାରୁ ମିଳିଥିବା ତଥ୍ୟଗୁଡ଼ିକର ସତ୍ୟତାକୁ କ୍ରାଇମବ୍ରାଞ୍ଚ ପରଖିବ। ତେବେ ରାୟଗଡ଼ା ଅଭିମୁଖେ ଯାତ୍ରା କରିଥିବା ୨ୟ ତଦନ୍ତକାରୀ ଦଳ ଘଟଣାସ୍ଥଳ ପରିଦର୍ଶନ କରି ସାକ୍ଷୀମାନଙ୍କୁ ପଚରାଉଚରା କରିବେ। ଏଥିସହ ଘଟଣାସ୍ଥଳ ଓ ସ୍ଥାନୀୟ ପୋଲିସଠାରୁ ସାକ୍ଷ୍ୟପ୍ରମାଣ ଖୋଜିବା ସହ ସଂଗ୍ରହ କରିବାକୁ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟ ପକ୍ଷରୁ ଦାୟିତ୍ୱ ପ୍ରଦାନ ଜଣାଯାଇଛି।

ଅପରପକ୍ଷରେ, କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଦୁଇ ପର୍ଯ୍ୟଟକଙ୍କ ସହ ବିଭିନ୍ନ ଅଞ୍ଚଳକୁ ଟୁର୍‌ରେ ଯାଉଥିବା ଗାଇଡ୍ ଜିତେନ୍ଦ୍ର ସିଂହଙ୍କୁ ପଚରାଉଚରା କାର୍ଯ୍ୟ ଜାରି ରଖାଯାଇଛି। ଜିତେନ୍ଦ୍ରଙ୍କଠାରୁ ମିଳିଥିବା ତଥ୍ୟର ସତ୍ୟତାକୁ ପରଖାଯିବା ସହ ସେଗୁଡ଼ିକ ଅନ୍ୟ ଦୁଇ ରୁଷୀୟ ପର୍ଯ୍ୟଟକଙ୍କଠାରୁ ପ୍ରାପ୍ତ ତଥ୍ୟ ସହ ମେଳାଯାଉଛି। ସେହିପରି କ୍ରାଇମବ୍ରାଞ୍ଚ ମୃତ ପର୍ଯ୍ୟଟକଦ୍ୱୟଙ୍କ ଭାରତ ପର୍ଯ୍ୟଟନ ସମ୍ପର୍କିତ ବିଭିନ୍ନ କାଗଜପତ୍ର ସଂଗ୍ରହ କରୁଛି। ସେମାନଙ୍କ ଭ୍ରମଣ ଯୋଜନା ଓ ବିଭିନ୍ନ ଜାଗାରେ ହୋଟେଲ ରହଣିର ବୁକିଂ, ଏୟାରଲାଇନ୍ସ ଓ ଟ୍ରାଭେଲ କମ୍ପାନି ଆଦିର କାଗଜପତ୍ରଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯାଉଛି। ଏଥିସହ ମୃତକଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରେକର୍ଡକୁ ମଧ୍ୟ ଗୁରୁତ୍ୱ ଦିଆଯାଇ ସଂଗ୍ରହ କରାଯାଉଛି।

## ମିର୍ଦ୍ଧାପାଲି ଗାଁରେ କଙ୍ଗାରୁ କୋର୍ଟ

- ଗୋଟିଏ ପରିବାରକୁ ନିଆଁ, ପାଣି ବାସନ୍ଦ
- କଥା ହେଲେ, ଜିନିଷ କିଣାବିକା କଲେ ୫ ହଜାର ଜରିମାନା

ବଲାଙ୍ଗୀର ଅଫିସ,୨୯।୧୨

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମିର୍ଦ୍ଧାପାଲି ଗାଁରେ ବୁଧବାର ରାତିରେ କଙ୍ଗାରୁ କୋର୍ଟ ବସି ଏହି ଗାଁର ସରୋଜ ରାଉତଙ୍କ ପରିବାରକୁ ନିଆଁ, ପାଣି ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଗାଁ କମିଟି ପକ୍ଷରୁ ବିଧିବଦ୍ଧ ବୈଠକ କରି ଡେଙ୍ଗୁରା ପିଟି ରାଉତ ପରିବାର ସହ କେହି କୌଣସି ସମ୍ପର୍କ ରଖିଲେ, କଥାବାର୍ତ୍ତା ହେଲେ କିମ୍ବା ଗାଁରେ ଥିବା ଦୋକାନ ବଜାରରୁ ଜିନିଷପତ୍ର କିଣାବିକା କଲେ ୫ ହଜାର ଟଙ୍କା ଜରିମାନା ଦେବାକୁ ପଡିବ ବୋଲି ଜଣାଇ ଦିଆଯାଇଥିଲା। ଏନେଇ ରାଉତ ପରିବାର ଭୟଭୀତ ହୋଇ ତାଙ୍କ କ୍ଷେତରେ ଥିବା ଖଳାରେ ରହୁଥିବା ସୂଚନା ଦେଇଛନ୍ତି। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ମୁତାବକ, ଗତ ୨୭ ତାରିଖରେ ମିର୍ଦ୍ଧାପାଲିରେ ଶୁଳିଆ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ପରିଚାଳନାରେ ଗାଁ କମିଟି ମୁଖ୍ୟ ଭୂମିକା ନେଇଥିଲା। ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ସେଠାରେ ଏକ ସାଇକେଲ ଷ୍ଟାଣ୍ଡ କରାଯାଇଥିଲା। ତେବେ ଏହି ସାଇକେଲ ଷ୍ଟାଣ୍ଡରେ ମୋଟର ସାଇକେଲ ରଖିବା ନେଇ ସରୋଜ ଓ କମିଟି ସଦସ୍ୟଙ୍କ ମଧ୍ୟରେ କୁଆଡେ ଉଚ୍ଚବାଚ ହୋଇଥିଲା। ଏହାପରେ ବୁଧବାର ଗାଧୁଆ ତୁଠରେ କେତେଜଣ ପିଲା ଓ ସରୋଜଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାକୁ କେନ୍ଦ୍ରକରି ରାତିରେ ଗାଁ କମିଟି ବୈଠକ କରି ସରୋଜଙ୍କ ପରିବାରକୁ ସାମାଜିକ ବାସନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାପରେ ଗାଁର ଚୌକିଦାର ବଳରାମ ଜାଲଙ୍କୁ ଡକାଯାଇ ଗାଁ କମିଟି ନିଷ୍ପତ୍ତି ଡେଙ୍ଗୁରା ମାଧ୍ୟମରେ ଜଣାଇ ଦେବାକୁ କୁହାଯାଇଥିଲା। ନିର୍ଦ୍ଦେଶ ମୁତାବକ ଚୌକିଦାର ଗାଁରେ ଡେଙ୍ଗୁରା ପିଟିଥିଲେ। ଏହି ଘଟଣା ପରେ ରାଉତ ପରିବାର ଗାଁ ଛାଡି ନିଜ କ୍ଷେତକୁ ଚାଲିଯାଇଥିଲେ। ଗାଁରେ ଗଣ୍ଡଗୋଳ ଆଶଙ୍କାରେ ପରିବାର ଲୋକେ କ୍ଷେତରେ ରହିଥିବା ସରୋଜ ସଦର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଏନେଇ ଏକ ମାମଲା (୫୬୯/୨୨) ରୁଜୁ କରାଯାଇଛି। ପରିସ୍ଥିତିକୁ ନଜରରେ ରଖି ପୋଲିସ ପ୍ରଶାସନ ଉଭୟ ପକ୍ଷଙ୍କ ବିରୋଧରେ ୧୦୭ ଦଫା ଲଗାଇ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିବା ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

## ମାଟି ଅତଡ଼ା ଧସି ଚାଲିଗଲା ନାବାଳିକାଙ୍କ ଜୀବନ

### ଜଣେ ଗୁରୁତର, ଅଳ୍ପକେ ବର୍ତ୍ତିଲେ ୩

ରାଇଘର/ନବରଙ୍ଗପୁର, ୨୯।୧୨(ଡି.ଏନ୍.ଏ./ବି.ପ୍ର.)

ଘର ଲିପାହେବ। ସେଥିପାଇଁ ସାଙ୍ଗସାଥୀ ହୋଇ ମାଟି ଆଣିବାକୁ ଯାଇଥିଲେ। କିନ୍ତୁ ହଠାତ୍ ଖସିପଡ଼ିଲା ମାଟି ଅତଡ଼ା। ପୋତିହୋଇ ଚାଲିଗଲା ଜଣେ ନାବାଳିକାଙ୍କ ଜୀବନ। ଏପରି ଦୁଃଖଦ ଘଟଣା ଗୁରୁବାର ନବରଙ୍ଗପୁର ଜିଲା ରାଇଘର ଥାନା ନାକଟିସିମୋଡ଼ା ଗ୍ରାମରେ ଘଟିଛି। ମାଟି ଅତଡ଼ା ଖସି ପୋତିହୋଇ ଗାଁର ରୁମା ଗଣ୍ଡଙ୍କ ଝିଅ ବୁଦୁନି (୧୪)ଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଗୁରୁତର ଶିବରାତ୍ରି ଗଣ୍ଡ (୧୩)ଙ୍କୁ ଉମରକୋଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଘର ଲିପିବା ନିମନ୍ତେ ମାଟି ଆଣିବାକୁ ବୁଦୁନି, ଶିବରାତ୍ରି, ସବିତା ଗଣ୍ଡ, ବୁରି ଗଣ୍ଡ ଓ ଗୁଡ଼ି ଗଣ୍ଡ ଗୁରୁବାର ସକାଳେ ଗାଁ ନିକଟ ଜଙ୍ଗଲକୁ ଯାଇଥିଲେ। ସେମାନେ ପାହାଡ଼ ନିକଟରୁ ମାଟି ଖୋଳି ତାହାକୁ ସଂଗ୍ରହ କରିବା ଆରମ୍ଭ କଲେ। ବୁଦିନି ଓ ଶିବରାତ୍ରି ଭିତରକୁ ଯାଇ ମାଟି ସଂଗ୍ରହ କରୁଥିବାବେଳେ ସବିତା,ବୁରି ଓ ଗୁଡ଼ି ବାହାରେ ମାଟି ରଖୁଥିଲେ। ମାଟି ଖୋଳିବା ସମୟରେ ହଠାତ୍ ଅତଡ଼ା ଖସି ପଡ଼ିଥିଲା। ବୁଦୁନି ଓ ଶିବରାତ୍ରି ଭିତରେ ଫସିଯାଇଥିଲେ। ଏହା ଦେଖି ବାହାରେ ଥିବା ସବିତା, ବୁରି ଓ ଗୁଡ଼ି ନିକଟସ୍ଥ ସରଗିପାରା ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସହ ଘର ଲୋକଙ୍କୁ ଫୋନ୍‌ରେ ଖବର ଦେଇଥିଲେ। ସରଗିପାରା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ବୁଦୁନି ସ ଶିବରାତ୍ରିଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ବୁଦୁନିଙ୍କର ମୃତ୍ୟୁ ହୋଇସାରିଥିଲା। ଶିବରାତ୍ରିଙ୍କୁ ପ୍ରଥମେ ଜୋଡିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପରେ ଉମରକୋଟ ସ୍ଥାନାନ୍ତର କରାଯାଇଛି। ଖବରପାଇ ସ୍ଥାନୀୟ ପୋଲିସ,ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଛନ୍ତି। କଂଗ୍ରେସ କର୍ମୀ ସନରାଜ୍ ଗଣ୍ଡ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତକ ପରିବାରକୁ କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି। ପୋଲିସ କେସ୍ ନଂ.୯୦/୨୨ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସିବିଆଇ ତଦନ୍ତ ପାଇଁ ଆବେଦନ

### ହାଇକୋର୍ଟରେ ବିପିନ ମଲ୍ଲିକ ହତ୍ୟା ମାମଲା

କଟକ ଅଫିସ,୨୯।୧୨

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ଦେସାହି ଗ୍ରାମର ବିପିନ ମଲ୍ଲିକ ହତ୍ୟା ମାମଲାର ସିବିଆଇ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ହାଇକୋର୍ଟରେ ଏକ ପିଟିଶନ ଦାଏର କରାଯାଇଛି। ଆବେଦନକାରୀ ନ୍ୟାୟ ପାଇଁ ଲଢେଇ ପରିବାର ଅନୁଷ୍ଠାନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଓ ବିପିନଙ୍କ ବୋହୂ ନମିତା ମଲ୍ଲିକଙ୍କ ପକ୍ଷରୁ ପିଟିଶନ୍ ଦାଖଲ କରାଯାଇଛି। ଏଥିରେ ରାଜ୍ୟ ଗୃହ ବିଭାଗ, ଆଳି ଥାନାଧିକାରୀ, କେନ୍ଦ୍ରାପଡା ଏସ୍‌ପି, କ୍ରାଇମବ୍ରାଞ୍ଚ ଓଡିଶା, ସିବିଆଇ ଏସ୍‌ପି ଭୁବନେଶ୍ୱର ଓ କେନ୍ଦ୍ର ସରକାରଙ୍କୁ ପକ୍ଷଭୁକ୍ତ କରାଯାଇଛି।

ବିବରଣୀରୁ ପ୍ରକାଶ, ଗତ ଏପ୍ରିଲ ୩୦ରେ ବିପିନଙ୍କୁ କୌଣସି କାରଣକୁ ନେଇ ହତ୍ୟା କରାଯାଇଥିଲା। ହତ୍ୟାକାରୀମାନେ ରାଜନେତାଙ୍କ ଅନୁଗତ ହୋଇଥିବାରୁ ସ୍ଥାନୀୟ ପୋଲିସ ଚାପରେ ପଡ଼ି ବିନା ତଦନ୍ତରେ ମାମଲାର ରଫାଦଫା କରି ଦେଇଛି। ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟର ବିଭିନ୍ନ ନ୍ୟାୟିକ ବ୍ୟବସ୍ଥାରେ ନମିତା ଅଭିଯୋଗ କରିଥିଲେ। ହେଲେ ନ୍ୟାୟ ନ ମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ୫ମିନିଟ୍ ବ୍ୟବଧାନରେ ଜୀବନ ହାରିଲେ ଦମ୍ପତି

### ଘରେ ସ୍ୱାମୀ, ମେଡିକାଲରେ ସ୍ତ୍ରୀଙ୍କ ମୃତ୍ୟୁ

ସମ୍ବଲପୁର,୨୯।୧୨(ବ୍ୟୁରୋ)



କାର୍ତ୍ତିକ ପ୍ରଧାନ ଓ ଅନସୂୟା ପ୍ରଧାନ

ଅଗ୍ନିକୁ ସାକ୍ଷୀ ରଖି ସାତଜନମକୁ ସାଥି ହୋଇଥିଲେ। ଗୋଟିଏ ଜନମ ବେଶ୍ ହସଖୁସିରେ ଜୀବନ ଅତିବାହିତ କଲେ। ମୃତ୍ୟୁ ସମୟରେ ବି ପରସ୍ପରଠାରୁ ଅଲଗା ହେଲେ ନାହିଁ। ମାତ୍ର ୫ମିନିଟ୍ ବ୍ୟବଧାନରେ ଆରପାରିକୁ ଚାଲିଯାଇଛନ୍ତି ଏକ ଦମ୍ପତି। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ସମ୍ବଲପୁର ଜିଲା ଡଙ୍ଗାପାଲ ଗ୍ରାମରେ। ଗ୍ରାମର କାର୍ତ୍ତିକ ପ୍ରଧାନ (୭୨) ଓ ସ୍ତ୍ରୀ ଅନସୂୟା (୬୭)ଙ୍କ ଗୁରୁବାର ମୃତ୍ୟୁ ଘଟିଛି।

ମିଳିଥିବା ସୂଚନା ଅନୁସାରେ କାର୍ତ୍ତିକ ବହୁଦିନରୁ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ସ୍ତ୍ରୀ ଅନସୂୟା ତାଙ୍କ ସେବାଶୁଶ୍ରୂସା କରୁଥିଲେ। ୧୦ବର୍ଷ ପୂର୍ବରୁ ପୁଅର ମୃତ୍ୟୁ ଘଟିଥିବା ବେଳେ ଝିଅ ପ୍ରଭାତୀଙ୍କୁ ଅନ୍ୟତ୍ର ବାହା ଦେଇଛନ୍ତି। ବାର୍ଦ୍ଧକ୍ୟ ସମୟରେ ମଧ୍ୟ ସ୍ୱାଭିମାନକୁ ବଞ୍ଚାଇବାକୁ ଯାଇ ସେମାନେ କାହାର ସହଯୋଗ ନେଇ ନ ଥିଲେ। ହେଲେ ଦଇବ କିଛି ଅଲଗା ଲେଖିଥିଲା। ମଙ୍ଗଳବାର ଗାଧୋଇବାକୁ ଆସିବା ସମୟରେ ଅନସୂୟା ହଠାତ୍ ପଡିଯାଇ ଆହତ ହୋଇଥିଲେ। ଖବର ପାଇ ଝିଅ ପ୍ରଭାତୀ ଗ୍ରାମରେ ପହଞ୍ଚି ମା'ଙ୍କୁ ବୁର୍ଲା ମେଡିକାଲକୁ ନେଇଥିଲେ। ଦୁଇଦିନ ହେଲା ଅନସୂୟା ଚିକିତ୍ସିତ ହେଉଥିବା କାର୍ତ୍ତିକ ଜାଣିପାରି ଭାଙ୍ଗିପଡିଥିଲେ। ଏପରି କି ଖାଇବା ମଧ୍ୟ ଛାଡି ଦେଇଥିଲେ। ଗୋଟିଏପଟେ ସ୍ୱାସ୍ଥ୍ୟଗତ ସମସ୍ୟା ଓ ଅନ୍ୟପଟେ ଅନସୂୟା ମେଡିକାଲରେ ଭର୍ତ୍ତିହେବା ଖବର ତାଙ୍କୁ ମ୍ରିୟମାଣ କରିଦେଇଥିଲା। ଶେଷରେ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟା ୪୦ ମିନିଟରେ କାର୍ତ୍ତିକ ମୃତ୍ୟୁବରଣ କରିଥିଲେ। ପରିଜନ ଏହା ଜାଣିବା ପରେ ବୁର୍ଲା ମେଡିକାଲରେ ଥିବା ଝିଅକୁ ଏ ସମ୍ପର୍କରେ ଜଣାଇଥିଲେ। ପ୍ରଭାତୀ ଓଲଟା ମାଆ ମଧ୍ୟ ଜୀବନ ହାରିଦେଇଥିବା ବନ୍ଧୁବାନ୍ଧବଙ୍କୁ କହିଥିଲେ। ଉଭୟଙ୍କ ମୃତ୍ୟୁ ପ୍ରାୟ ୫ରୁ ୭ ମିନିଟ ଭିତରେ ହୋଇଥିବା ପରିବାରବର୍ଗ କହିଛନ୍ତି। ଅନ୍ୟପଟେ ଏହି ଘଟଣା ପ୍ରଚାର ହେବା ପରେ ଡଙ୍ଗାପାଲ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଗ୍ରାମର ଶତାଧିକ ମହିଳାପୁରୁଷ ଶେଷ ଦର୍ଶନ କରିବା ପାଇଁ ଅପେକ୍ଷା କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ବୁର୍ଲା ମେଡିକାଲରେ ଅନସୂୟାଙ୍କ ମୃତଦେହ ପଡିରହିଥିଲା। ମୃତଦେହ ବ୍ୟବଚ୍ଛେଦ ହେବା ପରେ ହସ୍ତାନ୍ତର କରାଯିବ ବୋଲି ଡାକ୍ତର ଓ ପୋଲିସ କହୁଥିବା ପରିବାର ବର୍ଗ କହିଛନ୍ତି। ତେଣୁ କାର୍ତ୍ତିକଙ୍କ ମୃତଦେହ ସତ୍କାର କରାଯାଇ ନ ଥିଲା। ଦମ୍ପତିଙ୍କ ଏକାସାଥିରେ ଶେଷକୃତ୍ୟ ସମ୍ପନ୍ନ କରିବାକୁ ଗ୍ରାମବାସୀ କହିଛନ୍ତି।

## ଦଗ୍ଧ ମୃତଦେହ...

ମୃତଦେହକୁ ସମାଧି ନ ଦେଇ ପୋଡ଼ି ଦିଆଗଲ! କାହିଁକି? ହରକ୍ୟୁଲ ପୋରିଓଟ୍ (ବେଲ୍‌ଜିୟମ୍‌ର କାଳ୍ପନିକ ଡିଟେକ୍ଟିଭ୍ ଚରିତ୍ର) ଅନୁସାରେ ଦଗ୍ଧ ମୃତଦେହ କାହାଣୀ କୁହେ ନାହିଁ। ଏହା ପୂର୍ବରୁ ବୁଧବାର ଟୁଇଟର୍‌ରେ ଏକ ଭିଡିଓ ପୋଷ୍ଟ କରି ଲେଖିଥିଲେ, ୟୁକ୍ରେନ୍ ଆକ୍ରମଣର ସମାଲୋଚକ ତଥା ରଷୀୟ ଗୋଷ୍ଠୀତନ୍ତ୍ରର ସଦସ୍ୟ ଓ ତାଙ୍କ ସହଯୋଗୀଙ୍କ ମୃତଦେହକୁ ଭାରତରେ ସତ୍କାର କରାଯାଇଛି। ଖ୍ରିଷ୍ଟ ଧର୍ମାବଲମ୍ବୀ ହୋଇ ମଧ୍ୟ ଉଭୟଙ୍କୁ ସମାଧି ଦିଆଯାଇ ନାହିଁ। ଉଭୟଙ୍କ ପାର୍ଥିବ ଶରୀରକୁ ରୁଷିଆସ୍ଥିତ ସେମାନଙ୍କ ଘରକୁ ପଠାଯାଇ ନାହିଁ। ଏହା ଯଦି ଅପ୍ରାକୃତିକ ନୁହେଁ, ତେବେ ମୁଁ ଆଇନ ପାଠ ପଢ଼ିନାହିଁ। ମନୀଷ ଉକ୍ତ ଟୁଇଟ୍‌ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟ୍ୟାଗ୍ କରିଛନ୍ତି। ଅନ୍ୟପକ୍ଷେ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ମାମଲା ନେଇ କେନ୍ଦ୍ର ସରକାର ଅବଗତ। ଓଡ଼ିଶା ପୋଲିସ ଏହାର ତଦନ୍ତ କରୁଛି। ଏହା ଉପରେ କେନ୍ଦ୍ରର ନଜର ରହିଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ସୂଚନା ଦେଇଛନ୍ତି।

## ୨ ପୋଷା କୁକୁର...

ମାସେରୁ ଅଧିକ ସମୟ ହେଲା ଉଭୟଙ୍କର କୌଣସି ପତ୍ତା ମିଳୁ ନ ଥିବାବେଳେ ଡିସେମ୍ବର ୧୧ରେ ଅପହରଣକାରୀ ଦୁଇ କୁକୁରଙ୍କ ଭିଡିଓ ପଠାଇଥିବା ସେ କହିଛନ୍ତି। ଧାରଣାରତ ପ୍ରଦ୍ୟୁମ୍ନ ନିଜ ପୋଷା କୁକୁରଙ୍କୁ ଠାବ କରିବାରେ ପୋଲିସର ସହଯୋଗ ଲୋଡ଼ିଛନ୍ତି। 'ଏବେ ମଧ୍ୟ ବିଳମ୍ବ ହୋଇନାହିଁ ଆମକୁ ବଞ୍ଚାନ୍ତୁ', 'ଆମର ମଧ୍ୟ ବଞ୍ଚିବାର ଅଧିକାର ଅଛି' ଏପରି ଲେଖା ସହ ଜେସି ଓ ବ୍ରୁନୋଙ୍କ ଫଟୋ ଲଗାଇ ନ୍ୟାୟ ମାଗୁଛନ୍ତି ପ୍ରଦ୍ୟୁମ୍ନ। ତେବେ ଘଟଣା ସତ୍ୟାସତ୍ୟ ପରଖି ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ପ୍ରାଣୀପ୍ରେମୀମାନେ ମତ ରଖିଛନ୍ତି।

## ଜାନୁୟାରୀ ୨୬ ପୂର୍ବରୁ...

ଆଦୌ ରାଜନୀତି ନ ହେଉ। ସାଢେ ୪ କୋଟି ଓଡ଼ିଆଙ୍କ ବିକାଶ ଦାୟିତ୍ୱ ନରେନ୍ଦ୍ର ମୋଦି ନେଇଛନ୍ତି। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ବିକାଶ ପ୍ରତି ଧ୍ୟାନ ଦିଆଯାଉ। ଅର୍ଥ, ଜମି, ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ ହୋଇପାରିବ। ରାଜ୍ୟ ସରକାର ଜମି ପାଇଁ ଅନୁମତି ଦେଲେ ପ୍ରକଳ୍ପ ଆଗେଇବ। ରେଲୱେ ଓ ଟେଲିକମ୍ କ୍ଷେତ୍ରରେ ଅବହେଳା ଅଭିଯୋଗ ଆସୁଛି। ପୂର୍ବରୁ ପ୍ରକଳ୍ପ ପାଇଁ ଓଡ଼ିଶାକୁ ୮୦୦ କୋଟି ଟଙ୍କା ଦିଆଯାଉଥିଲା, ଏବେ ମୋଦିଜୀ ୧୦ହଜାର କୋଟି ଟଙ୍କା ଦେଲେଣି। କାହାର ସାହସ ନାହିଁ ଓଡ଼ିଶାକୁ ଅବହେଳା କଥା କହିପାରିବେ। ଯେତେ ଟଙ୍କା ଦରକାର ବିନିଯୋଗ କରିବାକୁ ନରେନ୍ଦ୍ର ମୋଦି କହିଛନ୍ତି ବୋଲି ଅଶ୍ୱିନୀ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଧନସ୍ଥାନରେ ମଙ୍ଗଳ ହେତୁ ପ୍ରତ୍ୟେକ ପରିସ୍ଥିତିରେ ସ୍ଥିର ନିଷ୍ପତ୍ତି ନେବାରେ ବନ୍ଧୁଙ୍କ ପୃଷ୍ଠପୋଷକତା ସହାୟକ ହେବ। ଘରର ବାକି କାମକୁ ଅଗ୍ରାଧିକାରଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ବାଧ ହେବେ। ସବିଶେଷ ଆଲୋଚନା ପୂର୍ବକ ପୂର୍ବ ସ୍ଥିରୀକୃତ ଯାନବାହନ, ଯାନ୍ତ୍ରିକ ଜିନିଷ ତଥା ଗୃହୋପକରଣ କିଣିବା ପାଇଁ ମନ ବଳାଇ ପାରନ୍ତି।

**ବୃଷ** ଆଜି ସକାଳୁ କୌଣସି ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇପାରେ। ଅଫିସ କାମରେ ବ୍ୟସ୍ତ ରହି ଘରୁ ବରାଦ ପାଇଥିବା ଜିନିଷଟି ନେବା ସକାଶେ ଭୁଲିଯାଇ ପାରନ୍ତି। ବନ୍ଧୁ ଗହଣରେ ମଉଜିଆ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ମଙ୍ଗଳଜନିତ ଖଳ ଲୋକଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମିଥୁନ** ଜଣେ ବନ୍ଧୁଙ୍କ ନିକଟରୁ କୌଣସି ଖବର ଆପଣଙ୍କୁ ଅଭିଭୂତ କରିପକାଇବ। ଦୀର୍ଘଦିନର ସମସ୍ୟାର ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ ଓ ଏଥି ସକାଶେ ସ୍ତ୍ରୀଙ୍କୁ ଦାୟୀ କରି ବିଭିନ୍ନ ପ୍ରକାରର କଥା କହିପାରନ୍ତି। ସପ୍ତମସ୍ଥ ବୁଧ ହେତୁ ବନ୍ଧୁ ଦୃଢ଼ପ୍ରତିଶ୍ରୁତି ଦେଇ ମନକୁ ଖୁସି କରିପାରନ୍ତି।

**କର୍କଟ** ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସଫଳ ହେବେ। ଅତ୍ୟାବଶ୍ୟକ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ କାମଗୁଡିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡିବ। ପଡ଼ୋଶୀଙ୍କ ପରୋକ୍ଷ ଶତ୍ରୁତା କାମଗୁଡ଼ିକ ସକାଶେ ସାମୟିକ ବାଧା ସୃଷ୍ଟି କରିପାରେ।

**ସିଂହ** ଦିନଟି ବହୁତ ଭଲରେ ଅତିବାହିତ ହେବ। ତଥାପି ତୃତୀୟସ୍ଥ କେତୁ ପ୍ରଭାବରୁ ସବୁ ପାଇଲେ ମଧ୍ୟ ଏଥିପାଇଁ ବହୁତ ମେହେନତ କରିବାକୁ ପଡିବ। କେତେକ କ୍ଷେତ୍ରରେ ଅନୁତାପ କରିବେ ସିନା କିଛି ଲାଭ ମଧ୍ୟ ହେବନି। ବନ୍ଧୁଙ୍କ ମିଥ୍ୟା ଅଭିଯୋଗକୁ ପରୋକ୍ଷ ସମର୍ଥନ ଦେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** ମୁଖଭାବରେ କବନ୍ଧଗ୍ରହ ଯୋଗୁ କୌଣସି କାମରେ ଭୂମିକା ନ ଥାଇ ମଧ୍ୟ ସବୁ କ୍ଷେତ୍ରରେ ଦୋଷୀ ରୂପେ ପରିଗଣିତ ହେବେ। ଅନ୍ୟମାନଙ୍କ ଭୁଲ୍ ଧାରଣା ବୃଦ୍ଧି ଦିଗରେ ଆପଣଙ୍କ କେତେକ ବନ୍ଧୁ ଖୋରାକ ଯୋଗାଇବେ। ହଠାତ୍ ପୁରାତନ ରୋଗର ପୀଡା ଅନୁଭବ ହୋଇପାରେ। କଳା ଓ ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ତୁଳା** ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ ଓ ଅନ୍ୟମାନେ ଆପଣଙ୍କୁ ପ୍ରଶଂସା କରିବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। ଶନି ଯୁକ୍ତ ଶୁକ୍ର ହେତୁ ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତ ବିବ୍ରତ ରହିପାରନ୍ତି। ଆର୍ଥିକ ଦିଗଟି ଦୁର୍ବଳ ରହିଥିବାରୁ ସବୁ କାମରେ ପଛେଇ ଯିବେ।

**ବିଛା** ରାଶ୍ୟାଧିପ ସପ୍ତମ କେନ୍ଦ୍ରସ୍ଥ ଯୋଗୁ ମନ କଥା ମନରେ ରଖି ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ବ୍ୟବସାୟ ଓ ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ଲାଭବାନ ହେବେ। ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପାରିବାରିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ଧନୁ** ଏକାଧିକ ଗ୍ରହ ରାଶିସ୍ଥ ଯୋଗୁ ସଫଳତାର ଅଭାବ ଓ ସଂଘର୍ଷମୟ ସ୍ଥିତି ହେତୁ ଅଧିକାଂଶ ସମୟ ବିବାଦ ଓ ରାଗରୁଷାରେ ଅତିବାହିତ ହେବ। କୌଣସି କ୍ଷେତ୍ରରେ ଅତ୍ୟଧିକ ପ୍ରତିକ୍ରିୟା ପ୍ରକାଶ ଠିକ୍ ହେବ ନାହିଁ। ଅତି ଭଲ ପାଉଥିବା ବ୍ୟକ୍ତିଟି ପ୍ରତି ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସାମାନ୍ୟ ଶାରୀରିକ କଷ୍ଟ ଅନୁଭବ କରିପାରନ୍ତି।

**ମକର** ରାଶିକୁ ଚନ୍ଦ୍ର ଓ ବୃହସ୍ପତି ଦେଖୁଥିବାରୁ ହାତକୁ ନେଇଥିବା କାମଟି ସହଜରେ ସମ୍ପନ୍ନ ହୋଇଯିବ। ଧନିଷ୍ଠା ନକ୍ଷତ୍ରର ସରକାରୀ କ୍ଷେତ୍ରରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ନିକଟ ସମ୍ପର୍କୀୟ ବନ୍ଧୁଙ୍କଠାରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଅଫିସ କାମରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ।

**କୁମ୍ଭ** ଦୀର୍ଘଦିନରୁ ଚିନ୍ତାକରିଥିବା କୌଣସି ନୂତନ ବନ୍ଧଙ୍କ ସହ ସମ୍ପର୍କ ସ୍ଥାପନ ହେବାର ଆଶା ରହିଛି। ଆଜି ଯେତିକି ପାଇବେ ତାହାଠାରୁ ଅଧିକ ଖର୍ଚ୍ଚ କରିବେ। କିଛି ନ ବୁଝି କାହା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଶୁଭଗ୍ରହ ପ୍ରଭାବରେ ପ୍ରେସ୍, ପବ୍ଲିକେଶନ, ଆଇନ ଅଦାଲତ, ଗବେଷଣା, ଅନୁସନ୍ଧାନ, ନିର୍ମାଣ କାମରୁ ସୁଫଳ ମିଳିବ।

**ମୀନ** ଗଜକେଶରୀ ଯୋଗ ପ୍ରଭାବରୁ ପ୍ରତ୍ୟେକ ଦିଗରୁ ବହୁବିଧ ସମ୍ମାନର ଅଧିକାରୀ ହେବେ। ଆକସ୍ମିକ ଭାବେ ସୃଷ୍ଟି ହୋଇଥିବା ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ। ଆମନ୍ତ୍ରିତ ହୋଇ ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ମାତି ରହିପାରନ୍ତି। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତାପ୍ରକଟ କରିବେ।

ଆଜି ଡିସେମ୍ବର ୩୦ ତାରିଖ, ପୌଷ ଶୁକ୍ଳ ଅଷ୍ଟମୀ ଶୁକ୍ରବାର, ରାଶିନକ୍ଷତ୍ର- ଦିବା ଘ.୧୧।୨୫ମି. ପର୍ଯ୍ୟନ୍ତ ଉତ୍ତରଭାଦ୍ରପଦ/ମୀନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୪ମି. ଗତେ ଘ.୦୭।୦୭ମି. ମଧ୍ୟେ, ଘ.୦୭।୫୦ମି. ଗତେ ଘ.୦୯।୦୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୨୭ ମି. ଗତେ ଘ.୧୧।୪୯ମି. ମଧ୍ୟେ ରାହୁକାଳ।




ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କୁ ନିମନ୍ତ୍ରଣ କରୁଛନ୍ତି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ।



ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ନିମନ୍ତ୍ରଣ କରୁଛନ୍ତି ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ।



ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହାଙ୍କୁ ଭେଟୁଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍।




ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନିମନ୍ତ୍ରଣ କରୁଛନ୍ତି।




କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କୁ ଭେଟୁଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।

# ବିଶ୍ୱକପ୍ ହକି: ଆଉ ୫ ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରଣ

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

ଆସନ୍ତା ଜାନୁୟାରୀ ୧୩ରୁ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହି ବିଶ୍ୱ କ୍ରୀଡ଼ା ଦେଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରଣ କରୁଛନ୍ତି। ଗତ ଦୁଇଦିନ ମଧ୍ୟରେ ୯ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ଗୁରୁବାର ଆଉ ୫ ଜଣ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି। ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହାଙ୍କୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କୁ କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ନିମନ୍ତ୍ରଣପତ୍ର ଓ ଜର୍ସି ଦେଇ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଛନ୍ତି।

## ୯ ଆଇଏଏସ୍ ଅଫିସରଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

ରାଜ୍ୟ ସରକାର ୨ ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ପ୍ରିନ୍ସିପାଲ ସେକ୍ରେଟାରି ଗ୍ରେଡ୍ ଲେଭଲ-୧୫କୁ ପଦୋନ୍ନତି ଦେଇଥିବା ବେଳେ ୭ ଜଣ ଆଇଏଏସ୍ ଅଫିସରଙ୍କୁ ସୁପରଟାଇମ ସ୍କେଲ୍(ଲେଭଲ-୧୪ ପେ ମାଟ୍ରିକ୍ସ)କୁ ପଦୋନ୍ନତି ଦେଇଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୮ ବ୍ୟାଚ୍ ଆଇଏଏସ୍ ଅଫିସର ସୁରେଶ କୁମାର ବଶିଷ୍ଠ ଓ ବିଶାଲ ଗଗନଙ୍କୁ ପ୍ରିନ୍ସିପାଲ ସେକ୍ରେଟାରି ଗ୍ରେଡ୍ ପେ' ମାଟ୍ରିକ୍ସ ଲେଭଲ-୧୫କୁ ପଦୋନ୍ନତି ଦିଆଯାଇଛି। ସେହିପରି ଆଇଏଏସ୍ ଅଫିସର ଅରବିନ୍ଦ ଅଗ୍ରୱାଲ, ବଲୱନ୍ତ ସିଂ, ସଚିନ ରାମଚନ୍ଦ୍ର ଯାଦବ, ରବୀନ୍ଦ୍ର ପ୍ରତାପ ସିଂ, ଜ୍ଞାନରଞ୍ଜନ ଦାସ, ରଞ୍ଜନ କୁମାର ଦାସ ଏବଂ ସଂଗ୍ରାମଜିତ ନାୟକଙ୍କୁ ସୁପର ଟାଇମ ସ୍କେଲ୍‌କୁ ପଦୋନ୍ନତି ଦିଆଯାଇଛି।

# ସଂଗ୍ରହାଳୟ ହେଉଛି ସୁନାଖଣି

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

### ରାଜ୍ୟ ସଂଗ୍ରହାଳୟର ୯୦ତମ ପ୍ରତିଷ୍ଠା ଦିବସ

- ବରିଷ୍ଠ ନାଗରିକଙ୍କ ପାଇଁ ବିଶ୍ରାମକକ୍ଷ
- ଟେରାକୋଟା ପ୍ରଦର୍ଶନୀ ସହ ପ୍ରହ୍ଲାଦ ନାଟକ
- ପାଇକ ବିଦ୍ରୋହର ଇଂଲିଶ ଭାଷାନ୍ତର ଉନ୍ମୋଚନ

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଗୁରୁବାର ତା'ର ୯୦ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ରାଜ୍ୟ ସଂଗ୍ରହାଳୟକୁ କିପରି ଉନ୍ନତୀକରଣ କରାଯାଇ ବିଶ୍ୱ ସ୍ତରୀୟ ସଂଗ୍ରହାଳୟରେ ପରିଣତ କରାଯାଇପାରିବ ସେ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ନ୍ୟାଶନାଲ ମନୁମେଣ୍ଟ ଅଥରିଟିର ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା ଯୋଗଦେଇ କହିଲେ, ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଲୋକେ କିଭଳି ସର୍ବୋତ୍କୃଷ୍ଟ ଅନୁଭବ ପାଇପାରିବେ ସେ ଦିଗରେ ସଂଗ୍ରହାଳୟ କାମ କରିବ। ଆମେ ପାଶ୍ଚାତ୍ୟ ସଂସ୍କୃତିକୁ ଦେଖିଲେ ମଧ୍ୟ ଓଡ଼ିଶାରେ ଯାହା ଅଛି ତାକୁ ନେଇ ଭଲ ପ୍ରଦର୍ଶନ କରିବା ଆବଶ୍ୟକ। ଏହା ଦୁର୍ଲଭ। ଏଥିରୁ ହିଁ ବହୁତ କିଛି ମିଳିପାରିବ। ତେଣୁ ସଂଗ୍ରହାଳୟକୁ ସେ ସୁନାଖଣି ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇଥିବାବେଳେ ସଂଗ୍ରହାଳୟ ଅଧ୍ୟକ୍ଷା ଭାଗ୍ୟଲିପି ମଲ୍ଲ ପ୍ରତିଷ୍ଠା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅତିଥିମାନେ ବରିଷ୍ଠ ନାଗରିକଙ୍କ ପାଇଁ ବିଶ୍ରାମକକ୍ଷକୁ ଉଦ୍‌ଘାଟନ କରିବା ସହ ଓଡ଼ିଶା ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ନାଲ ଓ ପ୍ରତ୍ନତତ୍ତ୍ୱ ବିବରଣାତ୍ମକ କ୍ୟାଟ୍‌ଲଗ୍ ଓ ପାଇକ ବିଦ୍ରୋହର ଇଂଲିଶ ଭାଷାନ୍ତରକୁ ଉନ୍ମୋଚନ କରିଥିଲେ। ଏଥିସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗଞ୍ଜାମରେ ଲୋପ ପାଇଯାଉଥିବା ପ୍ରହ୍ଲାଦ ନାଟକ ପରିବେଷଣ ହୋଇଥିଲା। ଶିଶୁପାଳଗଡ଼ର ମଡେଲ ଓ ଟେରାକୋଟା ପ୍ରଦର୍ଶନୀ ହୋଇଥିଲା। ଟେରାକୋଟାରେ ନିର୍ମିତ ନନ୍ଦିଘୋଷ ରଥ ଚକରେ ଶ୍ରୀଜଗନ୍ନାଥଙ୍କ ୩୨ବେଶ ରହିଥିଲା। ଏହାକୁ ନିର୍ମାଣ କରିଥିବା ଶିଳ୍ପୀ ସରୋଜ କୁମାର ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୦ଜଣ ଶିଳ୍ପୀଙ୍କୁ ନେଇ ଏକ ଗ୍ୟାଲେରି ଆର୍ଟିଷ୍ଟ ମାଇଣ୍ଡ୍‌ଜର ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଆନନ୍ଦ ପଞ୍ଚଲ, ନୂପୁର କୁଣ୍ଡୁ, ସଚିନ୍ ଜଲତାରେ, ଗୌତମ ମୁଖାର୍ଜୀ, ଜୟା ଜେନା, ବିମି ଖାନ୍, ଜଗନ୍ନାଥ ପଲ୍, କ୍ରିଷ୍ଣେନ୍ଦୁ ପୋରେଲ୍, ପ୍ରିତୀ ଚାନ୍ଦକ୍, ଭିମି ଇନ୍ଦ୍ରା ପ୍ରମୁଖ ଏଥିରେ ସାମିଲ ଥିଲେ।

# ଗୋପପୁରେ ନନ୍ଦୋତ୍ସବ, ମଥୁରାରେ କଂସ ବିବ୍ରତ

**ବରଗଡ଼ ଧନୁଯାତ୍ରା**

ମଥୁରାନଗରୀ/ଗୋପପୁର, ୨୯।୧୨

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ଗୁରୁବାର ଗୋପପୁରରେ ନନ୍ଦ ଦରବାର ଉଦ୍‌ଘାଟିତ ହୋଇଛି। ଏସ୍‌ଡ଼ିପିଓ ଅମ୍ରିତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ନନ୍ଦୋତ୍ସବ ଆରମ୍ଭ ହୋଇଥିଲା। ନନ୍ଦ ଭବନରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନନ୍ଦରାଜା ଓ ନନ୍ଦରାଣୀ ଶ୍ରୀକୃଷ୍ଣଙ୍କୁ ଧରି ଗୋପପୁର ପରିକ୍ରମା କରିଥିଲେ। ବାଟରେ ଶ୍ରୀକୃଷ୍ଣଙ୍କ ଦୋଳିଝୁଲା ଦୃଶ୍ୟକୁ ଲୋକେ ମନଭରି ଉପଭୋଗ କରିଥିଲେ। ଗୋପପୁର ପରିକ୍ରମା ସାରି ଶ୍ରୀକୃଷ୍ଣଙ୍କୁ ଧରି ନନ୍ଦରାଜା ଓ ନନ୍ଦରାଣୀ ଜିରା ନଦୀ କୂଳ ନନ୍ଦ ଦରବାରରେ ପହଞ୍ଚିଥିଲେ। ସେଠାକାର ନନ୍ଦ ଦରବାରକୁ ମଧ୍ୟ ଏସ୍‌ଡ଼ିପିଓ ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ଗୋପପୁର କମିଟିର ଆବାହକ ତଥା ଉପଜିଲାପାଳ ଲଲାଟ କୁମାର ଲୁହା, ବରଗଡ଼ ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷେ ମହାରାଜା କଂସ ରାଜମହଲରୁ ନିଜ ପାତ୍ରମନ୍ତ୍ରୀଙ୍କ ଗହଣରେ ମଥୁରା ପରିଭ୍ରମଣ କରିଥିଲେ ଏବଂ ବାଟରେ ଶ୍ୟାମେଶ୍ୱର ମହାଦେବଙ୍କ ଦର୍ଶନ କରିଥିଲେ। ସେଠାରୁ ଲୋକମଣ୍ଡପ ପଡ଼ିଆସ୍ଥିତ ରଙ୍ଗମହଲକୁ ଆସି ନାଚଗୀତରେ ମସଗୁଲ ହୋଇଥିଲେ। ଏହାସହିତ ଧନୁଯାତ୍ରା ଅବସରରେ ହୋଇଥିବା ରଙ୍ଗୋଲି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସେ ପୁରସ୍କୃତ କରିଥିଲେ। ପରେ କଂସ ହାଟପଦାସ୍ଥିତ ରାଜଦରବାର ମଞ୍ଚକୁ ଯାଇଥିଲେ। ଦେବକୀଙ୍କ ଅଷ୍ଟମ ସନ୍ତାନ ଜାତହେବା ଶୁଣି କଂସ ବ୍ୟସ୍ତ ବିବ୍ରତ ହୋଇ କାରାଗାରକୁ ଯାଇଥିଲେ। ତେବେ ସେ ଯେ ପୁତ୍ର ନୁହେଁ ଏକ କନ୍ୟା ସନ୍ତାନ ଜାଣିପାରି ସେ ଶୁଣିଥିବା ଦୈବୀବାଣୀ ମିଛ ବୋଲି ମଥୁରାଧିପତି ଆଶ୍ୱସ୍ତି ଲାଭ କରିଥିଲେ। କିନ୍ତୁ ଅଷ୍ଟମ ଗର୍ଭର ସନ୍ତାନକୁ ପ୍ରଶ୍ରୟ ଦେବେ ନାହିଁ ବୋଲି ବିଚାର କରି ଦେବକୀଙ୍କ କୋଳରୁ ତାକୁ ଛଡାଇଆଣି କାରାଗାର ଶିଳାଖଣ୍ଡରେ କଚାଡ଼ି ଦେଇଥିଲେ। ମାତ୍ର ସେହି କନ୍ୟା ବିଜୁଳି ପରି ହାତରୁ ଖସିଯାଇ ଅଟ୍ଟହାସ୍ୟ କରିଥିଲେ। ଆଉଥରେ ଶୂନ୍ୟବାଣୀ ହୋଇଥିଲା ଏବଂ ଏହା ମହାରାଜାଙ୍କ ମନକୁ ଅଶାନ୍ତ କରିପକାଇଥିଲା। ମନକୁ ଶାନ୍ତି କରିବା ପାଇଁ ମଥୁରାଧିପତି ପୁଣି ନୃତ୍ୟଗୀତରେ ମସଗୁଲ ରହିଥିଲେ। ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ଏବଂ ସମ୍ବଲପୁର ଡିଆର୍‌ଏମ୍ ବିନୀତ ସିଂ ରାଜ ଅତିଥି ଭାବେ ଯୋଗ ଦେଇଥିଲେ।



ନନ୍ଦରାଜା ଓ ନନ୍ଦରାଣୀ ଶ୍ରୀକୃଷ୍ଣଙ୍କୁ ଧରି ଗୋପପୁର ପରିକ୍ରମା କରୁଛନ୍ତି।

# ଓକିଲଙ୍କ ଜାମିନ, କୋର୍ଟକାର୍ଯ୍ୟ ସ୍ୱାଭାବିକ କରିବାକୁ ପ୍ରୟାସ




ମଞ୍ଚାସୀନ ବିଭିନ୍ନ ଓକିଲ ସଂଘର କର୍ମକର୍ତ୍ତାମାନେ।

### ପଶ୍ଚିମ ଓଡ଼ିଶା ଓକିଲସଂଘ ସମୂହ ସମ୍ମିଳନୀ

ଝାରସୁଗୁଡ଼ା ଅଫିସ, ୨୯।୧୨

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଚାଲିଥିବା ଆନ୍ଦୋଳନ ଗତ ୧୨ତାରିଖରେ ଉଗ୍ରରୂପ ଧାରଣ କରିଥିଲା। ସମ୍ବଲପୁର କୋର୍ଟ ପରିସରରେ ଭଙ୍ଗାରୁଜା ସହ ବିଚାରପତିଙ୍କୁ ବାହାର କରିଦେବା ଭଳି ଘଟଣା ଘଟିଥିଲା। ଏହି ଘଟଣାରେ ପୋଲିସ ୩୦ଜଣ ଓକିଲଙ୍କ ସମେତ ମୋଟ ୩୯ଜଣଙ୍କୁ ଗିରଫ କରିଥିବାବେଳେ ସମସ୍ତେ ଜେଲ୍‌ରେ ଅଛନ୍ତି। ଏ ନେଇ କୋର୍ଟରେ ୨ଥର ଜାମିନ ଆବେଦନ ହୋଇଥିଲେ ମଧ ତାହା ନାମଞ୍ଜୁର ହୋଇଛି। ଏହାର ପ୍ରତିବାଦରେ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଫଳରେ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏଭଳି ସ୍ଥିତିରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବା ସହ ଓକିଲଙ୍କ କିଭଳି ଜାମିନ ହେବ ସେ ନେଇ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ ତରଫରୁ ପ୍ରୟାସ ଆରମ୍ଭ ହୋଇଛି। ଏହି ଅବସରରେ ଝାରସୁଗୁଡା ଜିଲା ଓକିଲ ସଂଘ ଆହ୍ୱାନକ୍ରମେ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ଗୁରୁବାର ସଭାପତି ତ୍ରିନାଥ ଗୁଆଲଙ୍କ ଅଧ୍ୟକ୍ଷତାରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର, ସୁନ୍ଦରଗଡ, ରାଜଗାଙ୍ଗପୁର, କୁଚିଣ୍ଡା, ବରପାଲି, ଝାରସୁଗୁଡା ଆଦି ଓକିଲ ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ। ସୁନ୍ଦରଗଡ ଓକିଲ ସଂଘ ସଭାପତି କମଳ ସେନ୍, ବରିଷ୍ଠ ଓକିଲ ଅଶୋକ ଦାସ, ସମ୍ବଲପୁରର ଓକିଲ ପ୍ରମୋଦ ଦାଶ, କୁଚିଣ୍ଡା ଓକିଲ ସଂଘ ସଭାପତି ପ୍ରମୋଦ ଛୁରିଆ, ବରପାଲି ଓକିଲ ସଂଘ ପୂର୍ବତନ ସଭାପତି ରବୀନ୍ଦ୍ର ପଣ୍ଡା, ରାଜଗାଙ୍ଗପୁର ଓକିଲ ସଂଘ ସଭାପତି ଡି.କେ. ହାଜରା, ଝାରସୁଗୁଡା ଓକିଲ ସଂଘ ପୂର୍ବତନ ସଭାପତି ତାପସରାୟ ଚୌଧୁରୀ, ସନ୍ଦୀପ ଅବସ୍ଥି, ବିନୟ ଭୂଷଣ ବହିଦାର ପ୍ରମୁଖ ଉପସ୍ଥିତ ରହି ଓକିଲଙ୍କ ଗିରଫଦାରିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାକୁ ଝାରସୁଗୁଡା ଜିଲା ଓକିଲ ସଂଘ ସମ୍ପାଦକ ତୁଳସୀ ଦାଶ ପରିଚାଳନା କରିଥିଲେ। ସୁନ୍ଦରଗଡର ନିମାଇଁ ଚରଣ ନାୟକ, ସମ୍ବଲପୁରର ପ୍ରମୋଦ ରଥ, ନିରଞ୍ଜନ ତ୍ରିପାଠୀ, କୁଚିଣ୍ଡାର ରବୀନ୍ଦ୍ର ପରିଡା ପ୍ରମୁଖ ଓକିଲମାନେ ନିଜନିଜର ମତ ରଖିଥିଲେ। ଏହି ମତାମତକୁ ନେଇ ସିଏସି (କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି) ସହିତ ଆଲୋଚନା କରାଯାଇ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ। ଏକ ପ୍ରତିନିଧି ଦଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସୁପ୍ରିମକୋର୍ଟ ଓ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବେ ବୋଲି ସମ୍ମିଳନୀରେ ଆଲୋଚନା ହୋଇଛି। ଶେଷରେ ଓକିଲ ପଦ୍ମନାଭ ମାଳି ଧନ୍ୟବାଦ ଦେଇଥିଲେ।

# ଶିକ୍ଷାନୁଷ୍ଠାନ ନାମଫଳକ ଓଡ଼ିଆରେ ଲେଖିବାକୁ ପୁଣି ନିର୍ଦ୍ଦେଶ

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନର ନାମଫଳକ ଓଡ଼ିଆରେ ଲେଖିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଅଧିକାଂଶ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଏହାକୁ ମାନୁନାହାନ୍ତି। ପୂର୍ବପରି ଇଂଲିଶ ଭାଷାରେ ଲେଖାଥିବା ଫଳକ ଶିକ୍ଷାନୁଷ୍ଠାନରେ ରହିଛି। କେତେକ ସ୍ଥାନରେ ଓଡ଼ିଆ ଭାଷାର ଚିହ୍ନବର୍ଣ୍ଣ ବି ନାହିଁ। ତେଣୁ ଓଡ଼ିଆରେ ଶିକ୍ଷାନୁଷ୍ଠାନ ନାମଫଳକ ଲେଖିବାକୁ ସରକାର ପୁଣି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସବୁ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକର ନାମଫଳକ ଓଡ଼ିଆ ଭାଷାରେ ଲେଖାଯିବ। ଆସନ୍ତା ୩୦ଦିନ ମଧ୍ୟରେ ଏହି ସରକାରୀ ନିର୍ଦ୍ଦେଶର ଅନୁପାଳନ କରି ସରକାରଙ୍କ ଅବଗତି ନିମନ୍ତେ ଜଣାଇବାକୁ କୁହାଯାଇଛି। ଏନେଇ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ଚିଠି ଲେଖି ଜଣାଇଛନ୍ତି। ଭାରତର ପ୍ରତ୍ୟେକ ରାଜ୍ୟରେ ଇଂଲିଶ ଭାଷା ସହିତ ପ୍ରାଦେଶିକ ଭାଷାକୁ ଗୁରୁତ୍ୱ ଦିଆଯାଉଛି। ସମସ୍ତ ଶିକ୍ଷାନୁଷ୍ଠାନର ନାମଫଳକ ଇଂଲିଶ ସହିତ ପ୍ରାଦେଶିକ ଭାଷାରେ ଲେଖାଯାଉଛି। ତଦନୁଯାୟୀ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନେର ନାମଫଳକ ଓଡ଼ିଆ ଭାଷାରେ ଲେଖାଗଲେ ଓଡ଼ିଆ ଭାଷାର ଗୌରବ ଓ ସମ୍ମାନ ଅକ୍ଷୁଣ୍ଣ ରହିବ। ଏହାକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ସହିତ ଅଧିକାରୀଙ୍କ ନାମଫଳକ ଆଦି ଓଡ଼ିଆ ଭାଷାରେ ନିର୍ଭୁଲ୍ ଲେଖିବା ପାଇଁ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଆସନ୍ତା ୩୦ ଦିନ ମଧ୍ୟରେ ଏହି ନିର୍ଦ୍ଦେଶର ଅନୁପାଳନ କରି ସରକାରଙ୍କ ଅବଗତି ନିମନ୍ତେ ଜଣାଇବାକୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ଗତ ଏପ୍ରିଲରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମାନ ନିର୍ଦ୍ଦେଶ ଜାରି ହୋଇଥିଲା। ଉନ୍ନୟନ କମିଶନର ପ୍ରଦୀପ ଜେନା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଶିକ୍ଷାନୁଷ୍ଠାନ ନାମଫଳକ ଓଡ଼ିଆରେ ଲେଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତିନି ସପ୍ତାହ ମଧ୍ୟରେ ନିର୍ଦ୍ଦେଶର ଅନୁପାଳନ ନେଇ ସରକାରଙ୍କୁ ଜଣାଇବାକୁ ମଧ କୁହାଯାଇଥିଲା। ହେଲେ ଏହି ନିର୍ଦ୍ଦେଶକୁ ଅଧିକାଂଶ ଶିକ୍ଷାନୁଷ୍ଠାନ ମାନି ନ ଥିବା ଜଣାପଡ଼ିଛି। ଏବେବି ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରେ କେବଳ ଇଂଲିଶ ଫଳକ ଶୋଭାପାଉଛି। ଏବେ ସରକାର ପୁଣିଥରେ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏବେ ନିର୍ଦ୍ଦେଶ ନ ମାନିଲେ କାର୍ଯ୍ୟାନୁଷ୍ଠାନ ହେବ ନା ଏମିତି ବାରମ୍ବାର କେବଳ ଚିଠି ଲେଖାଯାଉଥିବ ତାହାକୁ ନେଇ ଆଲୋଚନା ଚାଲିଛି।









ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। -ଶ୍ରୀମା

# ସହନୀୟ ଓ ସମାବେଶୀ ଅଭିବୃଦ୍ଧି




ସିଭେନ୍ ସ୍ମିଥ୍
କୋ- ଚେୟାରମ୍ୟାନ, ମ୍ୟାକିନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍

ଅନୁ ମାଡଗାଭ୍‌କର
ପାର୍ଟନର, ମ୍ୟାକିନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍

ନଭେମ୍ବରରେ ଇଣ୍ଡୋନେସିଆର ବାଲିରେ ବି୨୦ ବିଶ୍ୱ ବାଣିଜ୍ୟ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଠାରେ ବିଶ୍ୱର ଅନେକ କର୍ପୋରେଟ ସିଇଓ ଓ ରାଷ୍ଟ୍ରମୁଖ୍ୟ ଏକାଠି ହୋଇଥିଲେ। ଚଳିତ ବର୍ଷ କାର୍ଯ୍ୟକ୍ରମ ପରିବେଶ ସହନୀୟ, ସମାବେଶୀ ଏବଂ ଆର୍ଥିକ ଅଭିବୃଦ୍ଧି ଭଳି ତିନୋଟି ପରସ୍ପର ସମ୍ପର୍କିତ ଲକ୍ଷ୍ୟ ଉପରେ କେନ୍ଦ୍ରିତ ରହିଥିଲା। ବାସ୍ତବରେ ନିଜ ନିଜ ମଧ୍ୟରେ ବିବାଦରୁ ଦୂରେଇ ରହିଲେ ଏହି ତିନୋଟି ଲକ୍ଷ୍ୟ ପାରସ୍ପରିକ ସହଯୋଗରେ ମଜଭୁତ ହୋଇପାରିବ। ଏକ ସହନୀୟ ତଥା ପରିବେଶ ଉପଯୋଗୀ ବିଶ୍ୱ ଏବକାର ଜଳବାୟୁ ପରିବର୍ତ୍ତନକୁ ରୋକିବା ସହ ଗଚ୍ଛିତ ପ୍ରାକୃତିକ ସଂସାଧନ ଓ ଜୈବବିବିଧତା ସଂରକ୍ଷଣ କରିପାରିବ। ସମାବେଶୀ ମନୋଭାବ ଅର୍ଥାତ୍ ସବୁ ପ୍ରକାର ଲୋକ, ବିଚାର କିମ୍ବା ପ୍ରସଙ୍ଗକୁ ସମାନ ବା ଉଚିତ ମନେକରିବା ଦ୍ୱାରା ଆର୍ଥିକ ସୁଯୋଗ ଏବଂ ପ୍ରତ୍ୟେକଙ୍କ ପାଇଁ ସହଭାଗୀ ପ୍ରଗତି ସୃଷ୍ଟି ହେବ। ହେଲେ କେତେକେ ବିଶ୍ୱାସ କରୁଛନ୍ତି ଆର୍ଥିକ ଅଭିବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଲଢ଼େଇ ସମ୍ପୂର୍ଣ୍ଣ ଭିନ୍ନ ବା ବିପରୀତ ବିଷୟ । ଏହା ଠିକ୍ ନୁହେଁ। ଏକ ପରିବେଶ ଉପଯୋଗୀ , ସମାବେଶୀ ବିଶ୍ୱ ଗଠନ କରିବାକୁ ଠିକ୍ ଭାବେ ଉପଯୋଗ ହେଲା ଭଳି ଆର୍ଥିକ ସଂସାଧନ ସୃଷ୍ଟି କରିବା ଦରକାର।

ଆଗକୁ ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ଲାଗି କେଉଁ ସୁଯୋଗ ରହିଛି ତାହା ଆକଳନ କରିବା ପାଇଁ ଦୁଇଟି ଅତି ଦରକାରୀ ତଥା ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କକୁ ନିରୀକ୍ଷଣ କରିଥିଲୁ। ପ୍ରଥମରେ ପରିବେଶ ସହନୀୟ ପଦକ୍ଷେପରେ ଦୃଶ୍ୟମାନ ପ୍ରଭେଦ ବା ଅନ୍ତର (ସଷ୍ଟେନେବିଲିଟି ଗ୍ୟାପ୍) ଉପରେ ଆମେ ଅନୁଧ୍ୟାନ କରିଥିଲୁ। ପ୍ରତ୍ୟେକ ଦେଶ ୨୦୫୦ ସୁଦ୍ଧା ଶୂନ ନିର୍ଗମନ ସ୍ତର ହାସଲ କରିବା ଲାଗି ଟେକ୍‌ନୋଲୋଜିରେ ଅତିରିକ୍ତ ନିବେଶ କରିବା ଦରକାର। ହେଲେ ଏଥିରେ ଭିନ୍ନତା ଦେଖାଯାଇଛି। ୨୦୩୦ ସୁଦ୍ଧା ବିଶ୍ୱ ତାପନକୁ ବିପଜ୍ଜନକ ସ୍ତରକୁ ନ ବଢାଇ କାର୍ବନ ନିର୍ଗମନ ହ୍ରାସ କରିବା ( କାର୍ବନ ବଜେଟ) ଧାରାକୁ ଦେଖିଲେ ଜଣାଯାଏ ଯେ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶ ଲାଗି ଆଉ କମ୍ ସମୟ ରହିଛି। ଏଣୁ ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରି ଶୂନ ସ୍ତରକୁ ଆଣିବାକୁ ହେଲେ ଚଳିତ ଦଶନ୍ଧି ସୁଦ୍ଧା ନିର୍ଣ୍ଣାୟକ ପଦକ୍ଷେପ ନେବାକୁ ପଡ଼ିବ। ଅନ୍ୟ ଏକ ସୂଚକାଙ୍କ ହେଉଛି ସଶକ୍ତୀକରଣର ଅନ୍ତର କିମ୍ବା ଅସମାନତା( ଏମ୍ପାୱାରମେଣ୍ଟ ଗ୍ୟାପ୍)। ଖାଦ୍ୟ, ଶକ୍ତି ଭଳି ମୌଳିକ ଆବଶ୍ୟକତା ପୂରଣ କରିବା ଲାଗି ସମାନ ବ୍ୟୟ ସ୍ତର ଦରକାର। କିନ୍ତୁ ଏଥିରେ ମଧ୍ୟ ଅନ୍ତର ରହିଛି। ଆକଳନ ଅନୁଯାୟୀ, ଗରିବ ଦେଶଗୁଡ଼ିକରେ ମୌଳିକ ଆବଶ୍ୟକତା ପୂରଣ କରିବା ଲାଗି ଦୈନିକ ବ୍ୟୟ ପରିମାଣ ଦିନକୁ ୧୧ ଡଲାର ଥିବାବେଳେ ଧନୀ ଦେଶଗୁଡ଼ିକରେ ଏହା ୫୫ ଡଲାର । ଯଦି ବିଶ୍ୱରେ ପ୍ରତ୍ୟେକ ପରିବାର ୨୦୩୦ ସୁଦ୍ଧା ଓ ପ୍ରତ୍ୟେକ ବୟସ୍କ ୨୦୫୦ ସୁଦ୍ଧା ବ୍ୟୟର ଏହି ସ୍ତରରେ ପହଞ୍ଚିବେ ତେବେ ଦାରିଦ୍ର୍ୟରୁ ମୁକୁଳିବା ସହ ଆର୍ଥିକ ସୁରକ୍ଷା ଆସିବ। ଏ କ୍ଷେତ୍ରରେ ବି ଚଳିତ ଦଶନ୍ଧି ଶେଷ ହେବା ପୂର୍ବରୁ ବ୍ୟାପକ ପରିବର୍ତ୍ତନ ଆଣିବାକୁ ପଡ଼ିବ। ତେବେ ଉଭୟ ଲକ୍ଷ୍ୟରେ ପହଞ୍ଚିବା ଲାଗି ଆମକୁ ଆର୍ଥିକ ଅଭିବୃଦ୍ଧି ହିଁ ସାହାଯ୍ୟ କରିବ। ଫଳରେ ବିଶ୍ୱରେ ଗରିବ ପରିବାରଗୁଡ଼ିକୁ ମଧ୍ୟବିତ୍ତ ସ୍ତରକୁ ଆଣିବା ଲାଗି ସବୁ ସରକାର ଅଭିବୃଦ୍ଧିର କିଛି ଆୟ ବ୍ୟୟ କରିବା ସହ ସବୁଜ ଭିତ୍ତିଭୂମି ନିର୍ମାଣ କରିବାରେ ଏଥିରୁ କିଛି ଦେଇପାରିବେ।




ବି୨୦ ସମ୍ମିଳନୀରେ ଆମେ ଉପସ୍ଥାପନ କରିଥିବା ଗବେଷଣାଭିତ୍ତିକ ରିପୋର୍ଟ ଦର୍ଶାଏ ଯେ, ପରିବେଶ ସହନୀୟ ଏବଂ ସଶକ୍ତୀକରଣ କ୍ଷେତ୍ରରେ ଥିବା ଅସମାନତାକୁ କେବଳ ଅଭିବୃଦ୍ଧି ସମ୍ପୂର୍ଣ୍ଣ ଦୂର କରିପାରିବ ନାହିଁ। ଜାଣିବାକୁ ପାଇଲୁ ଯେ, ବିଭିନ୍ନ ଅଞ୍ଚଳ ଓ ଦେଶ ଯଦି ସେମାନଙ୍କ ଏବକାର ବ୍ୟୟ ସ୍ତର ବଜାୟ ରଖନ୍ତି, ତେବେ ୨୦୩୦ ସୁଦ୍ଧା ସେମାନଙ୍କ ମଧ୍ୟରୁ କେତେକ ସଶକ୍ତୀକରଣ କ୍ଷେତ୍ରରେ ଥିବା ଅଧାରୁ ଅଧିକ ଅସମାନତା ଦୂର କରିପାରିବେ। ହେଲେ କେହି ବି ସହନୀୟତା କ୍ଷେତ୍ରରେ ଏତିକି କରିବାକୁ ସକ୍ଷମ ହେବେ ନାହିଁ। ଉଦାହରଣ ସ୍ୱରୂପ, ଆମେରିକାରେ ସଶକ୍ତୀକରଣ ଅନ୍ତର ୫ ଟ୍ରିଲିୟନ ଡଲାର ଓ ସହନୀୟ ଅନ୍ତର ୫.୬ ଟ୍ରିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ଚଳିତ ଦଶନ୍ଧିରେ ବାକି ଥିବା ବର୍ଷଗୁଡ଼ିକରେ ଯଦି ଆମେରିକାର ଅର୍ଥ ବ୍ୟବସ୍ଥା ବାର୍ଷିକ ୨.୧% ହାରରେ ଅଭିବୃଦ୍ଧି ହାସଲ କରେ, ତେବେ ୨୦୩୦ ସୁଦ୍ଧା ଏହା ସଶକ୍ତୀକରଣ କ୍ଷେତ୍ରରେ ଥିବା ଅନ୍ତରକୁ ୩୬% ଦୂର କରିବା ସହ ପରିବେଶ ସହନୀୟତାରେ ଦୃଶ୍ୟମାନ ଅନ୍ତରକୁ ୭% କମ୍ କରିପାରିବ। ଆକଳନ କରାଯାଇଛି ଯେ,ସାହାରା ମରୁଭୂମିର ଦକ୍ଷିଣରେ ଥିବା ଆଫ୍ରିକୀୟ ଦେଶଗୁଡ଼ିକରେ ସଶକ୍ତୀକରଣ ଅନ୍ତର ୧୦.୩ ଟ୍ରିଲିୟନ ଡଲାର ଓ ପରିବେଶ ସହନୀୟ ଅନ୍ତର ମୋଟରେ ୬୦୦ ବିଲିୟନ ଡଲାର; ଯାହା ବହୁ ଅଧିକ। ତେବେ ଦର୍ଶାଯାଇଥିବା ଏବକାର ଅଭିବୃଦ୍ଧି ସେଠାରେ ସଶକ୍ତୀକରଣ ଅନ୍ତରକୁ ୬% ଓ ପରିବେଶ ସହନୀୟ ଅନ୍ତରକୁ ୨୫% କମାଇପାରିବ ବୋଲି ଆଶା। ପ୍ରକୃତରେ ଏହିସବୁ ଅନ୍ତର ହ୍ରାସ କରିବା ଲାଗି ଅତିରିକ୍ତ ପଦକ୍ଷେପ ନେଇ ଆର୍ଥିକ ଅଭିବୃଦ୍ଧିକୁ ଅଧିକ ବଢ଼ାଇବାକୁ ହେବ। କିଛି ଦେଶ ଏଭଳି ପଦକ୍ଷେପ ନେବା ଆରମ୍ଭ କରୁଛନ୍ତି। ସେମାନଙ୍କ ବ୍ୟବସାୟଭିତ୍ତିକ ନୂତନତ୍ୱ ଏବକାର ଅଭିବୃଦ୍ଧି ମଡେଲକୁ ନିଶ୍ଚିତ ଅଧିକ ସମାବେଶୀ ଓ ପରିବେଶ ସହନୀୟ କରିପାରିବ । ଏହାସହ ଜି୨୦ରେ ଥିବା ବୃହତ୍ କମ୍ପାନୀଗୁଡ଼ିକ ଗବେଷଣା ଓ ବିକାଶ କ୍ଷେତ୍ରରେ ବର୍ଷକୁ ୨ ଟ୍ରିଲିୟନ ଡଲାରରୁ ଅଧିକ ବ୍ୟୟ କରୁଛନ୍ତି ; ଯାହା ନୂଆ ଟେକ୍‌ନୋଲୋଜି ବିକାଶ କରିବାରେ ଏବଂ ସହ ସବୁଜ ଗୃହବାଷ୍ପ ନିର୍ଗମନ କମ୍ କରି ପରିବେଶ ଉପଯୋଗୀ ସ୍ଥିତି ଫେରାଇବାରେ ହେଉଥିବା ଖର୍ଚ୍ଚ କମ୍ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଯେତେବେଳେ ଏହିସବୁ ପଦକ୍ଷେପ କାର୍ଯ୍ୟକାରୀ କରାଯିବ ସେତେବେଳେ ସେଗୁଡ଼ିକ ପରିବେଶ ସହନୀୟତା ପାଇଁ ଆର୍ଥିକ ଅଭିବୃଦ୍ଧିକୁ ନୂଆ ଦିଗ ଦେଖାଇବ। ଏହା ମଧ୍ୟ ସବୁଜ ଉତ୍ପାଦ ପ୍ରତି ଉପଭୋକ୍ତାଙ୍କ ପସନ୍ଦ ବଢ଼ାଇବ, ଯାହା ଦୁଇ ତିନି ବର୍ଷରେ ବୈଦ୍ୟୁତିକ ଯାନ ଉତ୍ପାଦକମାନେ କରିପାରିଛନ୍ତି। ବ୍ୟବସାୟଭିତ୍ତିକ ନୂତନତ୍ୱ ବି କର୍ମଚାରୀମାନଙ୍କ ଆୟ ବୃଦ୍ଧି କରି ସଶକ୍ତୀକରଣ ଅନ୍ତର ଦୂର କରିପାରିବ। ସରକାର ଓ ସମାଜସେବାରେ କାର୍ଯ୍ୟରତ ସଂସ୍ଥା ସବୁ ମଧ୍ୟ ପରିବେଶ ସହନୀୟତା ଓ ସମାବେଶୀ ପଦକ୍ଷେପ ପାଇଁ ପ୍ରୋତ୍ସାହନ ଏବଂ ସାର୍ବଜନୀନ ସଂସାଧନଗୁଡ଼ିକୁ ସଞ୍ଚାଳନ କରିବାକୁ ସକ୍ଷମ ହେବେ। ଉଦାହରଣ ସ୍ୱରୂପ,ବିଭିନ୍ନ ଦେଶର ସରକାର ସହନୀୟ ପ୍ରୋଜେକ୍ଟଗୁଡ଼ିକ ପାଇଁ ଘରୋଇ ନିବେଶକୁ ଆମନ୍ତ୍ରଣ କରି ଅଧିକ ପୁଞ୍ଜି ଖଟାଇପାରିବେ । କମ୍ ନିର୍ଗମନ କରୁଥିବା ପ୍ରୋଜେକ୍ଟଗୁଡ଼ିକ ପାଇଁ କାର୍ବନ ଟ୍ୟାକ୍ସ ଏବଂ ସବ୍‌ସିଡି ବ୍ୟବସ୍ଥା ମଧ୍ୟ ନିବେଶକଙ୍କୁ ପରିବେଶ ସହନୀୟ ଅନ୍ତର ହ୍ରାସ କରିବାକୁ ପ୍ରେରିତ କରିବ। ଅନ୍ୟପକ୍ଷରେ ସରକାରଗୁଡ଼ିକ ଅଧିକ ପରିବାରକୁ ସଶକ୍ତୀକରଣ ସୀମା ଉପରକୁ ଉଠାଇବା ଲାଗି ଡାଇରେକ୍ଟ ଟ୍ରାନ୍ସଫର ପେମେଣ୍ଟ ଉପଯୋଗ କରିପାରିବେ।

ଦୁର୍ଭାଗ୍ୟବଶତଃ,ବିଶ୍ୱରେ ଏବେ ସଶକ୍ତୀକରଣ ଓ ପରିବେଶ ସହନୀୟତାରେ ଦୃଶ୍ୟମାନ ଅନ୍ତର ହଠାତ୍ ଦୂର କରାଯାଇ ପାରିବନାହିଁ। ସେଥିପାଇଁ ସମସ୍ତଙ୍କୁ ସମ୍ମିଳିତ ଭାବେ ପ୍ରେରିତ କରାଯିବା ଉଚିତ। କମ୍ପାନୀଗୁଡ଼ିକ ସବୁଆହ୍ୱାନକୁ ଗ୍ରହଣ କରି ନୂତନତ୍ୱ ଆଣିବା ଉଚିତ। ସେହିପରି ସରକାର ଓ ସମାଜ ସେବାରେ ବ୍ରତୀ ସଂସ୍ଥାଗୁଡ଼ିକ ମାର୍କେଟର ଅଭାବ ରହିଥିବା ଅଞ୍ଚଳଗୁଡ଼ିକ ଉପରେ ଧ୍ୟାନ ଦେବା ଆବଶ୍ୟକ। ଯଦି ବ୍ୟବସାୟ,ସାର୍ବଜନୀନ ଓ ସାମାଜିକ ସେକ୍ଟର ସବୁ ଏକାଠି କାମ କରନ୍ତି, ତେବେ ବିଶ୍ୱ ଜରୁରୀ ଭିତ୍ତିରେ ଆବଶ୍ୟକ କରୁଥିବା ଏକ ପରିବେଶ ସହନୀୟ ଏବଂ ସମାବେଶୀ ଅଭିବୃଦ୍ଧି ସୃଷ୍ଟି କରିପାରିବା।

## ରକ୍ଷକ ଯଦି ଭକ୍ଷକ ହୁଏ



ବିମଳ ପ୍ରସନ୍ନ ଦାସ

ଆଉ କେତୋଟି ଦିନ ପରେ ବର୍ଷ ୨୦୨୨ ବିଦାୟ ନେବ। ମାତ୍ର ସମୟର ବାଲୁକାରେ କେତେ ଘଟଣା, ଅଘଟଣ, ଦୁର୍ଘଟଣାର ଅଲିଭା ପଦଚିହ୍ନ ଛାଡ଼ିଯିବ। ସେଥି ମଧ୍ୟରୁ ଐତିହ୍ୟ ପ୍ରାଣୀ ଗଜରାଜ- ଯିଏ ଆମ ଶ୍ରୀଜଗନ୍ନାଥ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ, ତା’ ପାଇଁ ୨୦୨୨ ଅଭିଶାପର ବର୍ଷ। ଆହୁରି ଦୁଃଖଦ ଯେ ଆମେ ମଣିଷମାନେ ନିଜ ସଂସ୍କୃତିକୁ ତୁଚ୍ଛ କରି ଅର୍ଥ ଲୋଭରେ ଦନ୍ତାହାତୀକୁ ଖୋଜି ଖୋଜି ଶିକାର କରୁଛୁ। ଶିକାରୀମାନଙ୍କଠାରୁ ହାତୀକୁ କିଭଳି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ସରକାରଙ୍କୁ ବୁଦ୍ଧିବାଟ ଦିଶୁ ନ ଥିବାବେଳେ ଖୋଦ୍ ବନ କର୍ମଚାରୀ (ରକ୍ଷକ) ଶିକାରୀଙ୍କ ସହଯୋଗୀ ହୋଇ (ଭକ୍ଷକ) ପାଲଟି ଯାଇଛନ୍ତି ; ଯାହା ଶିମିଳିପାଳ ହାତୀ ହତ୍ୟା ଘଟଣାରୁ ଅତି ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଛି।

ଏହାକୁ ଅତି ସ୍ପର୍ଶକାତର ମନେକରି ହାଇକୋର୍ଟ ଗତ ୧୩।୧୨।୨୦୨୨ରେ ଜରୁରିକାଳୀନ ଶୁଣାଣି କରିଛନ୍ତି। ଓଡ଼ିଶାର ହାତୀଙ୍କ ପାଇଁ ବୋଧହୁଏ ଏହା ସବୁଠୁ ଖରାପ ବର୍ଷ ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଛନ୍ତି। ଏ ଯାବତ୍ ରାଜ୍ୟରେ ୬୧(ଏକଷଠି) ହାତୀଙ୍କ ଅକାଳ ମୃତ୍ୟୁ ହୋଇଥିବା ତାଙ୍କୁ ଆହତ କରିଛି।

ଶିମିଳିପାଳରେ ହନ୍ତାହତୀକୁ ହତ୍ୟାକରି ତା’ର ଦାନ୍ତକାଟି ଓ ସେ ହାତୀକୁ ପୋଡ଼ି ପ୍ରମାଣ ନଷ୍ଟ କରିବା ପରି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପ୍ରାଣୀପ୍ରେମୀ ଓ ପରିବେଶବିତ୍‌ମାନେ ଏ ସମ୍ପର୍କରେ କ୍ଷୋଭ ପ୍ରକାଶ କରିଛନ୍ତି। ହାଇକୋର୍ଟ ମଧ୍ୟ ଜଏଣ୍ଟ ଟାସ୍କ ଫୋର୍ସ କମିଟିର ମୁଖ୍ୟ ତଥା ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କୁ ଭର୍ତ୍ସନା କରିଛନ୍ତି, ୩(ତିନିଜଣ) ବନ କର୍ମଚାରୀଙ୍କୁ ନିଲମ୍ବିତ କରି ବନବିଭାଗ ଦାୟିତ୍ୱ ସାରି ଦେଇଥିବାବେଳେ ସେମାନଙ୍କ ବିରୋଧରେ କାହିଁକି ମାମଲା ରୁଜୁ ହୋଇନାହିଁ ବୋଲି ମାନ୍ୟବର ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଆସନ୍ତା ୨୨।୦୧।୨୦୨୩ରେ ଶୁଣାଣି ହେବ।

ଅନ୍ୟପକ୍ଷରେ ହାଇକୋର୍ଟଙ୍କ ଆଦେଶ ପରେ ଏସବୁ ମାମଲା ନୂଆମୋଡ଼ ନେବାର ସମ୍ଭାବନା ରହିଛି। ଜେଟିଏଫ୍ ମୁଖ୍ୟ ତଥା ପିସିସିଏଫ୍ (ବନ୍ୟପ୍ରାଣୀ) ହାଇକୋର୍ଟଙ୍କ ଆଗରେ ଉତ୍ତର ରଖିଲେ ଓ ମାନବସମ୍ବଳ ତଥା ଟେକ୍‌ନୋଲୋଜି ଅଭାବ ଆଦି ସମ୍ପର୍କରେ ଦର୍ଶାଇଲେ। ଏ ନେଇ ବ୍ୟବସ୍ଥା କରିବା ଦିଗରେ ରାଜ୍ୟ ସରକାରଙ୍କୁ ଜଣାଇ ଭିତ୍ତିଭୂମି ସୁଦୃଢ଼ କରିବାକୁ ହାଇକୋର୍ଟ କହିବା ସହ ହାତୀମୃତ୍ୟୁ ରୋକିବା ସୁନିଶ୍ଚିତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଲେ। ପିସିସିଏଫ୍ ସ୍ୱୀକାର କଲେ ଯେ ବନକର୍ମଚାରୀମାନେ ମୃତହାତୀଙ୍କୁ ପୋଡ଼ି ପାଉଁଶ ନାଳରେ ଭସାଇ ଦେଇଛନ୍ତି। ନିଲମ୍ବିତ ତିନିଜଣ ବନକର୍ମଚାରୀଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ କରାଯିବ।

ମାନ୍ୟବର ହାଇକୋର୍ଟଙ୍କ ଆଦେଶ ପରେ କେତେକ ଚର୍ଚ୍ଚିତ ମାମଲାରେ ନୂଆମୋଡ଼ ନେବାର ସମ୍ଭାବନା ଦେଖାଦେଇଛି। ନରସିଂହପୁର ୱେଷ୍ଟ ରେଞ୍ଜର ବାରାସିଂଘା ବିଟ୍‌ରେ ହାତୀକୁ ଜେସିବି ଲଗେଇ ମାଟି ଖୋଳି ପୋତିବା ଅପରାଧରେ ତତ୍କାଳୀନ ରେଞ୍ଜର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡଙ୍କୁ କେବଳ ନିଲମ୍ବନ କରାଯାଇଥିଲା। ବର୍ତ୍ତମାନ ସେ ୩ଜଣ ଗିରଫ ହେବେ ଯଦି ହାଇକୋର୍ଟଙ୍କ ଆଦେଶ ଠିକ୍ ଭାବରେ ପାଳନ ହୁଏ, କାରଣ ସେମାନେ ସରକାରୀ କର୍ମଚାରୀ ହୋଇ ମଧ୍ୟ ଏକ ଅପରାଧକୁ ଲୁଚାଇବାକୁ ଯାଇ ପ୍ରମାଣ ନଷ୍ଟ କରିଥିଲେ। ଅନୁରୂପ ଭାବରେ ସମ୍ବଲପୁର ଡିଭିଜନରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଯାଇ ଦୁଇ ଦୁଇଟି ହାତୀକଙ୍କାଳ ପୋଡ଼ା ଯାଇଥିବା ପର୍ଦ୍ଦାଫାଶ କରିଥିଲା। ମାତ୍ର ଛଅମାସ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଇନାହିଁ।ହାଇକୋର୍ଟଙ୍କରାୟପରେଏଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

ସ୍ଥାନୀୟ ଡିଏଫ୍‌ଓଙ୍କୁ ବାଦଦେଇ ଏକ ନିରପେକ୍ଷ ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ କରାଇବା ପାଇଁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦାବି କରୁଛନ୍ତି। କେବଳ ନିଲମ୍ବନ ଏପରି ଅପରାଧକୁ ନିଷେଧ କରିପାରିବ ନାହିଁ। କିଛିଦିନ ପରେ ନିଲମ୍ବିତ କର୍ମଚାରୀମାନେ ଚାକିରିକୁ ଫେରିବେ ଓ ପୁଣି ଏ ପ୍ରକାର ଅପରାଧ ଅବାଧରେ ଚାଲିବ। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ମାନ୍ୟବର ହାଇକୋର୍ଟଙ୍କ ରାୟ ସାରା ରାଜ୍ୟ ପାଇଁ ପ୍ରଯୁଜ୍ୟ ହୋଇଥିବାରୁ ସମ୍ବଲପୁର ଡିଏଫ୍‌ଓଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉ। ପୂର୍ବତନ ପିସିସିଏଫ୍ ଡ. ବିଜୟ କେତନ ପଟ୍ଟନାୟକଙ୍କ ପରାମର୍ଶ ‘ହାତୀ ପାଇଁ ହାତଟିଏ’ ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ। ଗଜରାଜ ବଞ୍ଚି ରହୁ ଓ ଶିକାରୀ ରୂପୀ କୁମ୍ଭୀରମାନଙ୍କର ତୁରନ୍ତ ବିଚାର ହେଉ- ଏତିକି ନୂଆବର୍ଷରେ ପ୍ରାର୍ଥନା।

ମୋ :୯୪୩୮୧୮୬୨୨୬

## ଏଇ ଭାରତରେ

ଦେଶୀ ଧାନ ଚାଷକୁ ବଞ୍ଚାଇ ରଖିବା ପାଇଁ କେରଳର ଚେରୁଭାୟାଲ ରମନଙ୍କ ପ୍ରୟାସ ପ୍ରଶଂସନୀୟ। ରମନଙ୍କ ବୟସ ଏବେ ୭୨। ପରିଣତ ବୟସରେ ବି ସେ ଧାନ ଚାଷରେ ପୂରା ସକ୍ରିୟ। ଦୀର୍ଘ ୨୦ ବର୍ଷ ସେ ଦେଶୀ ଧାନ ଚାଷରେ କଟାଇ ସାରିଲେଣି ଓ ଏହି ସମୟ ମଧ୍ୟରେ ୫୪ କିସମର ଧାନ ବିହନ ସଂରକ୍ଷଣ କରିବାରେ ସକ୍ଷମ ହୋଇପାରିଛନ୍ତି। ୱାୟନାଡାରେ କୁରୁଚିୟା ଆଦାବାସୀ ସମ୍ପ୍ରଦାୟର ରମନ ୨୦୦୦ରେ ପ୍ରଥମେ ଦେଢ଼ ଏକର ଜମିରେ ଦେଶୀ ଧାନ ଚାଷ କରିବା ଆରମ୍ଭ କରିଥିଲେ। ଏବେ ସେ ୪୦ ଏକର ଜମିରେ ଧାନ ଚାଷ କରୁଛନ୍ତି। ବଡ଼ କଥା ହେଉଛି, ସେ ବିଭିନ୍ନ କିସମର ବାସନା ଦେଶୀ ଧାନ ବିହନ ସଂରକ୍ଷଣ କରିପାରିଛନ୍ତି। ସବୁ ବିହନକୁ ସେ ତାଙ୍କ ୧୫୦ ବର୍ଷର ପୁରୁଣା ପୈତୃକ ମାଟିଘରେ ସାଇତି ରଖୁଛନ୍ତି। ରମନ ଏହି ଧାନ ବିହନକୁ ବିକ୍ରି ନ କରି ଚାଷୀମାନଙ୍କୁ ଏକ ସର୍ତ୍ତରେ ଉଧାର ଦେଉଛନ୍ତି। ଯେଉଁମାନେ ତାଙ୍କଠାରୁ ଧାନ ବିହନ ନେଉଛନ୍ତି ସେମାନେ ଅମଳ ପରେ ସେହି ପରମାଣର ଧାନ ବିହନ ରମନଙ୍କୁ ଫେରାଉଛନ୍ତି। ରମନଙ୍କ ଦେଶୀ ଧାନ ଚାଷ ଦେଖିବା ଲାଗି ଦେଶ ବିଦେଶରୁ ବହୁ ଲୋକ ତାଙ୍କ କ୍ଷେତକୁ ଆସୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଡିସେମ୍ବର ୧୯୯୭

- ଉତ୍ତର-ପୂର୍ବ ଚୀନର ଲିଆଓନିଙ୍ଗ ପ୍ରଦେଶରେ ନରହତ୍ୟା, ସଶସ୍ତ୍ର ଲୁଟ ଓ ରାହାଜାନୀ ଆଦି ଅପରାଧରେ ଜଡ଼ିତ ଥିବା ୨୯ ଜଣଙ୍କୁ ଫାଶୀ।
- ଦଳର ନେତା, କର୍ମୀ ଏବଂ ସମର୍ଥକମାନଙ୍କର ଆବେଦନକୁ ଅନୁଧ୍ୟାନ କରି କଂଗ୍ରେସ ଦଳର ସାଙ୍ଗଠନିକ ବ୍ୟାପାରରେ ସକ୍ରିୟ ଭୂମିକା ଗ୍ରହଣ କରିବା ନେଇ ସୋନିଆ ଗାନ୍ଧୀଙ୍କ ଘୋଷଣା।
- ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ ଜିଲା ଅନ୍ତର୍ଗତ ପାଚିକୋଣ୍ଡା ନିକଟରେ ଶାସକ ତେଲୁଗୁ ଦେଶମ ପାର୍ଟିର କର୍ମୀଙ୍କ ସଶସ୍ତ୍ର ଆକ୍ରମଣରେ ୫ କଂଗ୍ରେସ କର୍ମୀ ନିହତ।

## ସୁ-ଡୋ-କୁ

su|do|ku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | 8 | | | |
| | | | 6 | | | | 1 | |
| | 2 | 7 | | | 5 | | | 8 |
| | | | | | 9 | | 6 | 5 |
| | 3 | | | | | | | 2 |
| 2 | 4 | | | 5 | 1 | | | |
| 3 | | | | 4 | | 5 | | |
| | | | | | | | | 1 |
| | | | | | | 9 | 7 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 8 | 4 | 1 | 9 | 2 | 7 | 6 |
| 4 | 1 | 6 | 2 | 5 | 7 | 3 | 9 | 8 |
| 9 | 2 | 7 | 3 | 6 | 8 | 4 | 5 | 1 |
| 6 | 9 | 3 | 1 | 4 | 5 | 8 | 2 | 7 |
| 2 | 4 | 5 | 8 | 7 | 6 | 1 | 3 | 9 |
| 8 | 7 | 1 | 9 | 3 | 2 | 6 | 4 | 5 |
| 5 | 6 | 2 | 7 | 8 | 4 | 9 | 1 | 3 |
| 1 | 8 | 9 | 5 | 2 | 3 | 7 | 6 | 4 |
| 7 | 3 | 4 | 6 | 9 | 1 | 5 | 8 | 2 |

ଗତକାଲିର ଉତ୍ତର

# ଜମି ମାଲିକାନା କୃଷକ ହାତକୁ ଯାଉ



ଶେଖ୍ ଫରିଦ୍‌ଉଦ୍ଦିନ୍

ଓଡ଼ିଶାରେ ପ୍ରାୟ ୭୫ ପ୍ରତିଶତ ଅଧିବାସୀ ଗ୍ରାମାଞ୍ଚଳରେ ବାସ କରନ୍ତି। ସେଥିମଧ୍ୟରୁ ୬୫ ପ୍ରତିଶତ କେବଳ କୃଷିଜୀବୀ। ଗ୍ରାମାଞ୍ଚଳରେ ଅଧିକାଂଶ ଗରିବଙ୍କ ମଧ୍ୟରୁ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି ୩୧ ପ୍ରତିଶତ । ସୁଖର କଥା, କୃଷିର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ କୃଷି ଉତ୍ପାଦନ ଦୁଇଗୁଣ ବୃଦ୍ଧି ହୋଇଛି ଏବଂ ଓଡ଼ିଶା ଏ ଦିଗରେ ପ୍ରଥମ। ଜଳସେଚନ ସୁବିଧା ମଧ୍ୟ ଗତ ୩-୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଏବଂ ଆସନ୍ତା ୩ ବର୍ଷ ମଧ୍ୟରେ ଅଧିକ ୬ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଦିଆଯିବ। ରେଙ୍ଗାଲି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦୀର୍ଘଦିନର ଆଶା ପୂର୍ଣ୍ଣ ହେବ । ଆସନ୍ତା ବର୍ଷଠାରୁ ଏଥିରୁ ୪୦ ହଜାର ହେକ୍ଟର ଜମି ଜଳସେଚିତ ହେବ। ଏ ସବୁରୁ ସୂଚନା ମିଳୁଛି ଯେ, ଗ୍ରାମାଞ୍ଚଳର ଦାରିଦ୍ର୍ୟ ହ୍ରାସ ପାଉଛି । କିନ୍ତୁ ଅସଲ କଥା ହେଉଛି ରାଜ୍ୟରେ କୃଷିର ବିକାଶ ଅନ୍ୟ ରାଜ୍ୟଗୁଡ଼ିକ ସହିତ ସମକକ୍ଷ ନ ହେବାର କାରଣ ହେଉଛି, ରାଜ୍ୟରେ ୮୫ ଭାଗ ନାମକୁମାତ୍ର ଚାଷୀ ଅଛନ୍ତି ,ଯେଉଁମାନେ ଜମିର ମାଲିକ ନୁହନ୍ତି। ସେମାନଙ୍କ ହାତରେ ଚାଷର ଦାୟିତ୍ୱ ରହୁଥିବାରୁ କୃଷି ବିକାଶ ନିମନ୍ତେ ନାମକୁମାତ୍ର ଚାଷୀମାନେ ଅଧିକ ଜମିକୁ ଜଳ ଯୋଗାଣ, ଉତ୍ତମ ବିହନ ପ୍ରୟୋଗ, ଅଧିକ ସାର ବିନିଯୋଗ ଓ କୀଟନାଶକ ବ୍ୟବହାର ପାଇଁ ସେମାନଙ୍କ ହାତରେ ଅର୍ଥ ନାହିଁ। ତେଣୁ ଏହି ନାମକୁମାତ୍ର ଚାଷୀମାନେ ସରକାରୀ ସୂତ୍ରରୁ ହେଉ ବା ବ୍ୟବସାୟୀ ସୂତ୍ରରୁ ଋଣ କରିବାକୁ ବାଧ ହୁଅନ୍ତି ଅଧିକ ଅମଳ କରିବା ପାଇଁ।

ଓଡ଼ିଶା ହେଉଛି ଏକମାତ୍ର ଖାଉଟି ରାଜ୍ୟ, ଯେଉଁଠାରେ ଅଧିକ ଲୋକ ରାଜ୍ୟ ବାହାରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି। ଧାନ, ମକା, କିଛି ପରିବା, ଦୁଗ୍ଧ, କିଛି ଫଳମୂଳକୁ ବାଦ୍ ଦେଇ ଆଉସବୁ ଜିନିଷ ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶାର କୃଷକମାନଙ୍କ ମଧ୍ୟରେ ୮୫ ଭାଗ ଲୋକ ନାମକୁମାତ୍ର ଚାଷୀ ହେଉଥିବାରୁ କୃଷି ଉତ୍ପାଦନ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜଳ, ସାର, ଉତ୍ତମ ବୀଜ ଇତ୍ୟାଦିର ପ୍ରୟୋଗ ଉପରେ ନିର୍ଭର କରେ। ଏହି ନାମକୁମାତ୍ର ଚାଷୀମାନଙ୍କ ହାତରେ ଅର୍ଥ ନାହିଁ, ଯଦ୍ଦ୍ୱାରା ସେମାନେ କୃଷି ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ଋଣ ଆଣି ତାହାର ସଦୁପଯୋଗ କରିବେ। ଯେଉଁ କେତେକ କୃଷକ ଋଣ ପରିଶୋଧ କରି ନ ପାରି ଆତ୍ମହତ୍ୟା କରୁଛନ୍ତି ସେମାନଙ୍କ ପରିବାରର ଆବଶ୍ୟକତା ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରିକରି ପରିଶୋଧ କରିବା ସମ୍ଭବ ହେଉନାହିଁ। ବନ୍ୟା, ବାତ୍ୟା, ମରୁଡ଼ି ଯୋଗୁ ଫସଲ ନଷ୍ଟ ହେଉଛି। ଏହାର ସ୍ଥାୟୀ ପ୍ରତିକାର ହେଉନାହିଁ। ଫଳ, ପରିବା, ମାଛ, ଅଣ୍ଡା, କୁକୁଡ଼ା ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ, ଲୁଗା, ଲୁଙ୍ଗି, ଗାମୁଛା ଇତ୍ୟାଦି ପ୍ରାୟ ଜିନିଷ ଓଡ଼ିଶାବାସୀଙ୍କୁ କ୍ରୟ କରିବାକୁ ପଡ଼ିଥାଏ। ଫଳରେ ଧାନ, ମକା ଆଉ ଅନ୍ୟାନ୍ୟ କିଛି ସାମଗ୍ରୀ ବିକ୍ରିକରି ସେମାନେ ଯାହା ଉପାର୍ଜନ କରନ୍ତି ବାହାରୁ ଆସୁଥିବା ସାମଗ୍ରୀ କ୍ରୟ କରିବା ଦ୍ୱାରା ହାତରେ ଅର୍ଥ ରହେନାହିଁ। ଗତ କେତେବର୍ଷ ଧରି ଚାଷୀମାନଙ୍କର ଆୟ ବଢୁଥିବାରୁ ଆତ୍ମହତ୍ୟା କରୁଥିବା ଚାଷୀଙ୍କ ସଂଖ୍ୟା କମିଛି ଏବଂ ତା’ ସହିତ ଚାଷୀମାନଙ୍କର ସମସ୍ୟା ମଧ୍ୟ କେତେକାଂଶରେ ସମାଧାନ ହେବା କଥା।



କିନ୍ତୁ ମୂଳକଥା ହେଉଛି, ଓଡ଼ିଶାର ୮୫ ପ୍ରତିଶତ ଚାଷୀ ଯଦି ନାମକୁମାତ୍ର ଚାଷ ଉପରେ ନିର୍ଭର କରୁଥିବାରୁ କୃଷି ଉତ୍ପାଦନ ବୃଦ୍ଧି ହେବା ସତ୍ତ୍ୱେ ମୂଳ ସମସ୍ୟାର ସମାଧାନ ହୋଇପାରୁନାହିଁ।

ମୂଳ ପ୍ରସଙ୍ଗ ହେଉଛି, ଭାଗଚାଷୀଙ୍କ ସଂଖ୍ୟା ବଢୁଥିବାରୁ ଏବଂ ପ୍ରକୃତ ଚାଷୀଙ୍କ ହାତରେ ଜମି ନ ଥିବାରୁ ଜମିରୁ ଅଧିକ ଫସଲ ଉତ୍ତାରିବା ପାଇଁ ଋଣକରି ଜଳ, ବିହନ, ସାର କ୍ରୟ କରିବା ପାଇଁ ସେ ସାହସ କରିପାରୁନାହିଁ। କାରଣ ଓଡ଼ିଶାରେ ବନ୍ୟା, ମରୁଡ଼ି, ବାତ୍ୟା ଗୋଟିଏ ପରେ ଗୋଟିଏ ଲାଗିରହିଥାଏ। ଏଥିରୁ ବୁଝିବାକୁ ହେବ ଯେ, ଭାଗଚାଷ ପ୍ରଥାର ସଂସ୍କାର ଜରୁରୀ ଏବଂ ଚାଷୀ ଯେପର୍ଯ୍ୟନ୍ତ ଜମିର ମାଲିକ ହୋଇନାହିଁ, ସେପର୍ଯ୍ୟନ୍ତ ସେ ଚାଷ ପାଇଁ ସବୁ ସମ୍ବଳ ଖର୍ଚ୍ଚ କରିପାରିବ ନାହିଁ। ଗତ ଦଶବର୍ଷ ମଧ୍ୟରେ ଯଦି ଆମ୍ବ, ସପେଟା, ଲିଚୁ, ଅମୃତଭଣ୍ଡା ଇତ୍ୟାଦି ଉତ୍ପାଦନ ଆଶାନୁରୂପ ବଢ଼ିଥାଏ ଏବଂ ସେହିପରି ମାଛ, କୁକୁଡ଼ା, ଅଣ୍ଡା ଇତ୍ୟାଦିର ଆମଦାନୀ କିଛି ପରିମାଣରେ କମିଥାଏ ତେବେ ଚାଷୀକୁ ତା’ ସମସ୍ୟା ପାଇଁ ଦୋଷ ଦେଇହେବନାହିଁ। କାରଣ ତା’ ପାଖରେ ଅର୍ଥ ନାହିଁ କି ସେ ଜମିର ମାଲିକ ନୁହେଁ। ଗତ ୨-୩ ବର୍ଷ ଧରି ଚାଷୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି ଏବଂ ଏହା ଏକ ସକାରାତ୍ମକ ପଦକ୍ଷେପ। କିନ୍ତୁ ପ୍ରାକୃତିକ ବିପତ୍ତିରୁ ଚାଷୀକୁ ଯେଉଁସବୁ ସମସ୍ୟାକୁ ସାମ୍ନା କରିବାକୁ ପଡୁଛି ସେ ବିଷୟରେ ସମାଧାନର ଶକ୍ତି ତା’ ହାତରେ ନାହିଁ। ବଳକା ଫଳମୂଳ ସାଇତି ରଖିବା ପାଇଁ ଶୀତଳଭଣ୍ଡାରର ଅଭାବ ରହିଛି। ଫଳ ପ୍ରକ୍ରିୟାକରଣ ମଧ୍ୟ ସହଜ ହେଉନାହିଁ। ଜଳସେଚନର ସୁବ୍ୟବସ୍ଥା, ଉତ୍ତମ ବିହନ, କୀଟନାଶକ ଓ ସାର ଉପଯୋଗ ପାଇଁ ତା’ ହାତରେ ଯଦି କିଛି ପାଣ୍ଠି ନ ରହେ ତେବେ କୃଷି ସହିତ ଆନୁଷଙ୍ଗିକ ଧନ୍ଦାଗୁଡ଼ିକର ବିକାଶ କରିବା ସମ୍ଭବ ହେବନାହିଁ। ତାହା ନ ହେଲା ପର୍ଯ୍ୟନ୍ତ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂର କରିବା ସମ୍ଭବ ହୋଇପାରିବ ନାହିଁ। ।

ଦୂରସଞ୍ଚାର ଭବନ, ଲିଙ୍କରୋଡ୍, କଟକ,
ମୋ:୯୪୩୭୦୦୪୮୮୮

## ପାଠକ ଶ୍ରେଷ୍ଠ ବିଚାରକ

### ରାଜସ୍ୱ ବ୍ୟୟ ହ୍ରାସ କରାଯାଉ

ମହାଶୟ,

ବର୍ତ୍ତମାନ ଓଡ଼ିଶା ସରକାରଙ୍କ ବାର୍ଷିକ ବଜେଟ ୨ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ। ଏଥିରେ ରାଜସ୍ୱ ଆୟର ପରିମାଣ ହେଉଛି ପ୍ରାୟ ୧ ଲକ୍ଷ ୬୫ ହଜାର କୋଟି ଟଙ୍କା। ହେଲେ ଏଥିରୁ ପ୍ରାୟ ୧ ଲକ୍ଷ ୪୬ ହଜାର କୋଟି ଟଙ୍କା ‘ରାଜସ୍ୱ ବ୍ୟୟ’ ବାବଦକୁ ଖର୍ଚ୍ଚ ହୋଇଯାଉଛି। ରାଜ୍ୟର ପ୍ରାୟ ୪ ଲକ୍ଷ ସରକାରୀ କର୍ମଚାରୀଙ୍କ ବାର୍ଷିକ ବେତନ ବାବଦକୁ ଅନ୍ୟୁନ ୩୫ ହଜାର କୋଟି ଟଙ୍କା, ୩ ଲକ୍ଷ ୫୦ ହଜାର ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ ବାବଦକୁ ୧୯ ହଜାର କୋଟି ଟଙ୍କା, ସରକାରଙ୍କ ଋଣର ସୁଧ ବାବଦକୁ ୯ ହଜାର କୋଟି ଟଙ୍କା ଓ ବିଭିନ୍ନ ପ୍ରକାର ସବସିଡି ବାବଦକୁ ପ୍ରାୟ ୮୩ ହଜାର କୋଟି ଟଙ୍କା ବ୍ୟୟ କରାଯାଉଛି। ଯେହେତୁ ଯୋଜନା ବ୍ୟୟର ପରିମାଣ ପ୍ରାୟ ୫୦ ହଜାର କୋଟି ଟଙ୍କା ମଧ୍ୟରେ ସୀମିତ ରହୁଛି ; ସେଥିପାଇଁ ଆମ ରାଜ୍ୟର ଭିତ୍ତିଭୂମିର ବିକାଶ ହୋଇପାରୁନାହିଁ। ଧନୀଦରିଦ୍ର ନିର୍ବିଶେଷରେ ବିଭିନ୍ନ କ୍ଷେତ୍ରରେ ଲୋକଙ୍କୁ ଅନେକ ହଜାର କୋଟି ଟଙ୍କାର ସବ୍‌ସିଡି ଦିଆଯାଉଛି। ଅଣଚାଷୀଙ୍କୁ ଲକ୍ଷ ଲକ୍ଷ ଟଙ୍କାର ସୁଧମୁକ୍ତ ଋଣ ଦିଆଯାଉଛି। ମାଗଣା ଚାଉଳ ଓ ଗହମ ପାଇଁ ସବ୍‌ସିଡି ଦିଆଯାଉଛି ; ଧନୀ ଲୋକେ ଏସବୁକୁ ବଜାରରେ ବିକ୍ରି କରିଦେଉଛନ୍ତି। ଅଧିକାଂଶ ମହିଳା ଏସ୍‌ଏଚ୍ ଜି ୫ ଲକ୍ଷ ଟଙ୍କାର ସୁଧମୁକ୍ତ ଋଣ ନେଇ ଗାଁଗହଳିରେ ସୁଧକୁ ଲଗାଉଛନ୍ତି। ଓଡ଼ିଶା ସରକାର ନିରବଚ୍ଛିନ୍ନ ଭାବେ କ୍ଷମତାରେ ରହିବା ପାଇଁ ଅନାବଶ୍ୟକ ଯୋଜନାମାନ ପ୍ରଣୟନ କରି ସେହି ବାବଦକୁ ହଜାର ହଜାର କୋଟି ଟଙ୍କା ଉଡ଼ାଇଦେଉଛନ୍ତି। ଏଥିପାଇଁ ରାଜ୍ୟର ମୁଣ୍ଡ ପିଛା ଋଣ ଭାର ପ୍ରାୟ ୩୫ ହଜାର ଟଙ୍କା ହେଲାଣି। ଓଡ଼ିଶାର ଗରିବ ଜନସାଧାରଣଙ୍କ କଲ୍ୟାଣ ଓ ରାଜ୍ୟର ଭିତ୍ତିଭୂମି ବିକାଶକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଅନାବଶ୍ୟକ ରାଜସ୍ୱ ବ୍ୟୟ ବନ୍ଦ କରିବା ଉଚିତ।

-ରାଇଚରଣ ବିଶ୍ୱାଳ,ସାମନ୍ତରାୟପୁର, ପିରହାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୁଇ ବିଦେଶରେ କେତେ ପ୍ରଣୟିନୀ
ମୋହ ବିରହରେ କଲେଣି ଦୟିନି
ମୋହ ବିରହରେ କେତେ ନିଃଶ୍ୱାସ
ମିଶିଛି ଆଜି ଆକାଶେ।
-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ପାଚେରି ନିର୍ମାଣକୁ ନେଇ ବିବାଦ**

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା ଗ୍ରାମର ଏକ ଅଙ୍ଗନବାଡି କେନ୍ଦ୍ର ପାଚେରି ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ବିବାଦୀୟ ଜମିରେ ନିଁଅ ଖୋଳା ଯିବାରୁ ଗ୍ରାମର ରଜନୀକାନ୍ତ ପଟେଲ ଗୁରୁବାର ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ରାଜସ୍ୱ ବିଭାଗର ସ୍ଥାଣୁତା ଯୋଗୁ ଏହି ବିବାଦ ବଢି ଚାଲିଥିବା ଅଭିଯୋଗ ହୋଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

smbselfie@gmail.com



@ ରୂପସା



@ ପ୍ରଦୀପ



@ ସୁଧାଂଶୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିର୍ବାହୀ ଅଧିକାରୀଙ୍କୁ ଭେଟିଲେ ଚାଷୀ ନେତା

**ରବି ଚାଷ ପାଇଁ ମେଗାଲିଫ୍ଟରୁ ଜଳସେଚନ ଦାବି**

କୋକସରା,୨୯।୧୨(ଡି.ଏନ.ଏ.)

ଆସନ୍ତା ରବି ଋତୁ ଧାନଚାଷ ପାଇଁ କଳାହାଣ୍ଡି ଜିଲା କୋକସରା ବ୍ଲକର କୋକସରା ପଞ୍ଚାୟତ ପର୍ଯ୍ୟନ୍ତ ମେଗାଲିଫ୍ଟ କେନାଲରୁ ଜଳସେଚନ ସମ୍ପ୍ରସାରଣ କରିବାକୁ କୋକସରା ବ୍ଲକ ଚାଷୀ ନେତାମାନେ ନିର୍ବାହୀ ଅଧିକାରୀଙ୍କୁ ଭେଟିଛନ୍ତି। ଚାଷୀ ନେତା ଶିବ ପ୍ରସାଦ ପ୍ରଧାନୀ ଓ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ନେତୃତ୍ୱରେ ଏକ ଚାଷୀ ପ୍ରତିନିଧି ଦଳ ମୁଖୀଗୁଡା ଇନ୍ଦ୍ରାବତୀ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅନିଲ କୁମାର ପାଣିଗ୍ରାହୀଙ୍କୁ ସାକ୍ଷାତ କରି ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଜଳସେଚନ ସୁବିଧା ଯୋଗାଇ ଦେବାକୁ ଅନୁରୋଧ କରିବା ସହ ଲିଖିତ ଦାବି କରିଛନ୍ତି। ନିର୍ମାଣ ଯନ୍ତ୍ରୀ ମେଗାଲିଫ୍ଟର ଅଧିକାରୀଙ୍କ ସହ ଆଲୋଚନା କରି ଜଳସେଚନ ସମ୍ପ୍ରସାରଣ କରିବାକୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୁଧବାର କୁସୁମଖୁଣ୍ଟିଠାରେ ଥିବା ମେଗାଲିଫ୍ଟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପୁଣିଥରେ ଚାଷୀ ପ୍ରତିନିଧି ଓ ଚାଷୀମାନେ ପହଞ୍ଚି ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ଭୋଇ ଓ ସହକାରୀ ଯନ୍ତ୍ରୀ ଅରୁଣ କୁମାର ପ୍ରଧାନଙ୍କୁ ଭେଟି ଆଲୋଚନା କରିଛନ୍ତି। ମେଗାଲିଫ୍ଟ ଡିଏମ ୧୩ ଏ ଗେଟ ପର୍ଯ୍ୟନ୍ତ ଜଳସେଚନ ସୁବିଧା ଯୋଗାଇ ଦିଆଯିବ ନେଇ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିବା ଚାଷୀ ନେତା ପ୍ରକାଶ କରିଛନ୍ତି। ଡିଏମ ୧୩ ପର୍ଯ୍ୟନ୍ତ ଜଳସେଚନ ହେଲେ କୋକସରା, ସିଁଲିଗୁଡା, ଗଡରାମାଲ, ଚିଲିଗୁଡା, ରେଙ୍ଗାଲପାଲି, ଝରିଆଗୁଡା, ପାଣିଗାଁ, ମାଝିଗୁଡା, କଟାରପଡା ଗ୍ରାମର ଚାଷୀମାନେ ଉପକୃତ ହେବେ। ପ୍ରତିନିଧି ଦଳରେ ଲକ୍ଷ୍ମୀ ନାରାୟଣ ପ୍ରଧାନୀ, ଦୈତାରି ବାରିକ, ରଘୁନାଥ ପଣ୍ଡା, ଜୟଲାଲ ନାଏକ, ଧନେଶ୍ୱର ପଣ୍ଡା, ସୁଦାମ ଗହୀର, ବୁଟୁ ଗୋପାଳ, ମନିଜର ପୋଡ଼, ତୁଲାରାମ ଗହୀର ପ୍ରମୁଖ ଚାଷୀମାନେ ଉପସ୍ଥିତ ରହିଥିଲେ।



ନିର୍ବାହୀ ଅଧିକାରୀଙ୍କୁ ଚାଷୀ ନେତାମାନେ ଭେଟୁଛନ୍ତି।

## ହାତୀ ଆକ୍ରମଣରେ ମହିଳା ଗୁରୁତର

ଲାଞ୍ଜିଗଡ଼,୨୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳ ଅଧୀନ ଛତ୍ରପୁର ପଞ୍ଚାୟତ ଲେପଟାଗୁଡ଼ାରେ ମଙ୍ଗଳବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ହେଲେ ଛତ୍ରପୁର ପଞ୍ଚାୟତ ଲେପଟାଗୁଡ଼ାର ଆମଦେଈ ନାଗ। ସୂଚନାନୁସାରେ, ଲେପଟାଗୁଡ଼ାରେ ରାତିରେ ହାତୀପଲ ପଶି ଆସିବା ସହିତ ଘରଦ୍ୱାର ଭାଙ୍ଗିଥିଲେ। ଏହା ଦେଖି ଶୟ ନାଗ ଓ ସ୍ତ୍ରୀ ଆମଦେଈ ଘର ପଛପଟେ ବାହାରି ପଳାଇବା ବେଳେ ମହିଳା ଜଣକ ଏକ ଖାଲରେ ପଡିଯାଇ ଗୁରୁତର ହୋଇଥିଲେ। ଖବର ପାଇ ମୁଷାନାଳ ଫରେଷ୍ଟର ଚିନ୍ତାମଣି ମାଝି ଏଲିଫାଣ୍ଟ ସ୍କ୍ୱାର୍ଡ ସହିତ ପହଞ୍ଚି ଗୁରୁତର ମହିଳାଙ୍କୁ ଲାଞ୍ଜିଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ଲାଞ୍ଜିଗଡ଼ ଫରେଷ୍ଟର ଜଗନ୍ନାଥ ନାଗ ଗୁରୁତର ମହିଳାଙ୍କୁ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

# ବଲାଙ୍ଗୀରର ୭ ପ୍ରତିଯୋଗୀ ଜିତିଲେ ପଦକ

**ଚତୁର୍ଥ ପୂର୍ବାଞ୍ଚଳ ପେନଚାକ୍ ସିଲାଟ୍ ଚାମ୍ପିୟନଶିପ**





ପଦକ ଜିତିଥିଲା ବଲାଙ୍ଗୀରର କୃତୀ ପ୍ରତିଯୋଗୀଙ୍କ ସହ କୋଚ ପ୍ରଶାନ୍ତ ପାତ୍ର।

ବଲାଙ୍ଗୀର ଅଫିସ,୨୯।୧୨

କୋରାପୁଟ ଜିଲା ପୂଜାରିପୁଟ ଇଣ୍ଡୋର ଷ୍ଟାଡିୟମ ଠାରେ ଚତୁର୍ଥ ପୂର୍ବାଞ୍ଚଳ ପେନକାକ ସିଲଟ ଚାମ୍ପିୟନସିପ ଅନୁଷ୍ଠିତ ହୋଇଛି। ଓଡ଼ିଶା, ବିହାର, ୱେଷ୍ଟ ବେଙ୍ଗଲ, ଛତିଶଗଡ଼ ଏବଂ ଝାରଖଣ୍ଡ ଏଭଳି ୫ଟି ରାଜ୍ୟରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ଚାମ୍ପିଅନଶିପର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ଏବଂ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପେନାକାକ ସିଲାଟର ଅନ୍ତର୍ଜାତିକ ରେଫରି ପ୍ରେମ ସିଂ ଥାପା ଯୋଗଦାନ କରି ଖେଳର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କୋଚ ପ୍ରଶାନ୍ତ ପାତ୍ରଙ୍କ ଅଧକ୍ଷତାରେ ବଲାଙ୍ଗୀର ଜିଲା ପେନାଚାକ ସିଲାଟ ଆସୋସିଏଶନର ୭ ଜଣ ଛାତ୍ରୀଛାତ୍ର ଭାଗ ନେଇ କୃତିତ୍ୱ ହାସଲ କରିଥିଲେ। ସେମାନଙ୍କ ମଧ୍ୟରେ ସ୍ଥିତପ୍ରଜ୍ଞା ମିଶ୍ର ଏବଂ କ୍ରିତିକା ଅଗ୍ରୱାଲ ସ୍ୱର୍ଣ୍ଣ ପଦକ, ପ୍ରିନ୍ସ ପାତ୍ର, ରୋହିତ କୁମାର ସାହୁ, ଖୁସିରାମ ସେଠ ଏବଂ ସୁଶ୍ରୀ ଦେବାଂଶୀ ରୌପ୍ୟ ପଦକ ହାସଲ କରିଥିବା ବେଳେ ତ୍ରିଲୋକେଶ ଶତପଥୀ ବ୍ରୋଞ୍ଜ ପଦକ ହାସଲ କରି ବଲାଙ୍ଗୀରର ଗୌରବ ଅର୍ଜନ କରିଥିଲେ।

KISINDA HIGHER SECONDARY SCHOOL, KISINDA
AT/PO- KISINDA, VIA- RAIRAKHOL, DIST.-SAMBALPUR
E-mail-principalkisindacollege@gmail.com (Recognised & Affiliated)

WALK IN INTERVIEW

Office Letter No.149/ Dt.29.12.2022

A walk-in-interview will be held on dated 06.01.2023 (Friday) at 11.30 AM in the premises of Kisinda Higher Secondary School, Rairakhol, Dist. Sambalpur for engagement of following post on purely tempopary basis. The interested candidate below 35years of age can attend the interview with their complete Bio-data and all the original certificate of qualification along with the photocopies of the same.

| Sl. No | Name of the post | Total No. of posts | Essential Qualification | Maximum salary per month |
|---|---|---|---|---|
| 01 | Lect. in Education | 01 | MA in education 55% | Salary negotiable |

N.B.- No TA/DA will be given for attending interview.

Sd./- Principal I/C, Kisinda Higher Secondary School, Kisinda, Dist. Sambalpur, Mob.-9777307912

# ଭାଜପାର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ନୂଆପଡ଼ା ଅଫିସ,୨୯।୧୨

ନୂଆପଡା ଜିଲା କୋମନା ବ୍ଲକ ସୁନାଦେଈ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ବରନ୍ଦାପାଟସ୍ଥିତ ଜଙ୍ଗଲ ବିଭାଗ ନର୍ସରୀଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ବିକ୍ରମ ଆଡବଙ୍ଗଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଭାଜପା ଜିଲା ସଭାପତି ଯଦୁମଣି ପାଣିଗ୍ରାହୀ ମୁଖ୍ୟଅତିଥି, ମନିଜର ଆର୍ଯ୍ୟ, ଛବି ଲୋଚନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଗାମୀ ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତ ହେବା ସହ ଆଜିଠାରୁ ଦିନରାତି ଏକ କରି ଯୁଦ୍ଧକ୍ଷେତ୍ର ପାଇଁ ପ୍ରସ୍ତୁତ ରହିବା ସହ ଲୋକଙ୍କ ଦୁଃଖସୁଖରେ ସହଭାଗୀ ଓ ସାମିଲ ହେବା ପାଇଁ ନିବେଦନ କରିଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତସ୍ତରରେ ବୈଠକ କରିବା ପାଇଁ ସ୍ଥାନ, ସମୟ ଓ ଦିନ ନିର୍ଦ୍ଧାରିତ କରାଯାଇଥିଲା। ସଶକ୍ତ ମଣ୍ଡଳ, ସଶକ୍ତ ଶକ୍ତିକେନ୍ଦ୍ର ଓ ସଶକ୍ତ ବୁଥଗଠନ କରି ଆଗାମୀ ନିର୍ବାଚନରେ ୨୨ ବର୍ଷର କୁଶାସନକୁ ପରାସ୍ତ କରି ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାକୁ ପଡିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବୈଠକରେ ପବନ ମାଝି, କୁନୁ ମାଝି, ମାର୍କଣ୍ଡ ବାଗ, ସରୋଜ ପ୍ରଧାନ, ଜଗବନ୍ଧୁ ଆଡବଙ୍ଗ, ଭାରତ ମାଝି, ଚୈତନ୍ୟ ନାଗ, ବୃହସ୍ପତି ତାଣ୍ଡି, ଧର୍ମୁ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜୟ ମା' ଛତା ପିପ୍‌ଲେନ୍ କ୍ରିକେଟ: ଟାଇଗର କ୍ଲବ ଚାମ୍ପିୟନ

ଖଡ଼ିଆଳ,୨୯।୧୨(ଡି.ଏନ.ଏ.)



ଅତିଥିଙ୍କ ଗହଣରେ ଖେଳାଳିମାନେ।

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଭୋଜପୁର ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ସପ୍ତମ ଜୟ ମାଁ ଛତା ପିପଲେନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଭୋଜପୁର ଇଲେଭନ ବ୍ରଦର ଦ୍ୱାରା ଆୟୋଜିତ ପଟାପଟ କ୍ରିକେଟ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ବୋର୍ଡାପଡା ଦଳ ଓ ଟାଇଗର କ୍ଲବ ଭୋଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦୁଇ ଦଳର ସ୍କୋର ସମାନ ହେବାରୁ ଟାଇ ହେବାରୁ ସୁପର ଓଭର ଖେଳାଯାଇଥିଲା। ଏଥିରେ ଟାଇଗର କ୍ଲବ ଭୋଜପୁର ବୋର୍ଡାପଡା ଦଳକୁ ହରାଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଭୋଜପୁର ସରପଞ୍ଚ କୁଳମଣି ନାଏକ, ସମ୍ମାନିତ ଅତିଥି ଭାବେ ଜିଲା ଯାଦବ ସମାଜ ମହିଳା ସଭାନେତ୍ରୀ ମମତା ମଞ୍ଜରୀ ଥପା ଓ ବିଶିଷ୍ଟ ଅତିଥି ଭାବେ ଖଡିଆଳ ଏନ୍‌ଏସି ଯାଦବ ସମାଜ ଉପଦେଷ୍ଟା ଦୟା ଥପା ଯୋଗଦାନ କରିଥିଲେ। ଅତିଥିମାନେ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ନଗଦ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ ପରିଚାଳନାରେ ଆୟୋଜକ କମିଟି ଲିଲୁ ଭୋଇ, ତୁଳସୀ ଭୋଇ, ନିରନ ଭୋଇ, ରୋହିତ ପୁଞ୍ଜି, ପ୍ରସନ୍ନ ଭୋଇ ଓ ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

# କଳାହାଣ୍ଡି ଉତ୍ସବ ଉପଲକ୍ଷେ ଫୁଟ୍‌ବଲ: ତୁଣ୍ଡଲା ଚାମ୍ପିୟନ



ଉଭୟ ଦଳର ଖେଳିଳାଙ୍କ ସହ ଅତିଥିବୃନ୍ଦ।

କେସିଙ୍ଗା,୨୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ବୁଧବାର ଓ ଗୁରୁବାର ୨ ଦିନ ଧରି କଳାହାଣ୍ଡି ଉତ୍ସବ ଘୁମୁରା ଉପଲକ୍ଷେ ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା ମିନିଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ତୁଣ୍ଡଲା, ବୋରିଆ, ପରଲସିଙ୍ଗା, କୁଣ୍ଡାବନ୍ଧ, ହାତୀଖୋଜ ଓ ନାସିଗା ପଞ୍ଚାୟତରୁ ୧୫ଟି ଦଳରୁ ୬ଟି ଦଳ ଫାଇନାଲରେ ପ୍ରବେଶ କରିଥିଲା। ବ୍ଲକ ଚେୟାରମ୍ୟାନ ଚନ୍ଦନ ସେନାପତି ଓ ତହସିଲଦାର ରାଜେଶ କୁମାର କରୁଆ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲରେ ତୁଣ୍ଡଲା ଓ ବୋରିଆ ମଧ୍ୟରେ ଖେଳ ହୋଇଥିଲା। ପେନାଲଟିରେ ତୁଣ୍ଡଲା ବିଜୟୀ ହୋଇ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ମନୋନୀତ ହୋଇଛି। ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କ ନେତୃତ୍ୱରେ ଖେଳ ହୋଇଥିଲା। ଫାଇନାଲରେ ଅତିରିକ୍ତ ଇଞ୍ଜିନିୟର ଅନନ୍ତ ଚରଣ ମହାଲିଙ୍ଗ, ଅତିରିକ୍ତ ବିଡିଓ ସିଦ୍ଧେଶ୍ୱର ମେହେର, ଆକାଉଣ୍ଟ ଅଫିସର କରୁଣାକର ସାମିନି, ତୁଣ୍ଡଲା ସରପଞ୍ଚ ସରୋଜ ସେଠ, ପରଲସିଙ୍ଗା ସରପଞ୍ଚ କୃତାଞ୍ଜଳ ଗୌଡ଼, ରୋଜି ପ୍ରଧାନ, ପ୍ରମୋଦ ଦାଶ, ପୂର୍ବତନ ସରପଞ୍ଚ ଗୋପାଳ ସାହୁ ପ୍ରମୁଖ ସମସ୍ତ ସରପଞ୍ଚ, ଓପିଇ ଏବଂ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ। ଖେଳ ପରିଚାଳନାରେ ପିଇଓ ଉମାଶଙ୍କର ପ୍ରଧାନ, ଛବିଲାଲ ନାୟକ, ବିଭୁତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

GOVERNMENT OF ODISHA No. B-1064

e-Procurement Notice, Angul (R&B) Division

Bid Identification No. 28 of 2022-23

e-mail ID: angulrbdivision@yahoo.co.in

1. Number of Works : 04 (Four) number of Road works
2. Approximate estimated cost : Varies from Rs.73.00 lakhs to 92.00 lakhs
3. Period of Completion : 06 (Six) Calendar months
4. Date & time of availability of bid document in the portal : Dt.09.01.2023 at 10.00 A.M.
5. Last date/time for receipt of bid in the portal : Dt.24.01.2023 upto 5.00 P.M.
6. Date of Opening Bid : Dt.25.01.2023 at 11.00 A.M.
7. Name and address of the Office Inviting Bid : Executive Engineer, Angul (R&B) Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal https://tendersodisha.gov.in.

Sd./- Executive Engineer, Angul (R&B) Division
OIPR-34074/11/0015/2223

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4315 OSIC GST No. 21AAACO2101M1Z1

TENDER CALL NOTICE

Tender Notice No.6035/RE/OSIC Dt.28.12.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works i.e. **(i) "Supply, installation, testing and commissioning of P6 Out Door LED Panel at Champua NAC",(ii) "Supply and installation of integrated solar based drinking water projects with RO system under ITDA,Nabarangpur"(iii)"Supply & installation of one RO plant (hot and normal) having1000 Ltr. in the Dist. of Kendrapara".** Tender details can be downloaded from the OSIC website www.osicltd.in .Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)
OIPR-14073/11/0132/2223

OFFICE OF THE PRINCIPAL,
UTKAL SANGEET MAHAVIDYALAYA,
BHUBANESWAR
Lokaseva Bhawan Marg, Unit-IV, Bhubaneswar, Pin-751001
E-mail: principalusm@gmail.com, Website: www.usmbbsr.in
Phone No.0674-2500182
No.2531 / USM, Dated 28.12.2022

TENDER CALL NOTICE

No.RR-52:- Sealed tenders are invited from the reputed and registered Event Management Firms having valid GSTIN Registration Certificate, GST Clearance Certificate during the last 3 months, PAN, MSME Registration Certificate, I.T Returns Computation Sheets during the last 3 financial years, work experiences in Govt. Sector with similar nature of the event (Work orders of Rs.10 lakhs or above in the last 3 years) for supply of necessary items and execution of different required works on the eve of celebration of Jaydev Samaroha - 2023 (USM Annual FEST.) by Utkal Sangeet Mahavidyalaya, BBSR, scheduled to be held from Dt.20.01.2023 to Dt.23.01.2023 at Utkal Mandap, BBSR. Interested firms are intimated to submit their tenders with containing Technical & Financial Bid along with required supporting enclosures in the name of the office address i.e. the Principal, Utkal Sangeet Mahavidyalaya, Lokaseva Bhawan Marg, Unit-IV, BBSR-751001 latest by Dt.10.01.2023 (5 P.M.) positively. The tenderers are advised to go through the USM official website i.e. www.usmbbsr.in or may come to this office any working days to know the detailed all terms and conditions of the tender.

Sd./- PRINCIPAL
OIPR-03011/11/0018/2223

No. O-1532

GOVERNMENT OF ODISHA
OFFICE OF THE EXECUTIVE ENGINEER,
R.W.S. & S. DIVISION, BHADRAK
E-mail: rwssdivisionbhadrak@gmail.com

"e" PROCUREMENT NOTICE

Bid Identification No. RWSS (BDK) - 25/2022-23

1. Name of the work : Execution of 05 Nos. of different Balance work of RPWS scheme under Bhadrak/Bhandaripokhari/Tihidi Block
2. Total Number of work : 05 (Five) Nos. individual scheme
3. Estiamted Cost : Rs.93.63 to 195.50 lakhs
4. Class of Contractor : B Class
5. Period of Completion : 09 Months

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Bhadrak | RWSS (BDK): 25/2022-23 | 06.01.2023 (From 10.00 A.M.) | 20.01.2023 upto 11.00 A.M. |

Further details can be seen from the e-procurement portal "www.tendersodisha.gov.in". Subsequent corrigendum if required shall be appeared in the website only.

Executive Engineer
R.W.S.&S. Division, Bhadrak
OIPR-25020/11/0012/2223

ନିୟନ୍ତ୍ରିତ ବଜାର କମିଟି, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା
ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୨-୨୩ ବିପଣନ ବର୍ଷରେ ଖରିଫ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା

ଏତଦ୍ୱାରା ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ଉପଖଣ୍ଡ ଅନ୍ତର୍ଗତ ୪ ଗୋଟି ବ୍ଲକ୍ ଯଥା ଜଟଣୀ, ଭୁବନେଶ୍ୱର, ବାଲିପାଟଣା, ବାଲିଅନ୍ତା ବ୍ଲକର ସମସ୍ତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତିକ୍ରମେ ଉପରୋକ୍ତ ସମସ୍ତ ବ୍ଲକର ବିବେଚିତ କୃଷି ସମବାୟ ସମିତି ଲିଃ ମାନଙ୍କରେ ଚଳିତ ଖରିଫ ୨୦୨୨-୨୩ ବିପଣନ ବର୍ଷ ପାଇଁ ତା୩୦।୧୨।୨୦୨୨ରିଖଠାରୁ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଅଛି। ଏଣୁ ଏଥିସମ୍ବନ୍ଧୀୟ ସବିଶେଷ ବିବରଣୀ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି ଲିଃ ସମ୍ପାଦକଙ୍କଠାରୁ ଅବଗତ ହୋଇପାରିବ।

ଧାନର ମାନ ନିର୍ଦ୍ଧାରଣ- F.A.Q.

| କ୍ର. ନଂ. | ସାଧାରଣ କିସମ ଧାନର ମିଶ୍ରିତ ଦ୍ରବ୍ୟ ବିବରଣୀ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|---|
| ୧ | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧% |
| ୨ | କାଠି, କୁଟା, ଭୁଷି, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% |
| ୩ | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକ ଇତ୍ୟାଦି (ପାଣି ଫୁଲା, ପୋକର ୪% ଭିତରେ ସୀମିତ ରହିବା ଦରକାର) | ୫% |
| ୪ | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୫ | ସରୁ ଧନରେ ମିଶ୍ରିତ ମୋଟା ଧାନ କେବଳ (GRADE-A) ସରୁ ଧାନ ନିମନ୍ତେ | ୬% |
| ୬ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% |

ବି.ଦ୍ର.:
୧. ରାଜ୍ୟ ସରକାରଙ୍କ କୋଭିଡ-୧୯ ନିୟମ ପାଳନ କରିବାକୁ ଅନୁରୋଧ।
୨. ଧାନ କ୍ରୟ କେନ୍ଦ୍ରକୁ ଧାନ ଆଣିବା ପୂର୍ବରୁ ପଞ୍ଜୀକୃତ ଚାଷୀ ଉକ୍ତ କେନ୍ଦ୍ରରୁ ଟୋକନ ସଂଗ୍ରହ କରିବାକୁ ଅନୁରୋଧ।
୩. ଧାନକୁ ଖରାରେ ଶୁଖାଇ ପରିଷ୍କାର କରି ବିକ୍ରି ଯୋଗ୍ୟ ଧାନ ଝୋଟ ଅଖାରେ ସକାଳ ୮ ଘ. ରୁ ଦିବା ୨ଘ. ସଂଲଗ୍ନ ଧାନ କ୍ରୟ କେନ୍ଦ୍ରକୁ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ।
୪. ଧାନ ସଂଗ୍ରହର ଯଥେଷ୍ଟ ସମୟ ପୂର୍ବରୁ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ କ୍ରୟ କେନ୍ଦ୍ରରେ ଉପସ୍ଥିତ ରହିବା ପାଇଁ SMS ମାଧ୍ୟମରେ ପଞ୍ଜୀକୃତ ମୋବାଇଲ ନମ୍ବରକୁ ବାର୍ତ୍ତା ପ୍ରେରଣ ସୁବିଧା କରାଯାଇଅଛି। ଏଥି ସହିତ ଅଗ୍ରିମ ଟୋକନ୍‌ର ତାଲିକା ଧାନ କ୍ରୟକାରୀ ସମିତି କାର୍ଯ୍ୟାଳୟ ମଧ୍ୟରେ ଉପଲବ୍ଧ ହେଉଅଛି।
୫. ଚାଷୀ ଭାଇ ଓ ଭଉଣୀମାନେ ବିକ୍ରି କରିଥିବା ଧାନର ପ୍ରାପ୍ୟ ସେମାନଙ୍କର ବ୍ୟାଙ୍କ ଖାତାକୁ ଅନ୍‌ଲାଇନ ପ୍ରକ୍ରିୟାରେ ୨୪ ଘ. ରୁ ୪୮ ଘ. ମଧ୍ୟରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି। ଧାନ ସଂଗ୍ରହ କାର୍ଯ୍ୟକୁ ଶୃଙ୍ଖଳିତ ଓ ପାରଦର୍ଶିତାର ସହ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।
୬. (କ) ଗ୍ରେଡ୍ ଏ ମାନର ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି- ଟ୨୦୬୦.୦୦
(ଖ) ସାଧାରଣ କିସମ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି- ଟ୨୦୪୦.୦୦

ଚାଷୀ ହସିଲେ ଦୁନିଆ ହସିବ

ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଜଟଣୀ
ସ୍ୱା./- ଉପଜିଲ୍ଲାପାଳ, ଭୁବନେଶ୍ୱର, ଅଧକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜଟଣୀ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ରୁପସା



@ ପ୍ରଦୀପ



@ ସୁଧାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଇଡ୍‌କୋ ଜମି ଅଧିଗ୍ରହଣକୁ ବିରୋଧ

ଝାରସୁଗୁଡ଼ା ଅଫିସ୍,୨୯।୧୨

ଲଖନପୁର ତହସିଲ ଅନ୍ତର୍ଗତ ବରତାପ ମୌଜାର ମୂଳବାସିନ୍ଦା ଦୀର୍ଘବର୍ଷରୁ ସରକାରୀ ଜମି ଦଖଲ କରିଆସୁଛନ୍ତି। ଏହି ଜମିକୁ ଝାରସୁଗୁଡା ରାଜସ୍ୱ ବିଭାଗ ଇଡ୍‌କୋକୁ ପ୍ରଦାନ କରିବାପାଇଁ ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଛି । ଏଥିପାଇଁ ତହସିଲ କୋର୍ଟରୁ ୭୦ଜଣଙ୍କୁ ନୋଟିସ୍ ଜାରି ହୋଇଛି। କୋର୍ଟଙ୍କ ଆଦେଶ ପାଳନକରି ବରତାପ ମୌଜାର ୭୦ଜଣ ଗୁରୁବାର ଲଖନପୁର ତହସିଲ୍ କୋର୍ଟରେ ହାଜର ହୋଇ ଆପତ୍ତି ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗକ୍ରମେ ପୂର୍ବପୁରୁଷରୁ ଏହି ସରକାର ଜମି ଦଖଲ କରିଆସୁଛନ୍ତି। ଏହା ସେମାନଙ୍କ ଜେଜେ ବାପା ଓ ବାପାଙ୍କ ନାମରେ ରହିଛି। ତେଣୁ ଇଡ୍‌କୋ ବଦଳରେ ସେମାନଙ୍କ ନାମରେ ପଟ୍ଟା ଦିଆଯାଉ ବୋଲି ଦାବି କରି ତହସିଲଦାରଙ୍କୁ ଜଣାଇଛନ୍ତି। ଗୋପୀନାଥ ମାଝି, ଶରତଚନ୍ଦ୍ର ପ୍ରଧାନ, ସଂକୀର୍ତ୍ତନ କୁମୁରା, ବେଦବ୍ୟାସ ସାହୁ, ତେଜରାଜ ବଢେଇ, ଜୟରାମ ଖରସେଲ୍,ଶେଷଦେବ ଭୋଇ,ରବିନ୍ଦ୍ର ନାଗ,ମଧୁ ପିଙ୍ଗ ପ୍ରମୁଖ ତହସିଲଦାରଙ୍କ କୋର୍ଟରେ ହାଜର ହୋଇଥିଲେ। ସୂଚନାଯୋଗ୍ୟ ବରତାପ ମୌଜାର ଖାତା ନଂ.୯୯ କିସମ ସର୍ବସାଧାରଣ ୦.୭୬୦ ଏକର ଓ ଖାତା ନଂ.୧୦୦ କିସମ ଆବାଧଯୋଗ୍ୟ ଅନାବାଦି ଜମି ୩୯.୧୬ଏକର ମୋଟ ୩୯.୯୨ଏକର ଜମି ରହିଛି ।



ତହସିଲଦାରଙ୍କ କୋର୍ଟରେ ହାଜର ହୋଇଥିବା ବରତାପ ମୌଜା ବାସିନ୍ଦା।

## ଚୋରି ବାଇକ୍ ଜବତ, ଜଣେ ଗିରଫ

ରାଉରକେଲା ଅଫିସ,୨୯।୧୨

ରାଉରକେଲା ସ' ମିଲ ଛକରୁ ବାଇକ୍ ଚୋରି ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କାଲୋଜୁଦର ତଳବସ୍ତିର ରାକେଶ କିଷାନ(୨୮)। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ବେଦବ୍ୟାସ କେନାଲ ରୋଡ୍ ନିବାସୀ ପୁରୁଷୋତ୍ତମ ବେହେରାଙ୍କର ବେଦବ୍ୟାସ ସ' ମିଲ ଛକରେ ଏକ ରାଶନ ଦୋକାନ ରହିଛି। ନଭେମ୍ବର ୨୦ ତାରିଖରେ ତାଙ୍କ ଦୋକାନ ସମ୍ମୁଖରେ ବାଇକ୍ (ନଂ.ଓଡି୧୪ଏନ୍/୩୨୭୪) ରଖିଥିଲେ। ଏହିସମୟରେ ଅଭିଯୁକ୍ତ ଜଣଙ୍କ ତାଙ୍କ ବାଇକ୍ ଚୋରି କରିନେଇଥିଲେ। ଏ ନେଇ ସେ ୨୧ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୨୨/୨୨) ରୁଜୁ କରି ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଗୁପ୍‌ଚୁପ୍ ବିକାଳିଙ୍କୁ ଆକ୍ରମଣ, ୩ ଗିରଫ

ରାଉରକେଲା ଅଫିସ,୨୯।୧୨

ରାଉରକେଲା ରେଳ ଷ୍ଟେଶନ ରୋଡ୍ ଅଞ୍ଚଳରେ ଜଣେ ଗୁପ୍‌ଚୁପ୍ ବିକାଳିଙ୍କୁ ଆକ୍ରମଣ ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ଗୁରୁବାର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାରସୁଗୁଡା ବେଲପାହାଡ ଥାନା ଅନ୍ତର୍ଗତ ବିବେକା ଝା(୨୨), ଅଭିନବ ସିଂ(୨୦) ଏବଂ ପ୍ରିୟାଂଶୁ ଯାଦବ(୨୧)। ଏ ନେଇ ପୋଲିସ ଏକ ମାମଲା (ନଂ.୫୦୨।୨୨) ରୁଜୁ କରିଛି। ସୂଚନା ଅନୁସାରେ, ରେଲୱେ କଲୋନୀ ଅଞ୍ଚଳର ରଞ୍ଜନ କେଶରୀ ରାଉରକେଲା ରେଳ ଷ୍ଟେଶନ ଗୁରୁଦ୍ୱାରା ରୋଡ୍ ଅଞ୍ଚଳରେ ଠେଲାରେ ଗୁପଚୁପ ବିକ୍ରି କରନ୍ତି। ଗତ ୨୭ ତାରିଖ ରାତି ସାଢେ ୯ଟାରେ ଅଭିଯୁକ୍ତ ଯୁବକମାନେ ନିଶାସକ୍ତ ଅବସ୍ଥାରେ ଗୁପ୍‌ଚୁପ୍ ଖାଇବାକୁ ରଞ୍ଜନଙ୍କ ପାଖକୁ ଆସିଥିଲେ। ଗୁପଚୁପ ସରିଯାଇଥିବା ରଞ୍ଜନ ଉକ୍ତ ଯୁବକମାନେ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ରଞ୍ଜନ ବାରଣ କରିବାରୁ ଉକ୍ତ ଯୁବକମାନେ ତାଙ୍କୁ ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ।

## ନକଲି ମଦ ଜବତ, ୪ ଗିରଫ

ରାଉରକେଲା ଅଫିସ,୨୯।୧୨

ନକଲି ମଦ ଚାଲାଣ କରୁଥିବା ବେଳେ ରାଉରକେଲା ଅବକାରୀ ପୋଲିସ ୪ଜଣଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବେଦବ୍ୟାସ ଅଞ୍ଚଳର ସଞ୍ଜୀପ ସାଓ, ଚତୁର ମଦକ, ଏମ୍‌ଡି ଆଦିଲ ଏବଂ ଏମ୍‌ଡି ତୋହିଡ। ସେମାନଙ୍କ ନିକଟରୁ ୪୫୦ ଲିଟର ନକଲି ମଦ ଜବତ କରାଯାଇଛି। ଅବକାରୀ ଥାନା ପୋଲିସ (ନଂ.୩୫୭/୨୨, ୩୫୮/୨୨, ୩୫୯/୨୨)ରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ସଞ୍ଜୀପ ଓ ଚତୁର ବେଦବ୍ୟାସ ସ୍ଥିତ ଦାଣ୍ଡିଆପାଲି ଅଞ୍ଚଳରେ ଏକ ବାଇକ ଯୋଗେ ନକଲି ଦେଶୀମଦ ନେଇ ଯାଇଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ ଗାଡି ତାଙ୍କୁ ଅଟକାଇଥିଲା। ଯାଞ୍ଚବେଳେ ସେମାନଙ୍କଠାରୁ ୭୫ ଲିଟର ନକଲି ମଦ ଜବତ ହୋଇଥିଲା। ସେହିପରି ବନ୍ଧମୁଣ୍ଡା କୁକୁଡା ଗେଟ ରେଲୱେ ଫାଟକ ନିକଟରେ ଆଦିଲ ଓ ତୋହିଡ ଏକ ଅଟୋ ଯୋଗେ ମଦ ନେଇ ବିଶ୍ରା ଯାଉଥିବା ବେଳେ ପୋଲିସ ଚଢାଉ କରିଥିଲା।

KISINDA HIGHER SECONDARY SCHOOL, KISINDA
AT/PO- KISINDA, VIA- RAIRAKHOL, DIST.-SAMBALPUR
E-mail-principalkisindacollege@gmail.com (Recognised & Affiliated)

WALK IN INTERVIEW

Office Letter No.149/ Dt.29.12.2022

A walk-in-interview will be held on dated 06.01.2023 (Friday) at 11.30 AM in the premises of Kisinda Higher Secondary School, Rairakhol, Dist. Sambalpur for engagement of following post on purely tempopary basis. The interested candidate below 35years of age can attend the interview with their complete Bio-data and all the original certificate of qualification along with the photocopies of the same.

| Sl. No | Name of the post | Total No. of posts | Essential Qualification | Maximum salary per month |
|---|---|---|---|---|
| 01 | Lect. in Education | 01 | MA in education 55% | Salary negotiable |

N.B.- No TA/DA will be given for attending interview.

Sd./- Principal I/C, Kisinda Higher Secondary School, Kisinda, Dist. Sambalpur, Mob.-9777307912

# ଏନ୍‌ଆଇଟି ହୀରକ ଜୟନ୍ତୀରେ ଲିଡରଶିପ୍ କନ୍‌କ୍ଲେଭ

ରାଉରକେଲା ଅଫିସ,୨୯।୧୨

ରାଉରକେଲା ଏନ୍‌ଆଇଟିର ହୀରକ ଜୟନ୍ତୀ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟନ କରାଯାଇଥିଲା। ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଏକ ଲିଡରସିପ୍ କନ୍‌କ୍ଲେଭ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ମୁଖ୍ୟ ଅତିଥି, ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ଷ୍ଟେରଲାଇଟ ପାୱାରର ସିଇଓ ଅରୁଣ ଶର୍ମା, ଟାଟା ଷ୍ଟିଲ ମାଇନିଂର ଅଧ୍ୟକ୍ଷ ଡି. ବି. ସୁନ୍ଦରରାମ୍, ଅଜୟ ଦାସ, ଅନିଶ ଦେ, ଆଡୋବ ଇଣ୍ଡିଆର ଏମ୍‌ଡ଼ି ପ୍ରତିଭା ମହାପାତ୍ର, ସୁଧୀର ସାମଲ, ଦେବେନ୍ଦ୍ର ମୋହନା, ଦିଲୀପ କୁମାର ମୋହନି, ରାଜକିଶୋର ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ପୂର୍ବତନ ବିଦ୍ୟାର୍ଥୀମାନେ ଯୋଗଦେଇ ମେଟାଭର୍ସ, ଷ୍ଟିଲ ଉଦ୍ୟୋଗରେ କାର୍ବନ ପ୍ରତିକାର, ବିଜନେସ ଷ୍ଟ୍ରାଟେଜି, ଏନର୍ଜି ଟ୍ରାନ୍‌ଜିସନ୍, ଉତ୍ପାଦନ ଶିଳ୍ପ ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଆଲୁମିନା ମହିଳାମାନେ ତାଙ୍କ ସ୍ଥିତି ଓ ସମାଜ ପ୍ରତି ଦାୟିତ୍ୱ ଉପରେ ମତପ୍ରକାଶ କରିଥିଲେ। ଏଥିରେ ଝାଡ଼ଖଣ୍ଡ ସରକାରଙ୍କ ବାଣିଜ୍ୟିକ ଟିକସ ସଚିବ ଆରାଧନା ପଟ୍ଟନାୟକ, ଟେଟ୍ରା ସୂଚନା ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶିକା ଦୀପା କପିଲ ମହାଜନ, ମୀନା ଗୋଏଲ, କାମରାକାଲି ପରମଗୁରୁ, ଅମୃତା ମିଶ୍ର, କାରୋଡିଆ ବୋରା, ପ୍ରତିଭା ମହାପାତ୍ର ପ୍ରମୁଖ ନିଜ ମତପ୍ରକାଶ କରିଥିଲେ। ଏହି ଅବସରରେ ବମ୍ବେରୁ ଆସିଥିବା ମ୍ୟୁଜିକ କମ୍ପୋଜର ସୁଦୀପ ଜେନା ଓ ସାଥୀ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା।




ହୀରକ ଜୟନ୍ତୀ ଅବସରରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

GOVERNMENT OF ODISHA No. B-1064

e-Procurement Notice, Angul (R&B) Division

Bid Identification No. 28 of 2022-23

e-mail ID: angulrbdivision@yahoo.co.in

1. Number of Works : 04 (Four) number of Road works
2. Approximate estimated cost : Varies from Rs.73.00 lakhs to 92.00 lakhs
3. Period of Completion : 06 (Six) Calendar months
4. Date & time of availability of bid document in the portal : Dt.09.01.2023 at 10.00 A.M.
5. Last date/time for receipt of bid in the portal : Dt.24.01.2023 upto 5.00 P.M.
6. Date of Opening Bid : Dt.25.01.2023 at 11.00 A.M.
7. Name and address of the Office Inviting Bid : Executive Engineer, Angul (R&B) Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal https://tendersodisha.gov.in.

Sd./- Executive Engineer, Angul (R&B) Division

OIPR-34074/11/0015/2223

No. O-1532

GOVERNMENT OF ODISHA

OFFICE OF THE EXECUTIVE ENGINEER, R.W.S. & S. DIVISION, BHADRAK

E-mail: rwssdivisionbhadrak@gmail.com

"e" PROCUREMENT NOTICE

Bid Identification No. RWSS (BDK) - 25/2022-23

1. Name of the work : Execution of 05 Nos. of different Balance work of RPWS scheme under Bhadrak/Bhandaripokhari/Tihidi Block
2. Total Number of work : 05 (Five) Nos. individual scheme
3. Estiamted Cost : Rs.93.63 to 195.50 lakhs
4. Class of Contractor : B Class
5. Period of Completion : 09 Months

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Bhadrak | RWSS (BDK): 25/2022-23 | 06.01.2023 (From 10.00 A.M.) | 20.01.2023 upto 11.00 A.M. |

Further details can be seen from the e-procurement portal "www.tendersodisha.gov.in". Subsequent corrigendum if required shall be appeared in the website only.

Executive Engineer
R.W.S.&S. Division, Bhadrak

OIPR-25020/11/0012/2223

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4315 OSIC GST No. 21AAACO2101M1Z1

TENDER CALL NOTICE

Tender Notice No.6035/RE/OSIC Dt.28.12.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works i.e. **(i) "Supply, installation, testing and commissioning of P6 Out Door LED Panel at Champua NAC",(ii) "Supply and installation of integrated solar based drinking water projects with RO system under ITDA,Nabarangpur"(iii)"Supply & installation of one RO plant (hot and normal) having1000 Ltr. in the Dist. of Kendrapara".** Tender details can be downloaded from the OSIC website www.osicltd.in .Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)

OIPR-14073/11/0132/2223

# ପରିବେଶ ସୁରକ୍ଷା ବାର୍ତ୍ତା ନେଇ ବାଳକଙ୍କ ସାଇକେଲ ଯାତ୍ରା

## ସ୍ୱାଗତ ସମ୍ବର୍ଦ୍ଧନା କଲେ ଦେବଗଡ଼ ସହରବାସୀ

ଦେବଗଡ଼ ୨୯।୧୨ (ଡି.ଏନ.ଏ)

ପରିବେଶ ସୁରକ୍ଷା ଓ ଜୀବନ ରକ୍ଷାର ବାର୍ତ୍ତା ନେଇ ବାଳକଙ୍କ ସାଇକେଲ ଯାତ୍ରା। ବାମରା ବ୍ଲକର ବଡ ଡୁମେରମୁଣ୍ଡାର ବାଳକ ସୌମ୍ୟରଞ୍ଜନ ସାହୁ (୧୪) ବାମରାରୁ ଗତ ୨୪ ତାରିଖରେ ପୁରୀ ଯାତ୍ରା କରିଥିଲେ। ଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଗତ ୨୭ ତାରିଖ ମଙ୍ଗଳବାର ପୁଣି ଯାତ୍ରା ଆରମ୍ଭ କରି ଗୁରୁବାର ସନ୍ଧ୍ୟାରେ ଦେବଗଡ଼ରେ ପହଞ୍ଚି ରାତ୍ରି ଯାପନ କରୁଛନ୍ତି। ଶୁକ୍ରବାର ସକାଳୁ ତାଙ୍କ ସାଇକେଲ ଯାତ୍ରା ବାମରା ଅଭିମୁଖେ କରିବେ ବୋଲି କହିଛନ୍ତି। ସୌମ୍ୟରଞ୍ଜନ ଦେବଗଡରେ ପହଞ୍ଚିବା ପରେ ସ୍ଥାନୀୟ ଯୁବକ ଅଶୋକ ନନ୍ଦ, ଦିଲୀପ କୁମାର ଅଗ୍ରୱାଲ, ଅଜିତ ମୋଦୀ, ଜୟନ୍ତ ସାହୁ, ସୂର୍ଯ୍ୟକାନ୍ତ ଭୋଇ, ପିଣ୍ଟୁ ଦ୍ୱିବେଦୀ, ଅଶୋକ ଆଚାର୍ଯ୍ୟ, ଶଶାଙ୍କଶେଖର ଝାଙ୍କର, ଭୋଳା ନାଥ ଦାଶ, ହରେକୃଷ୍ଣ ସାହୁ ପ୍ରମୁଖ ତାଙ୍କୁ ଶୁଭ କାମନା ଜଣାଇବା ସହ ସ୍ୱାଗତ ସମ୍ବର୍ଦ୍ଧନା କରି ତାଙ୍କର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ନାରାୟଣ ସାହୁ ଓ ସବିତା ସାହୁଙ୍କ ପୁଅ ସୌମ୍ୟରଞ୍ଜନ ଗତ ୨୪ ରେ ମା' କାଳୀଙ୍କ ଆଶୀର୍ବାଦ ନେଇ ବିଜୁ ପଟ୍ଟନାୟକ ଛକ ବାମରାରୁ ଯାତ୍ରା ଆରମ୍ଭ କରିଥିଲେ। କୁଚିଣ୍ଡା, ଦେବଗଡ଼, ଅନୁଗୋଳ, ଆଠଗଡ, ଭୁବନେଶ୍ୱର ଦେଇ ପୁରୀରେ ୨୬ତାରିଖରେ ପହଞ୍ଚିଥିଲେ। ସେଠାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଗତ ମଙ୍ଗଳବାର ୨୭ରେ ପୁଣି ଯାତ୍ରା ଆରମ୍ଭ କରି ଗୁରୁବାର ଦେବଗଡରେ ପହଞ୍ଚିଛନ୍ତି। ଶୁକ୍ରବାର ୪୦୦ କିଲୋମିଟର ଅତିକ୍ରମ କରି ନିଜ ଘର ବାମରା ପହଞ୍ଚିବେ ବୋଲି ସୌମ୍ୟରଞ୍ଜନ ସୂଚନା ଦେଇଛନ୍ତି।



ସୌମ୍ୟରଞ୍ଜନଙ୍କୁ ଦେବଗଡରେ ସମ୍ବର୍ଦ୍ଧନା ଦିଆଯାଉଛି।

OFFICE OF THE PRINCIPAL, UTKAL SANGEET MAHAVIDYALAYA, BHUBANESWAR

Lokaseva Bhawan Marg, Unit-IV, Bhubaneswar, Pin-751001
E-mail: principalusm@gmail.com, Website: www.usmbbsr.in
Phone No.0674-2500182
No.2531 / USM, Dated 28.12.2022

TENDER CALL NOTICE

No.RR-52:- Sealed tenders are invited from the reputed and registered Event Management Firms having valid GSTIN Registration Certificate, GST Clearance Certificate during the last 3 months, PAN, MSME Registration Certificate, I.T Returns Computation Sheets during the last 3 financial years, work experiences in Govt. Sector with similar nature of the event (Work orders of Rs.10 lakhs or above in the last 3 years) for supply of necessary items and execution of different required works on the eve of celebration of Jaydev Samaroha - 2023 (USM Annual FEST.) by Utkal Sangeet Mahavidyalaya, BBSR, scheduled to be held from Dt.20.01.2023 to Dt.23.01.2023 at Utkal Mandap, BBSR. Interested firms are intimated to submit their tenders with containing Technical & Financial Bid along with required supporting enclosures in the name of the office address i.e. the Principal, Utkal Sangeet Mahavidyalaya, Lokaseva Bhawan Marg, Unit-IV, BBSR-751001 latest by Dt.10.01.2023 (5 P.M.) positively. The tenderers are advised to go through the USM official website i.e. www.usmbbsr.in or may come to this office any working days to know the detailed all terms and conditions of the tender.

Sd./- PRINCIPAL

OIPR-03011/11/0018/2223

ନିୟନ୍ତ୍ରିତ ବଜାର କମିଟି, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା

ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୨-୨୩ ବିପଣନ ବର୍ଷରେ ଖରିଫ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା

ଏତଦ୍ୱାରା ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ଉପଖଣ୍ଡ ଅନ୍ତର୍ଗତ ୪ ଗୋଟି ବ୍ଲକ୍ ଯଥା ଜଟଣୀ, ଭୁବନେଶ୍ୱର, ବାଲିପାଟଣା, ବାଲିଅନ୍ତା ବ୍ଲକର ସମସ୍ତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତିକ୍ରମେ ଉପରୋକ୍ତ ସମସ୍ତ ବ୍ଲକର ବିବେଚିତ କୃଷି ସମବାୟ ସମିତି ଲିଃ ମାନଙ୍କରେ ଚଳିତ ଖରିଫ ୨୦୨୨-୨୩ ବିପଣନ ବର୍ଷ ପାଇଁ ତା୩୦।୧୨।୨୦୨୨ରିଖଠାରୁ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଅଛି। ଏଣୁ ଏଥିସମ୍ବନ୍ଧୀୟ ସବିଶେଷ ବିବରଣୀ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି ଲିଃ ସମ୍ପାଦକଙ୍କଠାରୁ ଅବଗତ ହୋଇପାରିବ।

ଧାନର ମାନ ନିର୍ଦ୍ଧାରଣ- F.A.Q.

| କ୍ର. ନଂ. | ସାଧାରଣ କିସମ ଧାନର ମିଶ୍ରିତ ଦ୍ରବ୍ୟ ବିବରଣୀ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|---|
| ୧ | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧% |
| ୨ | କାଠି, କୁଟା, ଭୁଷି, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% |
| ୩ | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକ ଇତ୍ୟାଦି (ପାଣି ଫୁଲା, ପୋକର ୪% ଭିତରେ ସୀମିତ ରହିବା ଦରକାର) | ୫% |
| ୪ | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୫ | ସରୁ ଧନରେ ମିଶ୍ରିତ ମୋଟା ଧାନ କେବଳ (GRADE–A) ସରୁ ଧାନ ନିମନ୍ତେ | ୬% |
| ୬ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% |

ବି.ଦ୍ର.:
୧. ରାଜ୍ୟ ସରକାରଙ୍କ କୋଭିଡ-୧୯ ନିୟମ ପାଳନ କରିବାକୁ ଅନୁରୋଧ।
୨. ଧାନ କ୍ରୟ କେନ୍ଦ୍ରକୁ ଧାନ ଆଣିବା ପୂର୍ବରୁ ପଞ୍ଜୀକୃତ ଚାଷୀ ଉକ୍ତ କେନ୍ଦ୍ରରୁ ଟୋକନ ସଂଗ୍ରହ କରିବାକୁ ଅନୁରୋଧ।
୩. ଧାନକୁ ଖରାରେ ଶୁଖାଇ ପରିଷ୍କାର କରି ବିକ୍ରି ଯୋଗ୍ୟ ଧାନ ଝୋଟ ଅଖାରେ ସକାଳ ୮ ଘ. ରୁ ଦିବା ୨ଘ. ସଂଲଗ୍ନ ଧାନ କ୍ରୟ କେନ୍ଦ୍ରକୁ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ।
୪. ଧାନ ସଂଗ୍ରହର ଯଥେଷ୍ଟ ସମୟ ପୂର୍ବରୁ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ କ୍ରୟ କେନ୍ଦ୍ରରେ ଉପସ୍ଥିତ ରହିବା ପାଇଁ SMS ମାଧ୍ୟମରେ ପଞ୍ଜୀକୃତ ମୋବାଇଲ ନମ୍ବରକୁ ବାର୍ତ୍ତା ପ୍ରେରଣ ସୁବିଧା କରାଯାଇଅଛି। ଏଥି ସହିତ ଅଗ୍ରିମ ଟୋକନ୍‌ର ତାଲିକା ଧାନ କ୍ରୟକାରୀ ସମିତି କାର୍ଯ୍ୟାଳୟ ମଧ୍ୟରେ ଉପଲବ୍ଧ ହେଉଅଛି।
୫. ଚାଷୀ ଭାଇ ଓ ଭଉଣୀମାନେ ବିକ୍ରି କରିଥିବା ଧାନର ପ୍ରାପ୍ୟ ସେମାନଙ୍କର ବ୍ୟାଙ୍କ ଖାତାକୁ ଅନ୍‌ଲାଇନ ପ୍ରକ୍ରିୟାରେ ୨୪ ଘ. ରୁ ୪୮ ଘ. ମଧ୍ୟରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି। ଧାନ ସଂଗ୍ରହ କାର୍ଯ୍ୟକୁ ଶୃଙ୍ଖଳିତ ଓ ପାରଦର୍ଶିତାର ସହ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।
୬. (କ) ଗ୍ରେଡ୍ ଏ ମାନର ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି- ଟ୨୦୬୦.୦୦
(ଖ) ସାଧାରଣ କିସମ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି- ଟ୨୦୪୦.୦୦

ଚାଷୀ ହସିଲେ ଦୁନିଆ ହସିବ

ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଜଟଣୀ
ସ୍ୱା./- ଉପଜିଲ୍ଲାପାଳ, ଭୁବନେଶ୍ୱର, ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜଟଣୀ

## ଲୋଇସିଂହା କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଲୋଇସିଂହା,(ଡି.ଏନ.ଏ): ଲୋଇସିଂହା କଲେଜର ଦୁଇଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଅଧକ୍ଷ ଜି. ସାହୁ କ୍ରୀଡା ପତାକା ଉତ୍ତୋଳନ କରି ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ । କଲେଜ ପଡିଆରେ ବାଳିକା ଓ ବାଳକ ଜୁନିୟର ଓ ସିନିୟର ବର୍ଗରେ ମୋଟ ୪୮ଟି ପ୍ରତିଯୋଗିତା ଅନୁଷ୍ଠିତ ହେବାର ଅଛି । କଲେଜର ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ଗୁରୁବାର ପ୍ରଥମ ଦିନରେ ଦୌଡକୁଦ, ଜାଭଲିଙ୍ଗ ଥ୍ରୋ, ଲଙ୍ଗଜମ୍ପ,ଡିସକସ୍ ଥ୍ରୋ ଆଦି ପ୍ରତଯୋଗିତା ହୋଇଥିଲା । କ୍ରୀଡା ଶିକ୍ଷକ ପ୍ରଦୀପ ବରର୍ତ୍ତି ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଖଦ୍ୟୋତ ଅନୁଷ୍ଠାନର ଷଷ୍ଠ ବାର୍ଷିକ ଉତ୍ସବ

ବଲାଙ୍ଗୀର ଅଫିସ,୨୯।୧୨: ଖଦ୍ୟୋତର ଷଷ୍ଠ ବାର୍ଷିକ ଉତ୍ସବ ମଣ୍ଟେସୋରି ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଆକୁଳ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସିଡିଏମ୍‌ଓ ଡା. ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ମଣ୍ଟେସୋରୀ ପବ୍ଲିକ ସ୍କୁଲ ଅଧକ୍ଷ ରବିନ୍ଦ୍ର ଉଦ୍‌ଗାତା, ମୁଖ୍ୟବକ୍ତା କବି ଶୁଭ୍ରାଂଶୁ ଶେଖର ପଣ୍ଡା, ଉପସଭାପତି ରବିନ୍ଦ୍ର ପଶାୟତ ମଞ୍ଚାସୀନ ଥିଲେ । ଆନନ୍ଦ ବଡପଣ୍ଡା ସଭା ସଂଯୋଜନା କରିଥିଲେ। ବିଚାରକ ଭାବେ ଡା. ପ୍ରେମଚାନ୍ଦ ମହାନ୍ତି, ଦିବାକର ହୋତା ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ସଙ୍ଗଠକ ନାରାୟଣ ପାଢୀ ଓ ରାଜୀବ ଷଡଙ୍ଗୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଚିତ୍ରାଙ୍କନ ପ୍ରତିଯୋଗିତାରେ ସ୍ମିତି ଉଦ୍‌ଗାତା ପ୍ରଥମ, ସିନିୟର ଆୟୁଷ କୁମାର ଠାକୁର, ଦିବ୍ୟାଙ୍ଗୀ କ୍ଷେତି, ନୃତ୍ୟରେ ଆନନ୍ଦିତା ପଟ୍ଟନାୟକ, ଶ୍ରେୟାଂଶ ଯୋଷୀ, ଜୁନିୟର ନୈତିକ ନୟନ ଦାଶ, ଫେନ୍ସି ଡ୍ରେସରେ ସମର୍ପିତାଙ୍କୁ ପୁରସ୍କୃତ କରାଯାଇଥିଲା । ସଙ୍ଗୀତରେ ପୌଲମୀ ଯୋଷୀ ପ୍ରଥମ ହୋଇଥିଲେ । ଶେଷରେ ଦୁର୍ଯୋଧନ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

### ତୋଷାଳୀ କପ୍ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଗୁଡ଼ଭେଲା,୨୯।୧୨(ଡି.ଏନ.ଏ.): ତୁଷୁରା ସହରସ୍ଥିତ ମିନି ଷ୍ଟାଡିୟମଠାରେ ଗୁରୁବାର ୩ୟ ତୋଷାଳୀ କପ୍ ଭଲିବଲ କପ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ମା' ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ଉକ୍ତ ଟୁର୍ନାମେଣ୍ଟକୁ ତୁଷୁରା ତହସିଲଦାର ରବିନ୍ଦ୍ର କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ତୁଷୁରା ଥାନାଧିକାରୀ ସଞ୍ଜୀବ ପ୍ରଧାନ ଓ ଏନଏସି ଉପାଧକ୍ଷା ମାମୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାୟଗଡା ଜିଲାର ମାଲିଗାଁ ଓ ତୁଷୁରା ଦଳ ମଧ୍ୟରେ ପ୍ରଥମ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ତୁଷୁରା ବିଜୟୀ ହୋଇଥିଲା। ଦ୍ୱିତୀୟରେ ବଲାଙ୍ଗୀର ଓ କଳାହାଣ୍ଡି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇ ଥିବା ବେଳେ ବଲାଙ୍ଗୀର ଦଳ ବିଜୟୀ ହୋଇଥିଲା। ୩ୟ ବରଗଡ ଜିଲାର ଦ୍ୱାରି ଓ କେସିଙ୍ଗା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱାରୀ ଦଳ ବିଜୟୀ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେବାର ରହିଥିବା ବେଳେ ମା' ସମଲେଶ୍ୱରୀ ଭଲିବଲ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ବ୍ଲକ କଂଗ୍ରେସ କମିଟି ପକ୍ଷରୁ ହାତକୁ ହାତ ଯୋଡ଼ ପ୍ରସ୍ତୁତି

କୋକସରା,୨୯।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବ୍ଲକ ଗାନ୍ଧୀ ଭବନ କାର୍ଯ୍ୟାଳୟଠାରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ପକ୍ଷରୁ ହାତକୁ ହାତ ଯୋଡ କାର୍ଯ୍ୟକ୍ରମ ପାଇଁ ବ୍ଲକ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି କେଶବ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ସଭାପତି ଘନଶ୍ୟାମ ଜାଲ, ପିସିସି ସଦସ୍ୟ ପୁରୁଷୋତ୍ତମ ଗୁପ୍ତା, ଜିଲା ଓବିସି ସେଲ ସଭାପତି ଲିଙ୍ଗରାଜ ବେହେରା, ପୂର୍ବତନ ସଭାପତି ରାଜେନ୍ଦ୍ର ନାଏକ, ଯୁବନେତା ତ୍ରିଭୁବନ ନାଏକ, ବ୍ଲକ ଉପ ସଭାପତି ମହେନ୍ଦ୍ର ଧରୁଆ, ହରେକୃଷ୍ଣ ନାଏକ, ବରିଷ୍ଠ ନେତା ନିମାଇଁ ଧଙ୍ଗଡା ମାଝି, ମଣିଭଦ୍ର ପଣ୍ଡା, ମାର୍କଣ୍ଡ ବେମାଲ, ମୋଟେର ଜୋନ ସଭାପତି ଯତୀନ୍ଦ୍ର ଦଳେଇ, ଆମପାଣି ଜୋନ ସଭାପତି ହରିଶ୍ଚନ୍ଦ୍ର ନାଏକ, କୋକସରା ଜୋନ ସଭାପତି କମଳ ଲୋଚନ ନାଏକ, ବ୍ଲକ ସମ୍ପାଦକ ଅଭିମନ୍ୟୁ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ହାତକୁ ହାତ ଯୋଡ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଓ ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ଆଦୃତ କରିବା ପାଇଁ ଆଲୋଚନା କରିଛନ୍ତି।

# ବିଧାୟକ ପରିଦର୍ଶନ ପରେ ବି ହୋଇନି ସମାଧାନ

## ବୁର୍ଡା ମଣ୍ଡି ଧାନକିଣା ଅଚଳାବସ୍ଥା ଘଟଣା

ଲୋଇସିଂହା,୨୯।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ପାକ୍ସରେ ଧାନକିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଗତ ୩ ଦିନ ହେଲା ମଣ୍ଡିରୁ ଚାଷୀଙ୍କ ଧାନ ଉଠୁନି। ୩ କେଜିରୁ ଅଧିକ କଟନୀ ଛଟନୀକୁ ଚାଷୀ ବିରୋଧ କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଗୁରୁବାର ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମଣ୍ଡି ପରିଦର୍ଶନରେ ଯାଇଥିଲେ। ଚାଷୀ ଓ ପାକ୍ସ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଅବ୍ୟବସ୍ଥାକୁ ନେଇ ପାକ୍ସ କର୍ମଚାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଆରଏମସି କର୍ମଚାରୀ ପହଞ୍ଚି ଚାଷୀଙ୍କ ଧାନର ମାନ ପରୀକ୍ଷଣ କରିଥିଲେ। କିନ୍ତୁ ସମସ୍ୟାର ସମାଧାନ ହୋଇ ପାରିନାହିଁ ।

ବୁର୍ଡା ପାକ୍ସ ଅଧୀନରେ ବୁର୍ଡା, ବାଜିଂପାଲି, ସିଆଲବାହାଲି, ବୁଢୀପଦର, ଲୁହରାପାଲି, ପନେସରା, ଗୋପାଳପୁର, ଢୋଲମହୁଲ, ବାରଡୋଲ, ଟେଭାଡୁଙ୍ଗରୀ ରହିଛି। ଚଳିତ ଖରିଫ ଧାନବିକ୍ରି ପାଇଁ ୪୨୬ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଏଠାରେ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଧାନକିଣା ଆରମ୍ଭ ହୋଇଥିଲା । ଅଦ୍ୟାବଧି ୧୪୮ ଜଣ ଚାଷୀଙ୍କ ଠାରୁ ୫ ହଜାର ୬ଶହ ୭୭ କୁଇଣ୍ଟାଲ ଧାନ କିଣାଯାଇଥିବା ପାକ୍ସ ସୂତ୍ରରୁ ପ୍ରକାଶ । ଅପରପକ୍ଷେ ମଙ୍ଗଳବାର ମିଲର୍ସ ଉପସ୍ଥିତ ରହି କଟନୀ ଛଟନୀ ଅଧିକ କରୁଥିବା ଅଭିଯୋଗ କରି ଧାନ ବିକ୍ରି କରିବାକୁ କେତେକ ଚାଷୀ ପ୍ରତିବାଦ କରିଥିଲେ। ମଙ୍ଗଳବାର ଠାରୁ ପାକ୍ସରେ ଧାନ କିଣା ବନ୍ଦ ରହିଥିଲା। ହେଲେ ଜିଲା ପ୍ରଶାସନ କୌଣସି ହସ୍ତକ୍ଷେପ କରି ନ ଥିଲା। ଖବର ପାଇ ଲୋଇସିଂହା ବିଧାୟକ ମହାଲିଙ୍ଗ ପାକ୍ସ ପରିଦର୍ଶନ କରିଥିଲେ। ମଣ୍ଡିରେ ଉପୁଜୁଥିବା ସମସ୍ୟା ଓ ସାଧାରଣ ଚାଷୀଙ୍କୁ ଉପେକ୍ଷା କରି ଧାନବେପାରୀଙ୍କୁ ଅଗ୍ରାଧିକାର ଦିଆଯାଇ ଧାନକ୍ରୟ ହେଉଥିବା କେତେକ ଚାଷୀ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅବସରରେ ବିଧାୟକ ଟୋକନ ପାଇଥିବା ଛୋଟ ଚାଷୀଙ୍କ ଧାନ କିଣାକୁ ପ୍ରାଥମିକତା ଦେବାକୁ ପାକ୍ସ ସମ୍ପାଦକ ଘନଶ୍ୟାମ ପୁଟାଙ୍କୁ ପରାମର୍ଶ ଦେଇଥିଲେ । ମିଲର୍ସଙ୍କ ହସ୍ତକ୍ଷେପକୁ ସେ ନାପସନ୍ଦ କରିଥିଲେ। ଚାଷୀ ଓ ପାକ୍ସ କର୍ମଚାରୀ ଆଲୋଚାନ କରି କଟନୀ ଛଟନୀ ନିର୍ଦ୍ଧାରଣ କରିବାକୁ ପରାମର୍ଶ ଦେଇଥିଲେ । ପାକ୍ସର ଡିଓ ରଞ୍ଜନ ନନ୍ଦଙ୍କ କହିବା ଅନୁଯାୟୀ, ଯେଉଁ ଚାଷୀମାନେ ଧାନର ମାନ ପରୀକ୍ଷଣ ପାଇଁ ଜିଦ ଧରି ଧାନକ୍ରୟ ବନ୍ଦ କରିଥିଲେ। ସେମାନଙ୍କ ଧାନ ପରୀକ୍ଷଣ ପରେ ୬ ଓ ୭ କେଜି କଟିବ। କିନ୍ତୁ ସେମାନେ ଏଥିପାଇଁ ରାଜି ହୋଇ ନ ଥିବା ସେ କହିଛନ୍ତି।



ବିଧାୟକ ଚାଷୀ-ପାକ୍ସ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି ।

# ୪୫୨ ବସ୍ତା ବେଆଇନ ଧାନ ଜବତ

ଗୁଡ଼ଭେଲା,୨୯।୧୨(ଡି.ଏନ.ଏ.)

ଗୁରୁବାର ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅଧୀନ ଡାହିମାଳ ଓ କପସିଲାରୁ ୪୫୨ ବସ୍ତା ଧାନ ଜବତ ହୋଇଛି । ଏହି ଘଟଣାରେ ଦୁଇଟି ଗାଡି ଜବତ ହୋଇଛି ।

ପ୍ରକାଶ ଯେ, ତୁଷୁରା-କଳାହାଣ୍ଡି ରାସ୍ତାର ଡାହିମାଳ ନିକଟରୁ ଏକ ୪୦୭ ଗାଡି (ନଂ ଓଆର ୦୩ ବି ୫୯୭୯)ରେ ବେଆଇନ ଭାବେ ଚାଲାଣ ହେଉଥିବା ୪୦ ବସ୍ତା ଧାନ ସହ ଗାଡି ଜବତ ହୋଇଛି। ତୁଷୁରା ତହସିଲଦାର ରବିନ୍ଦ୍ର କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଡାହିମାଳଠାରେ ଉକ୍ତ ଗାଡିକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଧାନ ବେଆଇନ ଭାବେ ଚାଲାଣ ହେଉଥିବା ଜଣାପଡିବା ପରେ ୪୦୭ ଗାଡି ଡ୍ରାଇଭର ଏସ.ମାଝୀ ଧାନ କପସିଲା ଗ୍ରାମର ଦୁର୍ଯୋଧନ ବେହେରାଙ୍କର ବୋଲି କହିଥିଲେ। ଏହାପରେ କପସିଲା ଗ୍ରାମରେ ଥିବା ବେହେରାଙ୍କ ଧାନ ଗୋଦାମରେ ଚଢାଉ ହୋଇଥିଲା। ଉକ୍ତ ଗୋଦାମରେ ୪୧୨ ବସ୍ତା ଧାନ ବେଆଇନ ଭାବେ ଗଚ୍ଛିତ ହୋଇଥିବା ବେଳେ ଏକ ଟ୍ରାକ୍ଟର(ନଂଓଡି୦୩ଜି-୦୭୬୨)ରେ ମଧ୍ୟ ଧାନ ବୋଝେଇ ହୋଇଥିଲା। ଉକ୍ତ ଧାନ ଓ ଟ୍ରାକ୍ଟରକୁ ଜବତ କରାଯାଇ ସମଲେଶ୍ୱରୀ ପେଡି ପୋସେସିଂ ମିଲ୍‌ରେ ଜିମା ଦିଆଯାଇଛି। ସେହିପରି ଡାହିମାଳରେ ଜବତ ଧାନ ଓ ଗାଡିକୁ ଗଜାନନ ରାଇସ ମିଲରେ ଜିମା ଦିଆଯାଇଛି। ଏହି ଚଢାଉରେ ତୁଷୁରା ଥାନାଧିକାରୀ ସଞ୍ଜୀବ ପ୍ରଧାନ, ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ ପ୍ରଧାନ ଓ ରାଜସ୍ୱ ନିରୀକ୍ଷକ ନବୀନ ରାଉତ ପ୍ରମୁଖ ସାମିଲ ଥିଲେ।



ଜବତ ଧାନବସ୍ତା ।

# ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

ଜୁନାଗଡ,୨୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ କରଚଲା ଚିଦାନନ୍ଦ ମହାବିଦ୍ୟାଳୟରେ ଗତ ୨୩ ତାରିଖରୁ ଚାଲିଥିବା ଜାତୀୟ ସେବା ଯୋଜନାର ଶୀତକାଳୀନ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପୋଗ୍ରାମ ଅଫିସର ତଥା ଅଧ୍ୟାପକ ଭାରତ ଭୂଷଣ ମୁଣ୍ଡଙ୍କ ତତ୍ତ୍ୱାବଧାନରେ ୫୦ଜଣ ଶିବିରାର୍ଥୀ ଭାଗନେଇ ଥିଲେ। ଏହି ଶିବିରାର୍ଥୀମାନେ ବୃକ୍ଷରୋପଣ, କରୋନା ସଚେତନତା, ସ୍ୱଚ୍ଛ ଭାରତ ଅଭିଯାନରେ ରାସ୍ତା, ସ୍କୁଲ, ଗ୍ରାମର ପାଣି ପଏଣ୍ଟ ସହ ବିଭିନ୍ନ ସଫେଇ କାର୍ଯ୍ୟକ୍ରମ କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ ନାଗ ଶିବିର ଉଦଘାଟନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ହିମାଂଶୁ ମୋହନ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଗୌଡଛେଣ୍ଡିଆ ସରପଞ୍ଚ ଶିବପ୍ରସାଦ ହାତୀ, ସମ୍ମାନିତ ଅତିଥି ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁ, ହାବସପୁର ସରପଞ୍ଚ ବିକାଶ ଚନ୍ଦ୍ର ପଣ୍ଡା, ଅଧ୍ୟାପକ ସୁବାଷ ଚନ୍ଦ୍ର ମେହେର, ଭବାନୀ ପଣ୍ଡା, ଗିରିଧାରୀ ନାଗ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। କ୍ରୀଡା ଶିକ୍ଷକ ଜୟକିଶନ ବେହେରା ଧନ୍ୟବାଦ ଦେଇଥିଲେ।

# କବାଡି, ଭଲିବଲ ଉଦ୍‌ଘାଟିତ

ଖଡ଼ିଆଲ,୨୯।୧୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଲ ନେହେନା ଗ୍ରାମପଞ୍ଚାୟତ ଆନୁକୂଲ୍ୟରେ ହକି ବିଶ୍ୱକପ ଉପଲକ୍ଷେ ୪ଟି ଗ୍ରାମକୁ ନେଇ କବାଡି ଓ ଭଲିବଲ ଖେଳ ପ୍ରତିଯୋଗିତା ନେହେନାଠାରେ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଆଶୋକା ଦଣ୍ଡସେନା, ସମ୍ମାନିତ ଅତିଥି ଧୀରେନ୍ଦ୍ର କୁମାର ଦଣ୍ଡସେନା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଠାକୁର, ବରିଷ୍ଠ କ୍ରୀଡାବିତ୍ ଯୁଗଳ କିଶୋର ଦଣ୍ଡସେନା ଯୋଗଦେଇଥିଲେ। କବାଡି ଓ ଭଲିବଲର ୱିନର ଓ ରନର ଟିମକୁ ପୁରସ୍କୃତ କରାଯାଇଥିଲା। ସଭା ଧିରେନ୍ଦ୍ର କୁମାର ଦଣ୍ଡସେନା ପରିଚାଳନା କରିଥିଲେ।

# କ୍ରିକେଟ: ଶିରାବାହାଲ ଚାମ୍ପିୟନ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ଦେଓଗାଁ,୨୯।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉଡାର ଖେଳପଡିଆରେ ଦୁର୍ଗାପ୍ରସାଦ ମେମୋରିଆଲ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶିରାବାହାଲ ଓ ଉଡାର ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିରାବାହାଲ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ । ଖେଳକୁ ସୁରେଶ ମହାନନ୍ଦ ଓ ରୋଶନ ଛତ୍ରିଆ ପରିଚାଳନା କରିଥିଲେ। ଅନାଦି ଛତ୍ରିଆ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ମନୋଜ କୁମାର ଦୀପ ଓ ସର୍ଜନ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ ।ପ୍ରଭାତ କୁମାର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆମ୍ ଆଦମୀ ପାର୍ଟିର ରାଜ୍ୟ ପରିଷଦ ସଦସ୍ୟ ଆଶିଷ କୁମାର ପାଣ୍ଡେ,ସମ୍ମାନିତ ଅତିଥି ଭାବେ ଶିକ୍ଷାବତ୍ ପ୍ରଦୀପ କୁମାର ଛତ୍ରିଆ, ଆଶିଷ କୁମାର ବାରିକ ଓ ପ୍ରକାଶ ମହାନନ୍ଦ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ପ୍ରଦୀପ କୁମାର ବହିଦାର, ଶ୍ରୀତମ ଛତ୍ରିଆ, ବିକି ଛତ୍ରିଆ, ଅବହାର ନନ୍ଦ, ଜିତି ପୋଢ଼ ପ୍ରମୁଖ ସହଯୋଗ କରିଥିଲେ।

# ବଲାଙ୍ଗୀର ଯୁବ କଳାକାର ସଂଘର ବୈଠକ



ବଲାଙ୍ଗୀର ଯୁବ କଳାକାର ସଂଘ ବୈଠକରେ ଉପସ୍ଥିତ ସଦସ୍ୟ।

ବଲାଙ୍ଗୀର ଅଫିସ,୨୯।୧୨

ବଲାଙ୍ଗୀର ଯୁବ କଳାକାର ସଂଘର ବୈଠକ ସଭାପତି ବିନୋଦ କାଲସାଏଙ୍କ ସଭାପତିତ୍ୱରେ ବୁଧବାର ସ୍ଥାନୀୟ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ ବିଗତ ବର୍ଷର ଆୟବ୍ୟୟ ଓ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ବୈଠକରେ କଳାକାରମାନଙ୍କ ସମସ୍ୟା ବିଷୟରେ ଆଲୋଚନା ହୋଇଥିବା ବେଳେ କଳାକାର ଫଣ୍ଡ ଗଠନ ପାଇଁ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଆଗାମୀ ଦିନରେ ଜିଲାର କଳାକାରମାନଙ୍କୁ ସଙ୍ଗଠିତ କରିବା ଓ କଳାକୁ ବଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋପଳ ପଧାନ, ହିମାଂଶୁ ଖମାରୀ, କଣ୍ଠଶିଳ୍ପୀ ରୁକୁ ସୁନା, ଅର୍ଚ୍ଚନା ପାଢୀ, ସ୍ୱରୁପା ସିଂ, ଶ୍ରୀପଦା ଷଡଙ୍ଗୀ, କଳ୍ପନା ମହାନ୍ତି, ଆନନ୍ଦିନୀ ନାଏକ, ଅସୀମା ବାରିକ, ଯୋଗେନ୍ଦ୍ର ଦୀପ, ବିନୟ ସୁନା, ପ୍ରଶାନ୍ତ, ଟୁକୁ, ନିରଞ୍ଜନ, ଶିବୁ ରାଉତ, ଭିକି ପ୍ରୋ, ଗୋବର୍ଦ୍ଧନ ଭୋଇ, ରଞ୍ଜିତ ମହାନନ୍ଦ, ସୁଦୀପ ବେହେରା, ମୁକେଶ ସୁନା, ସରୋଜ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।

# ଖପ୍ରାଖୋଲରେ ବ୍ଲକ ସାଧନ କେନ୍ଦ୍ର ଉଦ୍‌ଘାଟିତ

ଖପ୍ରାଖୋଲ,୨୯।୧୨(ଡି.ଏନ.ଏ.)

ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆମେରିକାନ ଇଣ୍ଡିଆ ଫାଉଣ୍ଡେଶନ, ଏଚଡିଏଫସି ବ୍ୟାଙ୍କ, ପରିବର୍ତ୍ତନ ଓ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଗୋଷ୍ଠୀ ସାଧନ କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ବ୍ଲକ ଅଧକ୍ଷା ନିରୁପମା ପଟେଲ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତ, ବ୍ଲକ ସହ ଶିକ୍ଷା ଅଧିକାରୀ ମିନିକେତନ ବରିହା, ସାମାଜିକ କର୍ମୀ ପବିତ୍ର ପଟେଲ ଯୋଗ ଦେଇଥିଲେ। ଆମେରିକାନ ଇଣ୍ଡିଆ ଫାଉଣ୍ଡେଶନ ଜିଲା ଏକାଡେମୀ ଏକ୍ସପର୍ଟ ସୌମ୍ୟ ରଞ୍ଜନ ଠାକୁର ବ୍ଲକ ସାଧନ କେନ୍ଦ୍ର ଏବଂ ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଦେଶାନ୍ତର ସମସ୍ୟା ଓ କୋଭିଡ ସମସ୍ୟା ଯୋଗୁ ଶିକ୍ଷଣୀୟ ବୌଦ୍ଧିକ ବିକାଶରେ ପ୍ରତିକୂଳ ପ୍ରଭାବ ପଡିଥିବାରୁ ତାହା ପୂରଣ ପାଇଁ ବ୍ଲକ ସ୍ତରରେ ତଥା ଚିହ୍ନଟ ବିଦ୍ୟାଳୟ ସ୍ତରରେ ଗୋଷ୍ଠୀ ସାଧନ କେନ୍ଦ୍ର ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ଗୋଷ୍ଠୀ ସାଧନ କେନ୍ଦ୍ରକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ଏଥିସହ ଗୋଷ୍ଠୀ ସାଧନ କେନ୍ଦ୍ରରେ ଆଧୁନିକ ଜ୍ଞାନ କୌଶଳର ଶିକ୍ଷଣୀୟ ଉପକରଣ ପ୍ରଦର୍ଶିତ କରିଥିଲେ। ଏହି ଅବସରରେ ସେଟଅପ ଏବଂ ଡେମୋନଷ୍ଟ୍ରେଟର ସୁରଥ ମହାକୁର, ରୋହିତ ପଧାନ , ପରମେଶ୍ୱର ରଣା, ବୈଦ୍ୟନାଥ ମିଶ୍ର , ରୀନା ଜାଲଙ୍କ ସମେତ ସରପଞ୍ଚ , ସ୍କୁଲ ଶିକ୍ଷକ, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜିକା ଜ୍ୟୋର୍ତିମୟୀ ସାହୁ ପରିଚାଳନା କରିଥିଲେ।

# ଜିଲା ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରିଣୀ ବୈଠକ



ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ସଦସ୍ୟ।

ବଲାଙ୍ଗୀର ଅଫିସ,୨୯।୧୨

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ସଂଘର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଡ. ଗୁରୁଶ୍ରୀ ଘାସିରାମ ମିଶ୍ରଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସମ୍ପାଦକ ବସନ୍ତ ଆଚାର୍ଯ୍ୟ ସାଂଗଠନିକ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିବାକୁ ମତ ଦେଇଥିଲେ। ମୁଖ୍ୟ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର ଉପଖଣ୍ଡ ସ୍ତରରେ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ସମନ୍ୱୟ ପାଇଁ ପ୍ରସ୍ତାବ ଦେଇଥିଲେ ଏବଂ ବ୍ଲକ ସ୍ତରରେ କମିଟି ଗଠନ ପାଇଁ ମତ ପ୍ରକାଶ ପାଇଥିଲା । ଉପଦେଷ୍ଟା ସୁବାସ ଚନ୍ଦ୍ର ପଣ୍ଡା ପାଣ୍ଠିର ଅଭିବୃଦ୍ଧି ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଖୁଜେନପାଲି ଫାର୍ମ ହାଉସଠାରେ ୪ ତାରିଖ ଦିନ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର ହୋଇଥିଲା। ସେହିପରି ମହିଳା ବରିଷ୍ଠ ନାଗରିକ ମଞ୍ଚ ଗଠନ ପାଇଁ ଜ୍ୟୋସ୍ନାରାଣୀ ନନ୍ଦଙ୍କୁ ସର୍ବସମ୍ମତିକ୍ରମେ ଜିଲାର ଦାୟିତ୍ୱ ଅର୍ପଣ କରାଗଲା। ଉକ୍ତ ବୈଠକରେ ସଂଘର ରାହାସ ବିହାରୀ ଭୋଇ, ଯଥା ବିଶ୍ୱାଲ, ଶିବ ଶଙ୍କର ଖୁଆସ, ରାଧାକୃଷ୍ଣ ମେହେର, ମଦନ ମୋହନ ପାଣିଗ୍ରାହୀ ଉପସ୍ଥିତ ଥିବା ବେଳେ ପ୍ରତାପ ଚନ୍ଦ୍ର ରଥ ସହଯୋଗ କରିଥିଲେ। ଶେଷରେ ଉପଦେଷ୍ଟା ସୁବାସ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମାହେଶ୍ୱରୀ ସଙ୍ଗଠନର ବାର୍ଷିକ ବୈଠକ

ବଲାଙ୍ଗୀର ଅଫିସ,୨୯।୧୨

ମାହେଶ୍ୱରୀ ସଙ୍ଗଠନର ବାର୍ଷିକ ବୈଠକ ବୁଧବାର ଚଁଟିଆପାଲିଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଗଠନ ମୁଖ୍ୟ ଅଙ୍କୁଶ କୁମାର ପାଣ୍ଡିଆ ସଭା ପରିଚାଳନା କରିଥିଲେ। ସଙ୍ଗଠନ ଉପଦେଷ୍ଟା ଦୀନେଶ ଶର୍ମା, ବ୍ୟାସଦେବ ନନ୍ଦ, ଲୋଟସ ଷଡଙ୍ଗୀ, ଡ. ଲଳିତ ସାହୁ ମଞ୍ଚାସୀନ ଥିଲେ। ନୂତନ ଭାବେ ମନୋନୀତ ହୋଇଥିବା ସଂଯୋଜକ ଓ ସହ-ସଂଯୋଜକମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଆଗଲପୁର ହାଇସ୍କୁଲ ବାର୍ଷିକ କ୍ରୀଡା ଉତ୍ସବ ବେଳେ ଅଘଟଣରେ ଆହତ ଛାତ୍ରଙ୍କୁ ସାହାଯ୍ୟ କରିଥିବା ଆଗଲପୁର ମାହେଶ୍ୱରୀ ଶାଖା ସଂଯୋଜକ ସନ୍ନ୍ୟାସୀ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ମାହେଶ୍ୱରୀ ସଙ୍ଗଠନର ବିଭିନ୍ନ ଶାଖାରେ ହୋଇଥିବା କାର୍ଯ୍ୟକଳାପଗୁଡିକର ବିବରଣୀ ଦିଆଯାଇଥିଲା। ବିଷ୍ଣୁପ୍ରିୟା ପାଣି ଧନ୍ୟବାଦ ଅର୍ପଣ କରିଥିଲେ।



ମାହେଶ୍ୱରୀ ସଙ୍ଗଠନର ବାର୍ଷିକ ଉତ୍ସବରେ ଉପସ୍ଥିତ ସଦସ୍ୟ।

# ଆବର୍ଜନାରେ ପରିପୂର୍ଣ୍ଣ ରେଳଷ୍ଟେଶନ ରାସ୍ତା

## ଖପ୍ରାଖୋଲ ବ୍ଲକ

ଲାଠୋର,୨୯।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରୋଡ ରେଳ ଷ୍ଟେଶନ ରାସ୍ତା ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଥିଲେ ମଧ୍ୟ ସେଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଦୀର୍ଘ ବର୍ଷରୁ ଲାଠୋର ସାପ୍ତାହିକ ହାଟରୁ ରେଳ ଷ୍ଟେଶନକୁ ଏକ ରାସ୍ତା ସଂଯୋଗ କରୁଛି। ସେହି ରାସ୍ତା ଦେଇ ପ୍ରତିଦିନ ଜନସାଧାରଣ ଯିବା ଆସିବା କରୁଛନ୍ତି। ସାପ୍ତାହିକ ହାଟ ନିକଟରେ ରହିଥିବା ହୋଟେଲ, ଚା ଦୋକାନ ତଥା ଅନ୍ୟ ଦୋକାନୀମାନେ ଅଳିଆ ଆବର୍ଜନା ଆଣି ରାସ୍ତା କଡ଼ରେ ଜମା କରୁଛନ୍ତି । ଏହାଛଡା ହୋଟେଲରୁ ବାହାରୁଥିବା ମଇଳା ପାଣି ଏହି ରାସ୍ତା କଡ଼ରେ ଫିଙ୍ଗି ଦେଉଛନ୍ତି। ମଇଳା ପାଣିରୁ ଦୁର୍ଗନ୍ଧ ବାହାରିବା ସହ ରାସ୍ତାରେ ଜମି ରହୁଛି। ଫଳରେ ସେହି ରାସ୍ତା ଦେଇ ଯିବା ଆସିବା କରୁଥିବା ଲୋକେ ନା ନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ଅଭିଯୋଗ କଲା ପରେ କିଛି ଦିନ ରାସ୍ତା ଠିକ୍ ଠାକ୍ ଥିଲା। ହେଲେ ବର୍ତ୍ତମାନ ପୁଣି ଆବର୍ଜନାରେ ରାସ୍ତା ପରିପୂର୍ଣ୍ଣ ରହିଛି ଏବଂ ରାସ୍ତାରେ ପାଣି ଭାସୁଛି। ଏନେଇ କଣ୍ଟାବାଞ୍ଜି ଆଇଓଡବ୍ଲୁ ଦୀପକ କୁମାରଙ୍କୁ ପଚାରିବାରେ ଯେଉଁମାନେ ରାସ୍ତାରେ ଆବର୍ଜନା ପକାଇ ସମସ୍ୟା ସୃଷ୍ଟି କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।



ଆବର୍ଜନାରେ ପରିପୂର୍ଣ୍ଣ ରେଳଷ୍ଟେଶନ ରାସ୍ତା ।

# ବରଗଡ଼ ଧନୁଯାତ୍ରାର ଝଲକ...


ବରଗଡ଼ ଏସ୍‌ଡ଼ିପିଓ ନନ୍ଦ ଦରବାରକୁ ଉଦ୍‌ଘାଟନ କରୁଛନ୍ତି ।


କଂସ ମହାରାଜଙ୍କ ଶ୍ୟାମେଶ୍ୱର ମହାଦେବଙ୍କୁ ଦର୍ଶନ କରୁଛନ୍ତି।


କଂସ ମହାରାଜା ହାତୀ ପିଠିରେ ବସି ମଥୁରା ଭ୍ରମଣରେ ବାହାରିଛନ୍ତି ।


ପୁରୀରୁ ଆସିଥିବା ଜଗନ୍ନାଥଙ୍କ ଭୋଗ କଂସ ମହାରାଜଙ୍କୁ ପ୍ରଦାନ କରାଯାଉଛି।


ରଙ୍ଗୋଲି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ କଂସ ମହାରାଜା ପୁରସ୍କୃତ କରୁଛନ୍ତି ।


କଂସ ଦରବାରରେ ରାଜ ଅତିଥି।

## ଆଜିର ଆକର୍ଷଣ
୩୦|୧୨|୨୨(ଶୁକ୍ରବାର)

**ମଥୁରାନଗରୀ**
କଂସଙ୍କ ମନ୍ତ୍ରଣାକ୍ରମେ ପୁତନା, ବକା, ଶକଟା, ତୃଣା, ଧେନୁ, ଷଣ୍ଢାସୁର ଆଦିଙ୍କୁ ଗୋପପୁର ପ୍ରେରଣ, କଂସଙ୍କ ଦ୍ୱାରା ମୁକ୍ତେଶ୍ୱର ବାବାଙ୍କ ରୁଦ୍ରାଭିଷେକ (ସେଲଟ୍ୟାକ୍ସ ଅଫିସ ପରିସର)।

**ଗୋପପୁର**
ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, କଂସ ପ୍ରେରିତ ପୁତନା, ବକା, ଶକଟା, ତୃଣା, ଧେନୁ, ଷଣ୍ଢାସୁର ଆଦିଙ୍କୁ ବଧ ଓ ନନ୍ଦୋତ୍ସବ।

## ସଂକ୍ଷେପରେ

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

**ବରପାଲି,୨୯|୧୨(ଡି.ଏନ.ଏ.):** ବରପାଲି ବରଗଡ଼ ଜାତୀୟ ରାଜପଥ କଡ଼ରେ ଥିବା ଏକ ରାଇସ ମିଲ୍ ନିକଟରେ ରହୁଥିବା ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତା ଯୁବତୀ ହେଲେ ବଲାଙ୍ଗୀର ଜିଲାର ଟିଟିଲାଗଡ ଥାନାର ସାନପତ୍ରା ଗ୍ରାମର ମୂଳବାସିନ୍ଦା କାନ୍ତି ବାଗ(୨୫)। ବରପାଲି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ବଲାଙ୍ଗୀର ଜିଲାର ଟିଟିଲାଗଡ ଥାନାର ସାନପତ୍ରା ଗ୍ରାମର ବରଗୁଡ଼ିଆ ବାଗ ବରପାଲି-ବରଗଡ଼ ଜାତୀୟ ରାଜପଥ କଡ଼ରେ ଥିବା ଏକ ରାଇସ ମିଲ୍ ନିକଟରେ ସପରିବାର ରହୁଥିଲେ ଏବଂ ମଜୁରୀ କରି ଚଳୁଥିଲେ। ତେବେ ଗୁରୁବାର ସକାଳେ ତାଙ୍କ ଝିଅ କାନ୍ତି ଶୋଇଥିବା କୋଠରୀ ବହୁ ସମୟ ଯାଏ ବନ୍ଦ ରହିଥିଲା। ବରଗୁଡିଆଙ୍କ ପୁଅ ସୁମିତ୍ର ଅନ୍ୟମାନଙ୍କ ସହାୟତାରେ କୋଠରୀ ଖୋଲିବାରୁ କାନ୍ତି ବେକରେ ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ବରପାଲି ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣା ପଡିନାହିଁ।

### ବଡ଼ବନ୍ଧ ପୁନରୁଦ୍ଧାର କାର୍ଯ୍ୟ ଶୁଭାରମ୍ଭ

**ପଦ୍ମପୁର,୨୯|୧୨(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ସହରରେ ଥିବା ବଡ଼ବନ୍ଧ (ପୋଖରୀ)ର ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଗୁରୁବାର ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗ ଦେଇ ଏହାର ଶୁଭ ଦେଇଥିଲେ। ୧କୋଟି ୯୨ ଲକ୍ଷ ଟଙ୍କା ବ୍ୟୟରେ ପୋଖରୀର ପଙ୍କୋଦ୍ଧାର, ସୌନ୍ଦର୍ଯ୍ୟକରଣ, ବୃକ୍ଷରୋପଣ, ଆଲୋକୀକରଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଉନ୍ନୟନମୂଳକ କାର୍ଯ୍ୟ କରାଯିବ। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷା ସାବିତ୍ରୀ ବାଗ, ଉପାଧକ୍ଷା ଭାରତୀ ପଟ୍ଟନାୟକ, ସମସ୍ତ କାଉନସିଲର, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, କନିଷ୍ଠ ଯନ୍ତ୍ରୀ ରାଣାସାଏ ସିଂ, ଓଡିଶା ମୋ ପରିବାର ଜିଲା ସଂଯୋଜକ ଗୌରହରି ମିଶ୍ର, ବଡବନ୍ଧ ଉନ୍ନୟନ ଦାୟିତ୍ୱରେ ଥିବା ପ୍ରମୋଦ ମେହେର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ୧୯୭୪ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ପଦ୍ମପୁର,୨୯|୧୨(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ହାଇସ୍କୁଲର ୧୯୭୪ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଗୁରୁବାର କେର୍ମେଲାବାହାଲରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପୁରାତନ ଛାତ୍ରୀଛାତ୍ରମାନେ ବିଗତ ଦିନର ସ୍ମୃତିଚାରଣ କରିବା ସହିତ ସ୍ୱର୍ଗତ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ବରିହାଙ୍କ ଝିଅ ତଥା ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଉପସ୍ଥିତ ଥିଲେ। ବେଣୁମାଧବ ଦୋରା, ଡାକ୍ତର ରଜତ ସାହୁ, ଜିତେନ୍ଦ୍ର ଗୁରୁ, ଗୋବିନ୍ଦ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧନୁଯାତ୍ରା ହୀରକ ଜୟନ୍ତୀରେ କବିତା ପାଠୋତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ କବିବୃନ୍ଦ।

**ବରଗଡ଼ ଅଫିସ,୨୯|୧୨**

ଧନୁଯାତ୍ରାର ହୀରକ ଜୟନ୍ତୀ ଅବସରରେ ବରଗଡ଼ ସୃଷ୍ଟି ଫାଉଣ୍ଡେଶନ ତରଫରୁ କବି ରୋହିତ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବହୁଭାଷୀ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ଗାୟକ ଅଶୋକ ପଶାୟତଙ୍କ ଧନୁଯାତ୍ରା ଉପରେ ଏକ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ କଟକର କବି ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ କବି ହରି ଚରଣ ଖଟୁଆ କବିତା ପାଠର ସଂଯୋଜନା କରିଥିଲେ। କବି ଡ. ଅଶୋକ ମହାପାତ୍ର ପଠିତ କବିତାଗୁଡିକର ସମୀକ୍ଷା କରିଥିଲେ। ପଞ୍ଚାନନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅତାବିରାରେ ରକ୍ତଦାନ ଶିବିର, ୫୫ୟୁନିଟ୍ ସଂଗ୍ରହ

**ଜାମଟିକ୍ରା, ୨୯|୧୨(ଡି.ଏନ.ଏ.):** ବରଗଡ଼ ଜିଲା ଅତାବିରା ଆନନ୍ଦ କଲ୍ୟାଣ ମଣ୍ଡପରେ ଗୁରୁବାର କୋଶଳ ଆନ୍ଧ୍ର ୱେଲଫେଏର ଆସୋସିଏଶନ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡାକ୍ତର ରାମକୈଳାସ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିକାଶ ଗ୍ରୁପ୍‌ର ଅଧ୍ୟକ୍ଷ ଡି. ମୁରଲିକ୍ରିଷ୍ଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୁର୍ଲା ଓ ବରଗଡରୁ ରକ୍ତ ସଂଗ୍ରହକାରୀ ଦଳ ରକ୍ତ ସଂଗ୍ରହ କରିଥିଲେ। ଡାକ୍ତର ରୋଶନ ଦେବାଗନ, ସୁଶାନ୍ତ କୁମ୍ଭାର, ସୂର୍ଯ୍ୟନାରାୟଣ ବେହେରା, ଅମରଜିତ ମହାନ୍ତି, ଅଗ୍ନି ରଞ୍ଜନ ସାହୁ, ସବିତା ନାଏକ, ନିହା ସାହୁ, କୃଷ୍ଣଚନ୍ଦ୍ର ସାହୁ, ମହେନ୍ଦ୍ର ମେହେର, ନଳିନୀ ମେହେର ସହଯୋଗ କରିଥିଲେ। ଶିବିରରେ ମୋଟ ୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ନାଟକ 'ନିଶା ଦିଏ ଦଶା' ମଞ୍ଚସ୍ଥ

**ପଦ୍ମପୁର,୨୯|୧୨(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଢୋଲବନ୍ଧ ଗ୍ରାମରେ ଜମଲା ଡିଗ୍ରୀ କଲେଜର ଜାତୀୟ ସେବା ଯୋଜନା ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରାଜକୁମାର ସାହୁଙ୍କ ଲିଖିତ ସଚେତନ ଧର୍ମୀ ନାଟକ 'ନିଶା ଆଣିଦିଏ ଦଶା' ପରିବେଷିତ ହୋଇଥିଲା। ନିଶା ନିବାରଣ ଉପରେ ଗତିଶୀଳ ନାଟକଙ୍କୁ ଦର୍ଶକ ପ୍ରଂଶସା କରିଥିଲେ। ଉଦ୍‌ଯାପନୀ ସଭାରେ ପ୍ରିନ୍ସପାଲ ସ୍ୱାଧୀନ ପଧାନ ମୁଖ୍ୟ ଅତିଥି, ଦୟାନିଧି ସୁନା ସମ୍ମାନିତ ଅତିଥି, ଶିକ୍ଷାବିତ୍ ଟିକେଲାଲ ସ୍ୱାଇଁ, ନାଟ୍ୟକାର ରାଜକୁମାର ସାହୁ, ଅଧ୍ୟାପିକା ପ୍ରିୟଙ୍କା ବେହେରା, ସୁମନ୍ତ ବାଜପେୟୀ ବକ୍ତା ଭାବେ ମଞ୍ଚାସୀନ ଥିଲେ। ପରେ କୁନି କଳାକାରଙ୍କ ଦ୍ୱାରା ନୃତ୍ୟଗୀତର ଆସର ଜମିଥିଲା। ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ ଓ ଅଧ୍ୟାପିକା ମିନତୀ ଦେବତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଛାତ୍ରୀଛାତ୍ର ଓ କଲେଜର କର୍ମଚାରୀ ସହଯୋଗ କରିଥିଲେ।



ଛାତ୍ରମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଉଛି।

## ୪୫୨ ବସ୍ତା ବେଆଇନ ଧାନ ଜବତ

**ଗୁଡ଼ଭେଲା,୨୯|୧୨(ଡି.ଏନ.ଏ.)**


ଜବତ ଧାନବସ୍ତା।

ଗୁରୁବାର ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅଧୀନ ଡାହିମାଳ ଓ କପସିଲାରୁ ୪୫୨ ବସ୍ତା ଧାନ ଜବତ ହୋଇଛି । ଏହି ଘଟଣାରେ ଦୁଇଟି ଗାଡି ଜବତ ହୋଇଛି ।

ପ୍ରକାଶ ଯେ, ତୁଷୁରା-କଳାହାଣ୍ଡି ରାସ୍ତାର ଡାହିମାଳ ନିକଟରୁ ଏକ ୪୦୭ ଗାଡି (ନଂ ଓଆର ୦୩ ବି ୫୯୭୯)ରେ ବେଆଇନ ଭାବେ ଚାଲାଣ ହେଉଥିବା ୪୦ ବସ୍ତା ଧାନ ସହ ଗାଡି ଜବତ ହୋଇଛି। ତୁଷୁରା ତହସିଲଦାର ରବିନ୍ଦ୍ର କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଡାହିମାଳଠାରେ ଉକ୍ତ ଗାଡିକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଧାନ ବେଆଇନ ଭାବେ ଚାଲାଣ ହେଉଥିବା ଜଣାପଡିବା ପରେ ୪୦୭ ଗାଡି ଡ୍ରାଇଭର ଏସ.ମାଝୀ ଧାନ କପସିଲା ଗ୍ରାମର ଦୁର୍ଯୋଧନ ବେହେରାଙ୍କର ବୋଲି କହିଥିଲେ। ଏହାପରେ କପସିଲା ଗ୍ରାମରେ ଥିବା ବେହେରାଙ୍କ ଧାନ ଗୋଦାମରେ ଚଢାଉ ହୋଇଥିଲା। ଉକ୍ତ ଗୋଦାମରେ ୪୧୨ ବସ୍ତା ଧାନ ବେଆଇନ ଭାବେ ଗଚ୍ଛିତ ହୋଇଥିବା ବେଳେ ଏକ ଟ୍ରାକ୍ଟର(ନଂଓଡି୦୩ଜି-୦୭୬୨)ରେ ମଧ ଧାନ ବୋଝେଇ ହୋଇଥିଲା। ଉକ୍ତ ଧାନ ଓ ଟ୍ରାକ୍ଟରକୁ ଜବତ କରାଯାଇ ସମଲେଶ୍ୱରୀ ପେଡି ପୋସେସିଂ ମିଲ୍‌ରେ ଜିମା ଦିଆଯାଇଛି। ସେହିପରି ଡାହିମାଳରେ ଜବତ ଧାନ ଓ ଗାଡିକୁ ଗଜାନନ ରାଇସ ମିଲରେ ଜିମା ଦିଆଯାଇଛି। ଏହି ଚଢାଉରେ ତୁଷୁରା ଥାନାଧିକାରୀ ସଞ୍ଜୀବ ପ୍ରଧାନ, ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ ପ୍ରଧାନ ଓ ରାଜସ୍ୱ ନିରୀକ୍ଷକ ନବୀନ ରାଉତ ପ୍ରମୁଖ ସାମିଲ ଥିଲେ।

## କବାଡି, ଭଲିବଲ ଉଦ୍‌ଘାଟିତ

**ଖଡ଼ିଆଳ,୨୯|୧୨(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ନେହେନା ଗ୍ରାମପଞ୍ଚାୟତ ଆନୁକୁଲ୍ୟରେ ହକି ବିଶ୍ୱକପ ଉପଲକ୍ଷେ ୪ଟି ଗ୍ରାମକୁ ନେଇ କବାଡି ଓ ଭଲିବଲ ଖେଳ ପ୍ରତିଯୋଗିତା ନେହେନାଠାରେ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଆଶୋକା ଦଣ୍ଡସେନା, ସମ୍ମାନିତ ଅତିଥି ଧୀରେନ୍ଦ୍ର କୁମାର ଦଣ୍ଡସେନା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଠାକୁର, ବରିଷ୍ଠ କ୍ରୀଡାବିତ୍ ଯୁଗଳ କିଶୋର ଦଣ୍ଡସେନା ଯୋଗଦେଇଥିଲେ। କବାଡି ଓ ଭଲିବଲର ୱିନର ଓ ରନର ଟିମକୁ ପୁରସ୍କୃତ କରାଯାଇଥିଲା। ସଭା ଧିରେନ୍ଦ୍ର କୁମାର ଦଣ୍ଡସେନା ପରିଚାଳନା କରିଥିଲେ।

## ପରିବା ଚାଷୀ ସହୁଛନ୍ତି କ୍ଷତି

**ପଦ୍ମପୁର,୨୯|୧୨(ଡି.ଏନ.ଏ.)**

ପନିପରିବାର ଦାମ୍ ଆଶାତୀତ କମିଯିବାରୁ ଚାଷୀମୁଣ୍ଡରେ ଚଡ଼କ ପଡିଛି। ବିହନ, ସାର, କୀଟନାଶକ, ଜମିଚାଷ, ଜଳସେଚନ, ପରିଶ୍ରମ କରିବା ପରେ ଚଳିତବର୍ଷ ପନିପରିବା ବହୁତ ଭଲ ହୋଇଥିଲା ଏବଂ ଚାଷୀ କିଛି ଲାଭ ପାଇବ ବୋଲି ଆଶା କରିଥିଲେ। କିନ୍ତୁ ଅମଳ ସମୟରେ ପରିବା ଦର କମିଯିବାରୁ ଆଶା ଧୂଳିସାତ ହୋଇଗଲା। ଟମାଟୋ କେଜି ପ୍ରତି ୨ଟଙ୍କା, ଫୁଲକୋବି ୧୦ଟଙ୍କାରେ ଦେଢକେଜି, ବନ୍ଧାକୋବି ଗୋଟାକୁ ୫ଟଙ୍କା, ବାଇଗଣ କେଜି ୩ଟଙ୍କା ଏଭଳି ଭାବେ ସମସ୍ତ ପନିପରିବା ଦର କମିଯାଇଛି। ଚାଷୀ ଧାରକରଜ କରି ଚାଷ କରିଥିଲେ। ବର୍ତ୍ତମାନ ମୂଳଧନ ମିଳୁ ନ ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇବସିଛି। ପନିପରିବା ଚାଷୀଙ୍କୁ ସରକାର ପ୍ରୋତ୍ସାହିତ କରୁଥିବା ବେଳେ ବଜାର ବ୍ୟବସ୍ଥା ଠିକ୍ ନ ଥିବାରୁ ବହୁତ କ୍ଷତି ସହିବାକୁ ପଡୁଛି। ସରକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ସତଲମା କଲେଜର ବାର୍ଷିକ କ୍ରୀଡ଼ୋତ୍ସବ ଉଦ୍‌ଯାପିତ

**ବରପାଲି,୨୯|୧୨(ଡି.ଏନ.ଏ.)**

ବରପାଲି ନିକଟସ୍ଥ ସତଲମା କଲେଜର ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ପ୍ରଥମେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ଆସିଥିଲା। ପରେ କଲେଜର ୨୯ତମ ବାର୍ଷିକ କ୍ରୀଡ଼ା ଉତ୍ସବକୁ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ଶ୍ରୀପତି ପଣ୍ଡା କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଲିଙ୍ଗରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପ୍ରାକ୍ତନ ସଭାପତି ଚଞ୍ଚଳ ପ୍ରଧାନ ମୁଖ୍ୟ ଅତିଥି, ଅଧିକାରୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ର ବର୍ଗରେ ଯଶୋବନ୍ତ ମାଝୀ, ଛାତ୍ରୀ ବର୍ଗରେ ସୁନୀତି ମାଝୀ ଚାମ୍ପିୟନ ହୋଇଥିଲେ। କ୍ରୀଡ଼ା ଶିକ୍ଷକ ବାବୁଲୁ ତ୍ରିପାଠୀ, ଫଣୀନ୍ଦ୍ର ସାହୁ, ଅତିଶ ସାହୁ, ବାବୁଲୁ ପ୍ରଧାନ, ଦୁଷ୍ମନ୍ତ ଭୋଇ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। କଲେଜର ଲୋକବନ୍ଧୁ ପ୍ରଧାନ, ଡ. ପ୍ରତାପ ଚନ୍ଦ୍ର ପ୍ରଧାନ, ଶ୍ୟାମସୁନ୍ଦର ଭୋଇ, ପଞ୍ଚାନନ ବେହେରା, ସୁଶ୍ରୀ ଚେତନା ପ୍ରଧାନ, ଦେବାଶିଷ ଦାଶ, ସୁଶାନ୍ତ ତ୍ରିପାଠୀ, ସମ୍ପଦ ସିଂହ, ଅଶୋକ ସାହୁ, ମୀନକେତନ ରଣା, କୁଳରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବେନିଆପାଲି କବାଡ଼ି: ଦଲ୍ଲୀପାଲି ଚାମ୍ପିୟନ

**ଅମ୍ବାଭୋନା,୨୯|୧୨(ଡି.ଏନ.ଏ.)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଧୀନ ବେନିଆପାଲି ଗ୍ରାମ ଖେଳ ପଡ଼ିଆରେ ତିନିଦିନ ଧରି ଚାଲିଥିବା ପଞ୍ଚମ ବର୍ଷ କବାଡ଼ି ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଅମ୍ବାଭୋନା ବ୍ଲକ ଜିଲା ପରିଷଦ ସଭ୍ୟା ନୀଳକୁମାରୀ ନାୟକ ଓ ବ୍ଲକ ଉପାଧକ୍ଷା କମଳା ନାୟକ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଜୁ ଜନତା ଦଳର ଯୁବନେତା ସୁବ୍ରତ ବେହେରା ମୁଖ୍ୟ ଅତିଥି, ବ୍ଲକ ସଭାପତି ରଘୁନାଥ ପଟେଲ, ପୂର୍ବତନ ସରପଞ୍ଚ ଗୌତମ ଦେହେରୀ, ଭଟଲି ବ୍ଲକ ସଭାପତି ଗୋବିନ୍ଦ ପଧାନ, ଯୁବନେତା ସତ୍ୟନାରାୟଣ ପଧାନ, ଦ୍ୱାରି ସରପଞ୍ଚ ଜ୍ଞାନରଞ୍ଜନ ଭୋଇ, ମଣ୍ଟୁ ବଢେଇ, ଖେଟବ୍ରତ ସାହୁ, କହ୍ନେୟା ନାୟକ, ଦିଲ୍ଲୀପ ଦେହେରୀ, ସନ୍ୟାସୀ ଦେହେରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୩୦ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ସମ୍ବଲପୁର ବିପାସା ଏବଂ ରାୟଗଡ ଦଲ୍ଲୀପାଲି ମଧ୍ୟରେ ଅନୁଷ୍ଠିତ ହୋଇ ଦଲ୍ଲୀପାଲି ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। କିଶନ, ଅଜୟ ଖେଳ ପରିଚାଳନା କରିଥିବା ବେଳେ ମଧୁ ଧାରା ବିବରଣୀ ପ୍ରଦାନ କରିଥିଲେ। ହିତେଶ, ରାଜେଶ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅନଙ୍ଗ, ଶୁଭ, ଟିକୁଲୁ, ପିଲୁ, ହେମାନନ୍ଦ, ମୁକେଶ, ରାଜେଶ, ପିଣ୍ଟୁ, ସରୋଜ, ଯସ୍ମିନ ପ୍ରମୁଖ ସହଯୋଗ କରିଥିଲେ। ଦିଲ୍ଲୀପ ଦେହେରୀ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିବୃନ୍ଦ।

# ଆସୁନି ଟୋକନ, ଅଭାବୀ ବିକ୍ରିକୁ ପ୍ରୋତ୍ସାହନ

ସମ୍ବଲପୁର,୨୯।୧୨(ବ୍ୟୁରୋ)

ସମ୍ବଲପୁର ଜିଲାର ସଦର, କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡରେ ଧାନ ସଂଗ୍ରହ ଜାରିରହିଛି। ମଣ୍ଡି ଖୋଲା ରହିଥିବାବେଳେ ଚାଷୀଙ୍କ ପାଖରେ ଅମଳ ଧାନ ମହଜୁଦ ରହିଛି। ହେଲେ ଧାନ ବିକ୍ରି ପାଇଁ ଟୋକନ ଆସି ନ ଥିବାରୁ ଅବିକ୍ରି ହୋଇ ଅମଳ ଧାନ ଖଳାରେ ପଡିରହିଛି। ଟୋକନ ଆସିବା ପରେ ସହାୟକ ମୂଲ୍ୟରେ ଧାନ ବିକ୍ରି କରିବେ ବୋଲି ଚାଷୀମାନେ ଆଶା ବାନ୍ଧି ବସିଛନ୍ତି। କେତେଜଣ ଚାଷୀ ଅନ୍ୟ ଉପାୟ ନ ପାଇ କମ୍ ଦରରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ଟୋକନ ପାଇଁ ଚାଷୀମାନେ ସମବାୟ ସମିତି କାର୍ଯ୍ୟାଳୟକୁ ଯାଉଥିଲେ ମଧ୍ୟ ନିରାଶ ହୋଇ ଫେରୁଛନ୍ତି। ଏଭଳି ପରିସ୍ଥିତିରେ ବକେୟା ଧାନ କିଭଳି ବିକ୍ରି ହେବ ସେ ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି।



ପୂର୍ବରୁ ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକରେ ଚାଷୀମାନେ ଟୋକନ ସମସ୍ୟାକୁ ନେଇ ଅଭିଯୋଗ କରିଥିଲେ। ସେ ସମୟରେ ଟୋକନ ସମସ୍ୟା ହେବ ନାହିଁ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ହେଲେ ବର୍ତ୍ତମାନର ସମସ୍ୟା ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଉଭୟ ଜଳସେଚିତ ଓ ଅଣଜଳସେଚିତ ଅଞ୍ଚଳର ଚାଷୀମାନଙ୍କ ଏହି ସମସ୍ୟା ରହିଛି। ଚଳତିବର୍ଷ ଭଲ ଧାନ ଅମଳ ହୋଇଥିଲା। ସରକାର ଜଳସେଚିତ ଅଞ୍ଚଳ ପାଇଁ ଏକର ପିଛା ୧୯ ଓ ଅଣଜଳସେଚିତ ଅଞ୍ଚଳ ଲାଗି ୧୩ କୁଇଣ୍ଟାଲ ଧାନ ସଂଗ୍ରହ କରୁଛନ୍ତି। ହେଲେ ଏକର ପିଛା ପ୍ରାୟ ୬ରୁ ୧୦ କୁଇଣ୍ଟାଲ

### ୪୫ ପ୍ରତିଶତ ଧାନ ବିକ୍ରି ହୋଇପାରିନି

ଧାନ ଚାଷୀ ପାଖରେ ବଳକା ରହୁଛି। ଏହାକୁ ଚାଷୀ କମ୍ ଦରରେ ବିକ୍ରି କରୁଛି। ଏବେ ପଞ୍ଜୀକୃତ ଜମି ଉପରେ ଟୋକନ ଆସି ନାହିଁ। ଜମିର ପରିମାଣ ଅନୁସାରେ ଟୋକନ ନ ଆସିବା ଆଉ ଏକ ସମସ୍ୟା ଛିଡା କରିଛି। ଅନ୍ୟପକ୍ଷେ ଏବେ ରବି ଧାନ ଅମଳ ସମୟ ଆସି ଯାଇଛି। ଚାଷୀମାନେ ରବି ଫସଲ ପାଇଁ ତଳିପକା ଓ ଜୋତ କାମ ଆରମ୍ଭ କରିଦେଇଛନ୍ତି। ଧାନ ବିକ୍ରି କରି ନ ଥିବାରୁ ଚାଷୀ ପାଖରେ ଚାଷ କରିବା ପାଇଁ ଟଙ୍କା ନାହିଁ। ବ୍ୟାଙ୍କ ଓ ମହାଜନଙ୍କ ପାଖରୁ ଆଣିଥିବା ଋଣ ମଧ୍ୟ ପରିଶୋଧ କରି ପାରୁନାହିଁ। ତେଣୁ ଅଯଥାରେ ଋଣ ଉପରେ ସୁଧ ଦେବାକୁ ପଡିବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଧାନ ମଣ୍ଡି ଖୋଲିବାର ଏକମାସରୁ ଊର୍ଦ୍ଧ୍ୱ ସମୟ ବିତିଲାଣି। ହେଲେ ଜିଲାରେ ଏବେ ମଧ୍ୟ ୪୫ ପ୍ରତିଶତ ଧାନ ଅବିକ୍ରି ହୋଇ ପଡିରହିଛି। ଶୀଘ୍ର ଟୋକନ ଦେଇ ଧାନ କିଣାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି। ଜିଲାରେ ଟୋକନ ନ ଆସିବାରୁ ଅଭାବୀ ବିକ୍ରିକୁ ସରକାର ଏକପ୍ରକାର ପ୍ରୋତ୍ସାହନ ଦେଉଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ଧାନ କିଣା ଚାଲିଛି। ଚାଷୀଙ୍କ ସ୍ଲାବ୍ ଅନୁସାରେ ଟୋକନ ଆସୁଛି। ଆଗକୁ ଟୋକନ ଆସିବା ସମ୍ଭାବନା ରହିଛି। ଏପର୍ଯ୍ୟନ୍ତ ୧୯ ଲକ୍ଷ ୭୧ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହୋଇସାରିଛି। ବକେୟା ଧାନ ମଧ୍ୟ କିଣାଯିବ ବୋଲି ସେ କହିଥିଲେ।

## ସମ୍ବଲପୁର ବାର୍‌କୁ ଦକ୍ଷିଣଓଡ଼ିଶା ଓକିଲଙ୍କ ସମର୍ଥନ

ସମ୍ବଲପୁର,୨୯।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନ ସମୟରେ ଘଟିଥିବା ଘଟଣାରେ ସମ୍ବଲପୁର ଜିଲା ଓକିଲ ସଂଘର ୩୦ଜଣ ଓକିଲଙ୍କ ସମେତ ମୋଟ ୩୯ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାକୁ ବିଭିନ୍ନ ଓକିଲ ସଂଘ ପକ୍ଷରୁ ନିନ୍ଦା କରାଯିବା ସମ୍ବଲପୁର ଜିଲା ଓକିଲ ସଂଘକୁ ସମର୍ଥନ କରୁଛନ୍ତି। ଦକ୍ଷିଣ ଓଡ଼ିଶା ଓକିଲମାନେ ସମର୍ଥନ ଜଣାଇ ସମ୍ବଲପୁର ଗସ୍ତରେ ଆସି ଓକିଲସଂଘ ପୂର୍ବତନ ସଭାପତି ଡ. ପ୍ରମୋଦ ରଥକୁ ଭେଟିଛନ୍ତି। ଏହି ପ୍ରତିନିଧି ଦଳରେ ଭଞ୍ଜନଗର ବାର୍ ଓକିଲଙ୍କ ସମେତ ଆଖପାଖ ଓକିଲ ସାମିଲ ଅଛନ୍ତି। ସେମାନେ ହେଲେ ଭଞ୍ଜନଗର ବାର୍ ସଭାପତି ସନ୍ତୋଷ କୁମାର ନାୟକ, ଏମ୍ ତାଜ ଆଦେନୀ, ପ୍ରଦ୍ୟୁମ୍ନ କୁମାର ନାୟକ, ବାର ସମ୍ପାଦକ ଅମରେଶ ମହାପାତ୍ର, ରବି ଦାସ, ବଳରାମ ମହାପାତ୍ର ଓ ବିଷ୍ଣୁପ୍ରସାଦ ପ୍ରଧାନ। ସେମାନେ ପ୍ରଥମେ ଜେଲ ଭିତରେ ଗିରଫ ଓକିଲଙ୍କୁ ଭେଟିବାକୁ ଯାଇଥିଲେ। ହେଲେ ଜେଲ କର୍ତ୍ତୃପକ୍ଷ ଅନୁମତି ଦେଇ ନ ଥିଲେ। ଏଥିରେ ପ୍ରତିନିଧି ଦଳ କ୍ଷୋଭ ପ୍ରକାଶ କରିଥିଲ। ପରେ ଡ. ରଥଙ୍କୁ ଭେଟି ସମସ୍ୟା ସାମାଧାନ ବାଟ ବାହାର କରି କୋର୍ଟ ସ୍ୱାଭାବିକ କରିବା ନେଇ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ବିକାଶ ସ୍କୁଲରେ ସାହସିକ ଶିବିର

ସମ୍ବଲପୁର,୨୯।୧୨(ବ୍ୟୁରୋ): ଶାସନସ୍ଥିତ ବିକାଶ ସ୍କୁଲରେ ଦୁଇଦିନିଆ ସାହସିକ ଶିବିର ଅନୁଷ୍ଠିତ ହୋଇଯାଇଛି। ବିକାଶ ଗ୍ରୁପ୍ ଦ୍ୱାରା ଆୟୋଜିତ କ୍ୟାମ୍ପରେ ଟ୍ରେକିଂ, ନେଟ୍ କ୍ଲାଇମ୍ବିଂ, ବନ୍‌ଫାୟାର, ଆର୍ଚେରି, କ୍ରସ୍ ବୋ, ଟ୍ରେଜର୍ ହଣ୍ଟ ଆଦି ସାହସିକ କାର୍ଯ୍ୟ ପାଇଁ ଅଭିଜ୍ଞ ବ୍ୟକ୍ତିଙ୍କ ଦେଖାରଖାରେ ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଉଛି। ସମ୍ବଲପୁର ସମେତ ବରଗଡ଼, ଦେବଗଡ଼ ଓ ଝାରସୁଗୁଡ଼ା ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୩୩ଜଣ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଛନ୍ତି। ବିକାଶ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ଏକାଡେମିକ୍ ଡାଇରେକ୍ଟର ଜି. ରାମକୃଷ୍ଣ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି, ଏକାଡେମିକ୍ ଅଫିସର ପୁଷ୍ପିତା ପଣ୍ଡା, ବରଗଡ଼ ବିକାଶ ଡିଗ୍ରୀ ମହାବିଦ୍ୟାଳୟ ଉପାଧକ୍ଷ ଆର୍.ଏସ୍.ଭି କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

### ବ୍ଲକସ୍ତରୀୟ ହକି ପ୍ରତିଯୋଗିତା

ସମ୍ବଲପୁର,୨୯।୧୨(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ଉଚ୍ଚପ୍ରାଥମିକ ସ୍କୁଲ ପଡିଆରେ ବ୍ଲକସ୍ତରୀୟ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ଯୁଯୁମୁରା, ଛାମୁଣ୍ଡା, ଟାମ୍ପରଗଡ, କସଂର, କେଶାପାଲି, ଗଡଲୁଇସିଂ, ବିରସିଂଗଡ, ଝାଙ୍କରପାଲି, ମେଘପାଳ, ନୂଆବରଙ୍ଗାମାଳ, କୟାକୁଦ ଆଦି ୧୨ ଗୋଟି ପଞ୍ଚାୟତର ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଟାମ୍ପରଗଡ ଓ ଗଡଲୁଇସିଂ ମଧ୍ୟରେ ହୋଇଥିଲା। ୨-୦ ଗୋଲରେ ଗଡଲୁଇସିଂ ଦଳ ବିଜୟୀ ହୋଇଥିଲା। ଏହି ଦଳ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ସ୍ଥିର ହୋଇଛି। ପୁରସ୍କାର ବିତରଣୀ ସଭାରେ ଯୁଯୁମୁରା ଭାରପ୍ରାପ୍ତ ବିଡିଓ ଅଭିଷେକ ସାହୁ ଅଧକ୍ଷତା କରିଥିଲେ। ବ୍ଲକ ଅଧକ୍ଷା ମମତା ନାଏକ, ଜିଲା ପରିଷଦ ଉପସଭାପତି ମାଧମ ମିର୍ଦ୍ଧା, ଯୁଯୁମୁରା ସରପଞ୍ଚ ବାସନ୍ତି ମିର୍ଦ୍ଧା, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ, ଟାମ୍ପରଗଡ ସରପଞ୍ଚ କ୍ଷୀରୋଦ ରାଉଳ, ବ୍ଲକ ଜିପିଓ ଲାଲମୋହନ ବୁଡେକ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ହକି ବିଶ୍ୱକପ ପାଇଁ ପ୍ରଚାରପ୍ରସାର ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ କରାଯାଉଛି ବୋଲି ବିଡିଓ ସାହୁ କହିଥିଲେ।

### କଦମମାଳ ନାଳ ପୋତି ଦଖଲ ଉଦ୍ୟମ

ସମ୍ବଲପୁର,୨୯।୧୨(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ରେମେଡ ବଡେଇପଡା ନିକଟ କଦମମାଳ ନାଳ ପୋତି ରାସ୍ତା ତିଆରି କରାଯାଉଛି। ଏଥିରେ ଜମି ମାଫିଆଙ୍କ ସମ୍ପୃକ୍ତି ରହିଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଳସମ୍ପଦ ବିଭାଗ ଅଫିସରେ ସାମାଜିକ କର୍ମୀ ନିହାଲ ସିଂ, ଆଇନଜୀବୀ ଲକ୍ଷ୍ମୀଧର ମହାନ୍ତି, ଆଶିଷ ମହାନନ୍ଦ ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି। ଏହାର ନକଲ ନିର୍ବାହୀଯନ୍ତ୍ରୀଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ଅନେକ ସରକାରୀ ଜାଗାକୁ ଜମିମାଫିଆ ଦଖଲ କରି ନେଉଛନ୍ତି। ଏହା ଦ୍ୱାରା ସରକାରଙ୍କ କ୍ଷତି ହେବା ସହ ଜନସାଧାରଣ ହଇରାଣ ହେଉଛନ୍ତି। ନାଳରେ ମାଟି ପକାଇବାରୁ ପାଣି ପ୍ରବାହିତ ହୋଇ ପାରୁନାହିଁ। ଫଳରେ ବ୍ୟବାହାର ଉପଯୋଗି ହୋଇ ପାରୁନାହିଁ। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ।

# ଲିଓ କପ କ୍ରିକେଟ: ଫାଇନାଲରେ ଜିମଖାନା, ଏମ୍ପିଶନ




ଅତିଥିଙ୍କ ସହ ଖେଳାଳିମାନେ।

ଝାରସୁଗୁଡ଼ା ଅଫିସ/ବେଲପାହାଡ଼, ୨୯।୧୨

ବେଲପାହାଡ଼ ଲିଓ ୟୁଥ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଟିଆର୍‌ଏଲ୍ ଷ୍ଟାଡିୟମ ଅନୁଷ୍ଠିତ ଲିଓ କପ କ୍ରିକେଟ ପ୍ରତିଯୋଗିତାର ଗୁରୁବାର ମ୍ୟାଚରେ ଏମ୍ପିଶନ ବ୍ରଜରାଜନଗର ଓ ଜିମଖାନା ରାଉରକେଲା ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲ ଏମ୍ପିଶନ ଓ ପେଣ୍ଟର କ୍ଲବ ବେଲପାହାଡ଼ ମଧ୍ୟରେ ହୋଇଥିଲା। ଏମ୍ପିଶନ ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୪୮ ରନ କରିଥିଲା। ଜବାବରେ ପେଣ୍ଟର କ୍ଲବ ୧୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ କରି ମ୍ୟାଚ ହାରିଯାଇଥିଲା। ବିଜୟୀ ଦଳର ଆଜାଦ କେ ରାମ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେହିପରି ଦ୍ୱିତୀୟ ସେମିଫାଇନାଲ ଜିମଖାନା ଓ ଲିଓ କ୍ଲବ ମଧ୍ୟରେ ହୋଇଥିଲା। ଲିଓ କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ କ୍ୟାପଟେନ ସାଗର ରାଉତଙ୍କ ବ୍ୟକ୍ତିଗତ ୧୩୨ ରନ ବଳରେ ମୋଟ ୧୮୨ ରନ ସଂଗ୍ରହ କରିଥିଲା। ଜବାବରେ ଜିମଖାନା ଦଳ ୧୨.୫ ଓଭରରେ କୌଣସି ଉଇକେଟ ନ ହରାଇ ୧୮୪ ରନ କରି ବିଜୟୀ ହୋଇଥିଲା। ଦଳର ବିକାଶ ଚୌଧୁରୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଭୂତି ପାତ୍ର ଓ ଦୀପକ ପଟେଲ ଅମ୍ପେୟାର ଭାବେ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ଶଶାଙ୍କ ଦିକ୍ଷୀତ, ସଞ୍ଜୟ ମିଶ୍ର, ଦିଲୀପ ପଟ୍ଟନାୟକ ଓ ଅଜୟ ପାଣ୍ଡେ ଯୋଗଦେଇଥିଲେ।

# ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

ଜମନକିରା,୨୯।୧୨(ଡି.ଏନ.ଏ.)

ଜମନକିରା ବ୍ଲକ ଡିମିରୀମୁଣ୍ଡା ପଞ୍ଚାୟତ ଭାତପୁରା ଉଚ୍ଚ ବିଦ୍ୟାଳୟରେ କୁଚିଣ୍ଡା ମହାବିଦ୍ୟାଳୟ ପକ୍ଷରୁ ୭ଦିନ ଧରି ଚାଲିଥିବା ଜାତୀୟ ସେବା ଯୋଜନା ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କୁଚିଣ୍ଡା କଲେଜ ଅଧକ୍ଷା ସୁଚିତ୍ରା ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ଜିଲା ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ଼. ବିଶ୍ୱମୋହନ ଜେନା ମୁଖ୍ୟଅତିଥି, କୁଚିଣ୍ଡା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ମିଶ୍ର ମୁଖ୍ୟବକ୍ତା ଓ ଭାତପୁରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରତନ ଲାଲ ସିଂ, ସାମାଜିକ କର୍ମୀ ପ୍ରଭାତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରା ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ରସଂସଦ ସମ୍ପାଦକ ମଳୟ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋଟ ୪୦ଜଣ ପ୍ରତିଯୋଗୀ ଭାଗ ନେଇଥିବାବେଳେ ସ୍ୱେଚ୍ଛାସେବୀ ସୌମ୍ୟରଞ୍ଜନ ପଟେଲ, ଜିଜ୍ଞାସା ସାହୁ, ଅପୂର୍ବାପ୍ରିୟା ଦର୍ଶନୀ, ଜ୍ୟୋତିର୍ମୟୀ ବିଶ୍ୱାଳ, ସୁପ୍ରଭା ପ୍ରଧାନ, ସିଲୁ ସୁନାନି, ରୀନା କୁମାରୀ ନାଏକ ଶ୍ରେଷ୍ଠ ପ୍ରତିଯୋଗୀ ବିବେଚିତ ହୋଇଥିଲେ।




ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ବ୍ୟାଡ୍‌ମିଣ୍ଟନ: ଶାସନର ଫଣ୍ଟି ଯୋଡି ବିଜୟୀ

ସମ୍ବଲପୁର,୨୯।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଧମାଠାରେ ମା' ଖାଡେଶ୍ୱରୀ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଧମା ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଅନିତ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ଜିଲା ତଥା ଜିଲା ବାହାରୁ ଆସିଥିବା ଖେଳାଳିମାନେ ବେଶ ରୋମାଞ୍ଚକର ଖେଳ ପ୍ରଦର୍ଶନ କରିଥିଲେ। ଶେଷରେ ବୁର୍ଲାର ମୁନା ଓ ଶାସନର ଫଣ୍ଟି ଯୋଡିଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଶାଶନର ଫଣ୍ଟିଯୋଡି ବିଜୟୀ ହୋଇଥିଲେ। ପୁରସ୍କାର ବିତରଣୀ ସଭାରେ ଧମା ଥାନା ଅଧିକାରୀ ପ୍ରଶାନ୍ତ ସାମଲ ମୁଖ୍ୟ ଅତିଥି ଓ ଫାର୍ମାସିଷ୍ଟ ସୁଜିତ ପାଢୀ, ଏସ୍‌ଆଇ ପ୍ରମୋଦ ସାହୁ, ସତ୍ୟସ୍ୱରୂପ ସେଠ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।

# ଖଣ୍ଡୋକଟା ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ



ଶୁଭସ୍ତମ୍ଭ ସ୍ଥାପନ ପାଇଁ ପୂଜାର୍ଚ୍ଚନା କରାଯାଉଛି।

କୁଚିଣ୍ଡା,୨୯।୧୨(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଖଣ୍ଡୋକଟାଠାରେ ୩୦ତମ ଧନୁଯାତ୍ରା ନିମନ୍ତେ ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ୧୯୯୧ମସିହାରୁ ଆରମ୍ଭ ହୋଇଥିବ ଧନୁଯାତ୍ରା ମହାମାରୀ କରୋନା ପାଇଁ ଦୁଇବର୍ଷ ବନ୍ଦ ରହିଥିଲ। ପରମ୍ପରା ବଜାୟ ରଖିବାକୁ କେବଳ ପୂଜାର୍ଚ୍ଚନା ହୋଇଥିଲା। କଟକଣା ହଟିବା ପରେ ଧନୁଯାତ୍ରା କରିବାକୁ ଗ୍ରାମବାସୀ ଅଣ୍ଟାଭିଡିଛନ୍ତି। ଗୁରୁବାର ଖଣ୍ଡୋକଟା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି କଂସ ମଣ୍ଡପ ପଡିଆରେ ପହଞ୍ଚିଥିଲା। ପୂଜକ ପତିତପାବନ ପାଣିଗ୍ରାହୀଙ୍କ ଦ୍ୱାରା ହୋମଯଜ୍ଞ ପରେ ଶୁଭସ୍ତମ୍ଭ ସ୍ଥାପନ ହୋଇଥିଲା। କାର୍ଯ୍ୟକ୍ରମରେ ଧନୁଯାତ୍ରା କମିଟି ସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଟେଲ, ଉପସଭାପତି ବେଦବ୍ୟାସ ନାଏକ ଓ ରବି ଉର୍ଜା, ସହସମ୍ପାଦକ ଧ୍ରୁବ ଚରଣ ନାଏକ, କୋଷାଧକ୍ଷ ଦୁଲାରାମ ସାହୁଙ୍କ ସମେତ ଗ୍ରାମର ବହୁ ମହିଳାପୁରୁଷ ଉପସ୍ଥିତ ଥିଲେ। ଏହି ଧନୁଯାତ୍ରା ଆସନ୍ତା ଫେବୃୟାରୀ ୧ରୁ ୫ତାରିଖ ପର୍ଯ୍ୟନ୍ତ ହେବାକୁ ସ୍ଥିରୀକୃତ ହୋଇଛି।

# ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର ଦସ୍ତଖତ ଅଭିଯାନ

ସମ୍ବଲପୁର,୨୯।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ସାମ୍ବାଦିକ ଭବନଠାରେ ବୁଧବାର ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ସୁଜିତ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାରତୀ ଠାକୁର ଏହାକୁ ପରିଚାଳନା କରିଥିଲେ। ଫାଉଣ୍ଡେଶନର ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷା ଭାରତୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଫାଉଣ୍ଡେଶନର ଲକ୍ଷ୍ୟ ଓ ଦସ୍ତଖତ ଅଭିଯାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶରେ ଏକ କଠୋର ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ପାଇଁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। ୨୦୧୩ରୁ ରାଷ୍ଟ୍ରୀୟ ସ୍ତରର ସଙ୍ଗଠନ ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ଏହି ଦାବିକୁ ନେଇ ବିବିଧ କାର୍ଯ୍ୟକ୍ରମ ହାତକୁ ନେଇଛି। ବର୍ତ୍ତମାନ ଏହି ସଙ୍ଗଠନ ରାଷ୍ଟ୍ରୀୟ ସ୍ତରରୁ ଆରମ୍ଭ କରି ରାଜ୍ୟ, ଜିଲା ଓ ବ୍ଲକ ସ୍ତର ପର୍ଯ୍ୟନ୍ତ ସାଙ୍ଗଠନିକ ବ୍ୟବସ୍ଥା ବିସ୍ତାର କରିବାରେ ପ୍ରୟାସରତ।

### କଠୋର ଆଇନ ପ୍ରଣୟନ ଦାବି

ବର୍ତ୍ତମାନ ଫାଉଣ୍ଡେଶନ ପକ୍ଷରୁ ଲୋକଙ୍କୁ ସଚେତନ କରାଇବା ସହିତ ଲୋକଙ୍କ ସମର୍ଥନ ହାସଲ ପାଇଁ ଦେଶବ୍ୟାପୀ ଦସ୍ତଖତ ଅଭିଯାନ ଆରମ୍ଭ କରିଛି। ଫାଉଣ୍ଡେଶନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦାମୋଦର କର ଆଗାମୀ ୧୦୦ ଦିନରେ ସମଗ୍ର ଜିଲାରେ କିଭଳି କାର୍ଯ୍ୟକ୍ରମ ଆୟୋଜନ କରି ଅଭିଯାନକୁ ସଫଳ ରୂପାୟନ କରାଯିବ ସେ ସମ୍ପର୍କରେ ପରିଯୋଜନା ଉପସ୍ଥାପନ କରିଥିଲେ। ମହାନଗର ନିଗମ, ରେଙ୍ଗାଲି, ଧନକଉଡ଼ା ଓ ମାନେଶ୍ୱର ବ୍ଲକ ଅଞ୍ଚଳକୁ ନେଇ ବୈଠକ ହୋଇଥିବା ବେଳେ ଆଗାମୀ ଦିନରେ ରେଢ଼ାଖୋଲ ଓ କୁଚିଣ୍ଡା ଉପଖଣ୍ଡରେ କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର ହୋଇଥିଲା। ଜିଲା ସାଧାରଣ ସମ୍ପାଦକ ସୌମିକ ବାବୁ ସ୍ୱାଗତ ଭାଷଣ ଓ ଶେଷରେ ଜିଲା ଗଣମାଧମ ସଂଯୋଜିକା ତୃପ୍ତିମୟୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଶରଥ ବଞ୍ଜୋର, କାର୍ତ୍ତିକ ବହିଦାର, ପ୍ରଦୀପ ସୁପକାର, ଆକାଶ ଆଚାର୍ଯ୍ୟ, ମାନସ ରଞ୍ଜନ ବକ୍ସି, କାଜୋଲ ଚକ୍ରବର୍ତ୍ତୀ, ସୁଜାତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଦ୍ୱିଦିବସୀୟ କ୍ରୀଡ଼ା

ଜମନକିରା,୨୯।୧୨(ଡି.ଏନ.ଏ.)

ଜମନକିରା ବ୍ଲକ ବଡରମା ପଞ୍ଚାୟତ ଟିନିମହୁଲ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ଦ୍ୱିଦିବସୀୟ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଟିନିମହୁଲ ଉତ୍କଳମଣି ଯୁବକ ସଂଘ ଦ୍ୱାରା ଏହା ଆୟୋଜନ ହୋଇଥିଲା। ଏଥିରେ ଫୁଟ୍‌ବଲ, ହକି, ଭଲିବଲ ଆଦି ଖେଳ ସ୍ଥାନ ପାଇଥିଲା। ବଡରମା ସରପଞ୍ଚ ବିଜୟ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନେହେରୁ ଯୁବକେନ୍ଦ୍ରର ଯୁବ ସ୍ୱେଚ୍ଛାସେବୀ ଶମ୍ଭୁନାଥ ସାହୁ ଓ ମାନସ ଦେହୁରିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ହକିରେ ଜୀବନ ଜ୍ୟୋତି କ୍ଲବ ବନ୍ଧାଭୂଇଁ ଓ ଫୁଟ୍‌ବଲରେ ଷଣ୍ଢପଥର କ୍ଲବ ଚାମ୍ପିୟନ ହୋଇ ପୁରସ୍କାର ଗ୍ରହଣ କରିଥିଲେ।

# ଅଙ୍ଗନୱାଡ଼ି କର୍ମୀଙ୍କୁ ତାଲିମ

ଜମନକିରା,୨୯।୧୨(ଡି.ଏନ.ଏ.)

ଜମନକିରା ବ୍ଲକ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର କର୍ମୀଙ୍କ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତବଲାକଟା ଅଙ୍ଗନୱାଡ଼ି କେନ୍ଦ୍ରଠାରେ ଅନୁଷ୍ଠିତ ଶିବିରରେ କୁଚିଣ୍ଡା ଚାଇଲ୍ଡ ଲାଇନ କର୍ମୀ ଶ୍ୱେତାଙ୍ଗିନୀ ବାରିକ ଯୋଗଦେଇ ଶିଶୁ ସୁରକ୍ଷା, ବାଲ୍ୟ ବିବାହ ନିରାକରଣ, ଶୀତ ଋତୁରେ ଶିଶୁଙ୍କ ଯତ୍ନ ଉପରେ ତାଲିମ ଦେଇଥିଲେ। ଆଇସିଡିଏସ୍ ସୁପରଭାଇଜର ମିନା ନାୟକ, ପୁଷ୍ପଲତା ପଟେଲ, ଗୋମତୀ କାଲୋ ପ୍ରମୁଖ ଉପସ୍ଥିତ ଥିଲେ। ତବଲାକଟା, ବଡ଼ମାଳ, ଭୋଜପୁର ସେକ୍ଟରରୁ ୪୨ ଜଣ ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ। ଟିମ୍ ମେମ୍ବର ମିଲି ବାଦୀ ଧନ୍ୟବାଦ ଜଣାଇଥିଲେ।

# ଶେଷ ରଜନୀରେ ୩ ନାଟକ ମଞ୍ଚସ୍ଥ

ସମ୍ବଲପୁର,୨୯।୧୨(ବ୍ୟୁରୋ)

### ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା

ବୀର ସୁରେନ୍ଦ୍ର ସାଏ ୨୫ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଗୁରୁବାର ଶେଷ ରଜନୀରେ ଆମର ଗାଁ, କିଞ୍ଚିତ ଭୋଗମ ଓ ଝିଇ ଲେଉଟେନ ମଞ୍ଚସ୍ଥ ହୋଇଯାଇଛି। ଝାଡୁଆପଡ଼ା ଆରଣ୍ୟକ ମଞ୍ଚଠାରେ ପ୍ରଥମ ନାଟକ ନୂଆଁପଡା ଖଡିଆଳ ସାଂସ୍କୃତିକ ଅନୁଷ୍ଠାନ କଳାକାରମାନେ ଆମର ଗାଁ ମଞ୍ଚସ୍ଥ କରିଥିଲେ। ଜିତେନ୍ଦ୍ର ନାଥ ପ୍ରଧାନ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ଦ୍ୱିତୀୟ ନାଟକ କିଞ୍ଚିତ ଭୋଗମକୁ ନୂଆଁପଡା ବୋଡେନ କେରାପଦର ଜ୍ଞାନୋଦୟ କଳାକାର ପରିବେଷଣ କରିଥିଲେ। ନାଟ୍ୟକାର କେଶରଞ୍ଜନ ପ୍ରଧାନଙ୍କ ରଚିତ ଓ ରବିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶିତ ନାଟକରେ ମଣିଷଙ୍କ ସହବସ୍ଥାନର ମହତ୍ତ୍ୱ ଓ ଲୋଭ ଏବଂ ତା'ର ପରିଣାମକୁ ପ୍ରାଧାନ୍ୟ ଦିଆଯାଇଛି। ଶେଷ ନାଟକ ଝିଇ ଲେଉଟେନ ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମ କଳାକାରମାନେ ମଞ୍ଚସ୍ଥ କରିଥିଲେ। ଅତିଶ କୁମାର ଶତପଥି ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଯେଉଁଦିନ ପରିବାରରେ ରକ୍ତସମ୍ପର୍କ ମଧ୍ୟରେ ତିକ୍ତତା ରହିବ ନାହିଁ, ସେହିଦିନ ପ୍ରକୃତ ଝିଇ ଲେଉଟେନ ହେବ ବୋଲି ନାଟକ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି। ଆୟୋଜକ ଯୁବ ଉଦୟନ ସହସମ୍ପାଦକ ଅଭିଷେକ ମିଶ୍ରଙ୍କ ସଂଯୋଜନାରେ କଳାକାରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।



ଆମର ଗାଁ ନାଟକର ଏକ ଦୃଶ୍ୟ।

# ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ ଉପରେ ଗୁରୁତ୍ୱ

ସମ୍ବଲପୁର,୨୯।୧୨(ବ୍ୟୁରୋ)

ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ସଡ଼କ ନିରାପତ୍ତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ଅଧକ୍ଷତା କରି କିଭଳି ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁହାର ହ୍ରାସ କରାଯାଇ ପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଦ୍ରୁତ ଗାଡି ଚାଳନା, ହେଲମେଟ ବ୍ୟବହାର ନ କରିବା, ଓଭର ଲୋଡିଂ, ମଦ୍ୟପାନ କରି ଗାଡି ଚଳାଇବା ଦୁର୍ଘଟଣାର ପ୍ରମୁଖ କାରଣ ବୋଲି ମତପ୍ରକାଶ ପାଇଥିଲା। ଅଧାପନ୍ତରିଆ କାମ ତୁରନ୍ତ ସାରିବା ସହ ଆବଶ୍ୟକ ମରାମତି କରିବାକୁ ଜିଲାପାଳ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜମନକିରାଠାରେ ଟ୍ରକ ଟର୍ମିନାଲ, ରାସ୍ତା ଉପରେ ବେଆଇନ ପାର୍କିଂ, ରୋଡ୍ ଡିଭାଇଡରରେ ଅନଧିକୃତ କଟ ଇତ୍ୟାଦି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ୨୦୨୨ ଜାନୁୟାରୀ ୨ରୁ ଅକ୍ଟୋବର ୩୦ ତାରିଖ ଭିତରେ ୪୦୭ ଦୁର୍ଘଟଣା ଘଟିଥିଲା। ସେଥିରେ ୧୭୧ ମୃତ୍ୟୁବରଣ କରିଥିବା ବେଳେ ୨୮୨ ଜଣ ଆହତ ହେଇଥିଲେ। ବିଭିନ୍ନ ସ୍ଥାନରେ ଚଢାଉ କରଯାଇ ଗତ ଏପ୍ରିଲରୁ



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ ।

### ଜିଲା ସଡ଼କ ନିରାପତ୍ତା କମିଟି ବୈଠକ

ନଭେମ୍ବର ମାସ ଭିତରେ ଦ୍ରୁତ ଗାଡିଚାଳନା ପାଇଁ ୩୧୦୪ ଜଣ, ସିଟ୍‌ବେଲ୍ଟ ପାଇଁ ୭୭୬, ହେଲମେଟ ପାଇଁ ୧୭୧୭୫, ମୋବାଇଲ ଫୋନ ପାଇଁ ୨୯୦, ଓଭରଲୋଡ଼ ପାଇଁ ୮୦, ମଦ୍ୟପାନ କରି ଗାଡିଚାଳନା ପାଇଁ ୧୯୪ଙ୍କଠାରୁ ଜରିମାନା ଅଦାୟ କରାଯାଇଛି। ୧୯୨୯ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଥିବା ବିଭାଗ ପ୍ରକାଶ କରିଛି। ବୈଠକରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଅତିରିକ୍ତ ଏସ୍‌ପି ଏ. କୁଜୁର, ସାର୍କ ଏନଜିଓର ଅଶୋକ କୁମାର ପାଣିଗ୍ରାହୀ, ଟିପିଡବ୍ଲ୍ୟୁଓଡିଏଲ୍‌ର ଡମ୍ବରୁଧର ଓଝା, ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ, ଜୁନିୟର ଏମ୍‌ଭିଆଇ ଧର୍ମେନ୍ଦ୍ର କୁମାର ଦେହରି ଉପସ୍ଥିତ ଥିଲେ।







## ପରାକ୍ରମୀ ଜେଲେନ୍‌ସ୍କି

## ଯୁଦ୍ଧଖୋର୍ ପୁଟିନ୍





# ଅଶାନ୍ତ ପୃଥିବୀ

୨୦୨୨ରେ ମହାମାରୀ ପ୍ରକୋପ କମିବାରୁ ବିଶ୍ୱବାସୀ ଆଶ୍ୱସ୍ତ ହୋଇଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଗୋଟିଏ ନିଷ୍ପତ୍ତି ପୃଥିବୀକୁ ଅଶାନ୍ତ କରିଦେଇଛି। ଫେବୃୟାରୀ ୨୪ରେ ପୁଟିନ୍ ୟୁକ୍ରେନ୍ ଉପରେ 'ସାମରିକ ଅପରେଶନ' ନାମରେ ଆକ୍ରମଣ ନିର୍ଦ୍ଦେଶ ଦେଇଥିଲେ। ରୁଷୀୟ ସୈନ୍ୟଙ୍କ ଘନ ଘନ ମିଶାଇଲ୍ ମାଡ଼ ଓ କିଭ୍‌ର ପ୍ରତିରକ୍ଷାମୂଳକ ଜବାବୀ କାର୍ଯ୍ୟାନୁଷ୍ଠାନରେ ଉଭୟ ପକ୍ଷର ଅନେକ ହଜାର ସୈନ୍ୟ ନିହତ ହୋଇଛନ୍ତି। କ୍ରେମଲିନ୍ ଆଲୋଚନାର ଛଳନା କରି ପ୍ରତ୍ୟହ ଜନବସତିକୁ ଟାର୍ଗେଟ କରୁଥିବାରୁ ଲକ୍ଷାଧିକ ୟୁକ୍ରେନୀୟ ବାସହରା ହୋଇଯାଇଛନ୍ତି। ମସ୍କୋର ଏପରି ଯୁଦ୍ଧଖୋର ମନୋବୃତ୍ତି ଓ ନରସଂହାରକୁ ନେଇ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୁଷିଆ ଉପରେ ଗୋଟିଏ ପରେ ଗୋଟିଏ କଠୋର ଆର୍ଥିକ କଟକଣା ଲଗାଇ ଚାଲିଛନ୍ତି। ଏଥିସହ ୱାଶିଂଟନ ନେତୃତ୍ୱାଧୀନ ନର୍ଥ ଆଟଲାଣ୍ଟିକ୍ ଟ୍ରିଟ୍ ଅର୍ଗାନାଇଜେଶନ (ନାଟୋ) ପକ୍ଷରୁ ୟୁକ୍ରେନ୍‌କୁ ପର୍ଯ୍ୟାପ୍ତ ସାମରିକ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି। ୟୁକ୍ରେନ୍‌ର ଅନେକ ଶକ୍ତି ଭିତ୍ତିଭୂମିକୁ ରୁଷୀୟ ସୈନ୍ୟ ଟାର୍ଗେଟ କରି ଧ୍ୱସ୍ତବିଧ୍ୱସ୍ତ କରିଦେବା ପରେ ବିଜୁଳି ବିନା ଶୀତଋତୁ ଦୁର୍ବିସହ ହୋଇଯାଇଛି। ୧୦ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଯୁଦ୍ଧ ଘନଘଟା କେବଳ ଦୁଇ ପଡ଼ୋଶୀ ରୁଷିଆ-ୟୁକ୍ରେନ୍ କି ପାଶ୍ଚାତ୍ୟରେ ସୀମିତ ହୋଇ ରହିନାହିଁ। ଏଥିରେ ସାରା ବିଶ୍ୱ ଛନ୍ଦି ହୋଇଯାଇଛି। ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବାରୁ ପ୍ରାୟ ସବୁ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ବଢ଼ିବାରେ ଲାଗିଛି। ଜାତିସଂଘ ଓ ମାନବାଧିକାର ସୁରକ୍ଷା ଦିଗରେ କାର୍ଯ୍ୟରତ ଅନେକ ଅନ୍ତର୍ଜାତୀୟ ସଙ୍ଗଠନ ଅସ୍ତ୍ରବିରତି ଆହ୍ୱାନ ଦେଇଥିବାବେଳେ ଭାରତ କୂଟନୈତିକ ସ୍ତରରେ ସମାଧାନ ଉପରେ ଗୁରୁତ୍ୱାରୋପ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଟିନ୍‌ଙ୍କୁ ଶାନ୍ତିର ପଥ ଆପଣାଇବାକୁ ପରାମର୍ଶ ଦେବା ସହ ଜେଲେନ୍‌ସ୍କିଙ୍କ ସହିତ ଏକାଧିକ ଥର ଫୋନ୍‌ରେ ଆଲୋଚନା କରିଛନ୍ତି। କିନ୍ତୁ ଚାଇନା ନିଜ ବିସ୍ତାରବାଦୀ ମହତ୍ୱାକାଂକ୍ଷାକୁ ଚରିତାର୍ଥ କରିବା ପାଇଁ କେତେବେଳେ ତାଇୱାନ୍ ଆକାଶରେ ଯୁଦ୍ଧବିମାନ ଉଡ଼ାଉଛି ତ ପୁଣି କେବେ ଭାରତ ସହ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖାରେ ଔଦ୍ଧତ୍ୟ ଦେଖାଉଛି। ପଡ଼ୋଶୀଙ୍କୁ ଆକ୍ରମଣ କଲେ ରୁଷିଆର ସମର୍ଥନ ମିଳିବ ବୋଲି ପୁଟିନ୍‌ଙ୍କ ତଥାକଥିତ 'ସାମରିକ ଅଭିଯାନ'କୁ ବି ଯଥାର୍ଥ ଦର୍ଶାଇବାକୁ ପଛାଉନାହିଁ ବେଜିଂ। ଘୋର କୋଭିଡ୍ ସଙ୍କଟ ଦେଇ ଗତି କରୁଥିବା ଚାଇନା ନିଜ ଦୁର୍ଦ୍ଦଶା ଲୁଚାଇବା ଲାଗି ଏପରି ଉଗ୍ର ଜାତୀୟତାବାଦୀ ରଣନୀତି ଆପଣାଇଥିବା ବିଶ୍ଲେଷକମାନେ ମତ ଦେଉଛନ୍ତି। କିନ୍ତୁ ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ବେଜିଂର ଦାଦାଗିରିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍‌ଙ୍କୁ ରୋକ୍‌ଠୋକ୍ ଶୁଣାଇସାରିଛନ୍ତି। ଦେଖିବାକୁ ଗଲେ ବର୍ଷ ୨୦୨୨ ତିନି ଶକ୍ତିଶାଳୀ ରାଷ୍ଟ୍ର ଆମେରିକା, ଚାଇନା ଓ ରୁଷିଆକୁ ପୂର୍ବାପେକ୍ଷା ଅଧିକ ମୁହାଁମୁହିଁ ଅବସ୍ଥାକୁ ନେଇଆସିଛି।

ବିଦାୟୀ ବର୍ଷରେ ଇସ୍ରାଏଲ୍-ପାଲେଷ୍ଟାଇନ୍ ମଧ୍ୟରେ ସଂଘର୍ଷ ତୀବ୍ରତର ହୋଇଛି। ଜେରୁଜେଲମ୍ ଦଖଲରେ ଥିବା ୱେଷ୍ଟ ବ୍ୟାଙ୍କରେ ଇସ୍ରାଏଲୀ ସଶସ୍ତ୍ର ବଳର ସଙ୍ଘବଦ୍ଧ ଆକ୍ରମଣରେ ୩୦ ଶିଶୁଙ୍କ ସମେତ ୧୭୦ରୁ ଅଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିବା ସହ ୯,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ପୂର୍ବ ବର୍ଷରୁ ଲାଗିରହିଥିବା ଆର୍ମେନିଆ-ଅଜେରବାଇଜାନ ଯୁଦ୍ଧ ମଧ୍ୟ ଥମିନାହିଁ। ଗତ ସେପ୍ଟେମ୍ବରରେ ଦୁଇ ଦେଶ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷଙ୍କ ଶତାଧିକ ସୈନ୍ୟ ନିହତ ହୋଇଥିଲେ। ଇଥିଓପିଆ-ସୁଡାନ୍ ସୀମା ସଂଘର୍ଷ ବି ଉଗ୍ରରୂପ ଧାରଣ କରିଛି। ମଧ୍ୟପ୍ରାଚ୍ୟ, ମ୍ୟାନ୍‌ମାର, ହାଇତି ଓ ଆଫ୍ରିକାର ସହେଲ ଅଞ୍ଚଳରେ ସଂଘର୍ଷ ଯୋଗୁ ଉତ୍କଟ ମାନବିକ ସଙ୍କଟ ଦେଖାଦେଇଛି। ବିଶ୍ୱ 'ଶାନ୍ତିର ମରୁଡ଼ି'କୁ ସାମ୍ନା କରୁଥିବା ସମୟରେ ଖାଦ୍ୟକୁ ଯୁଦ୍ଧାସ୍ତ୍ର ଭାବେ ବ୍ୟବହାର ନ କରିବାକୁ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ସମ୍ପୃକ୍ତ ଦେଶଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ସେ ନିନ୍ଦା କରିଛନ୍ତି।



ୟୁକ୍ରେନୀୟ ସୈନ୍ୟଙ୍କ ବିଦାୟ ବେଳା।



ଡୋନେସ୍କରେ ଟ୍ୟାଙ୍କର୍ ଭିତରେ ପୋଜିଶନ୍।



ଆକାଶମାର୍ଗରୁ ବିଧ୍ୱସ୍ତ କିଭ୍‌ର ଦୃଶ୍ୟ।



କିଭ୍ ଭଗ୍ନାବଶେଷରେ ପ୍ରାଚୀର ଚିତ୍ର।



ମାରିଉପୋଲ୍‌ରେ ମା'ଙ୍କ ଅପେକ୍ଷାରେ ଦୁଇ ଶିଶୁ।



ଖେରସନ୍ ମୁକ୍ତିର ଆନନ୍ଦ।



ୟୁକ୍ରେନ୍ ଆକାଶରେ ରୁଷୀୟ ଫାଇଟର୍ ଜେଟ୍।



ମାରିଉପୋଲ୍‌ରେ ହତାଶ ରୁଷୀୟ ସୈନ୍ୟ।

# ପାୱାର ଲିଷ୍ଟ ୨୦୨୨

କରୋନା ମହାମାରୀରୁ ଆଶ୍ୱସ୍ତି ପାଇବା ପରେ ୨୦୨୨ ପ୍ରଥମାର୍ଦ୍ଧରେ ବିଶ୍ୱ ଦେଖିଥିଲା ରୁଷିଆ-ୟୁକ୍ରେନ୍ ଯୁଦ୍ଧ। ପରବର୍ତ୍ତୀ ସମୟରେ ବିଭିନ୍ନ ଦେଶରେ ରାଜନୈତିକ ପରିବର୍ତ୍ତନ ଓ ଅର୍ଥନୈତିକ ଦୁଃସ୍ଥିତି ଦୃଷ୍ଟିଗୋଚର ହୋଇଥିଲା। ଅନୁରୂପ ଭାବେ ଔଦ୍ୟୋଗିକ, ପ୍ରଶାସନିକ ଓ ସାମାଜିକ ନେତୃତ୍ୱ ଅନ୍ତର୍ଜାତୀୟଠାରୁ ଆରମ୍ଭ କରି ଜାତୀୟ ଓ ଆଞ୍ଚଳିକସ୍ତର ଯାଏ ଆହ୍ୱାନପୂର୍ଣ୍ଣ ରହିଥିଲା। ଏଭଳି ପ୍ରଚ୍ଛଦପଟରେ ବିଦାୟୀ ବର୍ଷରେ ଓଡ଼ିଶା, ଭାରତ ଏବଂ ବିଶ୍ୱର ବିଭିନ୍ନ ବର୍ଗର କ୍ଷମତାକେନ୍ଦ୍ରଙ୍କୁ ନେଇ 'ଧରିତ୍ରୀ' ପକ୍ଷରୁ ଏହି ତାଲିକା ବିନା କୌଣସି କ୍ରମ ପ୍ରାଧାନ୍ୟରେ ପ୍ରସ୍ତୁତ କରାଯାଇଛି।

## ରାଜ୍ୟ


ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା


ଭି.କେ. ପାଣ୍ଡିଆନ୍
୫-ଟି ସଚିବ


ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷାମନ୍ତ୍ରୀ


ଧୀରେନ୍ଦ୍ର ଏସ୍. କୁଟେ
ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ


ଜୟନାରାୟଣ ମିଶ୍ର
ବିରୋଧୀ ଦଳ ନେତା


ଅଶ୍ୱିନୀ ବୈଷ୍ଣବ
ରେଳ ମନ୍ତ୍ରୀ


ସୁରେଶ ଚନ୍ଦ୍ର ମହାପାତ୍ର
ମୁଖ୍ୟ ଶାସନ ସଚିବ

## ଜାତୀୟ


ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

ଗୌତମ ଆଦାନୀ
ଚେୟାରମ୍ୟାନ, ଆଦାନୀ ଗ୍ରୁପ୍

ଡି.ୱାଇ. ଚନ୍ଦ୍ରଚୂଡ଼
ପ୍ରଧାନ ବିଚାରପତି

ରାହୁଲ ଗାନ୍ଧୀ
କଂଗ୍ରେସ ନେତା


ଅମିତ ଶାହା
ସ୍ୱରାଷ୍ଟ୍ର ମନ୍ତ୍ରୀ

ଅରବିନ୍ଦ କେଜ୍‌ରିୱାଲ
ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ମଲ୍ଲିକାର୍ଜୁନ ଖାର୍ଗେ
ଏଆଇସିସି ଅଧ୍ୟକ୍ଷ

ମୁକେଶ ଅମ୍ବାନୀ
ଚେୟାରମ୍ୟାନ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍

ହିମନ୍ତ ବିଶ୍ୱଶର୍ମା
ଆସାମ ମୁଖ୍ୟମନ୍ତ୍ରୀ


ଯୋଗୀ ଆଦିତ୍ୟନାଥ
ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ

କେ. ଚନ୍ଦ୍ରଶେଖର ରାଓ
ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

ପିନାରାୟୀ ବିଜୟନ
କେରଳ ମୁଖ୍ୟମନ୍ତ୍ରୀ

ସୁଖବିନ୍ଦର ସିଂ ସୁଖୁ
ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ

ଅଶୋକ ଗେହଲଟ
ରାଜସ୍ଥାନ ମୁଖ୍ୟମନ୍ତ୍ରୀ


ଭଗୱନ୍ତ ମାନ୍
ପଞ୍ଜାବ ମୁଖ୍ୟମନ୍ତ୍ରୀ

ତେଜସ୍ୱୀ ଯାଦବ
ବିହାର ଉପ ମୁଖ୍ୟମନ୍ତ୍ରୀ

ମମତା ବାନାର୍ଜୀ
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

ପି.କେ. ମିଶ୍ର
ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

ଦେବେନ୍ଦ୍ର ଫଡ୍‌ନବିସ
ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ


ପ୍ରିୟଙ୍କା ଗାନ୍ଧୀ
କଂଗ୍ରେସ ନେତ୍ରୀ

ଭୂପେନ୍ଦ୍ର ପଟେଲ
ଗୁଜରାଟ ମୁଖ୍ୟମନ୍ତ୍ରୀ

ଭୂପେଶ ବାଘେଲ
ଛତିଶଗଡ଼ ମୁଖ୍ୟମନ୍ତ୍ରୀ

ହେମନ୍ତ ସୋରେନ
ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ

ଜେନେରାଲ ଅନିଲ ଚୌହାନ
ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍

## ଅନ୍ତର୍ଜାତୀୟ


ଭୋଲଡିମିର ଜେଲେନ୍‌ସ୍କି
ୟୁକ୍ରେନ୍ ରାଷ୍ଟ୍ରପତି


ଭ୍ଲାଡିମିର ପୁଟିନ
ରୁଷିଆ ରାଷ୍ଟ୍ରପତି

ଶି ଜିନ୍‌ପିଙ୍ଗ୍
ଚାଇନା ରାଷ୍ଟ୍ରପତି

କିଙ୍ଗ୍ ଚାର୍ଲସ୍
ବ୍ରିଟେନ୍ ରାଜା

ଜୋ ବାଇଡେନ
ଆମେରିକା ରାଷ୍ଟ୍ରପତି


ଇମାନୁଏଲ ମାକରଁ
ଫ୍ରାନ୍ସ ରାଷ୍ଟ୍ରପତି

ଜେସିଣ୍ଡା ଆର୍ଡେନ
ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ

ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା
ବ୍ରାଜିଲ ରାଷ୍ଟ୍ରପତି

ଜଷ୍ଟିନ୍ ଟ୍ରୁଡୋ
କାନାଡା ପ୍ରଧାନମନ୍ତ୍ରୀ


ମହମ୍ମଦ ବିନ୍ ସଲ୍‌ମାନ୍ ଅଲ୍ ସୌଦ
ସାଉଦି ଆରବ ରାଜା

ରିଷି ସୁନକ
ବ୍ରିଟେନ୍ ପ୍ରଧାନମନ୍ତ୍ରୀ

ଜେନେରାଲ ଅସିମ୍ ମୁନିର
ପାକିସ୍ତାନ ସେନା ମୁଖ୍ୟ

ରନ୍ ଡିସାଣ୍ଟିସ୍
ଫ୍ଲୋରିଡ଼ା ଗଭର୍ନର


ଏଲନ୍ ମସ୍କ
ଟୁଇଟର ସିଇଓ

ପୋପ୍ ଫ୍ରାନ୍ସିସ୍
କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ

ବେଞ୍ଜାମିନ୍ ନେତ୍‌ନ୍ୟାହୁ
ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ

ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ'
ନେପାଳ ପ୍ରଧାନମନ୍ତ୍ରୀ

ଶେୟାର ବଜାର କାରବାରଠାରୁ ଆରମ୍ଭ କରି ଜିଏସ୍‌ଟି ସଂଗ୍ରହରେ ରେକର୍ଡ ସହ ଇନ୍ଧନ ମୂଲ୍ୟ ବୃଦ୍ଧି, ୫-ଜି ନିଲାମୀ ଏବଂ ଇ-ରୁପିର ପ୍ରଚଳନ ଭଳି ଆର୍ଥିକ ଜଗତର ଅନେକ ଚର୍ଚ୍ଚିତ ବିଷୟ ବିଦାୟୀ ବର୍ଷରେ ଦେଖିବାକୁ ମିଳିଥିଲା। ଓଡ଼ିଶାରେ ନିବେଶ ମହାକୁମ୍ଭରୁ ନୂଆ ସମ୍ଭାବନା, ଏଲନ ମସ୍କଙ୍କ ଟୁଇଟର ଅଧିଗ୍ରହଣ ଏବଂ ମହାରାଜାର ଘରବାହୁଡ଼ା ଚର୍ଚ୍ଚା ସାଉଁଟିଥିଲା। ମୁଦ୍ରାସ୍ଫୀତି ଓ ରେପୋ ରେଟ୍ ବୃଦ୍ଧି ଲୋକଙ୍କୁ ବ୍ୟଥିତ କରିଥିଲା। ଭାରତୀୟ ଟଙ୍କା ଦିନକୁ ଦିନ ଦୁର୍ବଳ ହେଉଥିବାବେଳେ ଗୌତମ ଆଦାନୀ ବିଶ୍ୱର ତୃତୀୟ ଧନୀ ହେବା ଦେଶବାସୀଙ୍କୁ ଚକିତ କରିଥିଲା।

MAKE IN ODISHA CONCLAVE'22
BHUBANESWAR | 30 NOV- 04 DEC | 2022

# ନିବେଶ ଓ ନିଯୁକ୍ତି ସମ୍ଭାବନା

ବି ଗତ ୪ ବର୍ଷ ପରେ ଓଡ଼ିଶାରେ ପୁଣି ମେକ୍ ଇନ୍ ଓଡ଼ିଶା (ଏମ୍ଆଇଓ) କନ୍‌କ୍ଲେଭ ଆୟୋଜିତ ହୋଇଥିଲା। ଏହି ୫ ଦିନିଆ ନିବେଶ ମହାକୁମ୍ଭରେ ରାଜ୍ୟ ସରକାର ୧୦ ଲକ୍ଷରୁ ଅଧିକ କୋଟି ଟଙ୍କାର ନିବେଶ ପାଇଁ ପ୍ରସ୍ତାବ ପାଇଥିଲେ। ଏପରି କି ଏହି ପୁଞ୍ଜି ନିବେଶ ପ୍ରତିବଦଳରେ ରାଜ୍ୟରେ ୧୦ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ମଧ୍ୟ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ୨୦୧୬ ଓ ୨୦୧୮ରେ ଏମ୍ଆଇଓର ପ୍ରଥମ ଓ ୨ୟ ସଂସ୍କରଣ ହୋଇଥିବା ବେଳେ ୨୦୨୨ରେ ୩ୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି।

# ଡିଜିଟାଲ ମୁଦ୍ରାର ବର୍ଷ



ଚଳିତ ବର୍ଷ ପ୍ରାରମ୍ଭରେ ଡିଜିଟାଲ ମୁଦ୍ରା (କ୍ରିପ୍ଟୋକରେନ୍ସି)ର ଡିମାଣ୍ଡ ଶୀର୍ଷରେ ରହିଥିଲା। ଏପରିକି ଏହି ଅଣସାମ୍ବିଧାନିକ ଡିଜିଟାଲ ମୁଦ୍ରାର ବଜାର ମଧ୍ୟ ଉଚ୍ଚା ରହିଥିଲା। ବିଶେଷକରି ଅନ୍ତର୍ଜାତୀୟ ବଜାରରେ ଏହାର ପ୍ରଭାବ ଅଧିକ ଥିବାବେଳେ ତାହା ଧୀରେ ଧୀରେ ଭାରତୀୟ ବଜାରକୁ ମଧ୍ୟ ପ୍ରବେଶ କରିଥିଲା। ଆଉ କିଛି ଡିଜିଟାଲ ମୁଦ୍ରାର ବ୍ୟବହାରକୁ କେନ୍ଦ୍ର ନିଷେଧ କରିବାକୁ ପ୍ରୟାସ କରୁଥିବା ବେଳେ ନିକଟରେ ଆର୍‌ବିଆଇ ଜରିଆରେ ଇ-ରୁପିର ଶୁଭାରମ୍ଭ କରିଛନ୍ତି। ଏପରି କି ଭାରତୀୟ ଇ-ରୁପି ଉଭୟ ଖୁଚୁରା ଓ ପାଇକାରୀ ପ୍ଲାଟ୍‌ଫର୍ମରେ ଉପଲବ୍ଧ କରାଇଛନ୍ତି। ଦେଶର ୮ ପ୍ରମୁଖ ଆର୍ଥିକ ସଂସ୍ଥା ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଜରିଆରେ କାରବାର କରୁଛନ୍ତି। ଭୁବନେଶ୍ୱରରେ ମଧ୍ୟ ଇ-ରୁପିର କାରବାର ପ୍ରମୁଖ ବ୍ୟାଙ୍କ ଶାଖାରେ ଉପଲବ୍ଧ।



# ଭାରତୀୟ ମୁଦ୍ରା




ଚଳିତ ଆର୍ଥିକ ବର୍ଷ ଆରମ୍ଭରେ ଡଲାର ତୁଳନାରେ ଭାରତୀୟ ମୁଦ୍ରା (ଟଙ୍କା)ର ମୂଲ୍ୟ ପ୍ରାୟ ୭୩.୫୦ ଟଙ୍କା ରହିଥିଲା। ଏହା ଉପରେ ରୁଷିଆ-ୟୁକ୍ରେନ ଯୁଦ୍ଧର ପ୍ରଭାବ ଟଙ୍କାକୁ ଆହୁରି ଦୁର୍ବଳ କରିଦେଇଥିଲା। ତେବେ ଭାରତୀୟ ମୁଦ୍ରା ଡଲାର ତୁଳନାରେ ଶେଷ ଥର ପାଇଁ ଅକ୍ଟୋବରରେ ୮୩.୦୦ ଟଙ୍କାକୁ ଛୁଇଁବା ପରେ ଅର୍ଥ ବିଶେଷଜ୍ଞମାନେ ବିସ୍ମିତ ହୋଇଯାଇଥିଲେ।

# ୫ଜି ନିଲାମୀ

ବିଦାୟୀ ବର୍ଷର ବହୁ ପ୍ରତୀକ୍ଷିତ ହାଇସ୍ପିଡ୍ ଟେକ୍ନୋଲୋଜିର କାରବାର ପାଇଁ କେନ୍ଦ୍ର ସରକାର ୫ଜି ସ୍ପେକ୍ଟ୍ରମର ନିଲାମୀ ପ୍ରକ୍ରିୟା ୨୦୨୨ ଅଗଷ୍ଟରେ ଆରମ୍ଭ କରିଥିଲେ। ପଞ୍ଚମ ପିଢ଼ିର ଏହି ନୂଆ ଟେକ୍ନୋଲୋଜି ନିଲାମୀରେ କେନ୍ଦ୍ର ସରକାର ପ୍ରାୟ ୧.୫୦ ( ୧,୫୦,୧୭୩) ଲକ୍ଷ କୋଟିରୁ ଅଧିକ ପରିମାଣର ଅର୍ଥରାଶି ସ୍ପେକ୍ଟ୍ରମ ବାବଦରେ ପାଇଥିଲେ। ଏପରି କି ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ, ଭୋଡାଫୋନ୍-ଆଇଡିଆ ଏବଂ ଆଦାନୀ ଡେଟା ନେଟ୍‌ୱର୍କ ଭଳି ପ୍ରମୁଖ ଟେଲିକମ କମ୍ପାନୀ ଉକ୍ତ ନିଲାମୀରେ ସାମିଲ ହୋଇଥିବାବେଳେ ରିଲାଏନ୍ସ ଜିଓ ସର୍ବାଧିକ ସ୍ପେକ୍ଟ୍ରମ ହାସଲ କରିଥିଲା। ଆଦାନୀ ଡେଟା ନେଟ୍‌ୱାର୍କ ସର୍ବନିମ୍ନ ନିଲାମଧାରୀ ହୋଇଥିଲେ। ଅକ୍ଟୋବର ପହିଲାରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ।







# ବଢ଼ିଛି ଜିଏସ୍‌ଟି ପରିମାଣ

ଦେଶର ଅର୍ଥନୀତିକୁ ମଜଭୁତ କରିବା ପାଇଁ କେନ୍ଦ୍ର ସରକାର ୧ ଜୁଲାଇ ୨୦୧୭ରେ ଏକକ ଟିକସ ବ୍ୟବସ୍ଥା ପ୍ରଣୟନ ସକାଶେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପ୍ରଚଳନ କରିଥିଲେ। ୨୦୨୨-୨୩ ଆର୍ଥିକ ବର୍ଷରେ ଜିଏସ୍‌ଟି ସଂଗ୍ରହ ଏପ୍ରିଲରୁ ନଭେମ୍ବର ମଧ୍ୟରେ ପ୍ରତି ମାସ ୧ ଲକ୍ଷ ୪୦ ହଜାର କୋଟି ଟଙ୍କାରୁ ଅଧିକ ରହିଛି। ଏପରି କି ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଏପର୍ଯ୍ୟନ୍ତ ସର୍ବାଧିକ ୧.୬୮ ଲକ୍ଷ କୋଟିରୁ ଅଧିକ ଟଙ୍କା ଜିଏସ୍‌ଟି ଆକାରରେ ଆଦାୟ କରାଯାଇଛି। ସୂଚନାଯୋଗ୍ୟ, ପ୍ରତି ବର୍ଷ ଜିଏସ୍‌ଟି ସଂଗ୍ରହ ହାରାହାରି ୭% ବୃଦ୍ଧି ପାଇଛି।

# ମସ୍କଙ୍କ ଟୁଇଟର



ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବଶାଳୀ ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟର ଚଳିତ ବର୍ଷ ଅନେକ କାରଣରୁ ଚର୍ଚ୍ଚାରେ ରହିଆସିଛି। ବିଶ୍ୱର ଏକ ନମ୍ବର ଧନୀବ୍ୟକ୍ତି ଏଲନ ମସ୍କ ଟୁଇଟରକୁ ଅଧିଗ୍ରହଣ କରିବା ଥିଲା ୨୦୨୨ର ଚର୍ଚ୍ଚିତ ଅନ୍ତର୍ଜାତୀୟ ବ୍ୟବସାୟିକ ଚୁକ୍ତି। ଟୁଇଟରକୁ ମସ୍କ ପ୍ରାୟ ୪୪ ବିଲିୟନ ଡଲାରରେ ଅଧିଗ୍ରହଣ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଟୁଇଟରର କ୍ରୟ ବିକ୍ରୟକୁ ନେଇ ଯେତିକି ଚର୍ଚ୍ଚା ହୋଇଥିଲା, ତା' ଠାରୁ ବେଶି ଆଲୋଚନା ହୋଇଥିଲା ବ୍ୟବହାରକାରୀଙ୍କ ପ୍ରତିକ୍ରିୟାକୁ ନେଇ। ମସ୍କ ଟୁଇଟରକୁ ନିଜ ହାତକୁ ନେବା ପରେ ତତ୍‌କ୍ଷଣାତ କର୍ମଚାରୀ ଛଟେଇ ଆରମ୍ଭ କରିଦେଇଥିଲେ। 'ବ୍ଲୁ ଟିକ୍' ଅପଶନ ଦେୟଯୁକ୍ତ ବିଷୟ ଉଠାଇ ସେ ବ୍ୟବହାରକାରୀଙ୍କ ରୋଷର ଶିକାର ହୋଇଥିଲେ। ବର୍ଷ ଶେଷ ଆଡ଼କୁ ଟୁଇଟରରେ ମସ୍କଙ୍କ ପ୍ରାଧାନ୍ୟ କେତେ ରହିଛି, ସେ ସଂକ୍ରାନ୍ତରେ ଏକ ପୋଲ୍ କରାଯାଇଥିଲା; ଯେଉଁଥିରେ ୫୭ ପ୍ରତିଶତ ବ୍ୟବହାରକାରୀ ତାଙ୍କୁ ନାପସନ୍ଦ କରିଥିଲେ।




# ଶେୟାର ବଜାର

ଭାରତୀୟ ପୁଞ୍ଜିବଜାରର କାରବାର ବିଦାୟୀ ବର୍ଷରେ ଉଠାପକା ଦେଇ ଗତି କରିଥିଲା। ଏପରି କି ନିବେଶକମାନେ ଅନେକ ଲକ୍ଷ କୋଟିର ପୁଞ୍ଜି ହରାଇଥିଲେ। ତଥାପି ସମୟ ଏମିତି ଆସିଥିଲା, ସେନ୍‌ସେକ୍ସ ସର୍ବକାଳୀନ ରେକର୍ଡ ଭାଙ୍ଗି ୬୩,୫୮୩ ଅଙ୍କ ଛୁଇଁଥିଲା। ନିଫ୍ଟି-୫୦ ସର୍ବାଧିକ ୧୮,୮୮୭ ପଏଣ୍ଟରେ କାରବାର ବନ୍ଦ କରିଥିଲା।

# ଟାଟା ଗ୍ରୁପକୁ ଫେରିଲା ମହାରାଜା

ଦୀର୍ଘ ୭୦ ବର୍ଷ ପରେ ଟାଟା ସନ୍ସ ଦେଶର ଏକମାତ୍ର ରାଷ୍ଟ୍ରାୟତ୍ତ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଏୟାର ଇଣ୍ଡିଆକୁ ଚଳିତ ବର୍ଷ ଜାନୁୟାରୀରେ ଅଧିଗ୍ରହଣ କରିଥିଲା। ଉଲ୍ଲେଖଯୋଗ୍ୟ, ମହାରାଜା ଭାବେ ପରିଚିତ ଏୟାର ଇଣ୍ଡିଆକୁ ପ୍ରାୟ ୨.୪ ବିଲିୟନ ଡଲାରରେ ଟାଟା ଗ୍ରୁପ କିଣିଥିଲା। ଗତ ଜାନୁୟାରୀରୁ ମେ ପର୍ଯ୍ୟନ୍ତ ବିଭିନ୍ନ ଆଇନଗତ ପ୍ରକ୍ରିୟା ଶେଷ କରି ଟାଟା ଗ୍ରୁପ୍ ଏୟାର ଇଣ୍ଡିଆର ୧୦୦% ଅଂଶଧନ ଅକ୍ତିଆର କରି କମ୍ପାନୀ ଦୀର୍ଘ ଦିନର ସ୍ୱପ୍ନ ପୂରଣ କରିଥିଲା।




# ରେପୋ ରେଟ୍

ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ବିଦାୟୀ ବର୍ଷରେ ବାରମ୍ବାର ରେପୋ ରେଟ୍ ବଢ଼ାଇବାରେ ଲାଗିଲା। ମେ' ରୁ ନଭେମ୍ବର ମଧ୍ୟରେ ୫ଥରରେ ୧.୫୭ ବେସିସ୍ ପଏଣ୍ଟ ବୃଦ୍ଧି ଘଟିଥିଲା। ଏହାଦ୍ୱାରା ନିମ୍ନ ଆୟକାରୀ ଓ ମଧ୍ୟବିତ୍ତ ଶ୍ରେଣୀ ବିଶେଷକରି ଗାଡ଼ି ଓ ଘର ଋଣ ନେଇଥିବା ବ୍ୟକ୍ତିଙ୍କ ଉପରେ ଚଡ଼କ ପଡ଼ିଥିଲା। ଏହାସତ୍ତ୍ୱେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଭାରତୀୟ ଅର୍ଥନୀତି ଅନ୍ୟାନ୍ୟ ଦେଶର ଅର୍ଥ ବ୍ୟବସ୍ଥାଠାରୁ ଉନ୍ନତ ରହିଛି ବୋଲି କହିଥିଲେ। କିନ୍ତୁ ଏଭଳି ସ୍ୱପ୍ରୋକ୍ତିର କୌଣସି ଆଧାର ନ ଥିବାରୁ ଏହାର ସୁଫଳ ଦେଶବାସୀ ପାଇପାରି ନ ଥିବା ସମାଲୋଚକମାନେ ବାରମ୍ବାର ମତ ଦେଇଚାଲିଛନ୍ତି।

# ଇନ୍ଧନ ରନ୍ଧନ



ବିଦାୟୀ ବର୍ଷର ପ୍ରଥମ ତ୍ରୈମାସରେ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇ ବ୍ୟାରେଲ୍ ପିଛା ୧୪୦ ଆମେରିକୀୟ ଡଲାର ନିକଟବର୍ତ୍ତୀ ହୋଇଥିଲା। ସେତେବେଳେ ଭାରତର ଉତ୍ତରପ୍ରଦେଶ ସମେତ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ କେନ୍ଦ୍ର ସରକାର ତୈଳ ଦରକୁ ନିୟନ୍ତ୍ରଣ ମଧ୍ୟରେ ରଖିଥିଲେ। ତେବେ ନିର୍ବାଚନ ସରିବା ପରେ କେନ୍ଦ୍ର ହାତ ଟେକିଦେବାରୁ ତୈଳ ବିପଣନ କମ୍ପାନୀଗୁଡ଼ିକ ପେଟ୍ରୋଲ ଦର ୧୧୩ ଟଙ୍କା ଯାଏ ବଢ଼ାଇ ଦେଇଥିଲେ। ଦେଶବ୍ୟାପୀ ଘୋର ପ୍ରତିବାଦ ହେବାରୁ କେନ୍ଦ୍ର ଏପ୍ରିଲ ୬ରେ ଟିକସ ହ୍ରାସ କରିଥିଲା। ଫଳରେ ପେଟ୍ରୋଲ ଦର ଲିଟର ପିଛା ୧୦୩ ଟଙ୍କା ୧୯ ପଇସାକୁ ଖସି ଆସିଥିଲା। ଏବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୮୦ ଟଙ୍କା ତଳକୁ ଖସି ଆସିଥିଲେ ମଧ୍ୟ ଭାରତରେ ତାହା କମୁ ନ ଥିବାରୁ ଜନସାଧାରଣ ଏହାର ଲାଭ ପାଇପାରୁ ନାହାନ୍ତି। ଅନୁରୂପ ଭାବେ ରନ୍ଧନ ଗ୍ୟାସ୍ ୨୦୨୨ରେ ତୁହାକୁ ତୁହା ବଢ଼ି ରେକର୍ଡ କରିଥିଲା। ୧୪.୨ କେଜିର ଘରୋଇ ବ୍ୟବହାରଯୋଗ୍ୟ ଏଲ୍‌ପିଜି ୧୦୮୦ ଟଙ୍କାରେ ପହଞ୍ଚିଥିବା ବେଳେ ବାଣିଜ୍ୟିକ ଗ୍ୟାସ୍ ୨୨୫୦ ଟଙ୍କାରେ ରହିଛି। କୌତୂହଳର ବିଷୟ ଯେ ବେପାର ପାଇଁ ବ୍ୟବହୃତ ୧୯ କେ.ଜି ଗ୍ୟାସ୍‌ର ଦାମ କ୍ରମାଗତ ୬ ଥର ହ୍ରାସ କରାଯାଇଥିବା ବେଳେ ଘରୋଇ ଏଲ୍‌ପିଜି ମୂଲ୍ୟ ଅପରିବର୍ତ୍ତିତ ରହି ଗ୍ରାହକଙ୍କ ଉପରେ ବୋଝ ସାଜିଛି। ପେଟ୍ରୋଲିୟମ ଜାତ ପଦାର୍ଥର ମୂଲ୍ୟ ବୃଦ୍ଧି ପାଇବା ଫଳରେ ଅତ୍ୟାବଶ୍ୟକ ସାମଗ୍ରୀର ଦାର ଅହେତୁକ ବୃଦ୍ଧି ପାଇଛି। ଏଥିସହିତ ସିଏନ୍‌ଜି ଦର ପ୍ରାୟ ୩୬ ପ୍ରତିଶତ ବଢ଼ିଥିବା ବେଳେ ବିମାନ ଲାଗି ବ୍ୟବହୃତ ଇନ୍ଧନ (ଏଟିଏଫ୍) ମୂଲ୍ୟ ହାରାହାରି ୩.୫% ଉଠିଥିଲା।

# ଚନ୍ଦା କୋଚ୍ଛର



ଏକଦା ଦେଶର ଅଗ୍ରଣୀ ବ୍ୟାଙ୍କର୍ସଙ୍କ ମଧ୍ୟରେ ପରିଗଣିତ ହେଉଥିବା ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ତଥା ଏମ୍‌ଡି ଚନ୍ଦା କୋଚ୍ଛର ବର୍ତ୍ତମାନ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ହାଜତରେ। ଚନ୍ଦାଙ୍କ ବିରୋଧରେ ଥିବା ଅଭିଯୋଗ ହେଲା, ସେ ଆଇସିଆଇସିଆଇ ବ୍ୟାଙ୍କ ମୁଖ୍ୟ ଥିବାବେଳେ ନିଜ ପଦବୀ ଓ କ୍ଷମତାର ଦୁରୁପଯୋଗ କରି ଭିଡିଓକନ ଗ୍ରୁପ୍‌ର ମାଲିକ ବେଣୁଗୋପାଳ ଧୂତଙ୍କୁ ୨୦୦୯ ଏବଂ ୨୦୧୧ରେ ଅନୁଗ୍ରହ ଦେଖାଇ ଋଣ ଦେଇଥିଲେ। ହେଲେ ଋଣ ପାଇବା ପରେ ଧୂତ ଚନ୍ଦାଙ୍କ ସ୍ୱାମୀ ଦୀପକ କୋଚ୍ଛରଙ୍କ ମାଲିକାନାରେ ଥିବା ନୂପାୱାର ରିନ୍ୟୁଏବେଲରେ ୬୪ କୋଟି ଟଙ୍କା ନିବେଶ କରିଥିଲେ। ତେବେ ବହୁ କୋଟି ଟଙ୍କାର ଏହି ଋଣ ଦୁର୍ନୀତି ମାମଲା ଧରା ପଡ଼ିବା ପରେ ୨୦୧୮ ରେ ଚନ୍ଦା ନିଜ ପଦରୁ ଇସ୍ତଫା ଦେଇଥିଲେ। ୨୦୨୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କୁ ଗିରଫ କରିଥିଲା। ଚଳିତ ବର୍ଷ ଡିସେମ୍ବର ୨୪ରେ ସିବିଆଇ ଚନ୍ଦା ଓ ଦୀପକଙ୍କୁ ଗିରଫ କରି ୩ ଦିନିଆ ରିମାଣ୍ଡରେ ନେଇଥିବା ବେଳେ ୨୬ରେ ଭିଡିଓକନର ଧୂତଙ୍କୁ ଗିରଫ କରିଛି। ୩ ଅଭିଯୁକ୍ତଙ୍କୁ ସିବିଆଇ ଅଧିକାରୀମାନେ ମୁହାଁମୁହିଁ ଜେରା କରିଥିବା ଜଣାପଡ଼ିଛି।

# ବିଶ୍ୱ ଧନୀ ତାଲିକାରେ ଭାରତୀୟ



କିଛି ବର୍ଷ ହେଲା ବିଶ୍ୱ ଧନୀ ତାଲିକାରେ ଭାରତୀୟ ବିତ୍ତଶାଳୀଙ୍କ ପ୍ରଭାବ ବେଶ୍ ବଢ଼ିଯାଇଛି। ଏପରି କି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜସ ଓ ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍‌ସଙ୍କୁ ପଛରେ ପକାଇ ଭାରତୀୟ ଶିଳ୍ପପତି ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀ ୧୨୦ ବିଲିୟନ ଡଲାର ସହ ୩ୟ ସ୍ଥାନରେ ରହି ଅନ୍ତର୍ଜାତୀୟ ସ୍ତରରେ ଚହଳ ପକାଇ ଦେଇଥିଲେ। ଅନୁରୂପ ଭାବେ ରିଲାଏନ୍ସ ଗ୍ରୁପ ଚେୟାରମ୍ୟାନ ମୁକେଶ ଅମ୍ବାନୀ, ରାଧାକ୍ରିଷ୍ଣନ ଦମାନୀ, ଶିବ ନାଦାର, ସାବିତ୍ରୀ ଜିନ୍ଦଲଙ୍କ ଭଳି ଅନେକ ଭାରତୀୟ ଶିଳ୍ପପତି ବିଶ୍ୱ ଧନୀ ବ୍ୟକ୍ତି ତାଲିକାରେ ସ୍ଥାନିତ ହୋଇପାରିବା ଦେଶ ପାଇଁ ଗୌରବର ବିଷୟ ହୋଇଛି।

**ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ**

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଭାରତୀ ମହିଳା ଶକ୍ତିମେରି ଉଡାନ ଫାଉଣ୍ଡେଶନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ କିଶୋରି ବାଳିକା ମହିଳାଙ୍କ ମଧ୍ୟରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତୀ ମହିଳା ଶକ୍ତି ଫାଉଣ୍ଡେଶନ ଏହି କାର୍ଯ୍ୟକ୍ରମ ଗୁରୁବାର ବ୍ଲକର ଗୋଟୋମୁଣ୍ଡା ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଟୋମୁଣ୍ଡା ସରପଞ୍ଚ ପଦ୍ମିନୀ ପୂଜାରୀ, ସମିତି ସଭ୍ୟା ଶାମୁକା ନାଏକ, ଡିଇଓ ରଞ୍ଜିତ ଗୌଡ଼, ବିପିଓ ରଶ୍ମିତା ସାହୁ, ଜିପିଏସ କସ୍ତୁରି ପାତ୍ର ଯୋଗଦେଇଥିଲେ।

# କାଳିଆର ଭାତହାଣ୍ଡି କଳାହାଣ୍ଡି: ରାଜ୍ୟପାଳ

ଭବାନୀପାଟଣା,୨୯।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲାକୁ ଗୁରୁବାର ଦିନିକିଆ ଗସ୍ତରେ ଆସିଛନ୍ତି ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ପୂର୍ବାହ୍ନ ସାଢ଼େ ୧୧ଟାରେ ସେ ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶବିଦ୍ୟାଳୟରେ ନୂତନ ଏକାଡେମି ଓ ଲାଇବ୍ରେରି କୋଠା ଉଦଘାଟନ କରିଥିଲେ। ପରେ ବିଶ୍ୱ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଯୋଗଦେଇଥିଲେ। କଳାହାଣ୍ଡି ଶବ୍ଦର ବିଶ୍ଳେଷଣ କରିବାକୁ ଯାଇ କହିଲେ, ଯେଉଁ ହାଣ୍ଡିରେ ପ୍ରଭୁ କାଳିଆଙ୍କ ପାଇଁ ଭାତ ରନ୍ଧା ଯାଏ ତାହା ହେଉଛି କଳାହାଣ୍ଡି ବୋଲି ରାଜ୍ୟପାଳ କହିଥିଲେ। ବିଶ୍ୱରେ ଭାରତର ସଂସ୍କୃତି ଓ ପରମ୍ପରା ସବୁଠି ନିଆରା। ସେହିପରି ମହାଭାରତ, ରାମାୟଣ ଠାରୁ ଆରମ୍ଭ କରି ବର୍ତ୍ତମାନର ଆଧୁନିକ ଭାରତ ଅଗ୍ରଗତି ଉପରେ ତୁଳନାତ୍ମକ ଶୈଳୀରେ ବିଶ୍ଳେଷଣ କରିଥିଲେ। ଗୁରୁ ବିନା ଶିକ୍ଷା ଅସମ୍ଭବ। ତେଣୁ ପୌରାଣିକ ଯୁଗରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଗୁରୁଙ୍କ ସର୍ବଦା ମର୍ଯ୍ୟାଦା ରହିଛି। ଛାତ୍ରୀଛାତ୍ରମାନେ ଜଗନ୍ନାଥ ସଂସ୍କୃତିରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଭାରତରେ ଆଜି ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଏଠାକାର ଜଣେ ଗ୍ରାମାଞ୍ଚଳର ଆଦିବାସୀ ମହିଳା ଦେଶର ସର୍ବୋଚ୍ଚ ପଦବି ରାଷ୍ଟ୍ରପତି ହୋଇଥିବାବେଳେ ଶିକ୍ଷା ମନ୍ତ୍ରୀ, ଆରବିଆଇ ଗଭର୍ନର, ସିଏଜି ମୁଖ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ରହି ଓଡିଶାକୁ ଗୌରବାନ୍ୱିତ କରିଛନ୍ତି ବୋଲି ଅଭିଭାଷଣରେ କହିଥିଲେ। ସେହିପରି କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ଅବଦାନ ପାଇଁ ସେ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ପ୍ରଶଂସା କରିବା ସହ ଛାତ୍ରୀଛାତ୍ରଙ୍କୁ ନିଜର ଭବିଷ୍ୟତକୁ ସୁଦୃଢ଼ କରିବାକୁ ଅକ୍ଳାନ୍ତ ପରିଶ୍ରମ କରିବା ଓ ମାନବିକ ସମ୍ବେଦନଶୀଳତାକୁ ପାଥେୟ କରିବା ପାଇଁ ଆହ୍ୱାନ କରିଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଲାଷ ଜି, ରେଜିଷ୍ଟ୍ରାର ପୀତାମ୍ବର ଭୋଇ ପ୍ରମୁଖ ଯୋଗଦେଇଥିଲେ। ସଭା ପୂର୍ବରୁ ଏନ୍‌ସିସି କ୍ୟାଡେଟମାନେ ସମ୍ମାନ ଗାର୍ଡ ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭାରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ବିଭିନ୍ନ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକ, ଛାତ୍ରୀଛାତ୍ରୀ ଯୋଗଦେଇଥିଲେ।



କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଉଛନ୍ତି।

**କଳାହାଣ୍ଡି ଗସ୍ତରେ ରାଜ୍ୟପାଳ**

- ଯେଉଁ ହାଣ୍ଡିରେ ପ୍ରଭୁ କାଳିଆଙ୍କ ପାଇଁ ଭାତ ରନ୍ଧା ଯାଏ ତାହା ହେଉଛି କଳାହାଣ୍ଡି
- କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଏକାଡେମୀ, ଲାଇବ୍ରେରୀ କୋଠା ଉଦ୍‌ଘାଟନ
- ଜିଲା ଅଧିକାରୀଙ୍କ ସହ କଲେ ସମୀକ୍ଷା ବୈଠକ
- ଚାଲ ଦେଖମା ଆମର କଳାହାଣ୍ଡି କାର୍ଯ୍ୟକ୍ରମରେ ଯୋଗଦାନ

## ଜିଲା ଅଧିକାରୀଙ୍କ ସହ ରାଜ୍ୟପାଳଙ୍କ ସମୀକ୍ଷା

କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକ୍ରମ ଶେଷ ପରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ଭବାନୀପାଟଣା ସର୍କିଟ ହାଉସ ହଲରେ ଜିଲା ଅଧିକାରୀଙ୍କୁ ନେଇ ସମୀକ୍ଷା କରିଥିଲେ। ଜିଲାର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଯଥା ସମସ୍ତଙ୍କୁ ନିରାପଦ ପାନୀୟ ଜଳ, ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା, ଛାତ୍ରାବାସ, ସ୍ୱଚ୍ଛ ଭାରତ, ଶୌଚାଳୟ, ଉତ୍କେଳା ଏୟାରଷ୍ଟ୍ରିପ ଓ ଅନ୍ୟାନ୍ୟ ପ୍ରଗତି ଉପରେ ରାଜ୍ୟାପାଳ ଆଲୋଚନା କରିଥିଲେ। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଲାଷ ଜି, ସିଡିଓ ଜିଲା ପରିଷଦ ସଚିନ ପାୱାର, ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

## 'ଚାଲ ଦେଖମା ଆମର କଳାହାଣ୍ଡି' ଆଲୋଚନାଚକ୍ର

ଅପରାହ୍ନରେ ଭବାନୀପାଟଣା ଟାଉନ ହଲଠାରେ 'ଚାଲ ଦେଖମା ଆମର କଳାହାଣ୍ଡି' କନ୍‌କ୍ଲେଭ ୨୦୨୨ ଶୀର୍ଷକ ଆଲୋଚନାଚକ୍ରରେ ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଆଇଏଏସ ତଥା ପୂର୍ବତନ ଆଇଜିତିହାର ଜେଲ ଜୟଦେବ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ ତଥା ପୂର୍ବତନ କଳାହାଣ୍ଡି ଜିଲାପାଳ ଚିନ୍ମୟ ବସୁ, ପିଟିଆଇ ସମ୍ପାଦକ ରାଜେଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। 'ଚାଲ ଦେଖମା ଆମର କଳାହାଣ୍ଡି'ର ଆବାହକ ଦେବେନ୍ଦ୍ର ବିଶିଙ୍କ ଆୟୋଜନରେ ଅନୁଷ୍ଠିତ ଦିନବ୍ୟାପୀ ଆଲୋଚନାଚକ୍ରରେ କଳାହାଣ୍ଡିର ବିକାଶ ମୁଖ୍ୟତଃ କୃଷି ଓ ଜଳବାୟୁ ପରିବର୍ତ୍ତନ, ଶିକ୍ଷା ଓ ଜୀବିକା,ସଂସ୍କୃତି ଓ ପରମ୍ପରା, ନୂତନ ଆବିଷ୍କାର ଓ ଉଦ୍ୟୋଗିକରଣ, ଯୁବ ଦକ୍ଷତା ଓ କର୍ମ ନିଯୁକ୍ତି ଉପରେ ଦେଶର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ବକ୍ତାଗଣ ଆମନ୍ତ୍ରିତ ହୋଇ ଆଲୋଚନାରେ ଭାଗ ନେଇଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନିଜ ବକ୍ତବ୍ୟରେ କଳାହାଣ୍ଡିର କ୍ରମବିକାଶରେ ଲୋକଙ୍କ ସହଭାଗିତା ଓ ପରିଶ୍ରମର ପ୍ରଶଂସା କରିଥିଲେ ଏବଂ ଏହି ଜିଲା ଜଗନ୍ନାଥଙ୍କ ହାଣ୍ଡି ସଦୃଶ ସମସ୍ତଙ୍କୁ ଖାଦ୍ୟ ଯୋଗାଇବା ସହ ପ୍ରେମ ଓ ସହଂତି ର ବାର୍ତ୍ତା ଦେଉଛି ବୋଲି କହିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ସହରର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଗୁରୁ ଘାସିଦାସଙ୍କ ଜୟନ୍ତୀ ପାଳିତ

ଖଡ଼ିଆଳ,୨୯।୧୨(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳଠାରେ ସନ୍ଥ ଶିରୋମଣି ବାବା ଗୁରୁ ଘାସିଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ଗୁରୁ ଘାସିଦାସଙ୍କ ସ୍ମୃତିସ୍ତମ୍ଭ ଏକ ସୁସଜ୍ଜିତ ରଥରେ ନଗର ପରିକ୍ରମା କରାଯାଇଥିଲା। ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଛତିଶଗଡ଼ କ୍ୟାବିନେଟ ମନ୍ତ୍ରୀ ତଥା ସମାଜର ଗୁରୁ ରୁଦ୍ର କୁମାର, ମୁଖ୍ୟବକ୍ତା ଭାବେ ସତନାମୀ ସମାଜର ଓଡିଶା ରାଜ୍ୟ ସଭାପତି ଜ୍ୟୋତିଲାଲ ବଂଜାରେ, ସମ୍ମାନିତ ଅଥିତି ଭାବେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ପୂର୍ବତନ ଏନଏସି ଅଧ୍ୟକ୍ଷ ନିମାଇଁ ଚରଣ ତାଣ୍ଡି, ଜିଲା ଅଧ୍ୟକ୍ଷ ଲାଲୁ ଚେଲକ, ବଲାଙ୍ଗୀର ଜିଲା ଅଧ୍ୟକ୍ଷ ହରିରାମ ଆଣ୍ଡିଲ, ରାଜ୍ୟ ସଚିବ ମିନିକେତନ ଡ଼ିଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଭିଭିନ୍ନ ସାଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହେମନ୍ତ ମାନହରେ ମଞ୍ଚ ପରିଚାଳନା କରିଥିଲେ।

## ଜୁନାଗଡ଼ ପଞ୍ଚାୟତ ସମିତି ବୈଠକ

ଜୁନାଗଡ,୨୯।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସଭାଗୃହରେ ବୁଧବାର ପଞ୍ଚମସ୍ତରୀୟ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବ୍ଲକ ଅଧ୍ୟକ୍ଷା ସବିତା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଦୁଲାରାମ ମାରାଣ୍ଡି, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଏମ୍‌ପି ପ୍ରତିନିଧି ଚନ୍ଦ୍ର ହାସ୍ୟ ବିଶ୍ୱାଲ, ଜିଲା ପରିଷଦ ସଭ୍ୟା ଶାମୁକା ରାଣୀ କୁମାର,ସଙ୍ଗୀତା ଖର୍ସେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବ୍ଲକ ଉନ୍ନୟନ ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ସମନ୍ୱିତ ଶିଶୁ ବିକାଶ ଯୋଜନା, କ୍ଷୁଦ୍ର ଜଳସେଚନ ବିଭାଗ, ଗମନାଗମନ, ବିଦ୍ୟୁତ୍ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକ ଜିପିଓ ରାଜେନ୍ଦ୍ର ଭୋଇ ପରିଚାଳନା କରିଥିଲେ। ଏହି ବୈଠକରେ ବ୍ଲକର ସମସ୍ତ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟା/ସଭ୍ୟ, ପିଇଓ, କନିଷ୍ଠ ଯନ୍ତ୍ରୀ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

## ପଞ୍ଚାୟତ ଡିଗ୍ରୀ କଲେଜର ବରିଷ୍ଠ ଗ୍ରନ୍ଥାଗାରିକଙ୍କ ପରଲୋକ

ତୁଣ୍ଡଲା,୨୯।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟର ବରିଷ୍ଠ ଗ୍ରନ୍ଥାଗାରିକ ବସନ୍ତ କୁମାର ସାହୁଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଉକ୍ତ ମହାବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ସେ ଜଣେ ନିଷ୍ପାପର ଓ ଚରିତ୍ରବାନ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କର ଧର୍ମପତ୍ନୀ ଯଶୋବନ୍ତି ସାହୁ, ୨ ଝିଅ ବବି ଓ ଲିଲି ଏବଂ ତାଙ୍କ ଏକ ମାତ୍ର ପୁଅ ସୁଧାଂଶୁ ଉପସ୍ଥିତ ଥିଲେ। ତାଙ୍କ ପୁଅ ସୁଧାଂଶୁ ମୁଖାଗ୍ନି ଦେଇଥିଲେ। ଗ୍ରାମବାସୀ ସମସ୍ତେ ଓ ବନ୍ଧୁ ବାନ୍ଧବ ମିଶି ଶୋକାକୁଳ ପରିବାରକୁ ସାନ୍ତ୍ୱନା ଦେବ ସହ ସ୍ୱର୍ଗତ ଆତ୍ମର ସଦଗତି କାମନା କରିଥିଲେ।

## ଦୁର୍ଘଟଣାରେ ଗୁରୁତରଙ୍କୁ ହସ୍ପିଟାଲ ପହଞ୍ଚାଇଲେ ପୋଲିସ


ଗୁରୁତରଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

କୋକସରା,୨୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲିଗୁଡା ନିକଟରେ ବାଇକ ଦୁର୍ଘଟଣାରେ ଗୁରୁତର ହୋଇ ରାସ୍ତାରେ ଛଟପଟ ହେଉଥଲେ ଯୁବକ। ସେହି ରାସ୍ତା ଦେଇ ଅନେକ ଲୋକ ଯାଆସ କରୁଥିଲେ, ହେଲେ କେହି ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କଲେ ନାହିଁ। ଏହି ସମୟରେ ସେହି ବାଟ ଦେଇ ଯାଉଥିବା କୋକସରା ଥାନାର ଦୁଇ କର୍ମଚାରୀ କୁଶଧଜ ନାଏକ ଓ ପ୍ରକାଶ ଚନ୍ଦ୍ର ରାଉତ ଗୁରୁତର ଯୁବକଙ୍କୁ ଅଟୋରେ ଆଣି କୋକସରା ହସ୍ପିଟାଲରେ ଭର୍ତ୍ତି କରି ମାନବିକତାର ପରିଚୟ ଦେଇଛନ୍ତି। ଗୁରୁତର ଯୁବକ ହେଉଛନ୍ତି ରେଙ୍ଗାଲପାଲି ଗ୍ରାମର ଜିତେ ବଛା (୨୬) ଓ ଅନ୍ୟ ଜଣେ ଯୁବକ ଅଜୟ ବାଗ (୨୪) ସାମାନ୍ୟ ଆହତ ହୋଇଛନ୍ତି। ଦୁହେଁ କୌଣସି କାମରେ କୋକସରା ଆସି ଘରକୁ ଫେରିବା ବାଟରେ ଚିଲିଗୁଡା ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଛନ୍ତି। ଗୁରୁତର ଯୁବକ ଜିତେଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ନ୍ୟାଶନାଲ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ନୂଆପଡ଼ା ଅଫିସ,୨୯।୧୨

ସ୍ଥାନୀୟ ନ୍ୟାଶନାଲ କଲେଜର ୪୧ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ୨୭ରୁ ଆରମ୍ଭ ହୋଇ ଗୁରୁବାର ଉଦଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧ୍ୟକ୍ଷା କବିତା ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଢୁମେରପାଣି ସରପଞ୍ଚ ଟେକରାମ ସାହୁ, ସମିତି ସଭ୍ୟ ଚୁରନ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡାପ୍ରେମୀ ଓ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠବର୍ଗରେ ଖେଳ ହୋଇଥିଲା। ବାର୍ଷିକ କ୍ରୀଡାରେ ୧୦୦, ୨୦୦, ୪୦୦, ୧୫୦୦, ୩୦୦୦ ମିଟର ରନ୍ ସାଙ୍ଗକୁ ଲମ୍ଫଡିଆଁ, ଉଚ୍ଚଡିଆଁ, ଜେଭଲିନ ଫିଙ୍ଗା, ଗୋଳାଫିଙ୍ଗା, ଥାଳିଫିଙ୍ଗା, ସାଇକେଲ ସ୍ଲୋ ରେସ, ରସିଟଣା, ଫେନ୍ସିଡ୍ୟାନ୍ସ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଜେନ୍ଦ୍ର ପ୍ରସାଦ ନାଏକ, କିଶୋର କୁମାର ବାରିକ, ନୃସିହ ଚରଣ ସାହୁ, ହିତେଶ କୁମାର ସାହୁ, ସଚିନ ବାବୁ, ଅବିନାଶ ଚଲାନ, ରବୀନ୍ଦ୍ର ସିଂମାଝି, ଯଶୋବନ୍ତ ଭୋଇ, ଗୋପିଗୋପାଲ ମୁନା, ମିନାକ୍ଷୀ ଦାସ, ମମତା ପଟ୍ଟନାୟକ, ନମ୍ରତା ତ୍ରିପାଠୀ, ପ୍ରମିତା ମାଝି, ଦୀପେନ ମାଝି, ଗୁଲାବ ସାହୁ, ବିକାଶ ମୋଙ୍ଗରେ ସହଯୋଗ କରିଥିବା ବେଳେ ଖେଳ ଶିକ୍ଷକ ପ୍ରକାଶ କୁମାର ସାହୁ ଖେଳ ପରିଚାଳନା କରିଥିଲେ।


ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ଏଲ୍‌ଆଇସି ଅଭିକର୍ତ୍ତାଙ୍କ ବନ୍ଧୁମିଳନ

କୋକସରା,୨୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଗୁଡହାଣ୍ଡି ଡୋକରିଚଞ୍ଚରାରେ ଭାରତୀୟ ଜୀବନ ବୀମା ନିଗମ ଅଧୀନରେ କାର୍ଯ୍ୟରତ ଭବାନୀପାଟଣା ଶାଖାର କ୍ଷେତ୍ର ଅଧିକାରୀ ପ୍ରଦୀପ ମହାପାତ୍ର ଓ ଅଭିକର୍ତ୍ତାମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଡୋକରିଚଞ୍ଚରା ଭ୍ରମଣରେ ଯାଇଥିବା ପର୍ଯ୍ୟଟକମାନଙ୍କ ଦଳ ଭିତରେ ବଣଭୋଜି ହେବା ସହ ଆନନ୍ଦ ଉପଭୋଗ କରିବା ଭିତରେ ପର୍ଯ୍ୟଟନ ଋତୁରେ ଡୋକରୀଚଞ୍ଚରା ବୁଲିବାର ମଜା ନିଆରା ରହିଛି ବୋଲି ଏଲଆଇସି ଭବାନୀପାଟଣା ଶାଖାର କ୍ଷେତ୍ର ଅଧିକାରୀ ପ୍ରଦୀପ ମହାପାତ୍ର ପ୍ରକାଶ କରିଛନ୍ତି। ଡୋକରୀଚଞ୍ଚରାକୁ ଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନଙ୍କ ସମସ୍ତ ସୁବିଧା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ମଧ୍ୟ କର୍ମଚାରୀମାନେ କହିଛନ୍ତି।

## କ୍ରିକେଟ: ବାଲିଖମାର ବିଜୟୀ

ନୂଆପଡ଼ା ଅଫିସ,୨୯।୧୨

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଖେଳ ପଡିଆରେ ୭ମ ମା' ବାଗମୁଣ୍ଡେନ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଅଞ୍ଚଳର ୨୪ଟି ଦଳ ଭାଗ ନେବାକୁ ଥିବା ବେଳେ ୫ରେ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଦଦ୍‌ଘାଟନୀରେ ଗ୍ରାମ୍ୟ ଗୋଣ୍ଟିଆ ଲିଙ୍ଗରାଜ ମଟାରୀ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉଦଘାଟନୀ ପ୍ରଥମ ମ୍ୟାଚ ବାଲିଖମାର ଓ ବାଗମୁଣ୍ଡା ଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ବାଗମୁଣ୍ଡା ଖ ଦଳ ୭ ଉଇକେଟ ହରାଇ ୮୦ରନ ସଂଗ୍ରହ କରିଥିଲା। ଜବାବରେ ବାଲିଖମାର ଦଳ ୮ ଓଭରରେ ୪ ଉଇକେଟ ହରାଇ ୮୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପଦ୍ମଲୋଚନ ସତନାମୀ, ଜଳନ୍ଧର ଦୁରିଆ ଖେଳ ପରିଚାଳନା କରିଥିବା ବେଳେ ସନ୍ଦୀପ ରାୟ ସ୍କୋର ଦାୟିତ୍ୱ ତୁଲାଇଥିଲେ। ଯାଦରାମ ସାହୁ ଧାରାବିବରଣି ପ୍ରଦାନ କରିଥିଲେ। ଉମାଶଙ୍କର ବାଗ, ରୋହିତ ସାହୁ, ପ୍ରଦୀପ ସତନାମୀ, ଯୁଜେଷ୍ଟି ବଡେଇ, ବିନୋଦ ସାହୁ, ମୁକାମ ମଟାରୀ ପ୍ରମୁଖ ସହଯୋଗ କରିଥିଲେ।


କ୍ରିକେଟ ମ୍ୟାଚ୍ ଉଦ୍‌ଘାଟନ କରାଯାଉଛି।

## ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ଶେଷ ସନ୍ଧ୍ୟାରେ ଶିବ ଧନୁ ଭଗ୍ନ, କଂସାସୁର ବଧ**

ବେହେରା,୨୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟର ବେହେରା ହାଇସ୍କୁଲ ପଡିଆରେ ଚାଲିଥିବା ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶେଷ ରଜନୀରେ କଂସ ଓ କୃଷ୍ଣଙ୍କ ଯୁଦ୍ଧ ଦର୍ଶକଙ୍କ ମନମୋହିଥିଲା। ଶେଷସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧୀ ବାଗ, ସମ୍ମାନିତ ଅତିଥି ଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ବେହେରା ଷ୍ଟେଟବ୍ୟାଙ୍କ ମ୍ୟାନେଜର ଜଗତରାମ ମାଝି, ଶିକ୍ଷାବିତ କାମେଶ୍ୱର ସିଂହ, ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ, ଦନ୍ତେଶ୍ୱରୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ, ଧନୁଯାତ୍ରା କମିଟି ସଭାପତି ଭବେଶ ଗଇନ୍ତା, ସମ୍ପାଦକ ବିନ୍ଦୁସାର ବିଶି ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଶିକ୍ଷକ କ୍ଷୀରସିନ୍ଧୁ ବାଣୁଆ ଦଣ୍ଡୋପାଟ ଯୁବସେବା ସଙ୍ଗଠନ ସଦସ୍ୟମାନେ ଦଣ୍ଡପାଟ ଅଞ୍ଚଳର ବିକାଶ ପାଇଁ ନିଜକୁ ସମର୍ପଣ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରୁଥିବା ସହ ମହିଳା ସଶକ୍ତିକରଣ ଉପରେ ବିଶେଶ ଧ୍ୟାନ ଦେଉଥିବା ପ୍ରକାଶ କରିଥିଲେ। ସମ୍ପାଦକ ବିନ୍ଦୁସାର ବିଶି ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଶେଷ ଦିନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଥିଲା। ଅନୁଷ୍ଠାନ ସଦସ୍ୟ ପ୍ରକାଶ ସାହୁ, ନିହାର ରଞ୍ଜନ ପାଣିଗ୍ରାହୀ, ଅଭୟ ଠାକୁର, କ୍ଷୀର ବାଗ, ତ୍ରିଲୋକ ସିଂହ, ଉପେନ୍ଦ୍ର ନାଏକ, ବାଳକୃଷ୍ଣ ବିଶି, ହୁକିମ ବିଶି, ଅଜୟ ତିୱାରୀ, ଭବାନୀ ବାରିକଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।



କଂସ ବଧ ହେବା ସମୟର ଏକ ଦୃଶ୍ୟ।

## କଂସ ବଧ ସହ ବାଗମୁଣ୍ଡା ଧନୁଯାତ୍ରା ଉଦ୍‌ଯାପିତ

ନୂଆପଡ଼ା ଅଫିସ,୨୯।୧୨

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଖଳପଡିଆରେ ଚାଲିଥିବା ଚତୁର୍ଥ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଶେଷ ରଜନୀରେ ଖୋଲା ରଙ୍ଗ ମଞ୍ଚରେ ଶ୍ରୀକୃଷ୍ଣ ବଳରାମ ନଟ୍ୟ ମଣ୍ଡପରେ ପହଞ୍ଚି ମାମୁଁ କଂସାସୁରଙ୍କ ବଧ କରିବା ସହ ଧନୁଯାତ୍ରା ଉଦଯାପିତ ହୋଇଥିଲା। ଏହି ନାଟକ ମାଁ ମଙ୍ଗଳା କଳା ପରିଷଦ ଲଠୋର ପରିବେଷଣ କରିଥିଲେ। କଂସ ଭୂମିକାରେ ସୁଶାନ୍ତ ମେହେର ଅଭିନୟ କରୁଥିବା ବେଳେ ମନ୍ତ୍ରୀ ହିମାଂଶୁ ମେହେର, କିଶୋର ସାହୁ, କୈଳାସ, ଶିବ, ଝାରମାରୁ ପ୍ରମୁଖ ସଦସ୍ୟମାନେ ନିଜର ନିଖୁଣ ଅଭିନୟ କରି ଦର୍ଶକଙ୍କ ମନକୁ ମୋହିନେଉଛନ୍ତି। ସମ୍ବଲପୁରୀ ଗିତର ତାଳେ ତାଳେ ଦର୍ଶକ ଝୁମୁଥିବା ବେଳେ ମିନା ବଜାର ଦର୍ଶକଙ୍କୁ ମନମୋହି ନେଉଛି। ଏହି ଅବସରରେ କଂସ ଦରବାରରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଭାଜପା ନେତା ଯଦୁମଣି ପାଣିଗ୍ରାହୀ, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ଭରତଲାଲ ରାଉତ, ଭାନୁ ପ୍ରତାପ ସିଂ ମାଝି, ବିଜେଡି ନେତା ହେମନ୍ତ କର, ସିଆଲଲଟି ସରପଞ୍ଚ କାଳିଆ ପ୍ରଧାନ, ତାରବୋଡ ସରପଞ୍ଚ ଶ୍ୟାମସୁନ୍ଦର ପୃଷ୍ଟି, ପାନାଲାଲ ସାହୁ, ଜ୍ଞାନେଶ୍ୱର ମାଝି, ସୁଧିର ମିଶ୍ର, କିଶୋର କୁମାର ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷ ରଜନୀରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଛାତ୍ରୀଛାତ୍ର, ବ୍ୟକ୍ତି ବିଶେଷ ଓ କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ କଂସ ମହାରାଜ ଉପଢୌକନ ଏବଂ ମାନପତ୍ର ଦେଇ କର୍ମବୀର ସମ୍ମାନରେ ସମ୍ମାନିତ କରିଥିଲେ। ଆୟୋଜକ କମିଟି ସଭାପତି ଶାନ୍ତିଲାଲ ମଟାରୀ, ସମ୍ପାଦକ ଭୁବନ ସତନାମୀ, ସହସମ୍ପାଦକ ଦେଓଲାଲ ବାଗ, କୋଷାଧ୍ୟକ୍ଷ ମିଟୁ ମଟାରୀ ପ୍ରମୁଖ ପରିଚାଳନା କରିଥିବା ବେଳେ କାନ୍ତୁସ ମଟାରୀ, ରିଖିରାମ ସତନାମୀ, ଓସରାମ ସାହୁ, ପ୍ରେମଲାଲ ସତନାମୀ, ଗଜିନ୍ଦ୍ର ମଟାରୀ, ଅନାଦି ବଢେଇ, ଶଙ୍କର ସାହୁ, ଲକ୍ଷ୍ମଣ ଦୁରିଆ, ପଞ୍ଚାନନ ମଟାରୀ, ଉପେନ୍ଦ୍ର ମଟାରୀ, ଉମାଶଙ୍କର ସାହୁ, ତ୍ରିଲୋଚନ ମାଝି, ଉଲ୍ଲାସ ମଟାରୀ, ସନ୍ଦୀପ ରାୟ, ନରେଶ ସତନାମୀ, ବିନୋଦ ସାହୁ, ଓସରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।


କଂସ ବଧ ସମୟର ଦୃଶ୍ୟ।

## କଂସ ମହାରାଜ ପଢ଼ିଲେ ଧରିତ୍ରୀ

ନୂଆପଡା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଖେଳ ପଡିଆରେ ୭ ଦିନ ଧରି ଚାଲିଥିବା ଚତୁର୍ଥ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବରେ ତ୍ରିପୁର ବିଜୟୀ କଂସ ଦୈନିକ ଖବର କାଗଜ ଧରିତ୍ରୀ ପଢି ମଥୁରା ନଗର ସାଜିଥିବା ବାଗମୁଣ୍ଡା ବାସୀଙ୍କୁ ବାର୍ତ୍ତା ଶୁଣାଉଛନ୍ତି। ନିଷ୍ପେସିତ ସମସ୍ୟା, ଅବହେଳିତ ଅଞ୍ଚଳର ଦୁର୍ଦ୍ଦଶାକୁ ଲୋକଲୋଚନକୁ ଆଣି ଏହାର ସମାଧାନ ପାଇଁ ପ୍ରଶାସନ କିମ୍ବା ସରକାର ସହ ମତ ରଖିବା ସହ ବାଗମୁଣ୍ଡା ଧନୁଯାତ୍ରା ମହୋତ୍ସବର ବାର୍ତ୍ତା ପ୍ରତିଦିନ ଲୋକ ପାଖକୁ ପହଞ୍ଚୁ ଥିବାରୁ ଧରିତ୍ରୀ ଖବରଦାତା ଓ ଖବର କାଗଜକୁ ପ୍ରଶଂସା କରିଥିଲେ।


କଂସ ମହାରାଜ ଧରିତ୍ରୀ ଖବର କାଗଜ ପଢୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୩୦ ଡିସେମ୍ବର, ୨୦୨୨



# ଛାତ୍ରୀଛାତ୍ର ଆଦର୍ଶ ନାଗରିକ ହେବାକୁ ପରାମର୍ଶ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀ ଶିକ୍ଷକ ବୃନ୍ଦ।

**ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ବାର୍ଷିକୋତ୍ସବ**

ସୋନପୁର,୨୯।୧୨(ନି.ପ୍ର.)

ସୋନପୁର ବ୍ଲକ ପିପିଲିପାଲିସ୍ଥିତ ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ୧୧ତମ ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରେଡକ୍ରସ ସୋସାଇଟିର ସାଧନ କର୍ମୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ହୋତା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଭଲ ପାଠ ପଢିବା ସହ ଆଦର୍ଶ ନାଗରିକ ହେବାକୁ ହୋତା ପରାମର୍ଶ ଦେଇଥିଲେ। ସେହିପରି ସମୟର ମୂଲ୍ୟବୋଧ ଓ ତାର ଉପଯୋଗିତା ଉପରେ ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ଉଲୁଣ୍ଡା ବ୍ଲକ ପଞ୍ଚମହଲା ଗଣେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଧର ବାଗ ଓ ସମ୍ମାନିତ ଅତିଥି ଭାବେ ସୋନପୁର କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ଉମାକାନ୍ତ ନାଗ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବା ସହିତ କଠିନ କରିଶ୍ରମ କରିବାକୁ କହିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଲୋକନାଥ ଠେଲା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ବାସୁଦେବ ବିଶି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୁଶିଲ କୁମାର ଗାଇଗରିଆ ଧନ୍ୟବାଦ ପ୍ରଦାନ କରିଥିଲେ।

## ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ

ବିନିକା,୨୯।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ସେଲେଡି ଗ୍ରାମର ମୁକ୍ତିକାନ୍ତ ପେରାଙ୍କ ପୁତ୍ର ବିପ୍ଳବ ରଞ୍ଜନ(୧୫)ଙ୍କୁ ବୁଧବାର ମରଣାନ୍ତକ ଆକ୍ରମଣ ହୋଇଛି। ସୂଚନା ଅନୁଯାୟୀ, ବିପ୍ଳବ ପାହାନ୍ତିଆ ସମୟରେ ସବୁଦିନ ଭଳି ସେଲେଡି ଛକକୁ ପେପର ଆଣିବା ପାଇଁ ଯାଉଥିବା ସମୟରେ ସ୍ଥାନୀୟ ହାଇସ୍କୁଲ ନିକଟରେ ୪ ଜଣ ଦୁର୍ବୃତ୍ତ ମୁହଁରେ ମୁଖା ବାନ୍ଧି ଲୁହା ଛଡ ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ସେ ବହୁ କଷ୍ଟରେ ସେମାନଙ୍କ କବଳରୁ ମୁକୁଳି ଚାଲି ଆସିଥିବା ବେଳେ ତାଙ୍କର ଗୋଡ଼ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଛି । ତାଙ୍କୁ ତୁରନ୍ତ ବିନିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ବିପ୍ଳବ ସେଲେଡି ହାଇସ୍କୁଲର ଜଣେ ମେଧାବୀ ଛାତ୍ର । ଖେଳକୁଦରେ ମଧ ପ୍ରବୀଣ । କେହି ବ୍ୟକ୍ତିଗତ ଆକ୍ରୋଶ ରଖି ଏଭଳି ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ଏନେଇ ବିପ୍ଳବଙ୍କ ପିତା ଖବରଦାତା ମୁକ୍ତିକାନ୍ତ ପେରା ମାହାଦେବପାଲି ଫାଣ୍ଡିରେ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାକୁ ଗୁରୁତର ସହ ନେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ଼ ଦାବି ହେଉଛି ।

## କ୍ୱାକ୍‌ଙ୍କ ଭରସାରେ ରୋଗୀ

ସୋନପୁର/ଏସ.ରାମପୁର, ୨୯।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଏସ.ରାମପୁର ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ ଓ କର୍ମଚାରୀ ନିଯୁକ୍ତ ହୋଇଥିଲେ ହେଁ ରୋଗୀ ଭରସା କରି ପାରୁନାହାନ୍ତି। କିନ୍ତୁ ଅପାଠୁଆ କ୍ୱାକ୍‌ଙ୍କୁ ଭରସା କରୁଥିବା ଦେଖିବାକୁ ମିଳୁଛି । ଗାଁଗୁଡିକରେ କ୍ୱାକ୍‌ମାନେ ଚିକିତ୍ସା ସେବା ପ୍ରଦାନ ଆଳରେ ଲୋକଙ୍କୁ ଲୁଟୁଛନ୍ତି। ଡାକ୍ତରୀ ପାଠ ନ ପଢି ଅର୍ଦ୍ଧ ଶିକ୍ଷିତ, ଚିକିତ୍ସା ବିଜ୍ଞାନରେ ଅନଭିଜ୍ଞ କ୍ୱାକ୍‌ମାନେ ଲୋକଙ୍କ ଜୀବନ ସହ ଖେଳ ଖେଳି ମାଲେମାଲ୍ ହେଉଛନ୍ତି। ବହୁ ସମୟରେ ରୋଗୀ ଠକାମିର ଶିକାର ହୋଇ ସଙ୍କଟାପନ୍ନ ଅବସ୍ଥାରେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ଘରୋଇ ନର୍ସିଂ ହୋମରେ ଚିକିତ୍ସିତ ହୋଇ ସୁସ୍ଥ ହେଉଛନ୍ତି। ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧୀୟ ସଚେତନତାର ଅଭାବ ପାଇଁ ଏପରି ହେଉଛି। କ୍ୱାକ୍‌ଙ୍କ କଥାରେ ପ୍ରଲୋଭିତ ହୋଇ ଲୋକେ ସରକାରୀ ଡାକ୍ତରଖାନା ଯାଉନାହାନ୍ତି। ସ୍ୱାସ୍ଥ୍ୟ ବିଭାଗ ନକଲି ଡାକ୍ତର ଓ ବେଆଇନ କ୍ଲିନିକଗୁଡିକ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଜିଲାସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ


ସଂକୀର୍ତ୍ତନ ମହୋତ୍ସବର ଅତିଥି।

ବୌଦ୍ଧ/କଣ୍ଟାମାଳ, ୨୯।୧୨(ସ୍ୱ.ପ୍ର/ଡି.ଏନ.ଏ.)

ଶ୍ରୀଶ୍ରୀ ଚୈତନ୍ୟ ସଂକୀର୍ତ୍ତନ ମହାସଂଘ କଣ୍ଟାମାଳ ବ୍ଲକ ପକ୍ଷରୁ ବୁଧବାର ଏକ ଦିବସୀୟ ବୌଦ୍ଧ ଜିଲାସ୍ତରୀୟ ଚତୁର୍ଥ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ବ୍ଲକର ଶୁଣ୍ଡିପଦର ଗ୍ରାମପଞ୍ଚାୟତର ବାରଡୋର ଗ୍ରାମସ୍ଥିତ ବାବା ଭୀମ ବୁଢା ପିଠ ସ୍ଥଳୀ (ପକ୍ଷୀବିହାର)ଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମହୋତ୍ସବରେ ମୁଖ୍ୟ ଅତିଥିଭାବେ କଣ୍ଟାମାଳ ବିଧାୟକ ମହୀଧର ରଣା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଉପାଧକ୍ଷ୍ୟ ଶଙ୍କର୍ଷଣ ପ୍ରଧାନ, କଂଟାମାଳ ବ୍ଲକ ଅଧକ୍ଷା ସସ୍ମିତା ଥନାପତି, ଶିକ୍ଷକ ନିଳାମ୍ବର ଖମାରୀ, ଚୈତନ୍ୟ ସଂକୀର୍ତ୍ତନ ମହାସଂଘ ସଭାପତି କପିଳାସ ମଲିକ, ସମ୍ପାଦକ ଅଖଣ୍ଡ ମହାକୁଳ, ଆବାହକ ସ୍ୱାଧିନ ଜାଲ ଓ ମୁଖ୍ୟବକ୍ତା ଭାବେ ନାଟ୍ୟକାର କରୁଣାକର ଘଣ୍ଟୁଆଳ ଯୋଗ ଦେଇଥିଲେ। ମହୋତ୍ସବର ସଭାକୁ ମହୋତ୍ସବ କମିଟିର ସଭାପତି ରାଜନ୍ଦ୍ରେ ପ୍ରସାଦ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସ୍ୱାଧିନ କୁମାର ପରିଡା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ରାମହରି ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ମହୋତ୍ସବ ଗୋଟିଏ ଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଜିଲାର ୩ ଗୋଟି ବ୍ଲକ ଓ ଗୋଟିଏ ଏନଏସିରୁ ପ୍ରାୟ ୬୦ ଗୋଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ।

## ରାଜଦରବାରରେ ରଙ୍ଗସଭା

**ଶୁଖା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଷଷ୍ଠ ରଜନୀ**

ଡୁଙ୍ଗୁରିପାଲି,୨୯।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଶୁଖା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଷଷ୍ଠ ରଜନୀରେ ରାଜଦରବାରରେ ରଙ୍ଗସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁତନା ବଧରେ କଂସ ମର୍ମାହତ ହୋଇ କିପରି କୃଷ୍ଣ ବଳରାମଙ୍କୁ ନିଧନ କରିବେ ସେ ନେଇ ବିଭିନ୍ନ ରାଜ୍ୟରୁ ସାହାଯ୍ୟ ପାଇବା ପାଇଁ ରାଜାମାନଙ୍କୁ ନିମନ୍ତ୍ରଣ କରି ରଙ୍ଗସଭା ଆୟୋଜନ କରିଥିଲେ । ବିଭିନ୍ନ ରାଜ୍ୟରୁ ଆସିଥିବା ରାଜାମାନଙ୍କ ନିଜ ବଳ କୌଶଳ ରାଜଦରବାରରେ ଅଭିନୟ କରିବାର ଦୃଶ୍ୟ ଉଚ୍ଚକୋଟୀର ହୋଇଥିଲା। ଏହି ଅବସରରେ କଂସ ଦରବାରକୁ ରାଜ ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ସାମ୍ବାଦିକ ସଂଘର କର୍ମକର୍ତ୍ତାମାନଙ୍କୁ ଯାତ୍ରା କମିଟିର ରୋଶନ ବିଶ୍ୱାଳ,ରଞ୍ଜନ ଠେଲା, ସ୍ୱାଧୀନ ବିଶ୍ୱାଳ, ସୀତାରାମ ଶତପଥୀଙ୍କ ସହ ଯାତ୍ରା କମିଟିର ସମସ୍ତ ସଦସ୍ୟ ପାଛୋଟି ଆଣିଥିଲେ । ଯାତ୍ରା କମିଟିର ସଭାପତି ରଞ୍ଜନ ଠେଲାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ରୋଶନ ବିଶ୍ୱାଳ ଅତିଥିମାନଙ୍କ ପରିଚୟ ଓ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ବ୍ଲକ ସାମ୍ବାଦିକ ସଂଘ ସଭାପତି କିଶନ କୁମାର ଅଗ୍ରୱାଲ, ପିତ୍ର ମୋହନ ପାଣ୍ଡିଆ, ଉପ ସଭାପତି ଦୀନବନ୍ଧୁ ସୁନା, ପ୍ରକାଶ ହାତୀ, ବନମାଳୀ ପୋଡ଼, ମହାଦେବ ଗଡତିଆ, ବଦ୍ରିନାରାୟଣ ପାଣ୍ଡିଆ, ସାନନ୍ଦ ସାହୁ, ରାଜକୀୟ ଅତିଥି ଭାବେ ମଞ୍ଚାସୀନ ଥିଲେ। କଂସ ମହାରାଜଙ୍କ ଦ୍ୱାରା ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା।

## ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା: ବିଶ୍ୱନାଥଙ୍କୁ ସ୍ୱର୍ଣ୍ଣ ପଦକ


ବିଶ୍ୱନାଥଙ୍କୁ ସୋନପୁର କଲେଜ ଅଧକ୍ଷ ସମ୍ବର୍ଦ୍ଧିତ କରୁଛନ୍ତି।

ସୋନପୁର,୨୯।୧୨(ନି.ପ୍ର.)

ପୁରୀର ବାଲିଘାଇ ହରିହରାନନ୍ଦ ଗୁରୁକୁଳମ ପରିସରରେ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶାର ୩୦ଟି ଜିଲାରୁ ୩୦୨ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ସୋନପୁର କଲେଜର ଯୁକ୍ତ ୩ର ଦ୍ୱିତୀୟ ବର୍ଷ ଛାତ୍ର ବିଶ୍ୱନାଥ ମହାକୁଡ ସମ୍ପୂର୍ଣ୍ଣ ଗୀତା ସ୍ମରଣ ରଖି ସୁନ୍ଦର ସ୍ୱରରେ ଆବୃତ୍ତି କରି ପ୍ରଥମ ହୋଇଛନ୍ତି । ଅତିଥି ଭାବେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ, କ୍ରିୟା ଯୋଗ ସଂସ୍ଥାର ପ୍ରମୁଖ ସ୍ୱାମୀ ପ୍ରଜ୍ଞାନନ୍ଦଜୀ ମହାରାଜ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ବିଶ୍ୱନାଥଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ। ବିଶ୍ୱନାଥ ହେଉଛନ୍ତି ଉଲୁଣ୍ଡା ବ୍ଲକ ରକ୍ସା ପଞ୍ଚାୟତ ଗୁରୁପଙ୍ଗା ଗ୍ରାମର ସୁବାସିନୀ ମହାକୁଡ ଓ ଶ୍ରମିକ ନେତା କୁଶ ମହାକୁଡଙ୍କ କନିଷ୍ଠ ପୁତ୍ର। ଗୀତା ଭଳି ପବିତ୍ର ଓ ଉପାଦେୟ ଗ୍ରନ୍ଥକୁ ବିଶ୍ୱନାଥ ସମ୍ପୂର୍ଣ୍ଣ କଣ୍ଠସ୍ଥ କରି ଥିବାରୁ ଏହା ସୁବର୍ଣ୍ଣପୁର ଜିଲା ପାଇଁ ଗୌରବର ବିଷୟ। ଚଳିତ ବର୍ଷ ପ୍ରତିଯୋଗିତାରେ ସମ୍ପୂର୍ଣ୍ଣ ଗୀତାକୁ କେବଳ ଦୁଇ ଜଣ ପ୍ରତିଯୋଗୀ କଣ୍ଠସ୍ଥ କରି ଆବୃତ୍ତି କରିଥିଲେ। ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ସ୍ମରଣଶକ୍ତି, ଉଚ୍ଚାରଣ, କଣ୍ଠସ୍ୱର, ନିରନ୍ତରତା, ଭକ୍ତିଭାବ, ଆତ୍ମବିଶ୍ୱାସ ଓ ପୋଷାକ ପରିଧାନ ଆଦିକୁ ଆଧାର କରି ଯୋଗ୍ୟ ବିବେଚନା କରାଯାଇଥିଲା। ବିଶ୍ୱନାଥଙ୍କ ଏହି ସଫଳତା ପାଇଁ ସୋନପୁର କଲେଜର ଅଧକ୍ଷ ରାଜୀବ ଲୋଚନ ଆଚାର୍ଯ୍ୟ ଗୁରୁବାର ନିଜ ପ୍ରକୋଷ୍ଠରେ ସ୍ୱାଗତ ଜଣାଇଛନ୍ତି। ଅଧ୍ୟାପକ ଡ. ସୌରଭ ରଞ୍ଜନ ଖମାରୀ, ଡ. କୈଳାଶ ଚାନ୍ଦ, ଭାଗିରଥୀ ମହାପାତ୍ର, ଭରତ ଚନ୍ଦ୍ର ଦଣ୍ଡପାଟ ଓ କଲେଜର ଛାତ୍ରୀଛାତ୍ର ବିଶ୍ୱାନାଥଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆମ ପୋଲିସ ସମିତିର ବୈଠକ

ଅମରପାଲି,୨୯।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଆଦର୍ଶ ଥାନା ପରିସରରେ ଆମ ପୋଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଥାନାଧିକାରୀ ଅନିତା କିଡୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବୈଠକରେ ବୀରମହାରାଜପୁର ର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସହରର ଟ୍ରାଫିକ ସମାସ୍ୟା, ରାସ୍ତା ଉପରେ ମନଇଛା ଗାଡି ପାର୍କିଂ, ବ୍ୟସ୍ତ ବହୁଳ ରାସ୍ତା ଉପରେ ମାଲ ଅନଲୋଡିଂ, ରାତିରେ ପୋଲିସ ପେଟ୍ରୋଲିଂ ଆଦି ଉପରେ ଆଲୋଚନା କରାଯାଇ କିଭଳି ଏହାର ସମାଧାନ କରାଯିବ ସେନେଇ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ହିଲୁଙ୍ଗ ପଞ୍ଚାୟତର ସମିତିସଭ୍ୟ ଶୈଳରଞ୍ଜନ ବାଦି, କିଶୋର ସାହୁ, ରଞ୍ଜିତ ମହାକୁର, ନୀଳକମଳ ମିଶ୍ର ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଏସ.ଆଇ କବିମନ୍ୟୁ ସେଠୀ, ଏଏସଆଇ ଅରବିନ୍ଦ ସାହୁଙ୍କ ସହିତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ଶେଷରେ ଥାନା ଏସଆଇ ପ୍ରଭାତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

ବିନିକା,୨୯।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ଜାତୀୟ ସେବା ଯୋଜନା ତରଫରୁ ଜବଦା ଗ୍ରାମରେ ଚାଲିଥିବା ଶୀତକାଳୀନ ସେବା ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପୋଗ୍ରାମ ଅଧିକାରୀ ହରିଶ୍ଚନ୍ଦ୍ର ହୋତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୫୦ଜଣ ସ୍ୱେଚ୍ଛାସେବୀ ଯୋଗଦେଇ ସ୍ୱଚ୍ଛ ଭାରତ, ବେଟି ପଢାଅ ବେଟି ବଚାଅ, ତମାଖୁ ବର୍ଜନ ଆଦି କାର୍ଯ୍ୟକ୍ରମ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। କଲେଜ ଅଧକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବିନିକା ବିଡ଼ିଓ ବ୍ୟାସଦେବ ବେହେରା ମୁଖ୍ୟଅତିଥି, ସଂସ୍କୃତ ଗବେଷକ ଡ. ଅନିରୁଦ୍ଧ କୁରକୁରିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଏହି ଅବସରରେ କଲେଜ ତରଫରୁ ଡ. କୁରକୁରିଆଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାମଞ୍ଚକୁ ଅଧ୍ୟାପକ ଭଗବାନ ସାହୁ ପରିଚାଳନା କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ଗୋପାଳ କୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## କଠିନ ପରିଶ୍ରମ ସଫଳତାର ଚାବିକାଠି

**କଳାପଥର କଲେଜର ବାର୍ଷିକକ୍ରୀଡା**

ଅମରପାଲି,୨୯।୧୨(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥରସ୍ଥିତ ସତ୍ୟବାଦୀ ହାୟର ସେକେଣ୍ଡାରୀ ସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହେଇଯାଇଛି। ବୁଧବାର ସକାଳେ ମାହେଶ୍ୱରୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି କଲେଜ ପଡିଆରେ ପହଞ୍ଚିଥିଲା। କଲେଜର ଅଧକ୍ଷ ଶ୍ରୀକାନ୍ତ ପଧାନ ଉତ୍ସବ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସରେ ସତ୍ୟବାଦୀ ବଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ଲାଲମନି ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଗୋପାଳ ମିଶ୍ର ନିଜ ବକ୍ତବ୍ୟରେ ଅଭ୍ୟାସ ଜାରି ରଖିଲେ ସବୁ କ୍ଷେତ୍ରରେ ଯଶ ଅର୍ଜନ କରିହେବ ବୋଲି କହିଥିଲେ। ଅଧକ୍ଷ ପଧାନ କଠିନ ପରିଶ୍ରମ ସହ ଶୃଙ୍ଖଳିତ ଜୀବନ ସଫଳତାର ସ୍ୱାଦ ଚଖାଏ ବୋଲି କହିଥିଲେ। ସର୍ବମୋଟ ୨୩ଟି ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। କୃତି ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ମହିଳା ବିଭାଗରେ ମାନି ଭୋଇ ଓ ପୁରୁଷ ବିଭାଗରେ ସୁନିଲ ଭୋଇ ଚାମ୍ପିୟନ ହେଇଥିଲେ। ରଂଗୋଲି ଓ କୌତୁକ ପୋଷାକ ପ୍ରତିଯୋଗିତା ମଧ ହୋଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଭୁବନେଶ୍ୱରକୁ ହରାଇ ଫରେଷ୍ଟ ଛତିଶଗଡ ଚାମ୍ପିୟନ

**ସର୍ବଭାରତୀୟ ଲୁଟୁରପଙ୍କ କ୍ରିକେଟ କପ୍**

**■ ଶଶାଙ୍କ ଚନ୍ଦ୍ରକର ମ୍ୟାନ ଅଫ ଦି ମ୍ୟାଚ, ସିରିଜ**



ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

ଅମରପାଲି,୨୯।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଟୁରପଙ୍କସ୍ଥିତ ହାଇସ୍କୁଲ ଖେଳ ପଡିଆରେ ଜୟ ଜଗନ୍ନାଥ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ହେଉଥିବା ୨୬ତମ ଜୟ ଜଗନ୍ନାଥ ଲୁଟୁରପଙ୍କ କ୍ରିକେଟ କପର ଫାଇନାଲରେ ସ୍ୱାର୍ଟନ ଭୁବନେଶ୍ୱରକୁ ହରାଇ ଫରେଷ୍ଟ ଛତିଶଗଡ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ଛତିଶଗଡ ଦଳ ପ୍ରଥମ ଫର୍ମାଟରେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୨୬ରନ କରିଥିଲା। ଦଳର ଶଶାଙ୍କ ଚନ୍ଦ୍ରକର ୩୮ବଲରୁ ୮୪ରନ ଓ ହମିଦ ରାଜା ୪୨ରନ କରିଥିଲେ। ବିପକ୍ଷ ବାଦଲ ଭୋଳ ୨ଟି, ରୁଦ୍ର ବାଗ, ଦେବାଶିଷ ବାଗ ଓ ଇଲୁ ଗୋଚ୍ଛାୟତ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୨ରନ କରିଥିଲା। ଦଳର ସରୋଜ ପଣ୍ଡା ୪୬ ବଲରୁ ଶହେ ରନ ଓ ବାଦଲ ଭୋଳ ୩୩ରନ କରିଥିଲେ। ବିପକ୍ଷ ଛତିଶଗଡର ବୈଭବ ଓ ବ୍ରଜେସ ଠାକୁର ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟ ମ୍ୟାଚରେ ଛତିଶଗଡ ଦଳ ନିର୍ଦ୍ଧାରିତ ୧୦ଓଭରରେ ୮ ଉଇକେଟ ହରାଇ ୧୦୨ରନ କରିଥିଲା। ଦଳର ଚନ୍ଦ୍ରହାସ ୩୭ରନ କରିଥିଲେ। ବିପକ୍ଷ ଭୁବନେଶ୍ୱରର କ୍ରିଷ୍ଣା ମହାନ୍ତି ୨ଟି, ରଞ୍ଜିତ ପାଇକରାୟ, କୁନା ଗୋଚ୍ଛାୟତ, ବାଦଲ ଭୋଳ ଓ ଇଲୁ ଗୋଚ୍ଛାୟତ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର ଦଳ ୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୫୫ରନ କରିଥିଲା। ଦଳର ଚିତ୍ତ ପାତ୍ର ୧୭ ରନ ଓ ଦୁର୍ଗା ବେହେରା ୧୫ରନ କରିଥିଲେ। ଛତିଶଗଡର ମନନ କାଟା ୩ଟି, ବ୍ରଜେସ ଠାକୁର ଓ ଅମ୍ରିତ ସିଂ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ଛତିଶଗଡ ଦଳ ଚାମ୍ପିୟନ ହୋଇଥିଲା। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଉଲୁଣ୍ଡା ବ୍ଲକ ଅଧକ୍ଷା ଶାନ୍ତିଲତା ମିଶ୍ର, ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଜୋନ-୧ ଜିଲା ପରିଷଦ ଲବ କୁମାର ସାହୁ, ଜୋନ-୨ ଜିଲା ପରିଷଦ ଚନ୍ଦ୍ରକାନ୍ତି ଦନ୍ତା, ଲୁଟୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, କ୍ରୀଡାବିତ କୃତିବାସ ମିଶ୍ର, ହିଲୁଙ୍ଗ ସମିତିସଭ୍ୟ ଶୈଳରଞ୍ଜନ ବାଦୀ, ପୂର୍ବତନ ଜିଲା ପରିଷଦ ଉତ୍ତର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ସଭାପତି ସୁଧୀର ପଧାନ ସଭାରେ ପୌରୋହିତ୍ୟ କରିଥିଲେ। ଛତିଶଗଡର ହମିଦରାଜାଙ୍କୁ ଶ୍ରେଷ୍ଠ ବୋଲର, ଶଶାଙ୍କ ଚନ୍ଦ୍ରକରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଛତିଶଗଡ କୁ ନଗଦ ୫୦ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ୍ ଭୁବନେଶ୍ୱର ଦଳକୁ ନଗଦ ୩୦ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇରଥିଲା। ଫାଇନାଲ ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଚୁଡାମଣି ପାଢୀ ଓ ଶ୍ୟାମ ସୁନ୍ଦର ପଣ୍ଡା ପରିଚାଳନା କରିଥିଲେ । ବାଙ୍କା ବିହାରୀ ମହାକୁର ସ୍କୋରିଂ,ଚମାରୁ ମହାକୁର ଅନ୍‌ଲାଇନ ସ୍କୋରିଂ ଏବଂ ମ୍ୟାକମିଲନ ମହାକୁର, ଅଶିଷ ଦେଓ, ପ୍ରାଣବନ୍ଧୁ ସାହୁ, ହୃଷିକେଶ ଚାନ୍ଦ ଓ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତରଙ୍କୁ ହସ୍ପିଟାଲ ପହଞ୍ଚାଇଲେ ପୋଲିସ



କୋକସରା,୨୯।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲିଗୁଡା ନିକଟରେ ବାଇକ ଦୁର୍ଘଟଣାରେ ଗୁରୁତର ହୋଇ ରାସ୍ତାରେ ଛଟପଟ ହେଉଥଲେ ଯୁବକ। ସେହି ରାସ୍ତା ଦେଇ ଅନେକ ଲୋକ ଯାଆସ କରୁଥିଲେ, ହେଲେ କେହି ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କଲେ ନାହିଁ। ଏହି ସମୟରେ ସେହି ବାଟ ଦେଇ ଯାଉଥିବା କୋକସରା ଥାନାର ଦୁଇ କର୍ମଚାରୀ କୁଶଧଜ ନାଏକ ଓ ପ୍ରକାଶ ଚନ୍ଦ୍ର ରାଉତ ଗୁରୁତର ଯୁବକଙ୍କୁ ଅଟୋରେ ଆଣି କୋକସରା ହସ୍ପିଟାଲରେ ଭର୍ତ୍ତି କରି ମାନବିକତାର ପରିଚୟ ଦେଇଛନ୍ତି। ଗୁରୁତର ଯୁବକ ହେଉଛନ୍ତି ରେଙ୍ଗାଲପାଲି ଗ୍ରାମର ଜିତେ ବଛା (୨୬) ଓ ଅନ୍ୟ ଜଣେ ଯୁବକ ଅଜୟ ବାଗ (୨୪) ସାମାନ୍ୟ ଆହତ ହୋଇଛନ୍ତି। ଦୁହେଁ କୌଣସି କାମରେ କୋକସରା ଆସି ଘରକୁ ଫେରିବା ବାଟରେ ଚିଲିଗୁଡା ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଛନ୍ତି। ଗୁରୁତର ଯୁବକ ଜିତେଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ଗାଡ଼ି ଧକ୍କାରେ କାରଖାନା ଶ୍ରମିକ ମୃତ

କୁଆଁରମୁଣ୍ଡା,୨୯।୧୨(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖସ୍ଥ ୧୪୩ ନମ୍ବର ଜାତୀୟ ରାଜପଥରେ ବୁଧବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ କାରଖାନା ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ରାଜଗାଙ୍ଗପୁର ଥାନା ଗରିଆମାଲ ଅଞ୍ଚଳର ଅମରଦୀପ ଲାକ୍ରା (୩୦)। ଖବରପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ସୂଚନାଯୋଗ୍ୟଯେ, ଅମରଦୀପ କୁଆଁରମୁଣ୍ଡା-ହାତୀବାରି ରୋଡରେ ଥିବା ଏକ ରିଫ୍ରାକ୍ଟରିରେ କାର୍ଯ୍ୟ କରୁଥିଲେ। ସେ ବାଇକ୍ ଓଡ଼ି ୧୬ଏଚ ୬୦୨୮ରେ ରାଜଗାଙ୍ଗପୁରରୁ ମନ୍ଦିରିଆ ହୋଇ କୁଆଁରମୁଣ୍ଡା ଆସୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଗୁରୁବାର ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ସୂଚନା ଦେଇଛନ୍ତି।

# ଉନ୍ନତମାନର ଚିକିତ୍ସା ଯୋଗାଇ ଦିଆଯାଉ

- ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ
- ପ୍ରିନ୍ସପାଲଙ୍କୁ ଭେଟି ଦାବି ଜଣାଇଲା ବିଜେଡି ପ୍ରତିନିଧି ମଣ୍ଡଳୀ

ସୁନ୍ଦରଗଡ଼ ,୨୯।୧୨(ଡି.ଏନ.ଏ. )

ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଗୁରୁବାର ସୁନ୍ଦରଗଡ଼ ମେଡିକାଲ କଲେଜ ଓ ହସ୍ପିଟାଲର ଡିନ ତଥା ପ୍ରିନ୍ସପାଲ ପ୍ରଫେସର ଡାକ୍ତର ଦୈତାରୀ ରାଉତରାୟଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ପୁଣି ରାଜ୍ୟରେ କେତେକ ସ୍ଥାନରେ କରୋନା ଲକ୍ଷଣ ଦେଖା ଦେଇଥିବାରୁ ରାଜ୍ୟ ସରକାର ସବୁଜିଲାର ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ମହାମାରୀ କୋଭିଡ – ୧୯ ସମୟରେ ଏହି ହସ୍ପିଟାଲକୁ କୋଭିଡ ହସ୍ପିଟାଲ ଭାବେ କେବଳ କୋଭିଡ



ପ୍ରିନ୍ସପାଲଙ୍କୁ ଭେଟି ଆଲୋଚନା କରୁଛନ୍ତି ବିଜେଡ଼ି ପ୍ରତିନିଧି ମଣ୍ଡଳୀ।

ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଥିଲା ଏବଂ ଏଠାରେ ଉନ୍ନତମାନ ଚିକିତ୍ସା ପାଇ କୋଭିଡ ଆକ୍ରାନ୍ତମାନେ ଖୁବଶୀଘ୍ର ଭଲ ହେଉଥିବା ଯୋଗୁ ସୁନାମ ଅର୍ଜନ କରିଥିଲା। ତେଣୁ ବର୍ତ୍ତମାନ ମଧ୍ୟ ଦରକାର ପଡିଲେ ଲୋକଙ୍କୁ ସେହିପରି ଉନ୍ନତମାନର ଚିକିତ୍ସା ଯୋଗେଇ ଦେବା ପାଇଁ ପ୍ରିନ୍ସପାଲଙ୍କୁ ଏହି ପ୍ରତିନିଧି ମଣ୍ଡଳୀ କହିବା ସହିତ ବର୍ତ୍ତମାନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଏହି ମେଡିକାଲରେ ଲୋକଙ୍କ ଚିକିତ୍ସା ପାଇଁ କିକି ପ୍ରକାର ସୁବିଧାର ବନ୍ଦୋବସ୍ତ କରିଛନ୍ତି ବୋଲି ପଚାରି ବୁଝିଥିଲେ। ପ୍ରତିଉତ୍ତରରେ ପ୍ରିନ୍ସପାଲ ସରକାରଙ୍କ ନିର୍ଦ୍ଦେଶ ମତେ ହସ୍ପିଟାଲରେ ସବୁପ୍ରକାର ପ୍ରତିଷେଧମୂଳକ ପଦକ୍ଷେପ ନିଆଯାଇ ଏଠାରେ ଚିକିତ୍ସା ପାଇଁ ଭଲ ଭଲ ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀ ସଜାଗ ହୋଇ ରହିଛନ୍ତି ବୋଲି ପ୍ରକାଶ କରିବା ସହିତ ଏନେଇ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ପ୍ରତିନିଧି ମଣ୍ଡଳୀ ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତଣ୍ଡିଆ, କାଉନସିଲର ଅନିଲ ମହାପାତ୍ର, ପଙ୍କଜ ଶ୍ରେଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ।

## ତମାଖୁ ଧରପଗଡ଼ ସହ ଜରିମାନା ଆଦାୟ



ଦୋକାନଗୁଡିକରେ ଚଢାଉ କରାଯାଉଛି।

କୁତ୍ରା, ୨୯।୧୨(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥ କଡ଼ରେ ଥିବା ବିଭିନ୍ନ ଦୋକାନଗୁଡିକରେ ଗୁରୁବାର ଅବକାରୀ ବିଭାଗ, ଖାଦ୍ୟ ବିଭାଗ, ପୋଲିସ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମିଳିତ ଭାବେ ଚଢାଉ କରାଯାଇ ରସିଦକାଟି ଫାଇନ ଆଦାୟ କରାଯାଇଛି। ଦୋକାନ ଗୁଡିକରେ ଥିବା ତମାଖୁ, ସିଗାରେଟଗୁଡିକୁ ଜବତ କରାଯିବା ସହିତ ଦୋକାନୀମାନଙ୍କୁ ସଚେତନ କରାଇଥିଲେ। ଜନଗହଳି ସ୍ଥାନରେ ସିଗାରେଟ ପିଇବା ପାଇଁ ଲୋକଙ୍କୁ ବାରଣ କରିଥିଲେ। ତା'ସହିତ ହେଟେଲଗୁଡିକର ପରିସ୍କାର ପରିଚ୍ଛନ୍ନ ରଖିବା ପାଇଁ କହିଥିଲେ। ଏହି ଅବସରରେ ନ୍ୟାଶନାଲ ଟବାକୋ କାଉନସିଲର ସ୍ୱପ୍ନଜିତ ମହାନ୍ତି, ଅବକାରୀ ବିଭାଗ ଏସଆଇ ଦିବ୍ୟରଞ୍ଜନ ସାହୁ, ପୋଲିସ ବିଭାଗ ଏସଆଇ ଲିଙ୍ଗରାଜ ସାହୁ, ରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# କର୍ମଚାରୀମାନଙ୍କୁ ଅଚାନକ ଛଟେଇ



କାରଖାନା ସମ୍ମୁଖରେ ପ୍ରତିବାଦ କରାଯାଉଛି।

- ଆଧୁନିକ ମେଟାଲିକ୍ସ କାରଖାନା
- କର୍ମଚାରୀ ପରିବାରର ନିଦ ହଜିଯାଇଛି
- ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଦାବି

କୁଆଁରମୁଣ୍ଡା,୨୯।୧୨(ଡି.ଏନ୍.ଏ.)

ବହୁଚର୍ଚ୍ଚିତ କୁଆଁରମୁଣ୍ଡା ଚନ୍ଦ୍ରିହରିହରପୁରରେ ଥିବା ଆଧୁନିକ ମେଟାଲିକ୍ସ କାରଖାନା ଦୁର୍ଦ୍ଦିନ ମଧ୍ୟଦେଇ ଗତି କରୁଥିଲାବେଳେ ୨୦୨୦ ମସିହାରେ ଲିବର୍ଟି ନାମକ ଏକ ବହୁରାଷ୍ଟ୍ରୀୟ କମ୍ପାନୀ ଏହାକୁ ଅଧିଗ୍ରହଣ କରିଥିଲା। ଲିବର୍ଟି ହାଉସ ଏହି କାରଖାନାକୁ ଅଧିଗ୍ରହଣ କଲା ପରେ ଶ୍ରମିକ, କର୍ମଚାରୀମାନେ ଖୁସି ହେବା ସହ ଏହାର ଅଧିକାରୀମାନଙ୍କୁ ବାଜା ବଜାଇ ଭବ୍ୟ ସ୍ୱାଗତ କରିଥିଲେ। ହେଲେ ଏହି ଖୁସି ବେଶୀ ଦିନ ତିଷ୍ଠି ପାରିଲା ନାହିଁ। ଗତ ମଙ୍ଗଳବାର ହଠାତ୍ କାରଖାନା କର୍ତ୍ତୃପକ୍ଷ ୭୯ଜଣ କର୍ମଚାରୀଙ୍କୁ କାର୍ଯ୍ୟରୁ ବିନା ନୋଟିସରେ ବିଦା କରିବା ସହ ଏକକାଳୀନ ମାତ୍ର ୨ ବର୍ଷର ଅନୁକମ୍ପାମୂଳକ ସହାୟତା ଓ ୩ ମାସର ଆଗୁଆ ଦରମା ସେମାନଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦେଇଛି। ଏହାକୁ କର୍ମଚାରୀମାନେ ସହଜରେ ଗ୍ରହଣ କରିପାରି ନ ଥିବା ବେଳେ ସେମାନଙ୍କ ଦୁଃଖ ଶୁଣିବାକୁ ନିକଟରେ ବିଜୟୀ ଶ୍ରମିକ ସଙ୍ଗଠନକୁ ମଧ କାରଖାନା କର୍ତ୍ତୃପକ୍ଷ ଭିତିରି ଯୋଜନା କରି ଫାଳଫାଳ କରିବାରେ ସଫଳ ହୋଇଛନ୍ତି। ଫଳରେ ଛଟେଇ କର୍ମଚାରୀ ଅନ୍ୟ କୌଣସି ମାଧ୍ୟମ ନ ପାଇ କାରଖାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ସେମାନଙ୍କ ଦୁଃଖ ଜିଲା ପ୍ରଶାସନ ଶୁଣିବାକୁ ସେମାନେ ଗୁହାରି କରୁଥିବାବେଳେ ଭାଙ୍ଗିଯାଇଥିବା ଶ୍ରମିକ ସଙ୍ଗଠନର ନେତା ଶରତ ତନ୍ତୀ, ରାଜେଶ କେରକେଟା, ସନ୍ଦୀପ ମିଶ୍ର, ପୂର୍ବତନ ବିଧାୟକ ନିହାର ସୁରିନ୍, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁକୁର ପ୍ରମୁଖ ଛଟେଇ କର୍ମଚାରୀଙ୍କ ଦାବି ଯଥାର୍ଥ ହୋଇଥିବାରୁ କାରଖାନା କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଏକ ପାଖିଆ ଓ ଅଗଣତାନ୍ତ୍ରିକ ବୋଲି କହିଥିଲେ। ଏଥିପାଇଁ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟ ପକ୍ଷରେ କର୍ମଚାରୀମାନଙ୍କ ଆକ୍ରୋଶକୁ ଦୃଷ୍ଟିରେ ରଖି ଭୟରେ କାରଖାନା କର୍ତ୍ତୃପକ୍ଷ ଆଗୁଆ କାରଖାନା ଛାଡି ପଳାଇଯାଇଥିବା ଆଲୋଚନା ହେଉଛି। ସୂଚନାଯୋଗ୍ୟ ଯେ, ଆଧୁନିକ ମେଟାଲିକ୍ସ କାରଖାନା ୫୦୮ ଜଣ ଶ୍ରମିକ ଓ ୨୭୦ ଜଣ କର୍ମଚାରୀଙ୍କୁ ନେଇ ଚାଲୁଥିଲା ବେଳେ ସେମାନଙ୍କ ମଧ୍ୟରୁ ୭୯ଜଣ କର୍ମଚାରୀଙ୍କୁ ଏକକାଳୀନ ଛଟେଇ ଯୋଗୁ କାରଖାନାରେ ଏବେ କର୍ମଚାରୀ ଆନ୍ଦୋଳନ ଜୋର ଧରିଛି।

## ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପର୍କିତ ଭିଜିଲାନ୍ସ କମିଟି, ଜିଲା ଖାଉଟି ସୁରକ୍ଷା ପରିଷଦ ବୈଠକ

ଦେବଗଡ଼, ୨୯।୧୨(ଡି.ଏନ୍.ଏ.)

ସ୍ଥାନୀୟ ଗ୍ରାମଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ ଠାରେ ଜିଲାସ୍ତରୀୟ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପର୍କିତ ଭିଜିଲାନ୍ସ କମିଟି ଏବଂ ଜିଲା ଖାଉଟି ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଙ୍କୁର ମଲ୍ଲିକ ମଞ୍ଚାସୀନ ଥିଲେ। ବୈଠକରେ ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ପ୍ରାରମ୍ଭିକ ସୂଚନା ଓ ଏହି ବିଷୟରେ ଆଲୋକପାତ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାରେ ଲୋକମାନେ କିପରି ସୁବିଧା ପାଇପାରିବେ ସେହି ବିଷୟରେ ଅବଗତ କରିଥିଲେ। ନୂଆରାସନ କାର୍ଡ ମେମ୍ବର, ଦୋକାନ ଆଗରରେ ରେଡ ଚାଟ ମାରିବା, ବିଭିନ୍ନ ରାଶନ ସାମଗ୍ରୀ ଓଜନ ଠିକ ଭାବରେ ଦେବା, ଔଷଧ ଦୋକାନରେ ଔଷଧ କ୍ରୟ କଲା ବେଳେ ତାର ଏକ୍ସପାରି ଡେଟକୁ ଦେଖିବା, ଠିକ ସମୟରେ ପିଡିଏସ ସାମଗ୍ରୀ ଉଠାଣ କରି ଖାଉଟିମାନଙ୍କୁ ଯୋଗେଇ ଦେବା, ଠିକ ମାପ ପେଟ୍ରୋଲ ଡିଜେଲ ଯୋଗେଇ ଦେବା, ଅନଲାଇନରେ ବୁକ କରିଥିବା ଗ୍ୟାସ ଉପଭୋକ୍ତାଙ୍କୁ ମାଗଣାରେ ଘରକୁ ଯାଇ ଯୋଗେଇ ଦେବା, କୌଣସି ଜିନିଷ କ୍ରୟ କଲା ବେଳେ ତାର ମୂଲ୍ୟ ଓ ଏକ୍ସପାରି ଡେଟକୁ ଧ୍ୟାନ ଦେବା ସମସ୍ତଙ୍କ ମୌଳିକ ଅଧିକାର। ଠିକ ମୂଲ୍ୟରେ ଜିନିଷ ନ ଦେଲେ ଖାଉଟି ଅଦାଲତର ଆଶ୍ରୟ ନେବା ସହ ଆଇନଗତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈ, ବାରକୋଟ ଓ ତିଲେଇବଣି ବ୍ଲକର ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ବୃନ୍ଦାବତୀ ଭୋଇ, ରିଆମାଳ ବ୍ଲକର ମଧୁସୂଦନ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ହେମନ୍ତ କୁମାର ମହାପାତ୍ର, ବିଭିନ୍ନ ବିଭାଗର କର୍ମଚାରୀ ବୀରସୁରେନ୍ଦ୍ର ସାଏ ଯୁବକ ସଂଘର ସଭାପତି ଅମିୟ ମିଶ୍ର, ମାନବ ମିତ୍ର ବାହିନୀ ସଭାପତି ସଂଗ୍ରାମ ଓ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଦେବଗଡ଼ରେ ଖାଉଟି ସୁରକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

## ଓୟୁଏଟିର ସମାବର୍ତ୍ତନ ଉତ୍ସବରେ ସୁନ୍ଦରଗଡ଼ର ପ୍ରେରଣା ଜେନା ପାଇଲେ ଡକ୍ଟରେଟ ଉପାଧି

ସୁନ୍ଦରଗଡ,୨୯।୧୨(ଡି.ଏନ.ଏ.)

ଓୟୁଏଟି ଭୁବନେଶ୍ୱରର ୩୯ ତମ ସମାବର୍ତ୍ତନ ଉତ୍ସବ ଗତ ୨୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କ ଠାରୁ ଓୟୁଏଟିର ଛାତ୍ରୀ ସୁନ୍ଦରଗଡ଼ର ପ୍ରେରଣା ପ୍ରିୟଦର୍ଶିନୀ ଜେନା ଡକ୍ଟରେଟ ଉପାଧି ଲାଭ କରିଛନ୍ତି। ପ୍ରେରଣା କୃଷି ଇଞ୍ଜିନିୟରିଂ(ଫାର୍ମ ମିସନାରୀ ଏବଂ ପାୱାର ଇଞ୍ଜିନିୟରିଂ)ରେ ଡକ୍ଟର ଅଫ୍ ଫିଲୋସଫିର ଡିଗ୍ରୀ ହାସଲ କରିଛନ୍ତି। ସେ ବିଭାଗୀୟ ପ୍ରଫେସର ଡା.ଏ.କେ. ଗୋୟଲଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ସନ୍ଦର୍ଭରେ ପିଏଚଡି କରିଛନ୍ତି। ଏଥିସହ ପ୍ରେରଣାଙ୍କ ଅନେକ ଲେଖା ଜାତୀୟ ଓ ଅନ୍ତର୍ଜାତୀୟ ଜର୍ଣ୍ଣାଲରେ ପ୍ରକାଶିତ ହୋଇ ପ୍ରଶଂସିତ ହୋଇଛି। ଏହା ପୂର୍ବରୁ ସେ ଓୟୁଏଟିର ଟପ୍ପର ହୋଇ ସ୍ୱର୍ଣ୍ଣ ପଦକ ମଧ ଲାଭ କରିଛନ୍ତି। ସୁନ୍ଦରଗଡ଼ ନିରୁପମା ମହାପାତ୍ର ଓ ଦିଲୀପ ଜେନାଙ୍କ କନ୍ୟା ପ୍ରେରଣା ସୁନ୍ଦରଗଡ ପବ୍ଲିକ ସ୍କୁଲ ଓ କେନ୍ଦ୍ରୀୟ ବିଦ୍ୟାଳୟରେ ନିଜର ଏକାଡେମୀ କ୍ୟାରିୟର ପରେ ଭୁବନେଶ୍ୱର ଓୟୁଏଟି ରେ କୃଷି ଇଞ୍ଜିନିୟରିଂରେ ବି ଟେକ,ଏମ୍‌ଟେକ ଶିକ୍ଷା ପରେ ଏହି ଡକ୍ଟରେଟ ଉପାଧି ଲାଭ କରିଛନ୍ତି।

## ଜୁନାଗଡ଼ ପଞ୍ଚାୟତ ସମିତି ବୈଠକ

ଜୁନାଗଡ,୨୯।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସଭାଗୃହରେ ବୁଧବାର ପଞ୍ଚମସ୍ତରୀୟ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବ୍ଲକ ଅଧ୍ୟକ୍ଷା ସବିତା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଦୁଲାରାମ ମାରାଣ୍ଡି, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଏମ୍‌ପି ପ୍ରତିନିଧି ଚନ୍ଦ୍ର ହାସ୍ୟ ବିଶ୍ୱାଲ, ଜିଲା ପରିଷଦ ସଭ୍ୟା ଶାମୁକା ରାଣୀ କୁମାର,ସଙ୍ଗୀତା ଖର୍ସେଲ ପ୍ରମୁଖ ମଞ୍ଚାସୀନ ଥିଲେ।

# କଂଗ୍ରେସର ୧୩୮ତମ ପ୍ରତିଷ୍ଠା ଦିବସ



ସୁନ୍ଦରଗଡ଼,୨୯।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସର ୧୩୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ କଂଗ୍ରେସର ଦଳୀୟ ପତାକା ଉତ୍ତୋଳନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କଂଗ୍ରେସ ଏକ ରାଜନୈତିକ ଦଳ ନୁହେଁ ଏକ ଆନ୍ଦୋଳନ ଓ ଦେଶକୁ ସ୍ୱାଧୀନ କରିଥିବା ଏକ ଅନୁଷ୍ଠାନ। ବର୍ତ୍ତମାନ ଦେଶର ଯାହା ପରିସ୍ଥିତି କଂଗ୍ରେସ କର୍ମୀମାନଙ୍କୁ ଏକଜୁଟ ହୋଇ ଦେଶକୁ ଏ ବିଷମ ପରିସ୍ଥିତିକୁ ସାମନା କରିବାକୁ ଲଢିବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ। କଂଗ୍ରେସ ଦଳ ୧୩୮ ବର୍ଷରେ ପଦାର୍ପଣ କରିବା କମ ଗୌରବର କଥା ନୁହେଁ ବୋଲି କହିଥିଲେ। ଉକ୍ତ ସଭାରେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, କମଳ ସେନ, ମୁନୁ ସରାଫ, ସାଧାରଣ ସମ୍ପାଦକ କାଳୀପଦ ସାମଲ, ପର୍ଶୁରାମ ସରାଫ, ପ୍ରଣବ ସିଂ, ରମଣୀରଞ୍ଜନ ଯୋଷୀ, ଯୁବକଂଗ୍ରେସ ସଭାପତି ବିଶ୍ୱଜିତ ପଟ୍ଟନାୟକ, ଶିବ ମୁଣ୍ଡା, ଲବଣୀ ବାଗ, ବିଜୟ କାଲୋ, ପ୍ରଦୀପ ସିଂ,ପୁରୁଷୋତ୍ତମ ପ୍ରଧାନ, ଦୀନବନ୍ଧୁ ନାଏକ, ଟାଉନ ସଭାପତି ନେପାଳ ସାହୁ, ବାବଲୁ ବୈନିବଲ, ଅଶୋକ ଆଚାରୀ, ବିକାଶ ରାଓ, ହିତେଶର ତନ୍ତୀ ଓ ଶତାଧିକ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ।

## ଯୁବକଙ୍କ ମୃତ ଦେହ ଜବତ

ରାଜଗାଙ୍ଗପୁର,୨୯।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂଶବାହାଲ ଫାଣ୍ଡି ଅଧିନସ୍ଥ ସାଗଜୋର ଗ୍ରାମ ପଞ୍ଚାୟତର କନ୍ଦାଗଡ ଜଙ୍ଗଲରୁ ପୋଲିସ ଜଣେ ଅଜଣା ଯୁବକଙ୍କ ମୃତ ଶରୀରକୁ ଗୁରୁବାର ଜବତ କରିଛି। ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହ ଆଣି ରଖାଯାଇଛି। ମୃତ ଯୁବକଙ୍କ ବୟସ ୩୦ ରୁ ୩୫ ମଧ୍ୟରେ ଅନୁମାନ କରାଯାଉଛି। ପ୍ରାୟ ୧୫ ଦିନରୁ ଉର୍ଦ୍ଧ୍ୱ ହେବ ମୃତକ ପଡିରହିଥିବାର ସନ୍ଦେହ କରାଯାଇଛି।

# ବ୍ରହ୍ମପୁରକୁ ପରାସ୍ତ କରି କଟକ ବିଜୟୀ

ଦେବଗଡ଼ ୨୯।୧୨(ଡି.ଏନ୍.ଏ.)

**୩୨ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ**

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ବାମଣ୍ଡା କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ୩୨ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚରେ ବ୍ରହ୍ମପୁରକୁ ପରାସ୍ତ କରି କଟକ ବିଜୟୀ ହୋଇଛି। ଖେଳ ଆଲ୍ଫା ସ୍ପୋର୍ଟିଂ ବ୍ରହ୍ମପୁର ବନାମ ୟୁନିୟନ ସ୍ପୋର୍ଟିଂ କଟକ ମଧ୍ୟରେ ହୋଇଥିଲା। ମ୍ୟାଚରେ କଟକ ଦଳ ବ୍ରହ୍ମପୁରକୁ ୫୮ ରନରେ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଛି। କଟକ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି କରିଥିଲା। କଟକ ଦଳ ବ୍ୟାଟିଂ କରି ୨୦ ଓଭରରେ ୮ ଟି ଉଇକେଟ ହରାଇ ୧୪୬ ରନ କରିଥିଲା। ଦଳ ପକ୍ଷରୁ ଭ୍ୟଙ୍କଟେଶ ଭନ୍ଦେ ୩୫ , ବିନାୟକ ସାହୁ ୨୮, ସତ୍ୟସଞ୍ଜୟ ପଶାୟତ ୨୫ ଓ ସୌରଭ କାନୋଜିଆ ୨୨ ରନ୍ କରିଥିବାବେଳେ ବ୍ରହ୍ମପୁର ଦଳର ତୁଷାର କୁମାର ପାତ୍ର ୩ଟି ଉଇକେଟ ନେଇଥିଲେ। ଏହାର ଜବାବରେ ବ୍ରହ୍ମପୁର ଦଳ ବ୍ୟାଟିଂ ଆରମ୍ଭ କରି ୧୬.୨ ଓଭରରେ ସମସ୍ତ ଉଇକେଟ ହରାଇ ୮୮ ରନ କରି ପରାଜୟ ହୋଇଥିଲେ। ଦଳ ପକ୍ଷରୁ ଅଧିନାୟକ ଦେବାଶିଷ ମିଶ୍ର ୨୨ରନ କରିଥିବାବେଳେ କଟକ ଦଳର ସୌରଭ କାନୋଜିଆ ୪, ସତ୍ୟଜ୍ୟୋତି ଦଳେଇ ଓ ବାଦଲ ବିଶାଳ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଆଜିର ମ୍ୟାଚରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ କଟକ ଦଳର ଭ୍ୟଙ୍କଟେଶ ଭନ୍ଦେ ଏବଂ ଶ୍ରେଷ୍ଠ ବୋଲର ଓ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସୌରଭ କାନୋଜିଆଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବର ଉପସଭାପତି ଅଶୋକ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତାରଣୀ ଉତ୍ସବରେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଦେବଗଡ଼ ଲାଏନ୍ସ କ୍ଲବ ଏମ୍‌ଯେଏଫ ପ୍ରସନ୍ନ ବେହେରା ଓ ଆଡ଼ଭୋକେଟ ତନୁଚନ୍ଦ୍ର ପାତ୍ର ଯୋଗଦେଇ ଉଦ୍‌ବୋଧନ ଦେବା ସହ ପୁରସ୍କାର ବିତରଣ କରିଥିଲେ। କ୍ଲବ ସମ୍ପାଦକ ସୁଜିତ କୁମାର ପ୍ରଧାନ ସ୍ୱାଗତ ଭାଷଣ, ଉପସଭାପତି ସତ୍ୟନାରାୟଣ ପାଣି ଅତିଥି ପରିଚୟ ଓ ମୋତିଲାଲ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ମ୍ୟାଚକୁ ଅମ୍ପାୟାର ସତ୍ୟ ପ୍ରସାଦ ରଥ, ସଞ୍ଜୟ କୁମାର ନାୟକ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ରୋମି ନାୟକ, ରିତିକ ଦେହୁରୀ ଏବଂ ରମାକାନ୍ତ ପ୍ରଧାନ ଧାରାବିବରଣୀ ଦେଇଥିଲେ। କ୍ଲବର ସଦସ୍ୟ ପ୍ରଭାତ ପ୍ରଧାନ, ବସନ୍ତ ବେହେରା, ବେଣୁଧର ଗଡ଼ନାଏକ, ଅଜିତ ମୋଦି, ଅଭୟ ନନ୍ଦ, ଜୟନ୍ତ ସାହୁ, ପ୍ରଦ୍ୟୁମ୍ନ ଭୁକ୍ତା, ଭୋଳାନାଥ ଦାଶ, କ୍ଷୀରୋଦ ବେହେରା, ଚିତ୍ତରଞ୍ଜନ ଦାଶ, ଅଶୋକ ନାଏକ , ସୁଶୀଳ ନାୟକ, ହରେକୃଷ୍ଣ ସାହୁ, ପ୍ରଭାତ ନନ୍ଦ, ରାଘବ ମୋହାରଣା ପ୍ରମୁଖ ସଦସ୍ୟଙ୍କ ସକ୍ରିୟ ସହଯୋଗରେ ଖେଳ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପ୍ରଗ୍ରେସିଭ ଝାରସୁଗୁଡା ବନାମ ଆଲଫା ସ୍ପୋର୍ଟିଂ ବ୍ରହ୍ମପୁର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ମ୍ୟାନ ଅଫ୍ ଦି ମ୍ୟାଚ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ଏନ୍‌ଟିପିସି ପକ୍ଷରୁ ବାଳିକା ସଶକ୍ତୀକରଣ କର୍ମଶାଳା

- ଜାତୀୟ ହକି ଖେଳାଳି ମଞ୍ଜୁ ଲାକ୍ରାଙ୍କ ସହ ଭାବ ବିନିମୟ

ସୁନ୍ଦରଗଡ଼,୨୯।୧୨(ଡି.ଏନ.ଏ.)

ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ବାଳିକା ସଶକ୍ତିକରଣ ମିଶନ କାର୍ଯ୍ୟକ୍ରମରେ ଗତ ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ସପ୍ତାହବ୍ୟାପୀ ଶୀତକାଳୀନ ଆବାସିକ କର୍ମଶାଳାର ମଙ୍ଗଳବାର ଥିଲା ପଞ୍ଚମ ଦିବସ। ଏହି ଦିବସରେ ଜାତୀୟ ହକି ଖେଳାଳି ତଥା କୋଚ ମଞ୍ଜୁଲତା ଲାକଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାରେ ଯୋଗ ଦେଇଥିବା ପ୍ରଶିକ୍ଷାର୍ଥୀ ବାଳିକାଙ୍କ ସହିତ ଭାବ ବିନିମୟ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଶାରୀରିକ ଫିଟନେସ ଓ ମାନସିକ ସତର୍କତା ପ୍ରମୁଖ ତତ୍ତ୍ୱ ଯାହାକି ତୁମଦ୍ୱାରା ନିର୍ଣ୍ଣୟ ହୋଇଥିବା କୌଣସି କ୍ଷେତ୍ରକୁ ସୁନିଶ୍ଚିତ କରିବ ବୋଲି କହିଥିଲେ। ଏହି ଅବସରରେ ପ୍ରକଳ୍ପର ଜିଏମ (ଓଏଣ୍ଡଏମ୍) ଏଚ.ଏନ ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ବାଳିକାମାନଙ୍କୁ ଉତ୍ସାହିତ କରିଥିଲେ। ଏହି କର୍ମଶାଳା ଆସନ୍ତା ୩୦ ତାରିଖରେ ଉଦ୍‌ଯାପିତ ହେବ। କର୍ମଶାଳାରେ ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକର ୬ଟି ବିଦ୍ୟାଳୟର ୩୮ଛାତ୍ରୀ ଭାଗ ନେଇଛନ୍ତି। ଏହି କର୍ମଶାଳାରେ ସେମାନଙ୍କୁ ବୁନିୟାଦି ଶିକ୍ଷା, ସାପେଟ ସ୍କିଲ ,ଜୀବନ କୌଶଳ ଆଦି ବିଭିନ୍ନ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।



ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ବାଳିକା ସଶକ୍ତୀକରଣ ମିଶନ କାର୍ଯ୍ୟକ୍ରମ।

## ଶିକ୍ଷକଙ୍କ ମାଡ଼ରେ ୫ ବର୍ଷର ଛାତ୍ରୀଙ୍କ ହାତ ଭାଙ୍ଗିଲା

ବନାନ ଭୁଲ୍ ପାଇଁ ଏକ ଘରୋଇ ଟ୍ୟୁଶନ ଶିକ୍ଷକଙ୍କ ମାଡ଼ରେ ଜଣେ ୫ ବର୍ଷର ଛାତ୍ରୀଙ୍କ ହାତ ଭାଙ୍ଗିଯାଇଛି। ଏନେଇ ପୋଲିସରେ ଅଭିଯୋଗ ପରେ ୨୨ ବର୍ଷୀୟ ଶିକ୍ଷକ ପ୍ରୟାଗ ବିଶ୍ୱକର୍ମାଙ୍କୁ ଗିରଫ କରାଯାଇଛି। ଶିଶୁଟି 'ପ୍ୟାରୋଟ' ଶବ୍ଦ ଠିକ୍ ଭାବେ ବନାନ କରି ନ ପାରିବାରୁ ଶିକ୍ଷକ ତାଙ୍କ ହାତ ମୋଡ଼ିଦେବା ସହ ମାଡ଼ ମାରିଥିଲେ। ଫଳରେ ଶିଶୁଟିର ଡାହାଣ ହାତ ଭାଙ୍ଗିଯାଇଥିଲା। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ହବିବଗଞ୍ଜ ପୋଲିସ ଇନ୍ସପେକ୍ଟର ରାଜ ସିଂ ଭଦୌରିଆ କହିଛନ୍ତି।



# ସୁଖୋଇରୁ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ପରୀକ୍ଷା

ନୂଆଦିଲ୍ଲୀ,୨୯।୧୨

ସୁଖୋଇ-୩୦ଏମ୍‌କେଆଇ ଯୁଦ୍ଧବିମାନରୁ ଗୁରୁବାର ବ୍ରହ୍ମୋସ୍ ସୁପରିସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ପରିବର୍ଦ୍ଧିତ ଲକ୍ଷ୍ୟଭେଦ କ୍ଷମତା ଭର୍ସନର ସଫଳ ପରୀକ୍ଷା କରାଯାଇଛି। ଉକ୍ତ ଭର୍ସନର ଲକ୍ଷ୍ୟଭେଦ କ୍ଷମତା ୪୫୦ କିଲୋମିଟର ରହିଛି। ଏହି କ୍ଷେପଣାସ୍ତ୍ରରେ ବଙ୍ଗୋପସାଗରରେ ଥିବା ଏକ ଜାହାଜକୁ ଟାର୍ଗେଟ କରାଯାଇଥିଲା। ଉକ୍ତ ପରୀକ୍ଷା ଫଳରେ ଭାରତ ସୁଖୋଇ ଯୁଦ୍ଧବିମାନରୁ ସ୍ଥଳ ଓ ସମୁଦ୍ରରେ ଥିବା ଦୀର୍ଘ ରେଞ୍ଜ୍ ଟାର୍ଗେଟକୁ ଆକ୍ରମଣ କରିବା କ୍ଷମତା ହାସଲ କରିଛି। ଏହି ସଫଳତା ହାସଲ କରିବାରେ ଭାରତୀୟ ବାୟୁସେନା, ନୌସେନା, ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ), ବିଏପିଏଲ୍ ଏବଂ ଏଚ୍‌ଏଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗତ ମେ'ରେ ସୁଖୋଇରୁ ବ୍ରହ୍ମୋସ୍‌ର ପ୍ରଥମ ପରୀକ୍ଷା କରାଯାଇଥିଲା।

# 'ପଠାନ୍'ରେ ପରିବର୍ତ୍ତନ ଲୋଡ଼ା: ସେନ୍‌ସର ବୋର୍ଡ



ମୁମ୍ବାଇ,୨୯।୧୨

ଡିସେମ୍ବର ୧୨ରୁ ଅନ୍‌ଲାଇନ୍‌ରେ ଉପଲବ୍ଧ ଶାହରୁଖ୍ ଖାନ୍ ଓ ଦୀପିକା ପାଦୁକୋନ୍‌ଙ୍କ ଅଭିନୀତ ବଲିଉଡ୍ ଫିଲ୍ମ 'ପଠାନ୍'ର ବେସରମ୍ ରଙ୍ଗ୍ ଗୀତକୁ ନେଇ ବିବାଦ ଜୋର୍ ଧରିଥିବାବେଳେ ଏଥିରେ କେତେକ ପରିବର୍ତ୍ତନ ଆଣିବାକୁ ସେନ୍‌ସର ବୋର୍ଡ ପକ୍ଷରୁ ପ୍ରଯୋଜକ ଆଦିତ୍ୟ ଚୋପ୍ରାଙ୍କୁ ପରାମର୍ଶ ଦିଆଯାଇଛି। ସୁପ୍ରିମକୋର୍ଟ ଆଇନଜୀବୀ ବିନୀତ ଜିନ୍ଦଲ ଏହି ଫିଲ୍ମକୁ ନେଇ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ (ସିବିଏଫ୍‌ସି) ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁରଙ୍କ ନିକଟରେ ଆପତ୍ତି ଉଠାଇଥିଲେ। ତାଙ୍କ ମତରେ ପାଦୁକୋନ୍‌ଙ୍କ ଗୈରିକ ବିକିନି ହିନ୍ଦୁଙ୍କ ଭାବାବେଗ ପ୍ରତି କୁଠାରାଘାତ କରିଛି। ତେଣୁ ଉକ୍ତ ଭିଡିଓ ଉପରେ କଟକଣା ଲଗାଇବାକୁ ସେ ଅନୁରୋଧ କରିଥିଲେ। ଇତିମଧ୍ୟରେ ସିବିଏଫ୍‌ସି ଅଧ୍ୟକ୍ଷ ପ୍ରସୂନ ଜୋଷୀ ଏହି ଫିଲ୍ମ ଓ ବିବାଦୀୟ ଗୀତରେ କେତେକ ପରିବର୍ତ୍ତନ ଆଣିବାକୁ ପ୍ରଯୋଜକଙ୍କୁ କହିଛନ୍ତି। ଏଥିସହ ମୁକ୍ତିଲାଭ ପୂର୍ବରୁ ପରିବର୍ତ୍ତିତ ସଂସ୍କରଣ ଦାଖଲ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରସୂନ କହିଛନ୍ତି, ସିବିଏଫ୍‌ସି ସର୍ବଦା ସୃଜନାତ୍ମକ ପରିପ୍ରକାଶ ଓ ଦର୍ଶକଙ୍କ ସମ୍ବେଦନଶୀଳତାକୁ ନେଇ ରହିଥିବା ଅଧିକାର ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ପ୍ରତିଶ୍ରୁତିବଦ୍ଧ। ପକ୍ଷମାନଙ୍କୁ ନେଇ ତାତ୍ପର୍ଯ୍ୟପୂର୍ଣ୍ଣ ଆଲୋଚନା ଜରିଆରେ ସମାଧାନ ସମ୍ଭବ ବୋଲି ସେନ୍‌ସର ବୋର୍ଡ ମନେକରେ।

ଉଲ୍ଲେଖଯୋଗ୍ୟ, ସିଦ୍ଧାର୍ଥ ଆନନ୍ଦଙ୍କ ଦ୍ୱାରା ନିର୍ଦ୍ଦେଶିତ 'ପଠାନ୍' ୨୦୨୩ ଜାନୁୟାରୀ ୨୫ରେ ହିନ୍ଦୀରେ ମୁକ୍ତିଲାଭ କରିବ। ଏହାସହ ତାମିଲ ଓ ତେଲୁଗୁ ଭର୍ସନରେ ମଧ୍ୟ ଏହି ଫିଲ୍ମ ରିଲିଜ୍ ହେବ। ଇତିମଧ୍ୟରେ ପ୍ରଯୋଜନା ସଂସ୍ଥା ଯଶ୍ ରାଜ୍ ଫିଲ୍ମସ୍ ଏହାର ଦ୍ୱିତୀୟ ଗୀତ 'ଝୁମେ ଜୋ ପଠାନ୍'କୁ ଅନ୍‌ଲାଇନ୍‌ରେ ଉପଲବ୍ଧ କରାଯାଇଛି। ଏହି ଗୀତ ଫ୍ୟାନ୍‌ଙ୍କ ମଧ୍ୟରେ ବେଶ୍ ଆଦୃତି ଲାଭ କରିଛି।

## ସଂକ୍ଷେପରେ

### ୩ କୋଟି ରେଳଯାତ୍ରୀଙ୍କ ତଥ୍ୟ ଚୋରି ଅଭିଯୋଗକୁ ରେଲଓ୍ୱେର ଖଣ୍ଡନ

ନୂଆଦିଲ୍ଲୀ,୨୯।୧୨: ଭାରତୀୟ ରେଳପଥର ୩ କୋଟି ଯାତ୍ରୀଙ୍କ ତଥ୍ୟ ଚୋରି କରାଯାଇ ଡାର୍କ ଓ୍ୱେବ୍‌ରେ ବିକ୍ରି ପାଇଁ ରଖାଯାଇଥିବା ହକରମାନଙ୍କ ଫୋରମ୍ ପକ୍ଷରୁ ଦାବି କରାଯାଇଛି। ତେବେ ଡେଟା ଚୋରି ଅଭିଯୋଗକୁ ରେଳ ମନ୍ତ୍ରଣାଳୟ ଖଣ୍ଡନ କରିଛି। ଇଣ୍ଡିଆନ ରେଲଓ୍ୱେ କ୍ୟାଟରିଂ ଆଣ୍ଡ୍ ଟ୍ୟୁରିଜମ୍ କର୍ପୋରେଶନ (ଆଇଆର୍‌ସିଟିସି)ର ତଥ୍ୟ ଚୋରି ହୋଇନାହିଁ। କୌଣସି ଡେଟା ଲିକ୍ ହୋଇଛି କି ନାହିଁ, ଯାଞ୍ଚ ଲାଗି ଆଇଆର୍‌ସିଟିସି ପକ୍ଷରୁ ଏହାର ସମସ୍ତ ବ୍ୟବସାୟିକ ସହଯୋଗୀଙ୍କୁ କୁହାଯାଇଥିଲା। ସନ୍ଦିଗ୍ଧ ଡେଟା ଲିକ୍ ଏହାର ସର୍ଭରରୁ ହୋଇ ନ ଥିବା ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି।

### କୋଚର, ଧୂତ୍ ଜେଲ ଗଲେ

**ଆଇସିଆଇସିଆଇ ବ୍ୟାଙ୍କ ଋଣ ଦୁର୍ନୀତି ମାମଲା**

ନୂଆଦିଲ୍ଲୀ,୨୯।୧୨: ଆଇସିଆଇସିଆଇ ବ୍ୟାଙ୍କ ଋଣ ଦୁର୍ନୀତି ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚର, ତାଙ୍କ ସ୍ୱାମୀ ଦୀପକ କୋଚର ଏବଂ ଭିଡିଓକନ୍ ଗ୍ରୁପ୍‌ର ସିଇଓ ବେଣୁଗୋପାଳ ଧୂତ୍‌ଙ୍କୁ ଜାନୁୟାରୀ ୧୦ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ସିବିଆଇ ଗତ ୨୪ ତାରିଖରେ କୋଚର ଦମ୍ପତିଙ୍କୁ ଗିରଫ କରିଥିବାବେଳେ ସୋମବାର ଧୂତ୍‌ଙ୍କୁ ଗିରଫ କରାଯାଇଥିଲା। ଚନ୍ଦା କୋଚର ସିଇଓ ଥିବାବେଳେ ଆଇସିଆଇସିଆଇ ବ୍ୟାଙ୍କ ନୀତି ଓ ନିୟମାବଳୀର ଉଲ୍ଲଂଘନ କରାଯାଇ ଭିଡିଓ କନ୍ ଗ୍ରୁପ୍ ଅଫ୍ କମ୍ପାନୀକୁ ବହୁକୋଟି ଟଙ୍କା ଋଣ ମଞ୍ଜୁର କରାଯାଇଥିଲା। ଭିଡିଓକନ୍ ଗ୍ରୁପ୍‌ଠାରୁ ଚନ୍ଦା କୋଚର ତାଙ୍କ ସ୍ୱାମୀଙ୍କ କମ୍ପାନୀ ଜରିଆରେ ୬୪ କୋଟି ଟଙ୍କା ପାଇଥିବା ଅଭିଯୋଗ ହୋଇଛି।

### ଚଳଚ୍ଚିତ୍ର ପ୍ରଯୋଜକ ନୀତିନ ମନମୋହନଙ୍କ ପରଲୋକ

ମୁମ୍ବାଇ,୨୯।୧୨(ପି.ଟି.): 'ବୋଲ୍ ରାଧା ବୋଲ୍', 'ଲାଡଲା' ଭଳି ଚଳଚ୍ଚିତ୍ରର ନିର୍ମାତା ନୀତିନ ମନମୋହନଙ୍କର ଗୁରୁବାର ସକାଳେ ମୁମ୍ବାଇର ଏକ



ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୬୨ ବର୍ଷ ହୋଇଥିଲା। ଡିସେମ୍ବର ୩ରେ ନୀତିନଙ୍କୁ ହୃଦ୍‌ଘାତ ହେବା ପରେ ତାଙ୍କୁ ନଭି ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# ଦଲାଇ ଲାମାଙ୍କ ପଛରେ ଚାଇନା ଗୁପ୍ତଚର

**ଗୟାରେ ସନ୍ଦିଗ୍ଧ ମହିଳା ଅଟକ**



ସୋଙ୍ଗ୍ ଶିଆଓଲାନ୍‌ଙ୍କ ସ୍କେଚ୍

ପାଟନା,୨୯।୧୨

ଡିସେମ୍ବର ୨୨ରୁ ଫେବୃୟାରୀ ୧ ପର୍ଯ୍ୟନ୍ତ ବିହାରର ବୋଧଗୟାରେ ଅବସ୍ଥାନ କରୁଥିବା ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ପଛରେ ଚାଇନା ଗୁପ୍ତଚର ଲଗାଇଛି। ଏହି ବିଷୟ ଜାଣିବା ପରେ ତଦନ୍ତକାରୀ ଅଧିକାରୀମାନେ ଜଣେ ସନ୍ଦିଗ୍ଧ ମହିଳାଙ୍କ ସ୍କେଚ୍ ଜାରି କରିଥିଲେ। ଚାଇନାର ସୋଙ୍ଗ୍ ଶିଆଓଲାନ୍ ନାମ୍ନୀ ଉକ୍ତ ମହିଳାଙ୍କୁ ଧରିବା ପାଇଁ ବିହାର ପୋଲିସ ୨୪ ଘଣ୍ଟା ଧରି ତଲାସି ଅଭିଯାନ ଚଳାଇଥିଲା। ଶେଷରେ ଗୁରୁବାର ତାଙ୍କୁ ଗିରଫ କରି ଜେରା କରାଯାଉଛି।



ବୋଧଗୟାର କାଳଚକ୍ର ଗ୍ରାଉଣ୍ଡରେ ଭକ୍ତଙ୍କ ଗହଣରେ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମା।

ବିହାର ପୋଲିସ ଇନ୍ସପେକ୍ଟର ଜେନେରାଲ ଏମ୍.ଆର. ନାୟକ କହିଛନ୍ତି, ଗୟା ଜିଲାରୁ ଜଣେ ଚାଇନା ମହିଳାଙ୍କୁ ଧରିବା ପରେ ଅଟକ ରଖାଯାଇଛି। ସେ ୮୭ ବର୍ଷୀୟ ଦଲାଇ ଲାମାଙ୍କ ଉପରେ ଗୁପ୍ତଚରଗିରି କରୁଥିବା ସନ୍ଦେହ କରାଯାଉଛି। ତାଙ୍କୁ ଚାଇନା ପଠାଯାଇପାରେ। ଗୟା ଜିଲାରେ କେତେକ କାର୍ଯ୍ୟକ୍ରମରେ ଦଲାଇଲାମା ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ତାଙ୍କ ସୁରକ୍ଷା ପ୍ରତି ବିପଦ ଥିବା ସ୍ଥାନୀୟ ପୋଲିସ ଆଶଙ୍କା ବ୍ୟକ୍ତ କରିଥିଲା। ସନ୍ଦିଗ୍ଧ ମହିଳାଙ୍କ ସ୍କେଚ୍ ଜାରି କରାଯାଇ ସୋସିଆଲ ମିଡିଆରେ ଏହାକୁ ପ୍ରସାର କରିଥିଲା। ଉକ୍ତ ମହିଳାଙ୍କ ସମ୍ପର୍କରେ ସୂଚନା ଦେବା ଲାଗି ସ୍ଥାନୀୟ ଲୋକଙ୍କୁ ଅନୁରୋଧ କରାଯାଇଥିଲା। ମହିଳା ଜଣକ ବୋଧଗୟାରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଅବସ୍ଥାନ କରିଥିଲେ। ଏହା ବ୍ୟତୀତ ସେ ଦେଶର ବିଭିନ୍ନ ଭାଗରେ ରହିଥିଲେ ମଧ୍ୟ ବହିର୍ବ୍ୟାପାର ମନ୍ତ୍ରଣାଳୟର ରେକର୍ଡରେ ତାଙ୍କ ସମ୍ପର୍କରେ କିଛି ଉଲ୍ଲେଖ ନାହିଁ। ଦଲାଇ ଲାମାଙ୍କ ଜୀବନ ପ୍ରତି ବିପଦ ଥିବାରୁ ମହାବୋଧି ମନ୍ଦିର କମ୍ପ୍ଲେକ୍ସ ଚାରିପଟେ ସୁରକ୍ଷା ବଢ଼ାଇଦିଆଯାଇଛି। ସେ ଗୁରୁବାର ସକାଳେ କାଳଚକ୍ର ମଇଦାନରେ ଉଦ୍‌ବୋଧନ ଦେଇଥିବାବେଳେ ୩୧ ତାରିଖ ଯାଏ ବକ୍ତୃତା କାର୍ଯ୍ୟକ୍ରମ ରହିଛି। ଦଲାଇ ଲାମାଙ୍କ କାର୍ଯ୍ୟକ୍ରମରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କାର୍ଯ୍ୟକ୍ରମ ସ୍ଥଳରେ ସିଆର୍‌ପିଏଫ୍ ଏବଂ ସଶସ୍ତ୍ର ସୀମା ବଳ ଯବାନ ନିୟୋଜିତ ହୋଇଛନ୍ତି। ଚକ୍ରକାଳ ମଇଦାନରେ ୧୦୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ସଂଲଗ୍ନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ଚାଇନା ଦୂତାବାସକୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ପ୍ରକାଶ ଯେ, ୧୯୫୯ରୁ ଭାରତରେ ଶରଣ ନେଇଥିବା ଚତୁର୍ଦ୍ଦଶ ଦଲାଇ ଲାମାଙ୍କୁ ଚାଇନା ଜଣେ ବିଚ୍ଛିନ୍ନତାବାଦୀ ତଥା ଆତଙ୍କବାଦୀ ବୋଲି ବିବେଚନା କରିଥାଏ।

# ଉଜବେକିସ୍ତାନକୁ ତଥ୍ୟ ମାଗିଲା ଭାରତ

**ସିରପ୍ ପିଇ ୧୯ ଶିଶୁ ମୃତ୍ୟୁ ପ୍ରସଙ୍ଗ**

- ଡୋକ୍-୧ ମ୍ୟାକ୍ସ ନମୁନା ସଂଗୃହୀତ
- କମ୍ପାନୀର ନୋଏଡା ୟୁନିଟ୍‌ରେ ଉତ୍ପାଦନ ବନ୍ଦ




ନୂଆଦିଲ୍ଲୀ,୨୯।୧୨

ଉତ୍ତର ପ୍ରଦେଶର ନୋଏଡାରେ ମାରିଓନ୍ ବାୟୋଟେକ୍ ପକ୍ଷରୁ ପ୍ରସ୍ତୁତ ଡୋକ୍-୧ ମ୍ୟାକ୍ସ ସିରପ୍ ସେବନ କରି ଉଜ୍‌ବେକିସ୍ତାନର ୧୯ ଶିଶୁଙ୍କ ମୃତ୍ୟୁ ଅଭିଯୋଗ ଆସିବା ପରେ ଭାରତ ସରକାର କଡ଼ା ଅଭିମୁଖ୍ୟ ଦେଖାଇଛନ୍ତି। କେଉଁ ପରିସ୍ଥିତିରେ ଶିଶୁମାନଙ୍କ ମୃତ୍ୟୁ ଘଟିଛି ସେନେଇ ଉଜ୍‌ବେକିସ୍ତାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ତଦନ୍ତ ସମ୍ପର୍କିତ ବିସ୍ତୃତ ତଥ୍ୟ ମଗାଯାଇଥିବା ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ସୂଚନା ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ବାଗ୍‌ଚୀ କହିଛନ୍ତି, ଉଜ୍‌ବେକିସ୍ତାନରେ ଉକ୍ତ କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବାବେଳେ କନ୍‌ସୁଲାର ସହାୟତା ପ୍ରଦାନ କରାଯାଉଛି। ଏହି ପ୍ରସଙ୍ଗକୁ ଉଜ୍‌ବେକିସ୍ତାନ କର୍ତ୍ତୃପକ୍ଷ ଆନୁଷ୍ଠାନିକ ଭାବେ ନୂଆଦିଲ୍ଲୀର ନଜରକୁ ଆଣିନାହାନ୍ତି। ସେହିପରି ସ୍ୱାସ୍ଥ୍ୟ ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ କହିଛନ୍ତି, ଖବର ମିଳିବା ମାତ୍ରେ ଉକ୍ତ କମ୍ପାନୀର ନୋଏଡା ଫାସିଲିଟିରୁ କଫ୍ ସିରପ୍ ନମୁନା ସଂଗ୍ରହ କରାଯାଇଛି। ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ(ସିଡି-ଏସ୍‌ସିଓ) ଏବଂ ୟୁପି ଡ୍ରଗ୍ କଣ୍ଟ୍ରୋଲ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଉଜ୍‌ବେକିସ୍ତାନର ଜାତୀୟ ଡ୍ରଗ୍ ନିୟନ୍ତ୍ରକ ସହ ସିଡି-ଏସ୍‌ସିଓ ନିୟମିତ ଯୋଗସୂତ୍ରରେ ରହିଛି। ରିପୋର୍ଟ ମିଳିବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାଣ୍ଡବ୍ୟ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷେ ମାରିଓନ୍ ବାୟୋଟେକ୍‌ର ଜଣେ ଆଇନଗତ ପ୍ରତିନିଧି କହିଛନ୍ତି, ଶିଶୁଙ୍କ ମୃତ୍ୟୁକୁନେଇ ମର୍ମାହତ। କମ୍ପାନୀ ଡୋକ୍-୧ ମ୍ୟାକ୍ସ ସିରପ୍ ଉତ୍ପାଦନ ବନ୍ଦ କରିଦେଇଛି।

ପ୍ରକାଶ ଯେ, ୨୦୧୨ରେ ଉଜ୍‌ବେକିସ୍ତାନରେ ପଞ୍ଜୀକୃତ ମାରିଓନ୍ ବାୟୋଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର କଫ୍ ସିରପ୍ ସେବନ କରିବା ପରେ ୧୯ ଶିଶୁ ଆଖିବୁଜି ଦେଇଥିବା ବୁଧବାର ସେଠାକାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏକ ବିବୃତିରେ କହିଥିଲା। ସେଠାକାର ଔଷଧ ଦୋକାନଗୁଡ଼ିକରେ ଡୋକ୍-୧ ମ୍ୟାକ୍ସ ସିରପ୍ ଓ ଟାବ୍‌ଲେଟ୍ ବିକ୍ରିକୁ ନିଷେଧ କରାଯାଇଛି। ଗତ ଅକ୍ଟୋବରରେ ହରିୟାଣାର ମେଡେନ୍ ଫାର୍ମା ନିର୍ମିତ ୪ କଫ ସିରପ ପିଇବା ପରେ ଗାମ୍ବିଆର ୬୬ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେବା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭାରତୀୟ ଔଷଧକୁ ନେଇ ଚିନ୍ତା ବ୍ୟକ୍ତ କରିଥିଲା।

## ସିଟ୍ ବେଲ୍ଟ ନ ବାନ୍ଧି ଦୁର୍ଘଟଣାରେ ୧୬,୩୯୭ ଜୀବନ ଯାଇଛି

ନୂଆଦିଲ୍ଲୀ,୨୯।୧୨(ପି.ଟି.)

୨୦୨୧ ବର୍ଷରେ ହୋଇଥିବା ସଡ଼କ ଦୁର୍ଘଟଣାରେ ସିଟ୍ ବେଲ୍ଟ ନ ବାନ୍ଧିବା କାରଣରୁ ୧୬,୩୯୭ ଜଣଙ୍କ ଜୀବନ ଯାଇଥିବା ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି। ମୃତକଙ୍କ ମଧ୍ୟରୁ ୮,୪୩୮ ଜଣ ଡ୍ରାଇଭର ହୋଇଥିବାବେଳେ ଅବଶିଷ୍ଟ ୭,୯୫୯ ଜଣ ଯାତ୍ରୀ। 'ଭାରତରେ ସଡ଼କ ଦୁର୍ଘଟଣା-୨୦୨୧' ରିପୋର୍ଟ ଅନୁଯାୟୀ ହେଲ୍‌ମେଟ୍ ନ ପିନ୍ଧିବା କାରଣରୁ ଦୁର୍ଘଟଣାରେ ୪୬,୫୯୩ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୩୨,୮୭୭ ଜଣ ଗାଡ଼ି ଚାଳକ ହୋଇଥିବାବେଳେ ୧୩,୭୧୬ ଜଣ ପଛ ସିଟ୍‌ରେ ବସିଥିବା ଯାତ୍ରୀ। ଗତବର୍ଷ ମୋଟ ୪,୧୨,୪୩୨ ସଡ଼କ ଦୁର୍ଘଟଣାରେ ମୋଟ ୧,୫୩,୯୭୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩,୮୪,୪୪୮ ଜଣ ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ହେଲ୍‌ମେଟ ନ ପିନ୍ଧିବା କାରଣରୁ ୯୩,୭୬୩ ଜଣ ଏବଂ ସିଟ୍ ବେଲ୍ଟ ନ ବାନ୍ଧିବାରୁ ୩୯,୨୩୧ ଜଣ ଆହତ ହୋଇଛନ୍ତି।

## ପ୍ରଯୋଜକ ସ୍ୱାମୀ ଗିରଫ

**ଅଭିନେତ୍ରୀ ରିୟା କୁମାରୀ ହତ୍ୟା ମାମଲା**

କୋଲକାତା,୨୯।୧୨



ପଶ୍ଚିମବଙ୍ଗର ଏକ ରାଜପଥରେ ଡକାୟତି ଉଦ୍ୟମ ବେଳେ ଝାଡ଼ଖଣ୍ଡ ଅଭିନେତ୍ରୀ ରିୟା କୁମାରୀଙ୍କୁ ବୁଧବାର ଗୁଳିକରି ହତ୍ୟା ଘଟଣାରେ ତାଙ୍କ ପ୍ରଯୋଜକ ସ୍ୱାମୀ ପ୍ରକାଶ କୁମାରଙ୍କୁ ଗିରଫ କରାଯାଇଛି। ରିୟାଙ୍କ ବାପଘର ପକ୍ଷରୁ ପ୍ରକାଶ ଏବଂ ତାଙ୍କ ଭାଇମାନଙ୍କ ବିରୋଧରେ ଏତଲା ଦାଏର ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ହାଓଡ଼ା (ଗ୍ରାମାଞ୍ଚଳ) ଏସ୍‌ପି ସ୍ୱାତୀ ଭାଙ୍ଗଲିଆ କହିଛନ୍ତି। ଖବର ଅନୁଯାୟୀ, ରିୟା ଓ ପ୍ରକାଶ ସେମାନଙ୍କର ୩ ବର୍ଷର ଝିଅ ସହ ରାଞ୍ଚିରୁ କୋଲକାତା ଯାଉଥିଲେ। ବୁଧବାର ସକାଳେ ୧୬ ନମ୍ବର ରାଜପଥରେ ୩ ଜଣ ଦୁର୍ବୃତ୍ତ ପ୍ରକାଶଙ୍କଠାରୁ ଜିନିଷ ଲୁଟ୍ ଉଦ୍ୟମ କଲାବେଳେ ରିୟା ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଗୁଳି କରିଥିଲେ। ହତ୍ୟା ପଛରେ ପ୍ରକାଶଙ୍କ ହାତ ଥିବା ପୋଲିସ ସନ୍ଦେହ କରି ତାଙ୍କୁ ପଚରାଉଚରା କରିଥିଲା। ତାଙ୍କ ବିରୋଧରେ ମାଡ଼ ମାରିବା ଓ ନିର୍ଯାତନା ଦେବା ମାମଲା ରହିଛି।

## ପୋଲାଭରମ୍ ପ୍ରକଳ୍ପ ନେଇ କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ୍

**ପରିବେଶ ମଞ୍ଜୁରୀରେ ଅନିୟମିତତା ଅଭିଯୋଗ**

ନୂଆଦିଲ୍ଲୀ,୨୯।୧୨ (ପି.ଟି.)

ଗୋଦାବରୀ ନଦୀରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ନିର୍ମିତ ପୋଲାଭରମ ବହୁମୁଖୀ ଜଳସେଚନ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନରେ ନିୟମ ଉଲ୍ଲଂଘନ ଅଭିଯୋଗ ହୋଇଥିଲା। ଏ ନେଇ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ଓ ଅନ୍ୟମାନଙ୍କୁ ଜବାବ ମାଗିଛନ୍ତି। ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କ ଖଣ୍ଡପୀଠ କେନ୍ଦ୍ର ସମେତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ଓଡିଶା ସରକାରଙ୍କୁ ନୋଟିସ୍ ଜାରି କରି ଆସନ୍ତା ବର୍ଷ ଫେବୃୟାରୀ ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ରାୟ ବିରୋଧରେ ଅର୍ଥନୀତିଜ୍ଞ ପେଣ୍ଟପତି ପୁଲ୍ଲାରାଓ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ, ଜଳଶକ୍ତି ମନ୍ତ୍ରଣାଳୟ, ଆନ୍ଧ୍ରପ୍ରଦେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପୋଲାଭରମ କର୍ତ୍ତୃପକ୍ଷଙ୍କ ମିଳିତ କମିଟି ରିପୋର୍ଟକୁ ଏନ୍‌ଜିଟି ବିଚାରକୁ ନେଇ ନ ଥିବା ପିଟିଶନରେ ଦର୍ଶାଯାଇଥିଲା। ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନରେ ପରିବେଶ ନିୟମର ଉଲ୍ଲଂଘନ କରାଯିବା ସହ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା ସତର୍କତାମୂଳକ ସର୍ତ୍ତାବଳୀ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ପ୍ରକଳ୍ପ ସ୍ଥଳରେ ପରିବେଶ ନିୟମ ଉଲ୍ଲଂଘନ ହେବା ସହ ପାଖ କୃଷିଜମିରେ ବିପୁଳ ପରିମାଣର ବର୍ଜ୍ୟସାମଗ୍ରୀ ଫିଙ୍ଗାଯାଉଥିବା ପୁଲ୍ଲାରାଓ ଅଭିଯୋଗ କରିଥିଲେ।

# ପ୍ରବାସୀ ଭୋଟରଙ୍କ ଲାଗି ରିମୋଟ୍ ଭୋଟିଂ ମେଶିନ

**୧୬ରେ ପ୍ରଦର୍ଶନ ଲାଗି ରାଜନୈତିକ ଦଳଙ୍କୁ ଇସିଙ୍କ ଆମନ୍ତ୍ରଣ**

ନୂଆଦିଲ୍ଲୀ,୨୯।୧୨

ଦେଶର ବିଭିନ୍ନ ଭାଗରେ ରହୁଥିବା ପ୍ରବାସୀମାନଙ୍କ ମତଦାନ ପାଇଁ ନିର୍ବାଚନ କମିଶନ (ଇସି) ଏକ ରିମୋଟ୍ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଆର୍‌ଭିଏମ୍)ର ମଡେଲ ବିକଶିତ କରିଥିବା ରବିବାର କହିଛନ୍ତି। ନିର୍ବାଚନମଣ୍ଡଳୀଠାରୁ ଦୂରରେ ଥିବା ଭୋଟରମାନଙ୍କ ଲାଗି ମଲ୍ଟି-କନ୍‌ଷ୍ଟିଚ୍ୟୁଏନ୍ସି ଇଭିଏମ୍ ପ୍ରୋଟୋଟାଇପ୍‌ର ପ୍ରଦର୍ଶନ ନିମନ୍ତେ ଇସି ରାଜନୈତିକ ଦଳଗୁଡ଼ିକୁ ଆମନ୍ତ୍ରଣ କରିଛନ୍ତି। ନିର୍ବାଚନରେ ଭୋଟରମାନଙ୍କ ଯୋଗଦାନ ବଢ଼ାଇବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। ଜାନୁୟାରୀ ୧୬ରେ ଏହି ପ୍ରଦର୍ଶନ କରାଯିବ। ଏହା କାର୍ଯ୍ୟକାରୀ ହେଲେ ପ୍ରବାସୀ ଭୋଟରମାନଙ୍କୁ ମତଦାନ ପାଇଁ ଆଉ ନିଜ ଜିଲାକୁ ଆସିବାକୁ ପଡ଼ିବ ନାହିଁ। ରିମୋର୍ଟ ଭୋଟିଂ ବ୍ୟବସ୍ଥା କାର୍ଯ୍ୟକାରୀ



ସିଇସି ରାଜୀବ କୁମାର

କରିବା ନେଇ ନିର୍ବାଚନ କମିଶନ ବିଭିନ୍ନ ଷ୍ଟେକ୍‌ହୋଲ୍ଡରଙ୍କ ମତାମତ ଏବଂ ପ୍ରୋଟୋଟାଇପ୍ ପ୍ରଦର୍ଶନ ଆଧାରରେ ନିଷ୍ପତ୍ତି ନେବେ ବୋଲି ଏକ ବିବୃତିରେ କୁହାଯାଇଛି। ଏଥିସହିତ ରାଜନୈତିକ ଦଳଗୁଡ଼ିକଠାରୁ ଏନେଇ ଆଇନଗତ, ପ୍ରଶାସନିକ ଏବଂ ବୈଷୟିକ ଚ୍ୟାଲେଞ୍ଜକୁ ନେଇ ମତାମତ ଲୋଡ଼ାଯାଇଛି।

ଏକ ରାଷ୍ଟ୍ରାୟତ୍ତ କମ୍ପାନୀ ଏହି ମଲ୍ଟି-କନ୍‌ଷ୍ଟିଚ୍ୟୁଏନ୍ସି ରିମୋର୍ଟ ଇଭିଏମ୍ ବିକଶିତ କରିଛି। ଏହି ମେଶିନ ସହାୟତାରେ ଗୋଟିଏ ରିମୋଟ୍ ପୋଲିଂ ବୁଥ୍‌ରୁ ଏକସଙ୍ଗେ ୭୨ଟି ନିର୍ବାଚନ ମଣ୍ଡଳୀ ପର୍ଯ୍ୟନ୍ତ ପ୍ରବାସୀ ଭୋଟରଙ୍କ ଭୋଟ ଗ୍ରହଣ କରାଯାଇପାରିବ ବୋଲି ନିର୍ବାଚନ କମିଶନ କହିଛନ୍ତି। ଯୁବ ଭୋଟର ଏବଂ ସହରାଞ୍ଚଳ ଭୋଟରଙ୍କ ମତଦାନ ପ୍ରତି ବୀତସ୍ପୃହତାକୁ ଦୃଷ୍ଟିରେ ରଖି ରିମୋଟ ଭୋଟିଂ ବ୍ୟବସ୍ଥା କରିବା ଲାଗି ନିର୍ବାଚନ କମିଶନ ଆଗ୍ରହ ପ୍ରକାଶ କରିଛନ୍ତି। ନିର୍ବାଚନ ଗଣତନ୍ତ୍ରରେ ଭାଗୀଦାରି ବଢ଼ାଇବାରେ ଏହା ବଡ଼ ପରିବର୍ତ୍ତନ ଆଣିପାରିବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର କହିଛନ୍ତି।

# ବିନା ହିଜାବରେ ଚେସ୍ ଖେଳିଲେ ଇରାନୀୟ ମହିଳା

ଅଲ୍‌ମାଟି,୨୯।୧୨

କାଜାଖାସ୍ତାନର ଅଲ୍‌ମାଟିରେ ବୁଧବାର ଏଫ୍‌ଆଇଡିଇ ଓ୍ୱାର୍ଲ୍ଡ ରାପିଡ୍ ଆଣ୍ଡ୍ ବ୍ଲିଜ୍ ଚାମ୍ପିୟନ୍‌ଶିପ୍ ଆୟୋଜିତ ହୋଇଯାଇଛି। ଏଥିରେ ଇରାନର ଚେସ୍ ଖେଳାଳି ସାରା ଖାଦେମ୍ ଭାଗନେଇଥିଲେ। ଇରାନ ସରକାର ମହିଳାମାନଙ୍କ ପାଇଁ ହିଜାବ ପରିଧାନକୁ ବାଧ୍ୟତାମୂଳକ କରିଥିବାବେଳେ ସାରା ଏହାକୁ ଅବଜ୍ଞା କରି ଚେସ୍ ଖେଳିଥିଲେ। ତାଙ୍କ ମୁଣ୍ଡରେ କୌଣସି ହେଡ୍‌ସ୍କାର୍ଫ ନ ଥିଲା। ଇଣ୍ଟରନ୍ୟାଶନାଲ ଚେସ୍ ଫେଡେରେଶନ୍ ଓ୍ୱେବ୍‌ସାଇଟ୍ ଅନୁସାରେ ୧୯୯୭ରେ ଜନ୍ମିତ ସାରା ବିଶ୍ୱ ର୍‍ୟାଙ୍କିଂରେ ୮୦୪ତମ ସ୍ଥାନ ଅଧିକାର କରିଛନ୍ତି। ସାରାସାଦତ୍ ଖାଦେମାଲଶରିଏହ ନାମରେ ପରିଚିତ ଏହି ସ୍ପୋର୍ଟ୍ସଓମେନ୍‌ଙ୍କ ନାମକୁ ଉଭୟ ରାପିଡ୍ ଏବଂ ବ୍ଲିଜ୍ କମ୍ପିଟିଶନ୍‌ରେ ଜଣେ ପ୍ରତିଯୋଗୀ



ଇରାନର ଚେସ୍ ଖେଳାଳି ସାରା ଖାଦେମ୍

ଭାବେ ତାଲିକାଭୁକ୍ତ କରାଯାଇଛି।

ପ୍ରକାଶ ଯେ, ସେପ୍ଟେମ୍ବର ୧୩ରେ ୨୨ ବର୍ଷୀୟା କୁର୍ଦ୍ଦିଶ ବଂଶୋଦ୍ଭବ ମହସା ଅମିନି ଉଚିତ ଢଙ୍ଗରେ ହିଜାବ ପରିଧାନ କରି ନ ଥିବା ଦର୍ଶାଇ ମୋରାଲିଟି ପୋଲିସ ତାଙ୍କୁ ଗିରଫ କରିଥିଲା। ଏହାର ୩ ଦିନ ପରେ ପୋଲିସ ହାଜତରେ ତାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ବର୍ବରତାରେ ମହସାଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଥିଲା। ସେବେଠୁ ଏହାର ପ୍ରତିବାଦରେ ଯୁବପିଢ଼ି ହିଜାବ ବିରୋଧୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଯୁବତୀମାନେ ନିଜ ଚୁଟି କାଟି ହିଜାବକୁ ଜାଳିବାରେ ଲାଗିଥିଲେ। ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇଥିଲା। ପୋଲିସ ବର୍ବରତାରେ ଅଦ୍ୟାବଧି ପ୍ରାୟ ୫୦୦ ଜଣଙ୍କ ମୃତ୍ୟୁ ଘଟିଲାଣି। ଦୀର୍ଘ ଅଢ଼େଇ ମାସର ଆନ୍ଦୋଳନ ପରେ ସରକାର ମୁଣ୍ଡ ନୁଆଁଇ ଧର୍ମୀୟ ବ୍ୟାପାରରେ ହସ୍ତକ୍ଷେପ କରୁଥିବା ମୋରାଲିଟି ପୋଲିସକୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ: ................................
ଜନ୍ମ ତାରିଖ: ................................



ଖୁସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିମନ୍ତ୍ରଣ ପତ୍ର ପାଇନାହିଁ: ଅଖିଳେଶ

## ଭାରତ ଯୋଡ଼ୋ ଯାତ୍ରା



ନୂଆଦିଲ୍ଲୀ,୨୯।୧୨

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱାଧୀନ ଭାରତ ଯୋଡ଼ୋ ଯାତ୍ରା ଜାନୁୟାରୀ ୩ରେ ଉତ୍ତରପ୍ରଦେଶରେ ପ୍ରବେଶ କରିବ। ଏଥିରେ ଯୋଗଦେବା ପାଇଁ ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବ, ବିଏସ୍‌ପି ସୁପ୍ରିମୋ ମାୟାବତୀ, ଆର୍‌ଏଲଡି ମୁଖ୍ୟ ଜୟନ୍ତ ଚୌଧରୀଙ୍କ ସମେତ କେତେକ ଅଣ-ଭାଜପା ଦଳ ନେତାଙ୍କୁ ନିମନ୍ତ୍ରଣ ଦିଆଯାଇଥିବା ନେଇ କଂଗ୍ରେସ ପକ୍ଷରୁ ସୋମବାର ସୂଚିତ କରାଯାଇଥିଲା। ମାତ୍ର ଏ ସମ୍ପର୍କିତ କୌଣସି ନିମନ୍ତ୍ରଣ ପତ୍ର ପାଇନାହାନ୍ତି ବୋଲି ଅଖିଳେଶ କହିଛନ୍ତି। ଲକ୍ଷ୍ନୌଠାରେ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଅଖିଳେଶ କହିଛନ୍ତି, ଭାଜପା ଏବଂ କଂଗ୍ରେସ ସମାନ। ଆମ ଦଳର ନୀତି ଭିନ୍ନ। ତେବେ ଗଣମାଧ୍ୟମ ପ୍ରତିନିଧିମାନେ ଅଖିଳେଶଙ୍କୁ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେବା ପ୍ରସଙ୍ଗରେ ପଚାରିବାରୁ 'ମୁଁ ଏ ପର୍ଯ୍ୟନ୍ତ ଏନେଇ କୌଣସି ନିମନ୍ତ୍ରଣ ପାଇନାହିଁ' ବୋଲି କହିଛନ୍ତି। ତେବେ ଅଖିଳେଶଙ୍କ ଏହି ବିବୃତ୍ତିକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି । ତେବେ ୟୁପି ବିରୋଧୀଦଳ ନେତାଙ୍କୁ ନିମନ୍ତ୍ରଣ ପଠାଯାଇଛି ବୋଲି କଂଗ୍ରେସ ନେତା ସଲମାନ ଖୁର୍ସିଦ ପୂର୍ବରୁ କହିଥିଲେ।

## ଇଲେକ୍ଟୋରାଲ ଟ୍ରଷ୍ଟ

# ୭୨% ଚାନ୍ଦା ପାଇଛି ଭାଜପା

ନୂଆଦିଲ୍ଲୀ,୨୯।୧୨(ପି.ଟି.)

୨୦୨୧-୨୨ରେ ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ବିଭିନ୍ନ ରାଜନୈତିକ ଦଳଙ୍କୁ ମିଳିଥିବା ମୋଟ ଚାନ୍ଦାର ୭୨.୧୭ ପ୍ରତିଶତ ଭାଜପାକୁ ମିଳିଛି। ଏହି ସୂତ୍ରରୁ ଭାଜପା ପାଇଥିବା ଚାନ୍ଦା ପରିମାଣ ୩୫୧.୫୦ କୋଟି ଟଙ୍କା। ଅନ୍ୟପକ୍ଷରେ କଂଗ୍ରେସ ପାଇଥିବା ଚାନ୍ଦା ପରିମାଣ ଟିଆର୍‌ଏସ୍, ସମାଜବାଦୀ ପାର୍ଟି, ଏଏପି ଏବଂ ୱାଇଏସ୍‌ଆର୍ କଂଗ୍ରେସଠାରୁ କମ୍ ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ରିପୋର୍ଟରେ କୁହାଯାଇଛି। ରାଜନୈତିକ ଦଳଗୁଡ଼ିକ ପାଇଁ କର୍ପୋରେଟ୍ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କଠାରୁ ଚାନ୍ଦା ସଂଗ୍ରହ ଲାଗି ଇଲେକ୍ଟୋରାଲ ଟ୍ରଷ୍ଟ ନାମରେ ଅଣଲାଭଦାୟକ ସଂଗଠନ ଗଠନ କରାଯାଇଛି। ନିର୍ବାଚନ ଖର୍ଚ୍ଚରେ ସ୍ୱଚ୍ଛତା ଆଣିବା ଏହି ଟ୍ରଷ୍ଟ ଗଠନର ଉଦ୍ଦେଶ୍ୟ।

ଏଡିଆର୍ ତଥ୍ୟ ଅନୁଯାୟୀ ୨୦୨୧-୨୨ରେ ଭାଜପା କଂଗ୍ରେସ ତୁଳନାରେ ୯ ଗୁଣ ଅଧିକ ଚାନ୍ଦା ପାଇଛି। ଅନ୍ୟ ୯ଟି ଦଳର ମୋଟ ଆୟ ତୁଳନାରେ ଭାଜପାର ଚାନ୍ଦା ପରିମାଣ ୨.୫ ଗୁଣ ଅଧିକ। କଂଗ୍ରେସକୁ ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ୧୮.୪୪ କୋଟି ଟଙ୍କା ଚାନ୍ଦା ମିଳିଥିବାବେଳେ ଟିଆର୍‌ଏସ୍ ୪୦ କୋଟି, ସମାଜବାଦୀ ପାର୍ଟି ୨୭ କୋଟି, ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୨୧.୧୨ କୋଟି ଏବଂ ୱାଇଏସ୍‌ଆର୍ କଂଗ୍ରେସ ୨୦ କୋଟି ଟଙ୍କା ପାଇଛି। ଅନ୍ୟ ଦଳଗୁଡ଼ିକ ମଧ୍ୟରୁ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ୭ କୋଟି, ପଞ୍ଜାବ ଲୋକ କଂଗ୍ରେସ ପାର୍ଟି ୧ କୋଟି, ଗୋଆ ଫରୱାର୍ଡ ପାର୍ଟି ଏବଂ ଡିଏମ୍‌କେ ୫୦ ଲକ୍ଷ ଟଙ୍କା ଲେଖାଏଁ ଇଲେକ୍ଟୋରାଲ ଟ୍ରଷ୍ଟରୁ ପାଇଛନ୍ତି। ଏଡିଆର୍ ରିପୋର୍ଟ ଅନୁଯାୟୀ ଇଲେକ୍ଟୋରାଲ ଟ୍ରଷ୍ଟ ଉପରୋକ୍ତ ଆର୍ଥିକ ବର୍ଷରେ ମୋଟ ୪୮୭.୦୯ କୋଟି ଟଙ୍କା ଚାନ୍ଦା କର୍ପୋରେଟ୍ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କଠାରୁ ସଂଗ୍ରହ କରିଥିଲା। ସେଥିରୁ ବିଭିନ୍ନ ଦଳଙ୍କୁ ୪୮୭.୦୬ କୋଟି ଟଙ୍କା (୯୯.୯୯%) ପ୍ରଦାନ କରାଯାଇଛି। ରିପୋର୍ଟ ଅନୁଯାୟୀ ୨୦୨୧-୨୨ ବର୍ଷରେ ୮୯ କର୍ପୋରେଟ୍ ବା ବ୍ୟବସାୟ ସଂସ୍ଥା ଇଲେକ୍ଟୋରାଲ ଟ୍ରଷ୍ଟକୁ ୪୭୫.୮୦ କୋଟି ଟଙ୍କା ଦେଇଛନ୍ତି। ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟକୁ ୪୫୬.୩୦ କୋଟି ଟଙ୍କା ଆସିଥିବାବେଳେ ଏବି ଜେନେରାଲ ଇଲେକ୍ଟୋରାଲ ଟ୍ରଷ୍ଟକୁ ୧୦ କୋଟି, ସମାଜ ଇଲେକ୍ଟୋରାଲ ଟ୍ରଷ୍ଟକୁ ୫ କୋଟି ଏବଂ ଇଣ୍ଡିପେଣ୍ଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟକୁ ୨.୨୦ କୋଟି ଟଙ୍କା ମିଳିଥିଲା। ଏହା ବ୍ୟତୀତ ୪୦ ଜଣ ବ୍ୟକ୍ତିବିଶେଷ ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ବିଭିନ୍ନ ଦଳଙ୍କୁ ଚାନ୍ଦା ଦେଇଛନ୍ତି। ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ ଲିଃ ସର୍ବାଧିକ ୭୦ କୋଟି ଟଙ୍କା ଚାନ୍ଦା ଦେଇଥିବାବେଳେ ଆର୍ସେଲର ମିତ୍ତଲ ଡିଜାଇନ୍ ଆଣ୍ଡ ଏନ୍‌ଗେଜ୍‌ମେଣ୍ଟ ସେଣ୍ଟର ପ୍ରା.ଲିଃ ୬୦ କୋଟି ଏବଂ ଭାରତୀ ଏୟାରଟେଲ୍ ଲିଃ ୫୧ କୋଟି ଟଙ୍କା ଇଲେକ୍ଟୋରାଲ ଟ୍ରଷ୍ଟ ଜରିଆରେ ପ୍ରଦାନ କରିଛି।

### କଂଗ୍ରେସର ଆୟ ଟିଆର୍‌ଏସ୍, ଏଏପିଠାରୁ କମ୍

# ୧୧୩ ଥର ସୁରକ୍ଷା ପ୍ରୋଟୋକଲ ଉଲ୍ଲଂଘନ କରିଛନ୍ତି ରାହୁଲ: ସିଆର୍‌ପିଏଫ୍

ନୂଆଦିଲ୍ଲୀ,୨୯।୧୨



ରାହୁଲ ଗାନ୍ଧୀ

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା' ବେଳେ ସୁରକ୍ଷାରେ ବ୍ୟାପକ ତ୍ରୁଟି ହୋଇଥିବା ଅଭିଯୋଗ ଆଣି ବୁଧବାର ଦଳ ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାର ଦିନକ ପରେ ଗୁରୁବାର କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ପକ୍ଷରୁ କୁହାଯାଇଛି ଯେ ରାହୁଲଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦିଆଯାଇଛି। କିନ୍ତୁ ରାହୁଲ ନିଜେ ଅନେକ ସମୟରେ ସୁରକ୍ଷା ଗାଇଡ୍‌ଲାଇନ୍ସକୁ ମାନି ନାହାନ୍ତି। ୱାୟନାଡ୍ ଏମ୍‌ପି ରାହୁଲ ଭାରତ ଯୋଡ଼ୋ ଯାତ୍ରା ବେଳେ ପ୍ରୋଟୋକଲ୍ ଉଲ୍ଲଂଘନ କରୁଛନ୍ତି। ୨୦୨୦ରୁ ଅଦ୍ୟାବଧି ସେ ୧୧୩ ଥର ଉଲ୍ଲଂଘନ କରିଥିବା ଅନୁଧ୍ୟାନ ଓ ରିପୋର୍ଟ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କ ନିକଟକୁ ଏକ ଚିଠି ଲେଖିଥିଲେ। ଭାରତ ଯୋଡ଼ୋ ଯାତ୍ରା ଶନିବାର ଦିଲ୍ଲୀରେ ପ୍ରବେଶ କରିବା ପରେ ଅନେକ ଥର ସୁରକ୍ଷାରେ ତ୍ରୁଟି ଦେଖିବାକୁ ମିଳିଛି। ଦୁର୍ବୃତ୍ତମାନେ ଯାତ୍ରା ଶିବିର ସ୍ଥଳକୁ ବେଆଇନ ଭାବେ ଅନୁପ୍ରବେଶ କରିଥିବା ଅନେକ ନଜିର ରହିଛି। ଏପରି କି ହରିୟାଣାର ଗୋଇନ୍ଦା ସୁରକ୍ଷା ଅଧିକାରୀମାନେ ପଦଯାତ୍ରୀଙ୍କୁ ଉଠାଇନେଇ ଜେରା କରୁଛନ୍ତି। ଜେଡ୍ ପ୍ଲସ୍ ସୁରକ୍ଷା ପାଇଥିବା ରାହୁଲଙ୍କ ଚତୁଃପାର୍ଶ୍ୱରେ ସୁରକ୍ଷା ବଳୟକୁ ବଜାୟ ରଖିବା ଏବଂ ଭିଡ଼ ନିୟନ୍ତ୍ରଣରେ ଦିଲ୍ଲୀ ପୋଲିସ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ଏହି ଯାତ୍ରା ସମ୍ବେଦନଶୀଳ ରାଜ୍ୟ ପଞ୍ଜାବ ଓ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ପ୍ରବେଶ କରିବା ସମୟରେ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ପାଇଁ ବେଣୁଗୋପାଳ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ।


UPVC RAIN WATER GUTTER and ACCESSORIES
UPVC ROOFING DECORATIVE PRODUCTS
Gutter, Runner, Stop End Drop, Elbow Plain, Runner Drop, Stop End Plain, Elbow Drop, Steel Bracket
Our Products: ◆ Mughappu ◆ Thoovanam ◆ UPVC Roofing Sheets ◆ UPVC Gutter System ◆ Other Elevation Products
TECHNO ROOF
3/246-B, Postal Colony, Perur, Coimbatore - 641 010, Tamilnadu
www.technoroof.in
Call: 96552 08111
DEALERS WANTED

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

LOAN
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ ।
M:8895873378
:7656825209

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଓଡ଼ିଶାରେ ମୋଦି, ଶାହାଙ୍କ ଏକାଧିକ କାର୍ଯ୍ୟକ୍ରମ ଅଛି: ଭାଜପା

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ଆଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓଡ଼ିଶା ଗସ୍ତରେ ଆସିବେ। ଓଡ଼ିଶାରେ ସଙ୍ଗଠନ ସୁଦୃଢ଼ କରିବା ଲାଗି କାମ ଆରମ୍ଭ ହୋଇଯାଇଛି। ୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ବିଜୟ ସଂକଳ୍ପ ଅଭିଯାନର ବିଗୁଲ୍ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ବୁଧବାର ଓଡ଼ିଶା ଗସ୍ତରେ ଆସି ବଜାଇ ସାରିଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ପୃଥ୍ୱୀରାଜ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି, ୨୦୨୪ ନିର୍ବାଚନ ପ୍ରାକ୍ ପ୍ରସ୍ତୁତି ଲାଗି ଆସନ୍ତା ଦିନରେ ଅମିତ ଶାହା, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଏକାଧିକ କାର୍ଯ୍ୟକ୍ରମ ଓଡ଼ିଶାରେ ହେବ। ଶାଣିତ ରାଜନୈତିକ ଆକ୍ରମଣ ଲାଗି ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ପ୍ରଧାନମନ୍ତ୍ରୀଙ୍କ ପ୍ରାୟ ୪ଟି କାର୍ଯ୍ୟକ୍ରମ ହେବା ଲାଗି ଯୋଜନା ରହିଛି। ବିଭିନ୍ନ ଲୋକ ସଭା ନିର୍ବାଚନମଣ୍ଡଳୀକୁ ନଡ୍ଡା ମଧ୍ୟ ଗସ୍ତ କରିବେ।

# ବିଧାୟକ ଶଶିଭୂଷଣଙ୍କ କାର, ସଭାରେ ଅଣ୍ଡାମାଡ଼

## ସଦର, ନିକିରାଇ ଥାନାରେ ୩ ଅଟକ

କେନ୍ଦ୍ରାପଡ଼ା ଅଫିସ, ୨୯।୧୨

କେନ୍ଦ୍ରାପଡ଼ା ଜିଲାରେ ଶାସକ ଦଳର ନେତାଙ୍କୁ ବିରୋଧ ଜାରି ରହିଛି। ଗତ ଅକ୍ଟୋବରରେ ରାଜ୍ୟ ସମବାୟ ମନ୍ତ୍ରୀ ତଥା ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଜମ୍ବୁ ଘାଟଠାରେ ଏକ ହତ୍ୟା ଘଟଣାରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ଗୁରୁବାର ପୂର୍ବାହ୍ନରେ ଏପରି ବିରୋଧ କେନ୍ଦ୍ରାପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଦଳୀୟ କର୍ମୀମାନେ ବିଧାୟକଙ୍କ କାର୍ଯ୍ୟକୁ ବିରୋଧ କରି କେନ୍ଦ୍ରାପଡ଼ା ବ୍ଲକ ବଗଡ଼ା ଓ ଇନ୍ଦୁପୁରଠାରେ ଅଣ୍ଡାମାଡ଼ କରିଛନ୍ତି। ବଗଡ଼ା ଅଣ୍ଡାମାଡ଼ ଘଟଣାରେ ଗ୍ରାମର ରାଜେନ୍ଦ୍ର ପ୍ରଧାନ ଓରଫ ଆବୁଆଙ୍କୁ ସଦର ଥାନାରେ ପୋଲିସ ଅଟକ ରଖିଛି। ସେହିପରି ଆବୁଆଙ୍କ ଅଟକକୁ ନେଇ ଗ୍ରାମର ମହିଳା ଉତ୍ତେଜିତ ହୋଇଛନ୍ତି। ବିଧାୟକ ବେହେରାଙ୍କ ସମର୍ଥକ ଟାଉନ ଥାନା ଅନ୍ତର୍ଗତ ସାନମଙ୍ଗଳା ଗ୍ରାମର ରଞ୍ଜନ କରଙ୍କ ବିରୋଧରେ ବଗଡା ଗ୍ରାମର ମହିଳାମାନଙ୍କୁ ଅଶାଳୀନ ବ୍ୟବହାର ଦେଖାଇଥିବା ସମ୍ପର୍କରେ ସଦର ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ବିଧାୟକଙ୍କ ସମର୍ଥକ ରଞ୍ଜନଙ୍କୁ ପୋଲିସ ଅଟକ ରଖିଛି। ଅପରପକ୍ଷରେ କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରସ୍ଥ ବିରୂପା କଲେଜର



ବିଧାୟକଙ୍କ କାର୍ ଉପରକୁ ଅଣ୍ଡା ଫୋପାଡୁଥିବା ରାଜେନ୍ଦ୍ର ପ୍ରଧାନଙ୍କୁ ପୋଲିସ ଧରି ନେଉଛି।

ଅପରାହ୍ନରେ ବାର୍ଷିକ ଉତ୍ସବ ଥିଲା। ଏଠାରେ ଦଳୀୟ କର୍ମୀ ବିରୋଧ କରି ସଭା ଆଡକୁ ଅଣ୍ଡା ଫୋପାଡିଛନ୍ତି। ଏହି ଘଟଣାରେ ନିକିରାଇ ଥାନା ପୋଲିସ ସନ୍ଦେହରେ ଜଣଙ୍କୁ ପଚରାଉଚରା ପାଇଁ ନେଇ ରଖିଛି।

ବଗଡାଠାରେ ମିଶନ ଶକ୍ତିର ସ୍ୱାବଲମ୍ବୀ ଗୃହ ଉଦ୍‌ଘାଟନ ହୋଇଛି। ଏହାକୁ ଉଦ୍‌ଘାଟନ ପାଇଁ ଯାଉଥିବା ବେଳେ ବଗଡା ଗ୍ରାମ ମଧ୍ୟରେ ବିଧାୟକ ବେହେରାଙ୍କ କାର ଉପରକୁ ଅଣ୍ଡାମାଡ଼ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ବିଧାୟକ ବେହେରା ଗ୍ରାମ ରାସ୍ତାରେ ଯାଉଥିବା ବେଳେ ଆବୁଆ ତାଙ୍କୁ ଫେରିଯାଅ କହି ଅଣ୍ଡାମାଡ଼ କରିଥିଲେ। ଏହାର କାରଣ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ତଥା ଦଳୀୟ କର୍ମୀମାନେ କହିଛନ୍ତି ଯେ, ଗତ ନିର୍ବାଚନ ପରଠାରୁ ବଗଡା ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମାଧାନ ଲୋଡିଥିଲେ। ମାତ୍ର ଏଥିରୁ କୌଣସି ସୁଫଳ ମିଳିନାହିଁ। ବିଧାୟକ ସମୟ ଅବଧି ମଧ୍ୟରେ ପଞ୍ଚାୟତକୁ ଆସୁ ନ ଥିବାବେଳେ କେବଳ ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ ସମୟରେ ଦେଖାଦେଉଛନ୍ତି। ଏହାବ୍ୟତୀତ ବିଧାୟକଙ୍କ ପୁଅ ମଧ୍ୟ ବିଭିନ୍ନ ଉନ୍ନୟନ ଯୋଜନାରେ ହସ୍ତକ୍ଷେପ କରୁଥିବାରୁ ସ୍ଥାନୀୟ ଅଞ୍ଚଳର କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ବିଧାୟକ ବେହେରା ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବା ନେଇ ସନ୍ଦେହ ଉପୁଜିଥିବାରୁ ନିର୍ବାଚନମଣ୍ଡଳୀର କର୍ମୀଙ୍କ ମଧ୍ୟରେ ବିରୋଧାଭାଷ ଦେଖାଯାଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସେହିପରି ବିଧାୟକଙ୍କ ସମର୍ଥକମାନେ କହିଛନ୍ତି ଯେ, ନିର୍ବାଚନମଣ୍ଡଳୀର ଜଣେ ଦଳୀୟ ନେତାଙ୍କର ଏହି ଅଣ୍ଡାମାଡ଼ ଘଟଣାରେ ହାତ ରହିଛି। ଗତ ୨ ଦିନ ଧରି ବିଭିନ୍ନ ଅଞ୍ଚଳ ଗସ୍ତ କରି ବିଧାୟକଙ୍କ ବିରୋଧରେ ଦଳୀୟ ନେତା ଜଣକ ପ୍ରଚାର ଚଳାଇଥିଲେ। ଅଣ୍ଡାମାଡ଼ ସଂକ୍ରାନ୍ତରେ ବିଧାୟକ ବେହେରାଙ୍କୁ ପଚାରିବାରୁ ଏ ସମ୍ପର୍କରେ କୌଣସି ମତ ନ ରଖି ଗାଡିରେ ପଳାଇ ଯାଇଥିଲେ। ଏ ନେଇ ସଦର ଥାନା ଏସ୍‌ଆଇ ତଥା ତଦନ୍ତକାରୀ ଅଧିକାରୀ ପ୍ରଭୁପ୍ରସାଦ ସାହାଣୀଙ୍କୁ ପଚାରିବାରେ ଅଣ୍ଡାମାଡ ସମ୍ପର୍କରେ କୌଣସି ଅଭିଯୋଗ ହୋଇନାହିଁ। ସ୍ଥାନୀୟ ଅଞ୍ଚଳରୁ ସୂଚନା ମିଳିବା ପରେ ଆବୁଆଙ୍କୁ ଥାନାକୁ ଅଣାଯାଇଛି। ଘଟଣା ସମ୍ପର୍କରେ ଏବେ ଅନୁଧ୍ୟାନ ଚାଲିଛି। ଆବଶ୍ୟକ ହେଲେ ଥାନା ପକ୍ଷରୁ ମାମଲା ରୁଜୁ ହେବ ବୋଲି ଏସ୍‌ଆଇ ସାହାଣୀ ସୂଚନା ଦେଇଛନ୍ତି। ରିପୋର୍ଟ ଲେଖା ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନାହିଁ।


# Classified Everyday
0674-2580101, 2549949



REAL ESTATE

SALE

ଭୁବନେଶ୍ୱର Sum Hospital 4 k.m. Ritraining Centre ପାଖରେ mainroad 100mtr distance boundary plot ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner- 9090963952. D-74176

Schedule Caste ଘରବାରି ପ୍ଲଟ୍ ନଖରା, ବ୍ରାହ୍ମଣଝରିଲୋ 2400 sqft. 24,00,000/-, IIT, Jatni 5000 Sqft. 15,00,000/- ଯାଆଁଳା 1200 sqft. 9,60,000/- . 8260032051. D-74175

Rasulgarhଠାରୁ 7 K.M. ଦୂରରେ ଏବଂ 150ft. roadକୁ ଲାଗି ସମସ୍ତ ପ୍ରକାର ସୁବିଧା ଥାଇ gated community ସହ plot ଓ Duplex ମିଳୁଅଛି। 8984025697. D-74172

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74170

ମାତ୍ର ଟ. 11,40,000/-ରେ ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। 9348152874. D-74169

NH side plot (Gharabari, boundary wall). Nakhara to Niali road, Cuttack. 8249851363. D-74607

ଭୁବନେଶ୍ୱର ରବି-ଟକିଜ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-2309

Duplex sale at Bhubaneswar @ 45 lakhs only. Contact: 9777433701. D-74171

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open SPA positively health benefits expert therapist, Jagamara. 7849011931. D-73668

Asribadа Panchakarma herbal SPA Kesarimall, Bhubaneswar. Contact: 8926173473. D-74620

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

16th Happy Birthday



Aurolipsa Priyadarsini Guru (Khusi)
At: Near Botalama, Medical, Patanahata, Khordha
May your birthday be full of happy hours and special moments to remember for a long time. With Best Compliments From: Baba, Mama, Dada, Khudi, Papu Bhai, Dudul, Pupul, Friend & Relatives.
D-2346

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

AFFIDAVIT

By virtue of an affidavit before Notary Public, Bhubaneswar on dated 27.12.2022, I have changed my surname from RANJEET KUMAR DAS SAMANTA to RANJEET KUMAR DAS. Henceforth, here after I shall be known as RANJEET KUMAR DAS for all purposes. D-2365

I Manamohan Panda, age 60 years,residing At - Nandapur,PO - Balabhadrapur,PS - Ranapur,Nayagarh, Odisha declare that both the names Manamohan Panda & Manoj Kumar Panda, S/o - Late Kashinath Panda is one and same person vide Affidavit No - 55AA942778 dated 19.10.2022. D-2363

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ଇଂ.ଗୁରୁପ୍ରସାଦ ସିଂହ
ଆବିର୍ଭାବ : ୦୪.୦୭.୧୯୪୨
ତିରୋଧାନ : ୨୧.୧୨.୨୦୨୨
"ଗୁରୁପ୍ରସାଦ ସିଂହ" ନାମ ନେଇ ଧନ୍ୟ
ହୋଇଛ ଆମରି ଗହଣରେ
ଅମରପୁରରେ ରୁହହେ ଆନନ୍ଦେ
ଏତିକି ପ୍ରାର୍ଥନା ବାରେ
ସମସ୍ତଙ୍କୁ ସଦା ପାଉଥିଲ ଭଲ
ଆଶା ନରଖି ବି ଟିକେ
ମୃତ୍ୟୁଞ୍ଜୟୀ ଅଟ ଚିରଦିନ ପାଇଁ
ଜନମି ଧରଣୀ ବୁକେ ।
ଶୋକସନ୍ତପ୍ତ : ପତ୍ନୀ, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ତଥା ପରିବାରବର୍ଗ
ଧ-୨୩୬୧

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସ୍ନେହବାଳା ତ୍ରିପାଠୀ
ମହୁଖଣ୍ଡା, ବାଲିପାଟଣା, ଖୋର୍ଦ୍ଧା
ତୁମର ମୃତ୍ୟୁ ଦିବସ ଆମ ପାଇଁ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ୧୯୮୩ ସିନିୟର ବ୍ୟାଚ
ବାନ୍ଧବୀ-ବନ୍ଧୁମାନେ
ଧ-୭୧୮୩୬

# ଛତିଶଗଡ଼ ଡ୍ୟାମ୍ ନିର୍ମାଣକୁ ବିରୋଧ କରି ପ୍ରଜାମେଳି

ମାଲକାନଗିରି/ମାଥିଲି, ୨୯।୧୨(ଡି.ଏନ.ଏ.)

ଓଡ଼ିଶା ସୀମାରେ ପଡୋଶୀ ଛତିଶଗଡ଼ର ପ୍ରକଳ୍ପକୁ ବିରୋଧ କରି ଗୁରୁବାର ଶତାଧିକ ଆଦିବାସୀ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ଏକାଠି ହୋଇ ମେଳି କରି ଏହାର ପ୍ରତିବାଦ କରିଛନ୍ତି। ଛତିଶଗଡ଼ ମାଲକାନଗିରି ଜିଲା ସୀମାନ୍ତ ସାବେରୀ ନଦୀର ଭୀମସେନ ଘାଟଠାରେ କୋକ୍ରାଲ ଡ୍ୟାମ୍ ନିର୍ମାଣ କରୁଛି। ଏଥିସହ କସ୍ଥୁବ ମାଇନ୍ସ ମଧ୍ୟ ଏହି ରାଜ୍ୟ କରିଛି। ଏହି ଡ୍ୟାମ ନିର୍ମାଣ ପରେ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର ମାଲକାନଗିରି ଜିଲା ମାଥିଲି ବ୍ଲକର ୬ଟି ପଞ୍ଚାୟତ କମାରପାଲି, ମହୁପଦର, ସାଲିମି, ଟେମୃପାଲି, କତାପାଲି ଓ କର୍ତ୍ତନପାଲି ପଞ୍ଚାୟତ ପ୍ରଭାବିତ ହେବ। ଏହି ପଞ୍ଚାୟତଗୁଡ଼ିକର ମୋଟ ୪୮ଟି ଗ୍ରାମ ବୁଡ଼ିଯିବା ସହ ଅନେକ ପରିବାର ସେମାନଙ୍କ ଭିଟାମାଟି ହରାଇବେ। ଏହି ଅଧିବାସୀମାନେ ପୂର୍ବରୁ ଡ୍ୟାମ ନିର୍ମାଣକୁ ବିରୋଧ କରି ଆସୁଛନ୍ତି। ମାତ୍ର ଛତିଶଗଡ଼ ଉପରେ ଏହାର କୌଣସି ପ୍ରଭାବ ପଡିନାହିଁ। ବର୍ତ୍ତମାନ ସୁଦ୍ଧା ଡ୍ୟାମ କାର୍ଯ୍ୟ ବନ୍ଦ ନ ହେବାରୁ ସ୍ଥାନୀୟ ଲୋକେ ପ୍ରଜାମେଳି କରି ମରିବେ ପଛେ ଭିଟାମାଟି ଛାଡ଼ିବେ ନାହିଁ ପ୍ରକାଶ କରି ଏହି ଅବସରରେ ସେମାନେ ଶପଥ ନେଇଛନ୍ତି। ଆଗାମୀ ଦିନରେ ଛତିଶଗଡ଼ ସରକାର ଡ୍ୟାମ୍ ନିର୍ମାଣରୁ ନ ହଟିଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଅଞ୍ଚଳବାସୀ କହିଛନ୍ତି। ଅନ୍ୟପକ୍ଷରେ ଏହା ଜଣାପଡିବା ପରେ ଓଡ଼ିଶାର ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ସୂଚନାଯୋଗ୍ୟ, ସାବେରୀ ନଦୀ ଉପରେ ପାଣିକୁ ଅଟକ ରଖି ଛତିଶଗଡ ତାଙ୍କ ରାଜ୍ୟର କେତେକ ଗ୍ରାମରେ ଜଳସେଚନ ସୁବିଧା କରିବାକୁ ଯୋଜନା ରଖିଛି।



ଡ୍ୟାମ୍ ନିର୍ମାଣକୁ ବିରୋଧ କରି ଆଦିବାସୀଙ୍କ ବାହାରିଥିବା ଶୋଭାଯାତ୍ରା।

# ଟିକା ଯୋଗାଇବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବ

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

ଓଡ଼ିଶାକୁ ଆବଶ୍ୟକ କରୋନା ଟିକା ଯୋଗାଇ ଦେବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନ୍ସୁଖ୍ ମାଣ୍ଡବ୍ୟଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଚିଠି ଲେଖି ଅନୁରୋଧ କରିଛନ୍ତି। ମନ୍ତ୍ରୀ ଦାସ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, କୋଭିଡ୍-୧୯ର ନୂଆ ପ୍ରଜାତି ବିଏଫ୍-୭ ଏବେ ପୃଥିବୀର ବିଭିନ୍ନ ଦେଶ ଯଥା ଚାଇନା, ଜାପାନ, ୟୁଏସ୍ଏ, ବ୍ରାଜିଲ୍, କୋରିଆରେ କାୟା ବିସ୍ତାର କରିଥିବାବେଳେ ଭାରତରେ ମଧ୍ୟ ଏହି ପ୍ରଜାତି ଚିହ୍ନଟ ହେବା ଅତି ଉଦ୍‌ବେଗର ବିଷୟ। ରାଜ୍ୟରେ ୧୨ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ୮.୧୪ କୋଟି ପ୍ରଥମ ଡୋଜ୍, ୩.୩୦ କୋଟି ଦ୍ୱିତୀୟ ଡୋଜ୍ ଓ ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ୧.୩୧ କୋଟି ପ୍ରିକସନ୍ ଡୋଜ୍ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୪୧ ପ୍ରତିଶତ ଲୋକ ଏହି ପ୍ରିକସନ୍ ଡୋଜ୍ ନେଇଛନ୍ତି। ଏବେ ରାଜ୍ୟରେ କୌଣସି ଟିକା ଷ୍ଟକ୍ ନାହିଁ। ବିଭିନ୍ନ ବର୍ଗର ୧.୯୩ କୋଟି ନାଗରିକଙ୍କ ପାଇଁ ପ୍ରିକଶନ ଡୋଜ୍ ଆବଶ୍ୟକ ରହିଛି। ଏହି ପରିପ୍ରେକ୍ଷୀରେ ଟିକାକରଣରୁ ବଞ୍ଚିତ ଲୋକଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିବା ସହିତ ଆବଶ୍ୟକ ଟିକା ରାଜ୍ୟର ବିଭିନ୍ନ ସରକାରୀ ଟିକାକରଣ କେନ୍ଦ୍ରଗୁଡ଼ିକୁ ଯୋଗାଇଦେବାକୁ ମନ୍ତ୍ରୀ ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ଗବେଷଣା ପାଇଁ ଶରୀର ଦାନକଲେ ପରିବାର ବର୍ଗ

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ) ଖୋର୍ଦ୍ଧା ଜିଲା ପାତ୍ରପଡ଼ା ଅଞ୍ଚଳର ୬୪ ବର୍ଷୀୟ ଶ୍ରୀନିବାସ ମିଶ୍ରଙ୍କର ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି। ଜୀବନ ଯୁଦ୍ଧରେ ହାରିଯାଇ ସେ ସବୁଦିନ ପାଇଁ ଚିରନିଦ୍ରାରେ ଶୋଇଯାଇଛନ୍ତି ସିନା, ହେଲେ ତାଙ୍କ ଶରୀର ତାଙ୍କ ପରି ଅନେକ ରୋଗୀଙ୍କ ଜୀବନକୁ ବଞ୍ଚାଇବାରେ ସହାୟକ ହେବାକୁ ଯାଉଛି। ପରିବାର ଲୋକେ ଓଡ଼ିଶା-ମୋ ପରିବାର ସହଯୋଗରେ ଶ୍ରୀନିବାସଙ୍କ ଶରୀରକୁ ମେଡିକାଲ ଗବେଷଣା ପାଇଁ ଭୁବନେଶ୍ୱର ଏମ୍ସକୁ ଦାନକରି ମହାନତାର ଉଦାହରଣ ସାଜିଛନ୍ତି। ଶ୍ରୀନିବାସ ଗତ କିଛିବର୍ଷ ହେବ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଏମ୍ସରେ ଚିକିତ୍ସିତ ହେଉଥିଲେ। ସେହି ସମୟରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ତାଙ୍କୁ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ। ଗୁରୁବାର ସକାଳେ ଶ୍ରୀନିବାସ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପରିବାରବର୍ଗ ତାଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ଏବଂ ସମାଜ ଆଖିରେ ତାଙ୍କ ସ୍ମୃତିକୁ ବଞ୍ଚାଇ ରଖିବା ପାଇଁ ଗବେଷଣା ନିମନ୍ତେ ଶ୍ରୀନିବାସଙ୍କ ଶରୀର ଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଓଡ଼ିଶା-ମୋ ପରିବାର ପକ୍ଷରୁ ଅଙ୍ଗଦାନ ଅଭିଯାନ ସମ୍ପର୍କରେ ଖବର ପାଇବା ପରେ ପରିବାରବର୍ଗ ସ୍ୱାସ୍ଥ୍ୟ ଉପଦେଷ୍ଟା ଡା. ସତ୍ୟଜିତ ଦାଶଙ୍କୁ ଯୋଗାଯୋଗ କରିଥିଲେ।



ଉପବାଚସ୍ପତିଙ୍କ ଗାଡ଼ି ସହ ଧକ୍କା ଦେଇଥିବା ଟ୍ରକ୍।

# ଉପବାଚସ୍ପତିଙ୍କ ଗାଡ଼ିକୁ ଧକ୍କା ଦେଲା ଟ୍ରକ୍

ଅନୁଗୋଳ ଅଫିସ, ୨୯।୧୨

ଅନୁଗୋଳ ଜିଲା ବଲଙ୍ଗ ଗାଁର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ଗାଡ଼ି (ନଂ ଓଡି୦୨- ଏଆର- ୬୦୦୬) ଦୁର୍ଘଟଣାଗ୍ରସ୍ତ ହୋଇଛି। ଅନୁଗୋଳରେ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗଦେଇ ଉପବାଚସ୍ପତି ବଲଙ୍ଗ ଗାଁକୁ ଯାଉଥିବାବେଳେ ପଞ୍ଚମହଲା ନିକଟରେ ଏକ ଦଶ ଚକିଆ ଟ୍ରକ୍ (ନଂ. ଓଡି ୩୫ ଡି- ୭୭୩୩) ତାଙ୍କ କାର୍‌କୁ ଧକ୍କା ଦେଇଥିଲା। କାର୍‌ର ଡାହାଣ ପାର୍ଶ୍ୱ ମାଡ଼ ହୋଇଥିଲେ ମଧ୍ୟ ଗାଡ଼ିରେ ଥିବା ଉପବାଚସ୍ପତି ସିଂହଙ୍କର କୌଣସି କ୍ଷତି ହୋଇନାହିଁ। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡି ନେଇ ଚମ୍ପଟ ମାରୁଥିବା ସମୟରେ ପୋଲିସ ଗାଡିକୁ ଜବତ କରିଛି। ଏ ନେଇ ବିଧାୟକଙ୍କ ପୁଅ ସଦର ଥାନାରେ ଲିଖିତ ଅଭିଯୋଗ କରିଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକଙ୍କୁ ବିଜେଡି କର୍ମୀମାନେ ନିସ୍ତୁକ ମାଡ ମାରିଥିବାର ଏକ ଭିଡିଓ ଭାଇରାଲ ହୋଇଛି।


GOVERNMENT OF ODISHA

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

**No.4739/WE, Dt.26.12.22**

**e-Procurement Notice**

**No.O-1536:**1. Name of the Work: Building Work. 2. Estimated Cost: Rs.117.70 Lakhs to 118.10 Lakh (Approximate). 3. Time for Completion: 09 (Nine) Calendar Months including rainy season. 4. No. of Work: 05 (Five) Nos. 5. Summary for key dates is provided below:

| Procurement Officer | Bid Identification No. | Availability of Tender online for bidding | | Last date & time of seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 364 | Dt.03.01.2023 at 11.00 AM | Dt.18.01.2023 upto 5.00 PM | Dt.17.01.2023 upto 5.00 PM | Dt.19.01.2023 at 11.00 AM | Will be intimated later |

Further details can be seen from the website www.tendersodisha.gov.in. Any other changes/Corrigendums may be seen only in website www.tendersodisha.gov.in.

Sd./- Er. S.K. Mishra
Chief Construction Engineer, Rural Works Circle, Balasore
OIPR-25105/11/0049/2223

## Government of Odisha "e"Procurement Notice
WORKS DEPARTMENT

Bid Identification No.C.C.E.K.C., Keonjhar No.31/2022-23
e-mail:ccekeonjharpwdcircle@gmail.com/sekcpwd_keonjhar@yahoo.com

**No.B-1058:** Letter No.5941, Dt.26.12.2022

1. No. of the Work : 3 Number Building Works
2. Estimated Cost : Rs.153.83 Lakhs to Rs.235.94 Lakhs
3. Class of Contractor : "B" & "A" Class
4. Period of Completion : 09 (Nine) Calendar Months to 11 (Eleven) Calendar Months
5. Date and Time of availability of Bid document in the portal : From 11.00 Hours of 31.12.2022 to 16.00 Hours of 16.01.2023
6. Last date/time of receipt of bids in the portal : 16.00 Hours of 16.01.2023
7. Date of Opening of Bid from Portal : 11.30 Hours of 17.01.2023
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar- 758001.

Further details can be seen from the e-Procurement portal "http://tendersodisha.gov.in."

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0042/2223

## OFFICE OF THE EXECUTIVE ENGINEER (CIVIL) PORTS & INLAND WATER TRANSPORT, SOUTH DIVISION, NEAR STPI, AMBAPUA, BERHAMPUR

Phone-0680-2404455/ E-Mail-ees.piwt@yahoo.in
e-PROCUREMENT NOTICE
NO-EE/P&IWT(SD)-10/2022-23. DATE-26.12.2022

**No.JJ-40:** INVITATION FOR BIDS (IFB)

| | | | |
|---|---|---|---|
| 1 | Name of work | :- | Construction of Examination and Conference Hall (2nd Floor) in the Existing office building of Executive Engineer, P&IWT, Mechanical Division, Cuttack |
| 2 | No. of works | :- | 1 No. |
| 3 | No. of Covers | :- | Double Cover |
| 4 | Value of works | :- | Rs. 48,80,839.00 |
| 5 | Bid Cost | :- | Rs 6,000.00 |
| 6 | Period of Completion | :- | Six Calendar Months |
| 7 | Time & Date of availability of bid document in the portal | :- | From 12.00 Noon of dated 10.01.2023 to 5.00 PM. of dated 20.01.2023. |
| 8 | Last time & date for receipt of bids in the portal | :- | Up to 5.00 PM. of dated 20.01.2023 |
| 9 | Date of opening of bid documents | :- | At 12.00 Noon of 21.01.2023 |
| 10 | Class of Contractor | :- | "C" & "B" Class Contractor |
| 11 | Name and address of officer inviting Bid | :- | Executive Engineer (Civil), Ports & Inland Water Transport, South Division, Berhampur |

Further details can be seen from the e-Procurement portal https://tendersodisha.gov.in.The Addendum / Corrigendum if any will be hosted on the website only.

Sd./-Executive Engineer (Civil),
OIPR-38032/11/0007/2223 Ports & IWT, South Division,Berhampur

## OFFICE OF THE PURI MUNICIPALITY, PURI

**Corrigendum**
**No.15982, Dt.27.12.22**
**Expression of Interest (EOI) for Management of Ward Offices by Mission Shakti SHG during the year 2023-24**

**No.C-2160:**Puri Municipality was inviting Expression of Interest (EOI) in sealed cover from interested Mission Shakti SHGs for engagement in different wards as Ward Management Group vide Notice No.15057 Dt.05.12.2022. The last date of submission of application was 20.12.2022. However, Govt. in H&UD.Deptt. has extended the timeline for submission of application up to 16.01.2023. In view of above, Puri Municipality extending the last date of submission of applications by CBOs to 16.01.2023 with following added conditions.

1. The CBOs which have applied previously with all requisite documents shall not submit the application again.
2. The CBOs which have applied previously without all requisite documents like PAN Card shall submit a fresh application enclosing all requisite documents.
3. The CBOs which could not apply during the time of first bid notice may apply on or before 16th January-2023 with all requisite documents.

All other terms & conditions mentioned in the previous bid notice shall remain unchanged.

Sd./- Executive Officer
Puri Municipality, Puri
OIPR-13159/11/0041/2223

GOVERNMENT OF ODISHA
DEPARTMENT OF WATER RESOURCES

## OFFICE OF THE SUPERINTENDING ENGINEER ROURKELA IRRIGATION DIVISION, ROURKELA

email Id :- seridrkl@gmail.com
e-PROCUREMENT NOTICE
BID IDENTIFICATION NO. SERID-RKL-06/2022-23 DT.28.12.2022

**No.A-937:**BID documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tenderorissa.gov.in complete online process only.

| | | |
|---|---|---|
| 1. | Nature of Work | Dam work |
| 2. | Total Number of works | 02(Two) nos |
| 3. | Bid Identification No. | SERID-RKL-06/2022-23 (Online) |
| 4. | Estimated Cost | Rs.7.87 lakhs to 16.07 lakhs |
| 5. | Class of Contractor | Referred to DTCN |
| 6. | Cost of Tender Paper | Referred to DTCN |
| 7. | Earnest Money Deposit | Referred to DTCN |
| 8. | Period of completion | Referred to DTCN |
| 9. | Date & time of Availability of Bid documents in the portal | From dt 02.01 .2023 at 10.00 A.M to dt. 11.01.2023 up to 05.30 P.M. |
| 10. | Last Date / time for receipt of bids in the portal | Dt. 11.01.2023 at 05.30 P.M |
| 11. | Date and time of Opening of Bids | Dt. 12.01.2023 at 11.00 hours |
| 12. | Last date & time of seeking of clarification | Dt. 07.01 .2023 at 1.00 P.M |
| 13. | Date of Lottery (in case of situation arise) | Dt.13.01.2023 at 11.30 hours |
| 14. | Place of Opening | Office of the Superintending Engineer, Rourkela Irrigation Division, Rourkela. |
| 15. | Name and Address of the Officer Inviting Bid | Superintending Engineer, Rourkela Irrigation Division, Rourkela. |

The bidders have to participate in ONLINE bidding only. As Goods & Service Tax (GST) has come into force with effective from 01.07.2017. Further details can be seen from the Govt.website www.tendersorissa.gov.in.

Sd./- Superintending Engineer
OIPR-32018/11/0013/2223 Rourkela Irrigation Division, Rourkela

## NOTICE INVITING BID
## Odisha State Medical Corporation Limited (OSMCL)

In front of Ram Mandir, Convent Square,Unit-III,Bhubaneswar-751001
Tel:(0674) 2380950, Website:www.osmcl.nic.in,
Email:drugs-osmcl@gov.in

Bid Ref.No.:OSMCL/2023-24/DRUGS-IVIG/01 Date:28.12.2022

**No.CAD-4297:**Online Bids through e-Tender Portal (https://tendersodisha.gov.in) are invited from eligible bidders for supply of Intravenous Immunoglobuiln (IVIG) Drugs as per the particulars mentioned below:

| Sl. No. | Particulars | Date and Time | |
|---|---|---|---|
| 1 | Date & Time of release of bid | 28.12.2022 3 PM | |
| 2 | Date & Time for submission of queries by E-mail id: drugs-osmcl@gov.in | 31.12.2022, upto 5.00 PM | |
| 3 | Date & time of Online bid submission | Start Date & Time 03.01.2023, 3 PM | End Date & Time 24.01.2023, 6.00 PM |
| 4. | Date & Time for submission of Tender Documents, Tender document Fee of tender document | Start Date & Time 25.01.2023, 10 AM | End Date & Time 01.02.2023 11.00 AM |
| 5 | Date & Time of online Technical bid opening | 01.02.2023, 11.30 AM | |
| 6 | Date of Opening of Price Bid | To be informed to the qualified bidders | |

The bid documents with all information relating to the bidding process including cost of bid document, Prequalification criteria and terms and conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept/reject any part thereof or all the bids without assigning any reason thereof.

Sd./- Managing Director
OSMC Ltd., Odisha
OIPR-10112/11/0051/2223

## REGULATED MARKET COMMITTEE, BARGARH

**No.H-74:** No.230/Date:23.12.22
INVITATION OF BIDS THROUGH e-Procurement
Bid Identification No.05 of 2022-23
(Ref.TCN No.221/dated 22.12.2022)

| Sl. No. | Item | Details |
|---|---|---|
| 1 | The A.D.M., Bargarh-cum-Chairman, RMC, Bargarh invites percentage rate bids in single cover system in ONLINE MODE only for work as detailed below: | |
| 2 | Nature of the Work | Construction of building type works |
| 3 | No. of Work | 01 No. |
| 4 | Bid Cost | Rs.6000.00 online transfer |
| 5 | Value of tender | Rs. 30.48 Lakhs |
| 6 | Class of Contractor | C & B Class |
| 7 | Availability of Bid documents in the website | Dt.29.12.2022 to 13.01.2023 |
| 8 | Last date/time of Receipt of bids in the portal | Dt.13.01.2023 upto 5.00 PM |
| 9 | Date of Opening of Bid | Dt.16.01.2023 at 11.00 A.M. |
| 10 | The bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/Corrigendum/Cancellation of the Tender etc can also be seen in the website https://tendersorissa.gov.in. | |

Sd./- ADM-cum-Chairman
RMC, Bargarh

## REGULATED MARKET COMMITTEE, BARGARH

No.231/Date:23.12.22
INVITATION OF BIDS THROUGH e-Procurement
Bid Identification No.06 of 2022-23
(Ref.TCN No.224/dated 22.12.2022)

| Sl. No. | Item | Details |
|---|---|---|
| 1 | The A.D.M., Bargarh-cum-Chairman, RMC, Bargarh invites percentage rate bids in Double cover system in ONLINE MODE only for work as detailed below: | |
| 2 | Nature of the Work | Construction of building type works |
| 3 | No. of Work | 04 Nos. |
| 4 | Bid Cost | Rs.10000.00 online transfer |
| 5 | Value of tender | Rs. 79.82 Lakhs to Rs.552.56 Lakhs |
| 6 | Class of Contractor | B & A Class |
| 7 | Availability of Bid documents in the website | Dt.29.12.2022 to 13.01.2023 |
| 8 | Last date/time of Receipt of bids in the portal | Dt.13.01.2023 upto 5.00 PM |
| 9 | Date of Opening of Bid | Dt.16.01.2023 at 11.00 A.M. |
| 10 | The bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/Corrigendum/Cancellation of the Tender etc can also be seen in the website https://tendersorissa.gov.in. | |

Sd./- ADM-cum-Chairman
OIPR-07041/11/0004/2223 RMC, Bargarh

## OFFICE OF THE BARIPADA MUNICIPALITY

BARIPADA, MAYURBHANJ - 757001
Tel.: 06792-252703, Website: www.baripadamunicipality.in
e-mail: baripadam.hud@nic.in

No. 9299 Date: 27.12.2022

**QUOTATION CALL NOTICE**

No. C-2155: The Executive Officer, Baripada Municipality on behalf of Baripada Municipal Council, Baripada, quotations in sealed cover are invited under **Two-bid System** from the Registered Firms/Manufacturers/Suppliers for supply of following specification of **Reputed Branded Ladies Bicycles** to Baripada Municipality. Quotationers are required to submit the Technical and Financial quotation separately. The quotations in **sealed Cvoer-I containing "Technical" and sealed Cover-II containing "Financial" should be placed in a third sealed cover**. The rate should be quoted inclusive of all taxes conveyance of this office and materials should be delivered at the Baripda Municipality Office. The quotation must be accompained with the details specification of each item and along with the copy of GST Registration Certificate, PAN and Catalogues. The quotation should reach in sealed cover either through Registered Post/Speed Post/by Hand (Drop Box at this office) so as to reach the office of the undersigned on or before 03.01.2023 at 3.00 P.M. along with S.D. Money of Rs.5000.00 (Refundable) in shape of Demand Draft (D.D.) in favour of **"Executive Officer, Baripada Municipality, Baripada" payable at Baripada** in the same will be opened same day at 4.00 P.M. in the presence of quotationers or their authorized representatives if they so like. The office will not be held responsible for Postal dealy. Quotation submitted beyond the aforesaid date and time shall not be entertained. The authority reserves the right to accept or reject any quotation without asigning any reason thereof. The quotations received in incomplete shape or after the schedule date and time shall be summarily rejected. The same may also be seen from the Baripada Municipality website i.e. **www.baripadamunicipality.in**.

| Sl. No. | Specification | Detailed Specification |
|---|---|---|
| 1 | Product Specification | Branded Ladies Bicycles with standard specifications along with Carrier, Chain Cover and Basket. |
| 2 | Branding of Bicycle | Prototype Decal (high quality stickers meant for vehicles) of size 8 × 8 inches made water proof durable material. Shall be placed in the middle of Basket for distinct visibility (a) In case of covered baskets, prescribed decals shall be pasted in the middle outer front area of basket, (b) In case of wired baskets, prescribed decals pasted in a fiber frame shall be fixed in the middle outer front of the wired basket. |

Sd./- Executive Officer
Baripada Municipality
OIPR-13078/11/0045/2223

## OFFICE OF THE MUNICIPAL COUNCIL, GUNUPUR, DIST.: RAYAGADA

PIN CODE: 765022, ODISHA
Email ID: eomun-gunupur@gov.in

Letter No. 4079/22 Date: 26.12.2022

**CORRIGENDUM**

**Subject: Modification in EOI No. 3784 Dated: 05.12.2022 for Management of Ward Offices by Mission Shakti SHG during the year 2023-24 regarding.**

No. C-2150: In partial modification to EOI No. 3784 dated 05.12.2022, it is informed that as per Govt. H&UD Department Letter No. 22023 dated 23.12.2022 the last date for inviting application from Mission Shakti Group has been extended upto 16.01.2023 instead of 20.12.2022 for commissioning of the Ward Office 2.0.

The rest of the contents of the Expression of Interest (EOI) shall remain unchanged.

Sd./- Executive Officer
Gunupur Municipality
OIPR-13104/11/0014/2223

## NOTIFIED AREA COUNCIL PATNAGARH

Ph.No.06658-222247, e-mail:yahoo.co.in
website:www.nacpatnagarh.in

No.C-2147: Letter No.2854 / Date:28.12.2022

1. Tender Reference No. : 2852_28.12.2022_NACPTG
2. Bid Identification No. : 2022_ORULB_84745
3. Name of the Work : Civil Construction Works as mentioned in the DTCN
4. No. of Works : 07
5. Estimated Cost : As per DTCN
6. Period of Completion : As per DTCN
7. Date & Time of Bidding : 29.12.2022 at 10 AM to 03.01.2023 upto 5 PM through Speed Post/ Registry Post only
8. Last date & time for receipt of bids in the portal : 03.01.2023 upto 5 PM
9. Opening of Price Bid : 04.01.2023 at 11 AM
10. Name and Address of the Officer Inviting Bid : Executive Officer, NAC, Patnagarh

Further details can be seen from the procurement portal i.e. https://www.tendersorissa.gov.in.

Sd./- Executive Officer,
NAC, Patnagarh
OIPR-13102/11/0012/2223

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** ଦିନକ ପରେ ପୁଣି ଥରେ ଷ୍ଟକ୍ ବଜାର କାରବାରରେ ପରିବର୍ତ୍ତନ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଶେୟାର ବଜାରର ନିବେଶକଙ୍କ ମନରେ ଉତ୍ସାହ ଭରିଦେଇଛି। ବିଶେଷକରି ଗୁରୁବାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୨୪ (୨୨୩.୬୦) ପଏଣ୍ଟ ବଢ଼ି ୬୧,୧୩୪ (୬୧,୧୩୩.୮୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ ୬୯ (୬୮.୫୦) ପଏଣ୍ଟ ବୃଦ୍ଧି ଘଟି ୧୮,୧୯୧ (୧୮,୧୯୧.୦୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ୪% ବୃଦ୍ଧି ପାଇଛି କରେଣ୍ଟ ଆକାଉଣ୍ଟ ଡେଫିସିଟ୍

ନୂଆଦିଲ୍ଲୀ,୨୯।୧୨




ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସରେ ଭାରତର କରେଣ୍ଟ ଆକାଉଣ୍ଟ ଡେଫିସିଟ୍ (ସିଏଡି) ବଢ଼ିଥିବା ଜଣାପଡିଛି। ବିଶେଷ କରି ଭାରତୀୟ ରିର୍ଜଭ ବ୍ୟାଙ୍କ (ଆର୍‌ବିଆଇ)ର ସଦ୍ୟତମ ରିପୋର୍ଟ ଅନୁସାରେ ସିଏଡି ପୂର୍ବ ତ୍ରୈମାସଠାରୁ ୨%ରୁ ଅଧିକ ବୃଦ୍ଧି ଘଟିଛି। ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସରେ ସିଏଡି ବୃଦ୍ଧି ପାଇ ଜିଡିପିର ୪.୪%ରେ ପହଞ୍ଚିଛି। ଏପରିକି ଏହା ପୂର୍ବ ତ୍ରୈମାସରେ ସିଏଡି ହାର ୨.୨% ରହିଥିଲା। ସେହିଭଳି ଆର୍‌ବିଆଇ ଡେଟା ଅନୁସାରେ ଆର୍ଥିକ ବର୍ଷ ୨୦୨୨-୨୩ର ୨ୟ ତ୍ରୈମାସରେ ପ୍ରାୟ ୩୬.୪ ବିଲିୟନ ଆମେରିକୀୟ ଡଲାର (ଜିଡିପିର ୪.୪%) ହ୍ରାସ ପାଇଥିବା ରେକର୍ଡ ହୋଇଛି। ଅପରପକ୍ଷରେ ପ୍ରଥମ ତ୍ରୈମାସରେ ସିଏଡି ୧୮.୨ ବିଲିୟନ ଡଲାର (ଜିଡିପିର ୨.୨%) ରହିଥିଲା। ଏପରିକି ଗୋଟିଏ ବର୍ଷ ପୂର୍ବେ ଏହାର ପରିମାଣ ଭଲ ରହିଥିଲା। ବିଶେଷ କରି ୨୦୨୧ ସେପ୍ଟେମ୍ବର ବା ୨ ତ୍ରୈମାସର ପରିମାଣ ୯.୭ ବିଲିୟନ ଡଲାର (ଜିଡିପିର ୧.୩% ) ଥିଲା। ଉଲ୍ଲେଖଯୋଗ୍ୟ , ୨୦୨୨-୨୩ ଆର୍ଥିକ ବର୍ଷର ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ବଢ଼ିବାର ପ୍ରମୁଖ କାରଣ ହେଉଛି ଉଚ୍ଚ ବାଣିଜ୍ୟିକ କ୍ଷତି ଜାରି ରହିବା। ବସ୍ତୁଗୁଡିକର ବ୍ୟବସାୟିକ କ୍ଷତି ୨୦୨୨-୨୩ ର ପ୍ରଥମ ତ୍ରୈମାସରେ ୬୩ ବିଲିୟନ ଡଲାରରୁ ବଢି ଦ୍ୱିତୀୟ ତ୍ରୈମାସରେ ୮୩.୫ ବିଲିୟନ ଡଲାର ହୋଇଛି। ସୂଚନାଯୋଗ୍ୟ, ଉଚ୍ଚ ବାଣିଜ୍ୟିକ କ୍ଷତି ଯୋଗୁ କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ବଢିଥାଏ। ଏହା ଅର୍ଥନୀତ ଦୃଷ୍ଟିରୁ ଭଲ ଖବର ନୁହେଁ। ଏହା ଜରିଆରେ ଦେଶର ବାଣିଜ୍ୟ ଆକଳନ କରାଯାଇଥାଏ। ଦେଶରେ ରପ୍ତାନିଠାରୁ ଆମଦାନୀ ଅଧିକ ହେଲେ ସିଏଡି ବଢ଼ିଥାଏ।

## ବିଓବିର ସୁଧହାରରେ ବୃଦ୍ଧି

ନୂଆଦିଲ୍ଲୀ,୨୯।୧୨

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଘରୋଇ ଖୁଚୁରା ମିଆଦୀ ଜମା ଉପରେ ସୁଧହାର ବୃଦ୍ଧି କରାଯାଇଛି। ବିଶେଷକରି ଏହା ଏନ୍‌ଆର୍‌ଓ ଏବଂ ଏନ୍‌ଆର୍‌ଇ ମିଆଦୀ ଜମା ଉପରେ ମଧ ଲାଗୁ ହେବ। ଏପରିକି ୨କୋଟି ଟଙ୍କାରୁ କମ୍ ଜମା ରାଶି ଉପରେ ବିଭିନ୍ନ ଅବଧି ପାଇଁ ୬୫ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ଉକ୍ତ ସୁଧହାରକୁ ବୃଦ୍ଧି କରାଯାଇଛି। ସେହିଭଳି ୩୯୯ ଦିନିଆ 'ବରୋଦା ତ୍ରିରଙ୍ଗା ପ୍ଲସ୍' ଜମା ଯୋଜନାରେ ମଧ ଉକ୍ତ ସୁଧହାରକୁ ୭.୮୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିରେ ବରିଷ୍ଠ ନାଗରିକମାନଙ୍କ ପାଇଁ ୦.୫୦% ଏବଂ ଭଙ୍ଗାଯାଇ ପାରୁ ନ ଥିବା ଜମା ପାଇଁ ୦.୨୫% ଅନ୍ତର୍ଭୁକ୍ତ। ପୁନଶ୍ଚ ବ୍ୟାଙ୍କ ୧ବର୍ଷରୁ ୩ବର୍ଷ ପର୍ଯ୍ୟନ୍ତ ଜମା ଉପରେ ୭.୫୦% ପର୍ଯ୍ୟନ୍ତ ସୁଧହାର ବୃଦ୍ଧି କରିଛି। ସୂଚନାଯୋଗ୍ୟ, ଗତ ନଭେମ୍ବରରେ ମଧ ବ୍ୟାଙ୍କ ଖୁଚୁରା ମିଆଦୀ ଜମା ଉପରେ ସୁଧହାର ବୃଦ୍ଧି କରିଥିଲା।

## 'କାର୍ଯ୍ୟକ୍ଷେତ୍ରରେ ନିରାପତ୍ତାକୁ ଗୁରୁତ୍ୱ'



ଭୁବନେଶ୍ୱର,୨୯।୧୨

ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍ ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ଚଳିତ ବର୍ଷ ଖ୍ରୀଷ୍ଟମାସ ଅବସରରେ ସେଫ୍ଟି ସାନ୍ତା ଜରିଆରେ କମ୍ପାନୀର ପ୍ଲାଣ୍ଟ ଓ ଟାଉନଶିପ ଅଞ୍ଚଳରେ ଏକ ନିରାପତ୍ତା ଅଭିଯାନର ପ୍ରଚାରପ୍ରସାର କରାଯାଇଥିଲା। କମ୍ପାନୀର ନିରାପତ୍ତା ଓ ସୁରକ୍ଷା ସଂସ୍କୃତି ଗଠନରେ ମଧ ଏକ ଉପଯୋଗୀ ଉପକରଣ ଭାବେ ଏହା କାର୍ଯ୍ୟ କରିଥାଏ। ଏପରିକି କମ୍ପାନୀର କର୍ମଚାରୀ, ବ୍ୟବସାୟ ସହଭାଗୀ ଓ ସେମାନଙ୍କ ପରିବାରକୁ ସୁରକ୍ଷା ଓ ନିରପତ୍ତା ବିଷୟରେ ସଚେତନ କରାଇଥାଏ। ସେହିପରି ଆନନ୍ଦ ମହୋତ୍ସବ କରିବା ବ୍ୟତୀତ ଝାରସୁଗୁଡ଼ାରେ ସୁରକ୍ଷା ସାନ୍ତା ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା। ଏଥିରେ ଅଗ୍ନି ନିରାପତ୍ତା ବାହିନୀ, ବ୍ୟକ୍ତିଗତ ପ୍ରତିରକ୍ଷା ଯନ୍ତ୍ରପାତି ରକ୍ଷଣାବେକ୍ଷଣ ଓ ବୈଦ୍ୟୁତିକ ଯନ୍ତ୍ରପାତିର ସୁରକ୍ଷା ଦିଗରେ ମଧ ବ୍ୟାପକ ସଚେତନତା ସମସ୍ତଙ୍କୁ ବେଶ୍ ଉତ୍ସାହିତ କରିଥିଲା। ଏ ସମ୍ପର୍କରେ ବେଦାନ୍ତ ଲିଃ.ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, କମ୍ପାନୀର କର୍ମକ୍ଷେତ୍ର ପରିସରରେ ସର୍ବୋଚ୍ଚ ନିରାପତ୍ତା ମାନଦଣ୍ଡକୁ ବଜାୟ ରଖିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ। ବିଶେଷକରି ନିରାପତ୍ତା ସାନ୍ତା ଭଳି ଏକ ଅଭିନବ ପଦକ୍ଷେପ ମାଧ୍ୟମରେ ଆମେ ତା'ର ପ୍ରଚାରପ୍ରସାରକୁ ଏକ ମଜାଳିଆ ଶୈଳୀରେ ସବୁ ମହଲରେ ପ୍ରସାର କରିପାରିଥିବାରୁ ବେଶ୍ ଆନନ୍ଦିତ ଅଛୁ।

## ରିଲାଏନ୍ସ ଫାଉଣ୍ଡେଶନର ବୃହତ୍ ଛାତ୍ରବୃତ୍ତି ପ୍ରତିବଦ୍ଧତା

ନୂଆଦିଲ୍ଲୀ,୨୯।୧୨

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍‌ଆଇଏଲ୍)ର ପ୍ରତିଷ୍ଠାତା ଚେୟାରମ୍ୟାନ ଧୀରୁଭାଇ ଅମ୍ବାନୀଙ୍କ ୯୦ତମ ଜୟନ୍ତୀ ଅବସରରେ ରିଲାଏନ୍ସ ଫାଉଣ୍ଡେଶନ ଆଗାମୀ ୧୦ବର୍ଷରେ ୫୦,୦୦୦ ଛାତ୍ରବୃତ୍ତି ପ୍ରଦାନ କରିବ। ଭାରତରେ ଉଚ୍ଚଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯିବ। ଏହି ଛାତ୍ରବୃତ୍ତି ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଯୁବବର୍ଗଙ୍କ ନିମନ୍ତେ ରହିଥିବା ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି। ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ରିଲାଏନ୍ସ ଫାଉଣ୍ଡେଶନ ଆର୍ଥିକ ଦୁର୍ବଳ ବର୍ଗର ମେଧାବୀ ଛାତ୍ରୀଛାତ୍ରୀଙ୍କ ମଧ୍ୟରୁ ସ୍ନାତକ ଶ୍ରେଣୀରେ ଅଧ୍ୟୟନ କରୁଥିବା ୫୦୦୦ ଜଣଙ୍କୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରିବ। ଏଥିସହିତ ସ୍ନାତକୋର ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୧୦୦ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଏଥିପାଇଁ ୨୦୨୩ ଫେବୃୟାରୀ ୧୪ ସୁଦ୍ଧା ଆବେଦନ କରାଯାଇପାରିବ। ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ଫାଉଣ୍ଡର ତଥା ଚେୟାରପର୍ସନ ନୀତା ଅମ୍ବାନୀ କହିଛନ୍ତି, ମୋ ଶ୍ୱଶୁର (ଧୀରୁଭାଇ ଅମ୍ବାନୀ)ଙ୍କର ଦେଶର ଯୁବବର୍ଗ ଏବଂ ସେମାନଙ୍କ କ୍ଷମତା ଉପରେ ବିରାଟ ଭରସା ରହିଥିଲା। ଏପରିକି ତାଙ୍କର ୯୦ତମ ଜୟନ୍ତୀ ଅବସରରେ ରିଲାଏନ୍ସ ଫାଉଣ୍ଡେଶନ ଆଗାମୀ ୧୦ ବର୍ଷରେ ଅଣ୍ଡରଗ୍ରାଜୁଏଟ ଏବଂ ପୋଷ୍ଟଗ୍ରାଜୁଏଟ ଛାତ୍ରୀଛାତ୍ରଙ୍କ ନିମନ୍ତେ ୫୦,୦୦୦ ଛାତ୍ରବୃତ୍ତି ପ୍ରଦାନ କରିବାର ପ୍ରତିବଦ୍ଧତା ଘୋଷଣା କରି ମୁଁ ଅତ୍ୟନ୍ତ ଆନନ୍ଦିତ ଅନୁଭବ କରୁଛି। ସେହିଭଳି ମୁକେଶ ଏବଂ ମୁଁ ବିଶ୍ୱାସ କରୁ ଯେ, ଉପଯୁକ୍ତ ସମର୍ଥନ ଦ୍ୱାରା ନୂଆ ପିଢି ଜ୍ଞାନ, ନବସୃଜନ ଏବଂ ନେତୃତ୍ୱ ଜରିଆରେ ଭାରତର ଅଭିବୃଦ୍ଧି ଇତିହାସରେ ସବୁଠାରୁ ଉଜ୍ଜ୍ୱଳମୟ ପରବର୍ତ୍ତୀ ଅଧ୍ୟାୟ ସୃଷ୍ଟି କରିବେ।




ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଗୁରୁବାର ନାଲ୍‌କୋ ଭୁବନେଶ୍ୱର କାର୍ଯ୍ୟାଳୟ ଗସ୍ତ କରି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ସହ ନାଲ୍‌କୋ ପରିସରରେ ଚାରାରୋପଣ କରୁଥିବା ଅବସରରେ ବିଭାଗୀୟ ଅଧିକାରୀ ଓ ନାଲ୍‌କୋର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ।

## ଗୋଦ୍‌ରେଜ୍ ଇଣ୍ଟେରିଓର ଆଉଟ୍‌ଲେଟ୍ ଉଦ୍‌ଘାଟିତ

ଭୁବନେଶ୍ୱର୨୯।୧୨

ଓଡ଼ିଶା ବଜାରରେ ଗୋଦ୍‌ରେଜ୍ ଇଣ୍ଟେରିଓର ଆଉ ଏକ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏପରିକି ଗୁରୁବାର ସ୍ଥାନୀୟ ପଟିଆ ଛକଠାରେ ଗୋଦ୍‌ରେଜ୍ ଇଣ୍ଟେରିଓର ନୂତନ ଆଉଟ୍‌ଲେଟ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ଅନୁ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ ଆଉଟ୍‌ଲେଟ୍ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ୫୫୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ବ୍ୟାପ୍ତ ଏହି ଷ୍ଟେଟ୍ ଅଫ୍ ଆର୍ଟ ତଥା ନବୀକୃତ ଫ୍ଲାଗ୍‌ଶିପ୍ ଷ୍ଟୋର ଓଡ଼ିଶା ଏବଂ ପୂର୍ବ ଭାରତ ବଜାରରେ ଗୋଦ୍‌ରେଜ୍ ଇଣ୍ଟେରିଓର ରିଟେଲ୍ ସ୍ଥିତିକୁ ଆହୁରି ମଜଭୁତ କରିବ। ଏଠାରେ ବିଭିନ୍ନ ଷ୍ଟାଇଲ୍ ଓ ଫିନିସ୍ ସହ ହୋମ୍ ଫର୍ନିଚର୍, ମାଟ୍ରେସେସ୍ ଓ ହୋମ୍ ଷ୍ଟୋରେଜ୍ ଭଳି ଗୁଣାତ୍ମକ ଉତ୍ପାଦର ସମ୍ଭାର ଉପଲବ୍ଧ। ଏପରିକି ନୂଆ ଷ୍ଟୋରର ଶୁଭାରମ୍ଭ ସହ ଉଦ୍‌ଘାଟନୀ ଅଫର ଭାବେ ପ୍ରତି କ୍ରୟ ଉପରେ ଗୋଦ୍‌ରେଜ୍ ଇଣ୍ଟେରିଓ ପକ୍ଷରୁ ନିଶ୍ଚିତ ଉପହାର ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ଗୋଦ୍‌ରେଜ୍ ଇଣ୍ଟେରିଓର ଉପସଭାପତି ମନୋଜ ରାଠି କହିଛନ୍ତି, ଭୁବନେଶ୍ୱର ହେଉଛି ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଏପରିକି ଏହି ଷ୍ଟୋର୍ ବେଶ୍ ଚମତ୍କାର ସ୍ଥାନରେ ଥିବାରୁ ଏବଂ ଉକ୍ତ ଅଞ୍ଚଳରେ ଗୋଦ୍‌ରେଜ୍ ଇଣ୍ଟେରିଓର ଦୃଢ଼ ଏବଂ ବର୍ଦ୍ଧିତ ବ୍ରାଣ୍ଡ ପରିଚୟକୁ ନେଇ ଏହି ଷ୍ଟୋର୍‌ର ବାର୍ଷିକ ରାଜସ୍ୱ ୫କୋଟି ଟଙ୍କା ଛୁଇଁବ ବୋଲି ଆମେ ଆଶା କରୁଛୁ। ସେହିଭଳି ଏହି ଷ୍ଟୋର୍ ପୂର୍ବ ଭାରତରେ ନିଜର ଉପସ୍ଥିତିକୁ ଗୋଦ୍‌ରେଜ୍ ଇଣ୍ଟେରିଓ ଆହୁରି ସୁଦୃଢ଼ କରିଛି।

## ଫୁର୍‌ସତ



## ନୂଆ କାମ ସୁଯୋଗରେ ଦୁବାଇରେ ଏରିକା

**ମୁମ୍ବାଇ:** ଟେଲି ଅଭିନେତ୍ରୀ ଏରିକା ଫର୍ନାଣ୍ଡିସ୍ ଜଣେ ସଫଳ ଅଭିନେତ୍ରୀ ଭାବେ ପରିଚିତ। ସେ ତାଙ୍କ ଅଭିନୟର ଛାପ ଟିଭିରେ ଦେଖାଇ ସାରିଛନ୍ତି। ତେବେ ସେ ତାଙ୍କ ଆଗାମୀ ଭବିଷ୍ୟତ ପାଇଁ ଏକ ନିଷ୍ପତ୍ତି ନେଇଛନ୍ତି, ଯାହା ସେ ଏକ ଭିଡିଓ ଜରିଆରେ ତାଙ୍କ ଫ୍ୟାନ୍ସମାନଙ୍କ ସହ ଶେୟାର କରିଛନ୍ତି। ସେ ଭାରତ ଛାଡି ଦୁବାଇ ଯିବାକୁ ନିଷ୍ପତି ନେଇଛନ୍ତି। ଦୁବାଇରେ ଭିଡିଓ ନିର୍ମାତାଙ୍କ ସହ ତାଙ୍କର ପାରସ୍ପରିକ ସମ୍ପର୍କର ଏକ ଭିଡିଓ ଶେୟାର କରିଛନ୍ତି। ସେ କହିଛନ୍ତି, ଯେତେବେଳେ ଭାରତରେ ଥିଲେ ସେତେବେଳେ କାମ କରୁଥିଲେ। ଆଉ ସେ ଯେତେବେଳେ ଦୁବାଇ ଗଲେ, ସେତେବେଳେ କାମ କରୁ ନାହାନ୍ତି। କିନ୍ତୁ ସମସ୍ତଙ୍କ ଜୀବନ ଭଳି ତାଙ୍କ ଜୀବନରେ ମଧ ଏମିତି ଏକ ସମୟ ଆସିବ ଯେତେବେଳେ ସେ କିଛି ନୂଆ କରିବାକୁ ସୁଯୋଗ ପାଇବେ। ସେ ଚାହିଁଲେ ଅନ୍ୟ କେଉଁଠାକୁ ଯାଇପାରନ୍ତି। କିନ୍ତୁ ସେ ଦୁବାଇରେ ରହିବାକୁ ଚାହାନ୍ତି ବୋଲି କହିଛନ୍ତି। ତାଙ୍କୁ କିଛି ନୂଆ କାର୍ଯ୍ୟର ସୁଯୋଗ ପାଇବେ ବୋଲି ସେ କହିଛନ୍ତି। ତେବେ ଏରିକା ଟେଲିଭିଜନର ଅନେକ ସିରିଏଲରେ କାର୍ଯ୍ୟ କରିଛନ୍ତି। 'କୁଛ୍ ରଙ୍ଗ ପ୍ୟାର୍‌କେ ଏସେଭି' ଏବଂ 'କସୋଟି ଜିନ୍ଦେଗି କି' ଜରିଆରେ ନିଜକୁ ଅଧିକ ପରିଚିତ କରାଇ ପାରିଥିଲେ।

## ବିବାହ ବନ୍ଧନରେ ବାନ୍ଧିହେବେ ଅନନ୍ତ, ରାଧିକା



ନୂଆଦିଲ୍ଲୀ: ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି ମୁକେଶ ଏବଂ ନିତା ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀ। ବୁଧବାର ସେ ଶୀଳା ଓ ବୀରେନ ମର୍ଚ୍ଚାଣ୍ଟଙ୍କ ଝିଅ ଏବଂ ତାଙ୍କ ପିଲାଦିନର ସାଙ୍ଗ ରାଧିକାଙ୍କ ସହ ନିର୍ବନ୍ଧ କରିଛନ୍ତି। ଏହାର ଫଟୋ ସାମ୍ନାକୁ ଆସିଛି। ଦୁହିଁଙ୍କ ନିର୍ବନ୍ଧ ରାଜସ୍ଥାନର ରାଜସମନ୍ଦ ଜିଲାର ନାଥଦ୍ୱାରାରେ ଅବସ୍ଥିତ ଶ୍ରୀନଥଜୀ ମନ୍ଦିରରେ ସମ୍ପର୍ଣ୍ଣ ହୋଇଛି। ଏଥିରେ ଉଭୟଙ୍କ ପରିବାର ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ତେବେ ଅମ୍ବାନୀ ପରିବାରର ସାନ ବୋହୂ ହେବେ ରାଧିକା। ହେଲେ ଦୁହେଁ କେବେ ବିବାହ କରିବେ ସେ ନେଇ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ। ରାଧିକା ଜଣେ ପ୍ରଶିକ୍ଷିତ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ। ସେ ମୁମ୍ବାଇରେ ତାଙ୍କ ପାଠପଢା ସାରି ଉଚ୍ଚ ଶିକ୍ଷା ପାଇଁ ନ୍ୟୁୟର୍କ ଯାଇଥିଲେ। ସେଠାରେ ସ୍ନାତକ ହାସଲ କରିବା ପରେ ସେ ଏବେ ଏନକୋର ହେଲ୍ଥ କେୟାରର ନିର୍ଦ୍ଦେଶକ ମଣ୍ଡଳୀରେ କାର୍ଯ୍ୟ କରୁଛନ୍ତି। ଅନ୍ୟପଟେ ଅନନ୍ତ ଆମେରିକା ୟୁନିଭର୍ସିଟିରୁ ତାଙ୍କ ଅଧ୍ୟୟନ ଶେଷ କରିଛନ୍ତି। ସେ ଜିଓ ପ୍ଲାଟଫର୍ମ ଓ ରିଲାଏନ୍ସ ରିଟେଲ୍ ଭେଞ୍ଚର ନିର୍ଦ୍ଦେଶକ ମଣ୍ଡଳୀରେ କାର୍ଯ୍ୟ କରିସାରିଛନ୍ତି। ବର୍ତ୍ତମାନ ସେ ରିଲାଏନ୍ସର ପାୱାର ସେକ୍ଟରରେ କାର୍ଯ୍ୟ କରୁଛନ୍ତି।

## ୮ ବର୍ଷ ପରେ ପୂରଣ ହେଲା ସ୍ୱପ୍ନ

### ଖୁଚୁରା ପଇସା ଦେଇ କିଣିଲେ ସ୍କୁଟି




ଦିଶପୁର୍: ନିଜ ସ୍ୱପ୍ନ ପୂରଣ କରିବାକୁ ଲୋକେ ବହୁତ କିଛି କରିଥାନ୍ତି। ନିକଟରେ ଜଣେ ମଜୁରିଆ ୮ ବର୍ଷ ପରେ ତାଙ୍କ ସ୍ୱପ୍ନକୁ ପୂରଣ କରିଛନ୍ତି। ଆସାମର ଗୁଆହାଟୀର କେ ଗାଁରେ ରହୁଥିବା ରାୟ୍ ନାମକ ମଜୁରିଆ ସ୍କୁଟି କିଣିବା ପାଇଁ ୨୦୧୪ରୁ କିଛି କିଛି ଖୁଚୁରା ପଇସା ସରାଗାତରେ ଭରୁଥିଲେ। ସେଥିରେ ୧ ଟଙ୍କା, ୨ ଟଙ୍କା, ୫ ଟଙ୍କା ଏବଂ ୧୦ ଟଙ୍କା ରଖୁଥିଲେ। ଏବେ ଯେବେ ସେ ତାଙ୍କ ସରାଗାତକୁ ଭାଙ୍ଗି ଟଙ୍କା ସବୁ ଗଣିଥିଲେ। ସେତେବେଳେ ସରାଗାତରୁ ୧ ଲକ୍ଷ ୫୦ ହଜାର ଟଙ୍କା ଥିବା ଜାଣିବାକୁ ପାଇଲେ। ଏହାପରେ ସେ ତାଙ୍କ ସ୍ତ୍ରୀଙ୍କୁ ନେଇ ସ୍ୱପ୍ନର ସ୍କୁଟି କିଣିବାକୁ ଏକ ଶୋ' ରୁମ୍‌କୁ ଗଲେ। ସେଠାରେ ଦୋକାନୀ ଏତେ ଟଙ୍କା ଦେଖି ପ୍ରଥମେ ନେବାକୁ ମନା କରିଦେଇଥିଲେ। କିନ୍ତୁ ସେ ଉକ୍ତ ବ୍ୟକ୍ତିଙ୍କୁ ଫେରାଇ ନ ଥିଲେ। ସେହି ଖୁଚୁରା ପଇସାକୁ ବ୍ୟାଙ୍କରେ ଦେଇଥିଲେ। ବ୍ୟାଙ୍କ ମଧ ଏତେ ଖୁଚୁରାକୁ ନେବାକୁ ମନା କରିଥିଲା। ସେ ସେହି ଦୋକାନୀ କିଛି ବ୍ୟବସ୍ଥା କରି ବ୍ୟାଙ୍କରୁ ଟଙ୍କା ଆଣିଥିଲେ। ଏଥିସହ ଉକ୍ତ ବ୍ୟକ୍ତିଙ୍କ ସ୍ୱପ୍ନ ପୂରଣ କରିବାରେ ସାହାଯ୍ୟ କରିଥିଲେ।

## ପେଙ୍ଗୁଇନ୍‌କୁ ଓଜନ କରାଇ ମହିଳା ନାକେଦମ୍



ନୂଆଦିଲ୍ଲୀ : ମଣିଷ ଅନେକ ପୋଷା ପ୍ରାଣୀକୁ ରଖିବାକୁ ପସନ୍ଦ କରିଥାନ୍ତି। ଏଥିସହ ତାଙ୍କର ସମ୍ପୂର୍ଣ୍ଣ ଧ୍ୟାନ ମଧ ରଖିଥାନ୍ତି। ତାଙ୍କ ପାଇଁ ସବୁ ପ୍ରକାର କାର୍ଯ୍ୟ କରିବାକୁ ପଛାନ୍ତି ନାହିଁ। ତେବେ ନିକଟରେ ଏକ ମଜାଳିଆ ଭିଡିଓ ଦେଖିବାକୁ ମିଳିଛି। ଏଥିରେ ଗୋଟେ ପେଙ୍ଗୁଇନ୍‌କୁ ଜଣେ ମହିଳା ଓଜନ କରୁଛନ୍ତି। ହେଲେ ପେଙ୍ଗୁଇନ୍‌କୁ ଓଜନ କରିବା ସମୟରେ ସେ ସେଠାରୁ ପଳାଇଯାଉଥିବାବେଳେ ମହିଳା ତାକୁ ସମ୍ଭାଳି ହାଲିଆ ହେଉଥିବା ଦେଖିବାକୁ ମିଳିଛି। ମହିଳା ଜଣକ ୯୭ ଦିନର ପେଙ୍ଗୁଇନ୍ ଛୁଆକୁ ଏକ ଓଜନ ମାପିବା ମେସିନ ଉପରେ ଠିଆ କରାଇ ଓଜନ କରୁଥିଲେ। ସେ ବାରମ୍ବାର ସେହି ମେଶିନ ଉପରୁ ପଳାଇଯାଉଥିଲା। ପରେ କିଛି ସମୟ ପରେ ପେଙ୍ଗୁଇନ୍ ସ୍ଥିର ଭାବେ ମେଶିନ ଉପରେ ଠିଆ ହୋଇଥିଲା। ଯାହା ଫଳରେ ତାହା ଓଜନ ମପାଯାଇପାରିଲା। ପେଙ୍ଗୁଇନ୍‌ଟିର ଓଜନ ୧୪ କିଲୋ ହୋଇଥିବା ଜଣାପଡିଛି। ହେଲେ ଏହି ଭିଡିଓଟି କେଉଁ ସ୍ଥାନର ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦିଲୀପ ତିର୍କୀ



କଳିଙ୍ଗ ଷ୍ଟାଡିୟମରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପରେ ଭାରତ-ଆମେରିକା ମ୍ୟାଚ।

ବିଦାୟ ବେଳାରେ କ୍ରୀଡ଼ାବର୍ଷ ୨୦୨୨। ଏହି ବର୍ଷ ଅନେକ କାରଣ ପାଇଁ କ୍ରୀଡ଼ା କ୍ଷେତ୍ରରେ ଚର୍ଚ୍ଚାରେ ରହିଥିଲା ଓଡ଼ିଶା। ସର୍ବପ୍ରଥମ ଅଲ୍‌ଟିମେଟ ଖୋ ଖୋରେ ଓଡ଼ିଶା ଜଗରନଟ୍ସ ଚାମ୍ପିୟନ ହୋଇଥିବାବେଳେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଆୟୋଜନ ନୂଆ ଫର୍ଦ୍ଦ ଯୋଡ଼ିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା କୁଇନ୍ସ ବାଟନ ଏବଂ ଚେସ୍ ଅଲିମ୍ପିଆଡ ମଶାଲ ରିଲେ ଓଡ଼ିଶା ଭ୍ରମଣ କରିଥିବାବେଳେ ବିଶ୍ୱକପ ଟ୍ରଫି ଟୁର୍ ହକିର ଉଷ୍ମତାକୁ ବଢ଼ାଇ ଦେଇଥିଲା।

# ଖୋ ଖୋ, ଫୁଟ୍‌ବଲ
# ଯୋଡ଼ିଲା ନୂଆ ଫର୍ଦ୍ଦ

ବିଦାୟୀ ବର୍ଷରେ ଓଡ଼ିଶା କ୍ରୀଡ଼ା ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଥିଲା ଖୋ ଖୋ ଓ ଫୁଟବଲ। ମହାରାଷ୍ଟ୍ରର ପୁଣେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଜଗରନଟ୍ସ ଅଂଶଗ୍ରହଣ କରିଥିଲା। ଏହି ପାରମ୍ପରିକ କ୍ରୀଡ଼ାରେ ଓଡ଼ିଶାର ଯେ ଏକ ଦଳ ଭାଗ ନେଇଥିଲା ତା' ନୁହେଁ ଜଗରନଟ୍ସ ଚାମ୍ପିୟନ ହୋଇ ଇତିହାସ ରଚିଥିଲା। ସେପ୍ଟେମ୍ବର-ଅକ୍ଟୋବରରେ ଅନୁଷ୍ଠିତ ଫାଇନାଲରେ ତେଲୁଗୁ ଯୋଦ୍ଧାସକୁ ମାତ୍ର ୧ ରନରେ ହରାଇ ବିଜୟ ମୁକୁଟ ପିନ୍ଧିଥିଲା ଓଡ଼ିଶା। ସେହିପରି ଭାରତରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ୬ଟି ଗ୍ରୁପ୍ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ କରି ଓଡ଼ିଶା ଆଉ ଏକ ଉଦାହରଣ ସୃଷ୍ଟି କରିଥିଲା। ବିଶ୍ୱକପରେ ପ୍ରଥମଥରପାଇଁ ପଦାର୍ପଣ କରିଥିବା ଭାରତ ଏହାର ୩ଟି ଯାକ ଲିଗ୍ ମ୍ୟାଚ କଳିଙ୍ଗରେ ଖେଳିଥିଲା। ଏହା ବ୍ୟତୀତ ଆମେରିକା, ବ୍ରାଜିଲ, ମରକ୍କୋ, ଚିଲି ଓ ନାଇଜେରିଆ ମଧ୍ୟ ଏଠାରେ ମ୍ୟାଚ ଖେଳିଥିଲେ। ଗୋଆର ମାର୍ଗାଓ ଏବଂ ନଭି ମୁମ୍ବାଇରେ ଅନ୍ୟ ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହୋଇଥିଲା। ନଭିମୁମ୍ବାଇରେ ଅନୁଷ୍ଠିତ ଫାଇନାଲରେ କଲମ୍ବିଆକୁ ହରାଇ ସ୍ପେନ୍ ଟାଇଟଲ ବଜାୟ ରଖିଥିଲା। କଳିଙ୍ଗରେ ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ)ଚାମ୍ପିୟନଶିପ୍ ମଧ୍ୟ ସଫଳତାର ସହ ଆୟୋଜିତ ହୋଇଥିଲା। ଏଥିରେ ଭାରତ ସମେତ ମାଳଦ୍ୱୀପ, ନେପାଳ, ବାଂଲାଦେଶ ଓ ଶ୍ରୀଲଙ୍କା ଦଳ ଅଂଶଗ୍ରହଣ କରିଥିଲା।

## ପ୍ରଣବ ଓସିଏ ସଭାପତି


ପ୍ରଣବ ପ୍ରକାଶ ଦାସ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ହାଇ ପ୍ରୋଫାଇଲ ନିର୍ବାଚନ ଏହି ବର୍ଷ ଅନୁଷ୍ଠିତ ହୋଇଥିଲା। ତେବେ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ବିଜେଡିର ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ। ସମ୍ପାଦକ ପଦ ବଜାୟ ରଖିଥିଲେ ସଞ୍ଜୟ ବେହେରା। ସୁରେଶ କୁମାର ରାଉତରାୟ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ଏବଂ ସୌର୍ଯ୍ୟରଞ୍ଜନ ପରିଜା ସମ୍ପାଦକଭାବେ ପୁନଃ ନିର୍ବାଚିତ ହୋଇଥିଲେ।

## ଦିଲୀପଙ୍କୁ ହକି ଇଣ୍ଡିଆ ଦାୟିତ୍ୱ


ଦିଲୀପ ତିର୍କୀ

ଏହି ବର୍ଷ ହକି ଇଣ୍ଡିଆର ନୂଆ ସଭାପତି ହୋଇ ଓଡ଼ିଶାକୁ ଗର୍ବିତ କରିଥିଲେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଅଲିମ୍ପିଆନ ଦିଲୀପ ତିର୍କୀ। ତାଙ୍କର ଦୁଇ ପ୍ରତିଦ୍ୱନ୍ଦ୍ୱୀ ରାକେଶ କାଟ୍ୟାଲ ଓ ଭୋଳା ନାଥ ସିଂ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାରୁ ନିର୍ବିବାଦରେ ହକି ଇଣ୍ଡିଆର ମୁଖ୍ୟ ପଦ ହାସଲ କରିଥିଲେ ପଦ୍ମଶ୍ରୀ ଦିଲୀପ।

## ରାଜେନ୍ଦ୍ର, ଶ୍ରଦ୍ଧାଞ୍ଜଳି ଆମ୍ବାସାଡର

ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଫୁଟବଲ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ଏବଂ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓଡ଼ିଶାର ଫୁଟବଲ ଆମ୍ବାସାଡର ନିଯୁକ୍ତ ହୋଇଥିଲେ। ୧୭ ବର୍ଷରୁ କମ୍


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍ ଅବସରରେ ଚୟନକର୍ତ୍ତା ଦାୟିତ୍ୱ ତୁଲାଇଥିବା ଶ୍ରଦ୍ଧାଞ୍ଜଳି ଲିଜେଣ୍ଡ୍ସ ମ୍ୟାଚ ଖେଳିବା ଲାଗି ଫିଫାଦ୍ୱାରା ମନୋନୀତ ହୋଇ ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନରେ ପହଞ୍ଚାଇଥିଲେ।

## ବାରବାଟୀରେ ଟି୨୦

ଜୁନ ୧୨ରେ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ସେହିପରି ସେପ୍ଟେମ୍ବରରେ ସେହି ଭେନ୍ୟୁରେ ଲିଜେଣ୍ଡ୍ସ ଲିଗ୍ କ୍ରିକେଟର ୩ଟି ମ୍ୟାଚ ଆୟୋଜିତ ହୋଇଥିଲା। ଅନେକ କିମ୍ବଦନ୍ତୀ ଖେଳାଳି ଏହି ଲିଗ୍‌ରେ ଅଂଶଗ୍ରହଣ କରିଥିଲେ। ପୂର୍ବ ବର୍ଷ ଗୁଡ଼ିକଭଳି ଏଥର ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ ସମ୍ପନ୍ନ ହୋଇଥିଲା।

## ଟେନିସ ପ୍ରତିଭାଙ୍କ ବିରଳ କୃତିତ୍ୱ

ବିଦାୟୀ ବର୍ଷରେ ଓଡ଼ିଶାର ପ୍ରତିଭା ସମ୍ପନ୍ନ ଟେନିସ ଖେଳାଳିମାନେ ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ଚମକ ସୃଷ୍ଟି କରିଥିଲେ। ଓଡ଼ିଶାର ପ୍ରଥମ ଖେଳାଳିଭାବେ ଭାରତୀୟ ଜୁନିୟର ଡେଭିସ୍ କପ୍ ଦଳରେ ସାମିଲ ହୋଇଥିଲେ ଦେବାଶିଷ ସାହୁ। ସେହିପରି ସୋହିନୀ ସଞ୍ଜୟ ମହାନ୍ତି ଆଇଟିଏଫ୍ ବିଶ୍ୱ ଜୁନିୟର ଟେନିସ ପ୍ରତିଯୋଗିତାର ଅନ୍ତିମ କ୍ୱାଲିଫାଇଂ ଇଭେଣ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ଯୋଡ଼ିଥିଲେ ଏକ ନୂଆ ଫର୍ଦ୍ଦ। ଅନ୍ୟତମ ଟେନିସ ପ୍ରତିଭା ଆହାନ ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଦେଶର


ଦେବାଶିଷ ସାହୁ

ନମ୍ବର ୱାନ ହୋଇ ରାଜ୍ୟକୁ ଗର୍ବିତ କରିଥିଲେ। ବିଦାୟୀ ବର୍ଷରେ ଆହାନ ଅଧ ଡଜନେରୁ ଊର୍ଦ୍ଧ୍ୱ ସର୍ବଭାରତୀୟ ଟେନିସ ଟାଇଟଲ ହାସଲ କରିଥିଲେ। କବିର ହଂସ, ଆରାଧ୍ୟା ବର୍ମା ଓ ଲଳିତ ଟୁଡୁଙ୍କ ପରି ଅନେକ ଖେଳାଳି ମଧ୍ୟ ସଫଳତା ପାଇଥିଲେ।

## ଅମିତ, ବୀରେନ୍ଦ୍ର ଅଧିନାୟକ

ଓଡ଼ିଶାର ଅମିତ ରୋହିଦାସ ଏବଂ ବୀରେନ୍ଦ୍ର ଲାକ୍ରା ଏହି ବର୍ଷ ଭାରତୀୟ ହକି ଦଳର ଅଧିନାୟକ ହେବାର ଗୌରବ ଅର୍ଜନ କରିଥିଲେ।


ଅମିତ ରୋହିଦାସ

ଏପ୍ରିଲରେ ଅନୁଷ୍ଠିତ ଆର୍ଜେଣ୍ଟିନା ବିପକ୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଅମିତଙ୍କ ମୁଣ୍ଡରେ ଅଧିନାୟକର ମୁକୁଟ ପିନ୍ଧା ଯାଇଥିଲା। ଇଂଲଣ୍ଡ, ବେଲଜିୟମ ଏବଂ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚରେ ମଧ୍ୟ ସେ ଏହି ଗୁରୁଦାୟିତ୍ୱ ତୁଲାଇଥିଲେ। ସେହିପରି ଜୁନ୍‌ରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆ କପ୍ ପାଇଁ ଉପ-ଅଧିନାୟକ ମନୋନୀତ ବୀରେନ୍ଦ୍ର ଲାକ୍ରା ପରେ ରୂପିନ୍ଦର ପାଲ୍ ସିଂ ଆହତ ହେବାରୁ ଦଳର ନେତୃତ୍ୱ ନେଇଥିଲେ।

## ପରଲୋକ

ଓଡ଼ିଶାର ପୂର୍ବତନ କ୍ରିକେଟ ଅଧିନାୟକ ଏବଂ କ୍ରୀଡ଼ା ସଚିବ ମଦନ ମୋହନ ମହାନ୍ତିଙ୍କର ଫେବୃଆରୀରେ ପରଲୋକ ଘଟିଥିଲା। ସେ ୧୯୫୯-୬୦ରୁ ୧୯୭୮-୭୯ ମଧ୍ୟରେ ରାଜ୍ୟ ପକ୍ଷରୁ ୨୫ଟି ପ୍ରଥମ ଶ୍ରେଣୀ ରଣଜୀ ଟ୍ରଫି ଏବଂ କୁଚ୍ ବିହାର ଟ୍ରଫିରେ ୪ଟି ମ୍ୟାଚ ଖେଳିଥିଲେ।



ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ଦଳ।

## ହକି ବିଶ୍ୱକପ : ଲୋଗୋ ଉନ୍ମୋଚନ, ଟ୍ରଫି ଟୁର୍

୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ହେବାକୁଥିବା ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପର ଲୋଗୋକୁ ଗତ ଏପ୍ରିଲରେ ଉନ୍ମୋଚନ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଶ୍ୱକପ ଇତିହାସରେ ପ୍ରଥମଥରପାଇଁ ଟ୍ରଫି ଟୁର୍ କାର୍ଯ୍ୟକ୍ରମ ଡିସେମ୍ବରର ପ୍ରଥମ ଭାଗରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକି ବିଶ୍ୱକପ ଟ୍ରଫିକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କୁ ହସ୍ତାନ୍ତର କରିଥିଲେ। ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଯାତ୍ରା ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପରିକ୍ରମା କରିବାପରେ ଡିସେମ୍ବର ଶେଷଭାଗରେ ଭୁବନେଶ୍ୱର ଫେରିଥିଲା ଏବଂ ଏହାପରେ ରାଜ୍ୟର ବିଭିନ୍ନ ସହର ଭ୍ରମଣ କରିଥିଲା।

## ପଦ୍ମଶ୍ରୀ ପ୍ରମୋଦ, ଦୀପଗ୍ରେସଙ୍କୁ ଅର୍ଜୁନ

୨୦୧୯ରେ ଅର୍ଜୁନ, ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର, ୨୦୨୦ରେ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ହାସଲ କରିଥିବା ଓଡ଼ିଶାର ତାରକା ପାରା ଆଥଲେଟ୍ ପ୍ରମୋଦ ଭଗତ ୨୦୨୨ରେ ପଦ୍ମଶ୍ରୀ ସମ୍ମାନ ପାଇଥିଲେ। ସେହିପରି ଓଡ଼ିଶାର ଦ୍ୱାଦଶ ଖେଳାଳିଭାବେ ଏହି ବର୍ଷ ସମ୍ମାନଜନକ ଅର୍ଜୁନ ପୁରସ୍କାର ଲାଭ କରିଥିଲେ ଭାରତୀୟ ମହିଳା ଦଳର ଉପଅଧିନାୟିକା ଦୀପ୍ ଗ୍ରେସ୍ ଏକ୍କା। ଭାରୋତ୍ତୋଳିକା ଝିଲ୍ଲି ଦଳବେହେରା ଓ ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିଲେ। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦେବାଶିଷ ମହାନ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏକଲବ୍ୟ ପୁରସ୍କାର ପାଇଥିଲେ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ। ମାର୍ଚ୍ଚରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନର ବାର୍ଷିକ ପୁରସ୍କାର ହାସଲ କରିଥିଲେ ଓଡ଼ିଶା ବାସ୍କେଟବଲ କିମ୍ବଦନ୍ତୀ ଅରୂପାନନ୍ଦ ରାଉତରାୟ ଓ ହକି ତାରକା ବୀରେନ୍ଦ୍ର ଲାକ୍ରା। ସେହିପରି ମାଧୁରୀ ମେହେଟ୍ଟା ଓ ଅଭିଷେକ ରାଉତ ୨୦୨୧-୨୨ ସିଜନ ପାଇଁ ସହିଦ ସ୍ପୋର୍ଟିଂ-ମାରୁତି ଇଷ୍ଟେଟ 'କ୍ରିକେଟର ଅଫ୍ ଦି ଇୟର' ପୁରସ୍କାର ପାଇଥିଲେ।


ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ପ୍ରମୋଦ ଭଗତ।

## ସମ୍ବିତ, ସାଇନାଙ୍କୁ ଟାଇଟଲ


ସମ୍ବିତ ପଣ୍ଡା


ସାଇନା ସାଲୋନିକା

ବର୍ଷ ଶେଷରେ ଓଡ଼ିଶା ଚେସ୍‌ପାଇଁ ଆସିଥିଲା ଖୁସି ଖବର। ସମ୍ବିତ ପଣ୍ଡା ହାସଲ କରିଥିଲେ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଟାଇଟଲ। ସେହିପରି ଚେନ୍ନାଇର ମହାବଳୀପୁରମ୍‌ଠାରେ ଆୟୋଜିତ ୪୪ତମ ଚେସ୍ ଅଲିମ୍ପିଆଡ୍ ଅବସରରେ ଅନୁଷ୍ଠିତ ବିଶ୍ୱ ଚେସ୍ ଫେଡେରେଶନ (ଫିଡେ) କଂଗ୍ରେସରେ ଓଡ଼ିଶା ଚେସ୍ ତାରକା ସାଇନା ସାଲୋନିକାଙ୍କ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଅପରାଜିତା ଗୋଚ୍ଛିକାର, ଭବେଶ ମହାନ୍ତି ଓ ସନ୍ତୋଷ ମହାପାତ୍ରଙ୍କ ଅନ୍ତର୍ଜାତୀୟ ଆର୍ବିଟର (ଆଇଏ) ଟାଇଟଲକୁ ମଧ୍ୟ ଅନୁମୋଦନ କରାଯାଇଥିଲା।


କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ମହିଳା ଭଲିବଲ ଦଳ।

## ସଫଳତା: ଇତିହାସ ରଚିଲା ମହିଳା ଭଲିବଲ ଦଳ

ଏହି ବର୍ଷ ପ୍ରତିଯୋଗିତା ଆୟୋଜନ ଏବଂ ବ୍ୟକ୍ତିଗତ ପ୍ରଦର୍ଶନରେ ଓଡ଼ିଶା ଭଲିବଲ ସଫଳତାର ଶୀର୍ଷକୁ ଛୁଇଁଥିଲା। ଫେଡେରେଶନ କପ୍ ଏବଂ ଜାତୀୟ ଭଲିବଲ ଇତିହାସରେ ଓଡ଼ିଶା ମହିଳା ଦଳ ପ୍ରଥମଥରପାଇଁ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଥିଲା। ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଇଜିପ୍ଟର କାଏରୋରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ଜିତି ଥିବାବେଳେ ଏସିଆନ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ଟିମ୍ ପର୍ସୁଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ ସ୍ୱସ୍ତି ସିଂ ଓ ଦୀନେଶ କୁମାର। ଓଡ଼ିଶାର ଏକମାତ୍ର ସ୍ନୋ ଗର୍ଲ ଭାବେ ପରିଚିତ ରଞ୍ଜିତା ବେହେରା ବରଫ ଉପରେ ନିଜର କଳା କୌଶଳ ପ୍ରଦର୍ଶନ କରି ପ୍ରଶଂସା ସାଉଁଟିଥିଲେ। ବାହାରିନ୍‌ରେ ଅନୁଷ୍ଠିତ ଏସୀୟ ଜୁଜୁଟ୍ସୁ ପ୍ରତିଯୋଗିତାରେ ଅନୁପମା ସ୍ୱାଇଁ ଅଂଶଗ୍ରହଣ କରଥିଲେ। ସେହିପରି ଅଲ୍‌ମାଟିଠାରେ ଅନୁଷ୍ଠିତ କୋସାନୋଭ ମେମୋରିଆଲ୍ ଅନ୍ତର୍ଜାତୀୟ ଆଥଲେଟିକ୍ସରେ ଦୂତୀ ଚାନ୍ଦ ୨ଟି ରୌପ୍ୟ ପଦକ ହାସଲ କରିଥିଲେ। ଥିରୁଭାନନ୍ତପୁରମରେ ଅନୁଷ୍ଠିତ ମାଷ୍ଟର୍ସ ଗେମ୍‌ରେ ପାର୍ବତୀ ସେଠୀ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଇଣ୍ଡିଆନ ଗ୍ରାଁ ପ୍ରି-୩ରେ ଶ୍ରାବଣୀ ନନ୍ଦ ସ୍ୱର୍ଣ୍ଣ, ଆର୍ଯ୍ୟନ ଏକ୍କା ରୌପ୍ୟ ଓ ଅମିୟ ମଲିକ, ଲକ୍ଷ୍ମୀପ୍ରିୟା କିଶାନ ଓ ସ୍ୱାଧୀନ କୁମାର ମାଝି ବ୍ରୋଞ୍ଜ ପଦକ ପାଇଥିଲେ। ହ୍ୟାଣ୍ଡବଲ ପ୍ରତିଭା ଆର୍ଯ୍ୟନ ବ୍ରାହ୍ମିନ ଏହି ବର୍ଷ ଅଧଡଜନେ ବଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କ୍ୟାରିୟରକୁ ଋଦ୍ଧିମନ୍ତ କରିଥିଲେ।

## ଲିଲିମା ଓ ନମିତାଙ୍କ ଅବସର

ବର୍ଷ ଆରମ୍ଭରେ ଅନ୍ତର୍ଜାତୀୟ ହକିକୁ ଅଲ୍‌ବିଦା ଜଣାଇଥିଲେ ଓଡ଼ିଶାର ମହିଳା ଖେଳାଳି ଲିଲିମା ମିଞ୍ଜ। କ୍ୟାରିୟରରେ ୧୫୬ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ୧୪ଟି ଗୋଲ କରିଥିବା ଲିଲିମା ୨୦୧୬ ରିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ସେପ୍ଟେମ୍ବରରେ ମାତ୍ର ୨୭ ବର୍ଷ ବୟସରେ ଅବସର ଘୋଷଣା କରି ସମସ୍ତଙ୍କୁ ବିସ୍ମିତ କରି ଦେଇଥିଲେ ଅନ୍ୟତମ ଅନ୍ତର୍ଜାତୀୟ ଓଡ଼ିଆ ମିଡ୍‌ଫିଲ୍ଡର ନମିତା ଟପ୍ପୋ। ଆହତ ସମସ୍ୟା ଲାଗି ରହିବା ଯୋଗୁ ସେ କମ୍ ବୟସରେ ଏପରି କଠିନ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଥିଲେ। ସେ ଭାରତ ପକ୍ଷରୁ ୧୬୮ଟି ମ୍ୟାଚ ଖେଳିଥିଲେ। ଏସିଆନ ଗେମ୍ସ, ଏସିଆ କପ୍, ଏସିଆନ ଚାମ୍ପିୟନ୍ସ ଟ୍ରଫି, ଜୁନିୟର ମହିଳା ହକି ବିଶ୍ୱକପ ଆଦିରେ ସେ ଭାରତ ପକ୍ଷରୁ ଖେଳିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୩୦/୨୦୨୨ Bhubaneswar, Friday, December 30/ 2022

# କାର୍ତ୍ତିକଙ୍କ ଶତକରେ ଓଡ଼ିଶା ଅଗ୍ରଣୀ

## ରଣଜୀ ଟ୍ରଫି

ଭୁବନେଶ୍ୱର, ୨୯।୧୨
(କ୍ରୀଡ଼ା ପ୍ରତିନିଧି)

କାର୍ତ୍ତିକ ବିଶ୍ୱାଳଙ୍କ ପ୍ରଥମ ଶତକ ସହାୟତାରେ ଓଡ଼ିଶା କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ହରିୟାଣା ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀଲାଭ କରିଛି। ପ୍ରଥମ ଇନିଂସରେ ହରିୟାଣା ୩୩୮ ରନ କରିଥିବାବେଳେ ଓଡ଼ିଶା ୪୧୪ ରନକରି ୭୬ ରନରେ ଅଗ୍ରଣୀ ହୋଇଥିଲା। ଗୁରୁବାର ତୃତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ହରିୟାଣା ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରିଛି। ଫଳରେ ୯ ଉଇକେଟ ଥାଇ ଏହି ଦଳ ୪୩ ରନରେ ଆଗୁଆ ହୋଇଛି। ଶୁକ୍ରବାର ମ୍ୟାଚର ଶେଷ ଦିବସ। ସେମିତି କିଛି ବିପର୍ଯ୍ୟୟ ନ ଘଟିଲେ ମ୍ୟାଚରୁ ଫଳାଫଳ ମିଳିବା ସମ୍ଭାବନା କମ୍ ରହିଛି। ତେଣୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇବା ସମ୍ଭାବନା ବଢ଼ିଛି।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୦୪/୩ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ତୃତୀୟ ଦିବସରେ ମଧ୍ୟ ଭଲ ଆରମ୍ଭ କରିଥିଲା। ବିଶେଷ କରି ଦୁଇ ଅପରାଜିତ ବ୍ୟାଟର ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ କାର୍ତ୍ତିକ ୪ର୍ଥ ଉଇକେଟରେ ୯୮ ରନର ଭାଗୀଦାରି ଗଢ଼ି ଓଡ଼ିଶାକୁ ଏକ ସମ୍ମାନ ଜନକ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ଶୁଭ୍ରାଂଶୁ ୬୩ ରନକରି ବିପକ୍ଷ ଦଳର ପେସ୍ ବୋଲର ଅଜିତ ଚହଲଙ୍କ ବଲ୍‌ରେ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ୧୫୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଶୁଭ୍ରାଂଶୁ ନିଜ ଇନିଂସରେ ୪ ଚୌକା ଓ ୨ ଛକା ମାରିଥିଲେ। ଗୋଟିଏ ପଟରେ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ୧୦, ଉଇକେଟ କିପର ସୁଜିତ ଲେଙ୍କା ୨୬ ଓ ପ୍ରୟାସ ସିଂ ୧୩ ରନ କରି ଆଉଟ ହୋଇଥିଲେ ହେଁ ଅନ୍ୟପଟରେ କାର୍ତ୍ତିକ ଦୃଢ଼ ରହି ଇନିଂସକୁ ଆଗେଇ ନେଇଥିଲେ। ବୋଲିଂ ବେଳେ ୬ ଉଇକେଟ ନେଇଥିବା ସୂର୍ଯ୍ୟକାନ୍ତ ପ୍ରଧାନ ବ୍ୟାଟ୍‌ରେ ମଧ୍ୟ କମାଲ ଦେଖାଇଥିଲେ। ସେ ସୀମିତ ଓଭର ମ୍ୟାଚ ଭଳି ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୨୭ ବଲ୍‌ରୁ ୬୦ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ତାଙ୍କ ଇନିଂସ ମଧ୍ୟରେ ୬ ଚୌକା ଓ ୫ ଛକା ସାମିଲ ଥିଲା। ୮ମ ଉଇକେଟରେ କାର୍ତ୍ତିକ ଓ ସୂର୍ଯ୍ୟକାନ୍ତ ୫୪ ବଲ୍‌ରୁ ୭୯ ରନର ପାର୍ଟନରଶିପ୍ ଗଢ଼ିଥିଲେ। ଏଥିରେ କାର୍ତ୍ତିକଙ୍କର ୧୯ ଓ ସୂର୍ଯ୍ୟକାନ୍ତଙ୍କର ୫୬ ରନର ଅବଦାନ ରହିଥିଲା। ଶତକ ହାସଲକାରୀ କାର୍ତ୍ତିକ ଆଉଟ ହେବା ସହ ଏହି ଯୋଡ଼ି ଭାଙ୍ଗିଥିଲା। ୧୭୭ ବଲ୍ ଖେଳି କାର୍ତ୍ତିକ ୧୪ ଚୌକା ସହାୟତାରେ ୧୦୧ ରନ ସଂଗ୍ରହ କରିଥିଲେ। ହରିୟାଣା ବୋଲରଙ୍କ ମଧ୍ୟରେ ଯୁଜବେନ୍ଦ୍ର ଚହଲ ୩ଟି, ନିଶାନ୍ତ ସିନ୍ଧୁ ଓ ହର୍ଷିତ ସଇନି ୨ଟି ଲେଖାଏ ଏବଂ ଅନ୍‌ସୁଲ କାମ୍ବୋଜ ଓ ଅଜିତ ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ପ୍ରଥମ ଇନିଂସରେ ପଛୁଆ ପଡ଼ି ଯାଇଥିବାରୁ ଯୋଜନାବଦ୍ଧ ରଣନୀତି ଅନୁସାରେ ହରିୟାଣା ଦ୍ୱିତୀୟ ଇନିଂସ ଆରମ୍ଭରୁ ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲା। ଓପନିଂ ଯୋଡ଼ିରେ ୭୮ ବଲ୍‌ରୁ ୬୮ ରନ ସଂଗ୍ରହ ପରେ ଯୁବରାଜ ସିଂଙ୍କୁ ଆଉଟ କରି ଓଡ଼ିଶାକୁ ବ୍ରେକ୍ ଥ୍ରୁ ଦେଇଥିଲେ ତାରିଣୀ ସ'। ଯୁବରାଜ ୪୯ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୩୮ ରନ ସଂଗ୍ରହ କରିଥିଲେ। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଅଙ୍କିତ କୁମାର ୫୯ ଓ ହିମାଂଶୁ ରାଣା ୧୭ ରନରେ ଅପରାଜିତ ରହିଥିଲେ।


କାର୍ତ୍ତିକ ବିଶ୍ୱାଳ

### ସୁଯୋଗର ସଦୁପଯୋଗ

ଚଳିତ ସିଜନରେ ରଣଜୀ ଟ୍ରଫି କ୍ୟାରିୟର ଆରମ୍ଭ କରିଥିଲେ କାର୍ତ୍ତିକ। ଭୁବନେଶ୍ୱରର ବିକାଶ ଗ୍ରାଉଣ୍ଡରେ ବରୋଦା ବିପକ୍ଷରେ ସେ ଖେଳିଥିଲେ ଜୀବନର ପ୍ରଥମ ରଣଜୀ ମ୍ୟାଚ। ଜଣେ ଡାହାଣହାତୀ ବ୍ୟାଟର ଓ ଅଫ୍‌ସ୍ପିନର ଭାବେ ପରିଚିତ କାର୍ତ୍ତିକ ନିଜ ଡେବ୍ୟୁ ମ୍ୟାଚରେ ୫୩ ବଲ୍‌ରୁ ୩୧ ରନର ସ୍ମରଣୀୟ ଇନିଂସ ଖେଳିଥିଲେ। ମ୍ୟାଚ ଡ୍ର ରହିଥିବାବେଳେ ଓଡ଼ିଶା ଦ୍ୱିତୀୟ ଇନିଂସ ଖେଳିବା ସୁଯୋଗ ପାଇ ନ ଥିଲା। ଡେରାଡୁନ୍‌ର ଅଭିମନ୍ୟୁ କ୍ରିକେଟ ଏକାଡେମୀ ପଡ଼ିଆରେ ଚଳିତ ମାସ ୨୦ରୁ ୨୩ ପର୍ଯ୍ୟନ୍ତ ଉତ୍ତରାଖଣ୍ଡ ବିପକ୍ଷରେ ସେ ଖେଳିଥିଲେ ଦ୍ୱିତୀୟ ମ୍ୟାଚ। ସେଠାରେ ସେ ୨ଟି ଇନିଂସରେ ଯଥାକ୍ରମେ ୪୮ ଓ ୬ ରନ କରିବାକୁ ସକ୍ଷମ ହୋଇଥିଲେ। ଏହି ମ୍ୟାଚରେ ଓଡ଼ିଶା ଇନିଂସ ଓ ୯୯ ରନରେ ପରାଜିତ ହୋଇଥିଲା। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ କିନ୍ତୁ ଦକ୍ଷତା ଦେଖାଇଥିଲେ ଏହି ଉଦୀୟମାନ ବ୍ୟାଟିଂ ପ୍ରତିଭା। ହରିୟାଣା ଦଳରେ ଯୁଜବେନ୍ଦ୍ର ଚହଲ ଓ ଜୟନ୍ତ ଯାଦବଙ୍କ ପରି ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ସୁଯୋଗର ଭରପୂର ସଦୁପଯୋଗ କରି ସେ ହାସଲ କରିଥିଲେ କ୍ୟାରିୟରର ପ୍ରଥମ ଶତକ। ୧୭୪ଟି ବଲ୍‌ରୁ ୧୪ ଚୌକା ସହାୟତାରେ ସେ ଶତକ ପୂରଣ କରିଥିଲେ। ତେବେ ଏହାପରେ ଆଉ ମାତ୍ର ୩ଟି ବଲ୍ ଖେଳି ୧ ରନ ସଂଗ୍ରହ କରିବାପରେ ବାମହାତୀ ସ୍ପିନର ହର୍ଷିତ ସଇନୀଙ୍କ ବଲ୍‌ରେ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ତେବେ ହରିୟାଣାର ଅଭିଜ୍ଞ ବୋଲରଙ୍କ ବିପକ୍ଷରେ ସେ ଯେପରି ଦକ୍ଷତା ଦେଖାଇ କ୍ୟାରିୟରର ପ୍ରଥମ ଶତକ ହାସଲ କଲେ ଏଥିରୁ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ମିଳିଛି। ୧୯୯୮ ଜୁନ୍ ୩ରେ ଜନ୍ମିତ କାର୍ତ୍ତିକଙ୍କ ମା'ଙ୍କ ନାମ ମାଳତୀ ବିଶ୍ୱାଳ ଏବଂ ବାପା ରାଜକିଶୋର ବିଶ୍ୱାଳ। ସେ ନୟାପଲ୍ଲୀସ୍ଥିତ ଜାଗୃତି କ୍ରିକେଟ ଏକାଡେମୀ (ଏସ୍‌ଜିଓ)ରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ସେ ୧୬, ୨୩ ଓ ୨୫ ବର୍ଷରୁ କମ୍ ବର୍ଗରେ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ସି.କେ. ନାଇଡୁ ଟ୍ରଫି ଆଦିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବାପରେ ଏବେ ସିନିୟର ସ୍ତରରେ ରଣଜୀ ଟ୍ରଫି ଖେଳୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ହରିୟାଣା ପ୍ରଥମ ଇନିଂସ: ୩୩୮। ଓଡ଼ିଶା ପ୍ରଥମ ଇନିଂସ: ୪୧୪ (କାର୍ତ୍ତିକ ବିଶ୍ୱାଳ-୧୦୧, ଶୁଭ୍ରାଂଶୁ ସେନାପତି-୬୩, ଅନୁରାଗ ଷଡ଼ଙ୍ଗୀ-୬୩, ଶାନ୍ତନୁ ମିଶ୍ର-୬୦, ସୂର୍ଯ୍ୟକାନ୍ତ ପ୍ରଧାନ-୬୦, ଯୁଜବେନ୍ଦ୍ର ଚହଲ-୩/୧୦୭, ନିଶାନ୍ତ ସିନ୍ଧୁ-୨/୫୫, ହର୍ଷିତ ସଇନି-୨/୫୨, ଅନ୍‌ସୁଲ କାମ୍ବୋଜ-୧/୬୨, ଅଜିତ ଚହଲ-୧/୪୦)। ହରିୟାଣା ଦ୍ୱିତୀୟ ଇନିଂସ: ୧୧୯/୧ (ଅଙ୍କିତ କୁମାର-୫୯, ଯୁବରାଜ ସିଂ-୩୮*, ହିମାଂଶୁ ରାଣା-୧୭*, ତାରିଣ ସ'-୧/୨୬)।


ଅଭ୍ୟାସ କରୁଛନ୍ତି ଭାରତୀୟ ହକି ଦଳର ଖେଳାଳିମାନେ।

## ବିର୍ସା ମୁଣ୍ଡା ଷ୍ଟାଡିୟମରେ ଭାରତୀୟ ଦଳର ଅଭ୍ୟାସ

ରାଉରକେଲା ଅଫିସ, ୨୯।୧୨

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଭାରତ ହକି ଦଳ ଗୁରୁବାର ଅଭ୍ୟାସ କରିଛି। ମଙ୍ଗଳବାର ସନ୍ଧ୍ୟାରେ ରାଉରକେଲାରେ ପହଞ୍ଚିବା ପରେ ଭାରତୀୟ ଦଳର ଖେଳାଳି ମାନଙ୍କୁ ସହରବାସୀ ଭବ୍ୟ ସ୍ୱାଗତ କରିଥିଲେ। ପରେ ଭାରତୀୟ ଦଳ ବିର୍ସାମୁଣ୍ଡା ଷ୍ଟାଡିମୟରେ ଥିବା ଅତ୍ୟାଧୁନିକ ହୋଟେଲର ଏ' ବ୍ଲକରେ ଅବସ୍ଥାନ କରିଥିଲା। ବୁଧବାର ସନ୍ଧ୍ୟାରେ ଭାରତୀୟ ଦଳର ସମସ୍ତ ଖେଳାଳି ବିର୍ସାମୁଣ୍ଡା ଷ୍ଟାଡିମୟରେ ଅଭ୍ୟାସ ପାଇଁ ପଡିଆକୁ ଓହ୍ଲାଇଥିଲେ। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ) ପକ୍ଷରୁ ଷ୍ଟାଡିୟମରେ ପକା ଯାଇଥିବା ନୂତନ ଆଷ୍ଟ୍ରୋଟର୍ଫକୁ ଖେଳାଳିମାନେ ପ୍ରଶଂସା କରିଥିଲେ। ସେହିଭଳି ଗୁରୁବାର ଭାରତୟ ଦଳର ଉପଅଧିନାୟକ ଅମିତ ରୋହିଦାସ ଓ ନିଲମ ସଞ୍ଜୀପ ଖେସ ଅନ୍ୟ କିଛି ଖେଳାଳିଙ୍କ ସହ ପ୍ରଥମେ ବିର୍ସାମୁଣ୍ଡା ଷ୍ଟାଡିୟମରେ ୪ଟା ୪୫ରେ ପହଞ୍ଚି ୱାର୍ମଅପ୍ କରିଥିଲେ। ଉଭୟ ଖେଳାଳି ସୁନ୍ଦରଗଡ ମାଟିର ପୁଅ ହୋଇଥିବାରୁ ତାଙ୍କଠାରୁ ଜିଲା ଏବଂ ସହରବାସୀ ଭଲ ଖେଳ ଆଶା ରଖିଛନ୍ତି। ଭାରତୀୟ ଦଳର ଅନ୍ୟ ଖେଳାଳିମାନେ ସନ୍ଧ୍ୟା ୫ଟାରେ ଷ୍ଟାଡିୟମରେ ପହଞ୍ଚି ପେନାଲଟି ଶୁଟଆଉଟ, କର୍ନର, ଫରୱାର୍ଡ, ଡିଫେନ୍ସ ଭଳି ବିଭିନ୍ନ ଖେଳ କୌଶଳକୁ ଅଭ୍ୟାସ କରିବା ସହ ଫିଟନେସ୍ ଉପରେ ଧ୍ୟାନ ଦେଇଥିଲେ। ଗୋଲକିପର କ୍ରିଷନ ବାହାଦୂର ପେନାଲ୍ଟି ଶୁଟଆଉଟ ଗୋଲର ରକ୍ଷଣଶୈଳୀ ଅଭ୍ୟାସ କରିଥିଲେ। ଭାରତୀୟ ଦଳର ଖେଳାଳିଙ୍କ ଅଭ୍ୟାସକୁ କୋଚ ଗ୍ରାହାମ ରିଡ ନିରିକ୍ଷଣ କରିଥିଲେ। ସମସ୍ତ ଖେଳାଳି ଷ୍ଟାଡିୟମରେ ସାଢ଼େ ୬ଟା ପର୍ଯ୍ୟନ୍ତ ଅଭ୍ୟାସ କରିଥିଲେ।

## ପୁଲ୍ ର୍‍ୟାଙ୍କିଙ୍ଗ୍ ନିର୍ଦ୍ଧାରଣ ପାଇଁ ଟାଇବ୍ରେକର

ଭୁବନେଶ୍ୱର, ୨୯।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

ଏଫ୍‌ଆଇଏଚ୍ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱର ଓ ରାଉରକେଲାରେ ଆସନ୍ତା ଜାନୁୟାରୀ ୧୩ରୁ ୨୯ ଯାଏ ଅନୁଷ୍ଠିତ ହେବ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯିବ ଏହି ଟୁର୍ନାମେଣ୍ଟ। ହକି ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ପାଇଁ ଦୁଇଟି ଭେନ୍ୟୁରେ ବିଶ୍ୱକପ୍ ଅନୁଷ୍ଠିତ ହେଉଥିବା ବେଳେ ବିଶ୍ୱର ଶକ୍ତିଶାଳୀ ୧୬ଟି ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ୧୬ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପୁଲ୍ ଏ'ରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଫ୍ରାନ୍ସ, ଆର୍ଜେଣ୍ଟିନା, ପୁଲ୍ ବି'ରେ ବେଲଜିୟମ, ଜାପାନ, କୋରିଆ, ଜର୍ମାନୀ, ପୁଲ୍ ସି'ରେ ନେଦରଲାଣ୍ଡ୍ସ, ଚିଲି, ମାଲେସିଆ, ନ୍ୟୁଜିଲାଣ୍ଡ ଓ ପୁଲ୍ ଡି'ରେ ଆୟୋଜକ ଭାରତ ସହିତ ସ୍ପେନ, ଇଂଲଣ୍ଡ ଓ ୱେଲ୍ସ ସ୍ଥାନ ପାଇଛନ୍ତି। ୪ଟି ଯାକ ଗ୍ରୁପ୍‌ର ଟେବଲ ଟପ୍ପର ଦଳ ପ୍ରଥମ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ତେବେ ଅନ୍ୟ ୪ ଦଳ କ୍ରସ୍ ଓଭର ମ୍ୟାଚ୍ ଓ ପରେ ଟାଇବ୍ରେକର ମାଧ୍ୟମରେ ନିର୍ଦ୍ଧାରଣ କରାଯିବ। କ୍ରସ୍ ଓଭର ମ୍ୟାଚ୍ ତଥା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡିକରେ ବିଜୟ ପାଇଁ ୨ ପଏଣ୍ଟ ଓ ଡ୍ର ପାଇଁ ୧ ପଏଣ୍ଟ ପ୍ରଦାନ କରାଯିବ। ତେବେ କ୍ରସ୍ ଓଭର ମ୍ୟାଚ୍ ଶେଷ ହେବା ପରେ ଆଉ ୪ ଟିମ୍ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ତେବେ ଏଥିରେ ଦୁଇରୁ ଅଧିକ ଟିମ୍‌ର ପଏଣ୍ଟ ସମାନ ରହିଲେ ଟାଇବ୍ରେକର ମାଧ୍ୟମରେ ର୍‍ୟାଙ୍କ ନିର୍ଦ୍ଧାରଣ କରାଯିବ। ପଏଣ୍ଟ ସମାନ ରହିଥିଲେ ଅଧିକ ବିଜୟ ହାସଲ କରିଥିବା ଦଳକୁ ଭଲ ର୍‍ୟାଙ୍କ ମିଳିବ। ତେବେ ଯଦି ପଏଣ୍ଟ ଓ ବିଜୟ ସଂଖ୍ୟା ସମାନ ରହିବ ତେବେ ଗୋଲ ତାରତମ୍ୟ ବିଚାରକୁ ନିଆଯିବ। ଗୋଟିଏ ଟିମ୍ ସ୍କୋର କରିଥିବା ଗୋଲ ଏବଂ ବିପକ୍ଷରେ ସ୍କୋର ହୋଇଥିବା ଗୋଲ୍‌ର ଅନ୍ତରକୁ ଗୋଲ୍ ତାରତମ୍ୟ କୁହାଯାଏ। ଗୋଲ ତାରତମ୍ୟ ଯଦି ସମାନ ରହିବ ତେବେ ଅଧିକ ଗୋଲ ସ୍କୋର କରିଥିବା ଦଳକୁ ହିଁ ପ୍ରାଧାନ୍ୟ ଦିଆଯିବ। ଯଦି ଉଭୟ ଦଳର ସ୍କୋର ସମାନ ରହିଥାଏ ତେବେ ଉଭୟ ଦଳ ମଧ୍ୟରେ ହୋଇଥିବା ମୁକାବିଲାର ବିଜେତାକୁ ବିଜୟୀ ଘୋଷଣା କରାଯିବ। କଷ୍ଟସାଧ୍ୟ ଗ୍ରୁପ ଡି'ରେ ସ୍ଥାନ ପାଇଥିବା ଭାରତ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ସ୍ପେନ ବିପକ୍ଷରେ ଜାନୁୟାରୀ ୧୩ ତାରିଖରେ ନିଜର ଅଭିଯାନ ଆରମ୍ଭ କରିବ। ୧୫ ତାରିଖରେ ସମାନ ଷ୍ଟାଡିୟମରେ ଇଂଲଣ୍ଡ ସହିତ ମ୍ୟାଚ୍ ଖେଳିବା ପରେ ୧୯ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ୱେଲ୍ସ ବିପକ୍ଷରେ ଭାରତ ମ୍ୟାଚ୍ ଖେଳିବ। ୧୯୭୫ରେ ଶେଷ ଥର ପାଇଁ ଭାରତ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୪୭ ବର୍ଷ ପରେ ପୋଡିୟମ ଫିନିଶ ସ୍ୱପ୍ନ ଦେଖୁଛି ହରମନ୍‌ପ୍ରୀତ ସିଂଙ୍କ ଭାରତୀୟ ଦଳ।

**ହକି ବିଶ୍ୱକପ୍**




**ଆଉ ୧୪ ଦିନ**

## ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ମ୍ୟାଚ ବାତିଲ

ପ୍ରିଟୋରିଆ, ୨୯।୧୨ (ପି.ଟି.): ଓଦା ଆଉଟଫିଲ୍ଡ ଯୋଗୁ ଭାରତ ଓ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଦଳ ମଧ୍ୟରେ ଗୁରୁବାର ଖେଳାଯିବାକୁ ଥିବା ୧୯ ବର୍ଷରୁ କମ୍ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚକୁ ବାତିଲ କରିଦିଆଯାଇଛି। ବର୍ଷାଯୋଗୁ ପ୍ରଥମେ ଟସ୍ ଓ ଖେଳ ଆରମ୍ଭରେ ବିଳମ୍ବ ଘଟିଥିଲା। ମାତ୍ର ପଡ଼ିଆ ଯାଞ୍ଚ ପରେ ଓଦା ଆଉଟ ଫିଲ୍ଡ ଯୋଗୁ ସ୍ଥାନୀୟ ଷ୍ଟେଇନ୍ ସିଟି ଗ୍ରାଉଣ୍ଡରେ ଖେଳାଯିବାକୁଥିବା ଏହି ମ୍ୟାଚକୁ ଶେଷରେ ବାତିଲ କରିବାକୁ ହୋଇଥିଲା।

## ହିରୋ ଏଲିଟ୍ ଲିଗ୍: ହାଇଦ୍ରାବାଦକୁ ହରାଇଲା ଓଏଫ୍‌ସି


ଓଡ଼ିଶା ଏଫ୍‌ସି ଦଳ।

ଭୁବନେଶ୍ୱର, ୨୯।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

ସର୍ବଭାରତୀୟ ଫୁଟବଲ ଫେଡେରେଶନ ପକ୍ଷରୁ ୧୭ ବର୍ଷରୁ କମ୍ ବୟସ ବର୍ଗରେ ହିରୋ ଏଲିଟ୍ ଲିଗ୍‌ରେ ଓଡିଶା ଏଫ୍‌ସି(ଓଏଫ୍‌ସି) ଗୁରୁବାର ହାଇଦ୍ରାବାଦକୁ ୧-୦ ଗୋଲରେ ପରାସ୍ତ କରିଛି। ପ୍ରଥମ ଥର ପାଇଁ ଏକ ଜାତୀୟ ଟୁର୍ନାମେଣ୍ଟରେ ଓଏଫ୍‌ସି ଦଳରେ ସମସ୍ତ ଓଡ଼ିଆ ଖେଳାଳି ଖେଳିଥିଲେ। ମ୍ୟାଚର ୩୨ ତମ ମିନିଟରେ ଭେଙ୍କଟେଶ୍ୱର ଓରାମଙ୍କ ଆସିଷ୍ଟରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ ମଞ୍ଜିତ୍ ଓରାମ।

## ଦଳଗତ ଇଭେଣ୍ଟରେ କିଟ୍ ମହିଳାଙ୍କୁ ସ୍ୱର୍ଣ୍ଣ

**ଯୋଗାସନ, ସନ୍ତରଣ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୨୯।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

କିଟ୍ ଓ କିସ୍‌ରେ ଉଦ୍‌ଯାପିତ ହୋଇ ଯାଇଛି ସର୍ବଭାରତୀୟ ଯୋଗାସନ ଚାମ୍ପିୟନଶିପ୍ ଓ ଆନ୍ତଃ ବିଶ୍ୱବିଦ୍ୟାଳୟ ସନ୍ତରଣ ଚାମ୍ପିୟନଶିପ୍। କିଟ୍‌ରେ ଯୋଗାସନ ଚାମ୍ପିୟନଶିପ୍ ଓ କିସରେ ସନ୍ତରଣ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଯୋଗାସନର ଦଳଗତ ଇଭେଣ୍ଟରେ କିଟ୍ ମହିଳାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ପୁରୁଷ ବର୍ଗରେ ଗୁରୁ ଜମ୍ଭେଶ୍ୱର ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ହାସଲ କରିଛି। ବ୍ୟକ୍ତିଗତ ମହିଳା ବର୍ଗରେ କିଟ୍‌ର ଜୁଲି ନାଏକ ଯୁଗ୍ମ ତୃତୀୟ ସ୍ଥାନରେ ରହିଥିଲେ। ସନ୍ତରଣରେ ଅଲିମ୍ପିଆନ୍ ଶ୍ରୀହରି ନଟରାଜ ୭ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଯୋଗାସନରେ ୪୦୦ରୁ ଅଧିକ ବିଶ୍ୱବିଦ୍ୟାଳୟର ୪୦୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ସନ୍ତରଣରେ ୩୫୦ ବିଶ୍ୱ ବିଦ୍ୟାଳୟର ୨୫୦୦ରୁ ଅଧିକ ଛାତ୍ରୀ ଛାତ୍ର ଅଂଶଗ୍ରହଣ କରିଛନ୍ତି। କିଟ୍‌ର କୁଳପତି ଇତି ସାମନ୍ତ ଯୋଗାସନ ଚାମ୍ପିୟନଶିପରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଶ୍ୱ ଯୋଗାସନ ସଂଘ ସମ୍ପାଦକ ଜୟଦୀପ ଆର୍ଯ୍ୟା, ମଣିପାଲ ବିଶ୍ୱବିଦ୍ୟାଳୟ କ୍ରୀଡା ନିର୍ଦ୍ଦେଶକ ରୀନା ପୁନିଆ, ଉଷା ତିୱାରୀ, ମହେନ୍ଦ୍ର ସିଂ, କିଟ୍ ଓ କିସ୍‌ର କ୍ରୀଡା ମହାସଚିବ ଗଗନେନ୍ଦୁ ଦାସ, ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ତପନ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ରାଉତରାୟ, ଯୁଭି ଶଙ୍କର ଓ କିସ୍‌ର କ୍ରୀଡା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର ଅତିଥି ଭାବରେ ଯୋଗ ଦେଇଥିଲେ।



ଯୋଗାସନରେ ସ୍ୱର୍ଣ୍ଣ ପଦକ ବିଜେତା କିଟ୍ ମହିଳା ଦଳ।

## ୱିଲିୟମସନଙ୍କ ଦ୍ୱିଶତକ: ସଙ୍କଟରେ ପାକିସ୍ତାନ

କରାଚୀ, ୨୯।୧୨ (ଏପି): କେନ୍ ୱିଲିୟମସନଙ୍କ ମାରାଥନ ଅପରାଜିତ ଦ୍ୱିଶତକ ବଳରେ ନ୍ୟୁଜିଲାଣ୍ଡ ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ପାକିସ୍ତାନକୁ ବ୍ୟାକ୍‌ଫୁଟ ଠେଲି ଦେଇଛି। ୱିଲିୟମସନ ଦୀର୍ଘ ୧୦ ଘଣ୍ଟା କ୍ରିଜ୍‌ରେ ରହି ୨୦୦ ରନ କରିବା ସହ ଅପରାଜିତ ରହିଛନ୍ତି। ଟେଲ୍ ଏଣ୍ଡର ଇଶ୍ ସୋଧି ଉଲ୍ଲେଖନୀୟ ବ୍ୟାଟିଂ କରି ତାଙ୍କ କ୍ୟାରିୟର ଶ୍ରେଷ୍ଠ ୬୫ ରନ କରିଥିଲେ। ଭ୍ରମଣକାରୀ ଦଳ ଗୁରୁବାର ଚତୁର୍ଥ ଦିବସ ଖେଳ ଚା'ପାନବିରତି ସୁଦ୍ଧା ୯ ଉଇକେଟରେ ୬୧୨ ରନ କରି ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ଏଥିସହ ନ୍ୟୁଜିଲାଣ୍ଡ ମହତ୍ୱପୂର୍ଣ୍ଣ ୧୭୪ ରନ ଅଗ୍ରଣୀ ଲାଭ କରିଛି। ପ୍ରଥମ ଇନିଂସରେ ୪୩୮ ରନ କରିଥିବା ପାକିସ୍ତାନ ଗୁରୁବାର ଖେଳ ଶେଷ ସୁଦ୍ଧା ୨ଉଇକେଟ ବିନିମୟରେ ୭୭ ରନ କରିଛି। ମାଇକେଲ ବ୍ରେସ୍‌ୱେଲ ଓ ଇଶ ସୋଧି ଏହି ଦୁଇ ଉଇକେଟ ଅକ୍ତିଆର କରିଛନ୍ତି। ଇମାମ ଉଲ୍ ହକ୍ ୪୫ ଓ ନଉମାନ ଅଲି ୪ ରନ କରି ଅପରାଜିତ ଅଛନ୍ତି। ନ୍ୟୁଜିଲାଣ୍ଡରୁ ପ୍ରଥମ ଇନିଂସ ସ୍କୋରଠାରୁ ପାକିସ୍ତାନ ୯୭ରନ ପଛରେ ରହିଛି।

## ବକ୍ସିଂ ଡେ ଟେଷ୍ଟ ଜିତିଲା ଅଷ୍ଟ୍ରେଲିଆ

**ଭାରତର ଡବ୍ଲ୍ୟୁଟିସି ଆଶା ଦୃଢ଼**

ମେଲବୋର୍ନ, ୨୯।୧୨ (ପି.ଟି.)

ଦକ୍ଷିଣ ଆଫ୍ରିକା ବିପକ୍ଷ ବକ୍ସିଂ ଡେ ଟେଷ୍ଟକୁ ଜିତି ନେଇଛି ଅଷ୍ଟ୍ରେଲିଆ। ସ୍ପିନର ନାଥନ ଲିୟନଙ୍କ ୩/୫୮ର ଘାତକ ବୋଲିଂ କାରଣରୁ ଅଷ୍ଟ୍ରେଲିଆ ଏହି ମ୍ୟାଚକୁ ଇନିଂସ ଓ ୧୮୨ ରନରେ ଜିତି ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୧ରେ କବ୍‌ଜା କରିଛି। ଘରୋଇ ଦଳର ଏହି ବିଜୟ ସହିତ ଭାରତର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଆଶା ଆହୁରି ଦୃଢ଼ୀଭୂତ ହୋଇଛି। ଭାରତ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ୪ର୍ଥ ସ୍ଥାନକୁ ଖସି ଆସିଛି। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୫/୧ରୁ ଖେଳ ଆରମ୍ଭ କରିଥିଲା ଦକ୍ଷିଣ ଆଫ୍ରିକା। ଭଙ୍ଗା ଆଙ୍ଗୁଠିରେ ବୋଲିଂ କରିଥିବା ମିଚେଲ୍ ଷ୍ଟାର୍କ ଏକ ଚମତ୍କାର ୟର୍କର ଜରିଆରେ ସାରେଲ ଏରୱିଙ୍କୁ ଆଉଟ କରିଥିଲେ। ୬୫ ରନରେ ଦଳ ୪ ଉଇକେଟ ହରାଇଥିଲେ ହେଁ ଟପ୍ ସ୍କୋରର ଟେମ୍ବା ବାଭୁମା (୬୫) ଓ କାଇଲ୍ ଭେରିଇନ୍(୩୩)ଙ୍କ ମଧ୍ୟରେ ୬୩ ରନର ଭାଗୀଦାରି ହୋଇଥିଲା। ୧୪୪ ବଲ ଖେଳି ବାଭୁମା ୬ ଚୌକା ମାରିଥିଲେ। ଭେରିଇନ୍ ୩୩ ରନ କରି ବୋଲାଣ୍ଡଙ୍କ ବଲରେ ଆଉଟ ହେବା ବେଳକୁ ଦଳୀୟ ସ୍କୋର ୧୨୮ ରହିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ଲିୟନ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ସ୍କଟ୍ ବୋଲାଣ୍ଡ ଦୁଇଟି ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ୍ ଷ୍ଟାର୍କ, ପ୍ୟାଟ୍ କମିନ୍ସ ଓ ଷ୍ଟିଭେନ୍ ସ୍ମିଥ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶତକୀୟ ମ୍ୟାଚରେ ଦ୍ୱିଶତକ ପାଇଁ ଡେଭିଡ୍ ୱାର୍ନରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।


ବୋଲିଂ ଅବସରରେ ମିଚେଲ୍ ଷ୍ଟାର୍କ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୮୯/୧୦। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୪୫ ଓଭରରେ ୫୭୫/୮ (ଘୋଷଣା) (ଡେଭିଡ୍ ୱାର୍ନର-୨୦୦ ରିଟାୟର୍ଡ, ଆଲେକ୍ସ କେରୀ-୧୧୧, ଷ୍ଟିଭେନ୍ ସ୍ମିଥ୍-୮୫, ଆନରିଚ୍ ନର୍ଜେ-୩/୯୨, କାଗିସୋ ରବାଡା-୨/୧୪୪, ମାର୍କୋ ଜାନସେନ୍-୧/୮୯)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ-୬୮.୫ ଓଭରରେ ୨୦୪/୧୦(ଟେମ୍ବା ବାଭୁମା-୬୫, କାଇଲ ଭେରିଇନ୍-୩୩, ଥେଉନିସ୍ ଡି ବ୍ରୁଇନ୍-୨୮, ନାଥନ ଲିୟନ୍-୩/୫୮, ସ୍କଟ୍ ବୋଲାଣ୍ଡ-୨/୪୯, ଷ୍ଟିଭେନ୍ ସ୍ମିଥ୍-୧/୯)।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ